ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୮/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, August 8/2023 | Page 16 | ₹ 7.00
୪୯ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 254 | ମୂଲ୍ୟ ₹୭/-



**ତେନ୍ଦୁଲକର ୟୁନିସେଫ୍‌ର ଗୁଡୱିଲ ଆମ୍ବାସାଡର**
ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କୁ ୟୁନିସେଫର ଗୁଡୱିଲ ଆମ୍ବାସାଡର ଭାବରେ ନିଯୁକ୍ତ କରାଯାଇଛି। **୧୬**

**୧୧** **ଦିଶାଙ୍କ ନୂଆ ବୟଫ୍ରେଣ୍ଡଙ୍କୁ ନେଇ ଚର୍ଚ୍ଚା**
ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଓ ଟାଇଗର ଶ୍ରଫ୍‌ଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବା ପରେ ଦିଶା ଏବେ ନୂଆ ବୟଫ୍ରେଣ୍ଡ କରିଥିବା ନେଇ ଚର୍ଚ୍ଚାକୁ ଆସିଛନ୍ତି।



# ଲୋକ ସଭାକୁ ଫେରିଲେ ରାହୁଲ

## ଅନାସ୍ଥା ପ୍ରସ୍ତାବ ବିତର୍କରେ ଭାଗ ନେବେ

**ନୂଆଦିଲ୍ଲୀ, ୭।୮ (ପି.ଟି.)**

ଅଯୋଗ୍ୟ ଘୋଷିତ ହୋଇ ଚାରି ମାସରୁ ଊର୍ଦ୍ଧ୍ୱ ସମୟ ଲୋକ ସଭାରୁ ଦୂରେଇ ରହିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ପାର୍ଲାମେଣ୍ଟର ନିମ୍ନ ସଦନକୁ ଫେରିଛନ୍ତି। ଏକ ମାନହାନି ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦିଆଯାଇଥିବା ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଦେଇଥିବାରୁ ସେ ତାଙ୍କ ସଦସ୍ୟ ପଦ ଫେରି ପାଇଛନ୍ତି। ଫଳରେ ଏହା ତାଙ୍କର ଲୋକ ସଭାକୁ ବାହୁଡ଼ା ବିଜୟ ବୋଲି କୁହାଯାଉଛି।

ମଙ୍ଗଳବାର ମୋଦି ସରକାରଙ୍କ ବିରୋଧରେ ଅଣାଯିବାକୁ ଥିବା ଅନାସ୍ଥା ପ୍ରସ୍ତାବ ପୂର୍ବରୁ ରାହୁଲ ଲୋକ ସଭାକୁ ଫେରିଥିବାରୁ ତାହା ବିରୋଧୀଙ୍କ ମନୋବଳକୁ ସୁଦୃଢ଼ କରିଛି। ଯଦିଓ ଏନଡିଏ ସପକ୍ଷରେ ବହୁମତ ରହିଛି, ତଥାପି ବିରୋଧୀ ବ୍ଲକ 'ଇଣ୍ଡିଆ'ର ଜଣେ ପ୍ରମୁଖ ବକ୍ତା ଭାବେ ଲୋକ ସଭାରେ ତାଙ୍କ ଉପସ୍ଥିତି ଜନସାଧାରଣଙ୍କୁ ଏକ ବାର୍ତ୍ତା ଦେବାକୁ ଯାଉଛି। ଅଗଷ୍ଟ ୪ରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେବା ପରେ ରାହୁଲଙ୍କ ସଦସ୍ୟତା ପୁନଃ ଅବସ୍ଥାପିତ ହୋଇଛି ବୋଲି ଲୋକ ସଭା ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଜରିଆରେ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି ଯେ, ପରବର୍ତ୍ତୀ ନ୍ୟାୟିକ ରାୟ ଆସିବା ଯାଏ ତାଙ୍କ ଅଯୋଗ୍ୟତାକୁ ରଦ୍ଦ କରିଦିଆଗଲା। ସୋମବାର ଲୋକ ସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ରାହୁଲ ପାର୍ଲାମେଣ୍ଟରେ ପହଞ୍ଚିଥିଲେ। ଲୋକ ସଭା ଭିତରକୁ ପ୍ରବେଶ କରିବା ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। କିନ୍ତୁ ସେତେବେଳକୁ ଗୃହ ମୁଲତବୀ ହୋଇଯାଇଥିଲା। ତେବେ ପାର୍ଲାମେଣ୍ଟ ପରିସରରେ ସେ ତାଙ୍କ ମା' ତଥା ଲୋକ ସଭା ଏମ୍‌ପି ସୋନିଆ ଗାନ୍ଧୀଙ୍କ ସହ କିଛି ସମୟ ବିତାଇଥିବା ଦେଖିବାକୁ ମିଳିଥିଲା।

ପାର୍ଲାମେଣ୍ଟକୁ ଫେରିଥିବାରୁ ରାହୁଲଙ୍କୁ କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳ ସଦସ୍ୟମାନେ ଭବ୍ୟ ସ୍ୱାଗତ କରିଥିଲେ। ମୁଖ୍ୟ ଫାଟକ ନିକଟରେ ମିଠା ବଣ୍ଟାଯିବା ସହିତ ଏଆଇସିସିର ପୂର୍ବତନ ମୁଖ୍ୟଙ୍କ ସପକ୍ଷରେ ସ୍ଲୋଗାନ ଦିଆଯିବାରୁ ସେଠାରେ ଏକ ଉତ୍ସବର ବାତାବରଣ ସୃଷ୍ଟି ହୋଇଯାଇଥିଲା। ତାଙ୍କ ସଦସ୍ୟ ପଦ ପୁନଃ ଅବସ୍ଥାପିତ ହୋଇଥିବାରୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ରାହୁଲଙ୍କ ଏମ୍‌ପି ପଦ ବଜାୟ ରହିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଦେଶବାସୀ ବିଶେଷକରି ୱାୟନାର୍ଡବାସୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଖାର୍ଗେ ଏକ ଟୁଇଟ୍ କରି ଆହୁରି କହିଛନ୍ତି, ବର୍ତ୍ତମାନ ସରକାରଙ୍କ ଆଉ ଯେତିକି ଅବଧି ବାକି ରହିଛି ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ ନେତାଙ୍କୁ ଟାର୍ଗେଟ ନ କରି ତାହାକୁ ବାସ୍ତବ ଶାସନ ଦିଗରେ ☞ପୃଷ୍ଠା-୪



ଭୁବନେଶ୍ୱର ଡିଏନ୍ ରେଗାଲିଆ ମଲ୍‌ରେ ସୋମବାର ନାବାର୍ଡ ପକ୍ଷରୁ ଆୟୋଜିତ ଜାତୀୟ ହସ୍ତତନ୍ତ ଦିବସ ପାଳନ କାର୍ଯ୍ୟକ୍ରମରେ ଯୁବତୀମାନେ ହସ୍ତତନ୍ତ ପୋଷାକ ପରିଧାନ କରି ଫ୍ୟାଶନ ଶୋ' ରାମ୍ପ୍‌ରେ ଚାଲୁଛନ୍ତି। **(ଫଟୋ: ବିକାଶ ନାୟକ)**

# ରତ୍ନଭଣ୍ଡାର ତୁରନ୍ତ ମରାମତି ଜରୁରୀ: ଏଏସ୍‌ଆଇ

## ଯାଞ୍ଚ ଲାଗି ନିର୍ଦ୍ଦେଶ ଦିଅନ୍ତୁ ହାଇକୋର୍ଟ

**କଟକ,୭।୮ (କାର୍ତ୍ତିକ ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ଜରୁରୀ ବୋଲି ସୋମବାର ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଇଛି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ)। ୨୦୧୮ରେ ଶେଷଥର ପାଇଁ ରତ୍ନଭଣ୍ଡାରର ଅନୁଧ୍ୟାନ ହୋଇଥିଲା ବୋଲି ଦାଖଲ ହୋଇଥିବା ସତ୍ୟପାଠରେ ଉଲ୍ଲେଖ ଥିବା ଜଣାଯାଇଛି। ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠରେ ସୋମବାର ଏହି ମାମଲାର ଶୁଣାଣି ହୋଇଥିବାବେଳେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଅଗଷ୍ଟ ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି।

ସୂଚନା ଅନୁସାରେ, ୨୦୧୮ ମସିହାରୁ ରତ୍ନଭଣ୍ଡାରରେ ଫାଟ ସୃଷ୍ଟି ହୋଇଥିବା ଯାନ୍ତ୍ରିକ କମିଟିର ଯାଞ୍ଚ ପରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ପୂର୍ବରୁ ରତ୍ନଭଣ୍ଡାରରୁ ପାଣି ଝରୁଥିଲା, ରତ୍ନଭଣ୍ଡାର ଚଟାଣରେ କିଛି ପଥର ପଡ଼ିଥିଲା, କାନ୍ଥ ମଝିରେ ଫାଟ ଥିବାର ଫମ୍ପା ଶବ୍ଦ ଆସିଥିଲା। ବର୍ତ୍ତମାନ ରତ୍ନଭଣ୍ଡାର ସଂରକ୍ଷଣର ନିହାତି ଆବଶ୍ୟକତା ରହିଛି। ପୂର୍ବତନ ପୂର୍ତ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟକୁ ଆଧାର କରି ବାରମ୍ବାର ଚିଠି ଲେଖିବା ପରେ ବି ରତ୍ନଭଣ୍ଡାର ଖୋଲିବା ନେଇ ରାଜ୍ୟ ସରକାର ଆଗ୍ରହ ଦେଖାଉନାହାନ୍ତି। ରତ୍ନଭଣ୍ଡାର ବିପଦସଙ୍କୁଳ ଅବସ୍ଥାରେ ଅଛି ବୋଲି ୨୦୧୮ ଓ ୨୦୨୨ରେ ଏଏସ୍‌ଆଇ ମନ୍ଦିର ପ୍ରଶାସନକୁ ☞ପୃଷ୍ଠା-୪

# ବିଦ୍ୟୁତ୍ ବିଲ୍ ଅଧିକ ଆସିବାରୁ ମିଟର ରିଡରଙ୍କୁ ହତ୍ୟା

- **୫୦ ଲକ୍ଷ କ୍ଷତିପୂରଣ ଦାବିରେ ଟାଟା ପାୱାର କାର୍ଯ୍ୟାଳୟ ଘେରାଉ**
- **ଆକ୍ରମଣକାରୀଙ୍କ ସମେତ ୨ ଗୁରୁତର**

**ଭଞ୍ଜନଗର,୭।୮ (ବାବୁଲା ପ୍ରଧାନ)**

ସରକାରଙ୍କ ଯୋଜନାରେ ଘରକୁ ବିଦ୍ୟୁତ୍ ସଂଯୋଗ ନେଇଛୁ। ଆମେ ଗରିବ ଲୋକ। ଏତେ ଟଙ୍କା ବିଲ୍ କାହିଁକି ଆସୁଛି ବୋଲି କହି ଉତ୍କ୍ଷିପ୍ତ ହେବା ସହ ମିଟର ରିଡିଂ କରିବାକୁ ଯାଇଥିବା ଜଣେ କର୍ମଚାରୀଙ୍କୁ ମାରଣାସ୍ତ୍ରରେ ହତ୍ୟା କରିଦେଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ କୁପାଟି ଗ୍ରାମରେ। ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ହେଲେ ଟାଟା ପାୱାର ଅଧୀନରେ ଠିକାରେ କାମ କରୁଥିବା ମିଟର ରିଡର ଲକ୍ଷ୍ମୀନାରାୟଣ ତ୍ରିପାଠୀ(୫୨)। ଆକ୍ରମଣକାରୀ ହେଉଛନ୍ତି ଗୋବିନ୍ଦ ସେଠୀ। ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅଭିଯୁକ୍ତ ଗୋବିନ୍ଦ ସେଠୀ ଗୁରୁତର ହୋଇଛନ୍ତି। ଏପରି କି ଲକ୍ଷ୍ମୀନାରାୟଣଙ୍କ ବନ୍ଧୁ ରିଙ୍କୁ ନାୟକ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ଜାଣିବାକୁ ମିଳିଛି। ଉଭୟ ଆହତଙ୍କୁ ପ୍ରଥମେ ଭଞ୍ଜନଗର ହସ୍ପିଟାଲ୍ ଏବଂ ପରେ ବ୍ରହ୍ମପୁର ଏମ୍‌କେସିଜିକୁ ପଠାଯାଇଛି। ତେବେ କିଛି ଟଙ୍କାର ବିଦ୍ୟୁତ୍ ବିଲ୍ ପାଇଁ କି ଅନ୍ୟ କୌଣସି କାରଣରୁ ଗୋବିନ୍ଦ ହତ୍ୟା କରିଛନ୍ତି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷରେ ମୃତକ ଲକ୍ଷ୍ମୀନାରାୟଣଙ୍କ ☞ପୃଷ୍ଠା-୪




## ପ୍ରକାଶ ପାଇଲା ସପ୍ଲିମେଣ୍ଟାରୀ ପରୀକ୍ଷାଫଳ

### ୪୩୩ କୃତକାର୍ଯ୍ୟ

**କଟକ ଅଫିସ, ୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଦେବା ପାଇଁ ହାଇସ୍କୁଲର ୧୩୧୦ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ପରୀକ୍ଷାରେ ୩୬୦ ଜଣ ଅନୁପସ୍ଥିତ ରହିଥିଲେ। ୯୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୩୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୮୧୯୫ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୨୫ ଜଣ ପରୀକ୍ଷା ଦେଇ ନ ଥିବାବେଳେ ୬୬୭୮ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ୪୯ ଛାତ୍ରୀଛାତ୍ର ମାଲ୍‌ପ୍ରାକ୍ଟିସ୍ ହୋଇଛନ୍ତି। ଉଭୟ ରେଜଲ୍ଟ ବୋର୍ଡ ୱେବ୍‌ସାଇଟରେ ଉପଲବ୍ଧ ଥିବା ସୂଚନା ଦିଆଯାଇଛି। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସିଧା ଯୁକ୍ତ୨ରେ ନାମ ଲେଖାଇବାକୁ ସୁଯୋଗ ମିଳିବ।

ସୂଚନାଥାଉ କି, ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୩ରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୮୦ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟାରେ ସରିଥିଲା। ଦ୍ୱିତୀୟ ସିଟିଂରେ ଷ୍ଟେଟ୍ ଓପନ୍ ସ୍କୁଲ ପରୀକ୍ଷା କରାଯାଇଥିଲା।

**ଆଜିର ସମ୍ପାଦକୀୟ**
ଏବେବି ଜଳୁଛି



# କମିଟିରେ ୩ ଅବସରପ୍ରାପ୍ତ ମହିଳା ବିଚାରପତି

## ସୁପ୍ରିମକୋର୍ଟରେ ମଣିପୁର ହିଂସା ମାମଲା

■ସହାୟତା ଓ ଥଇଥାନ ସମ୍ପର୍କରେ କମିଟି ଦେବ ରିପୋର୍ଟ

■ତଦନ୍ତର ତଦାରଖ କରିବେ ମହାରାଷ୍ଟ୍ରର ପୂର୍ବତନ ପୋଲିସ ଡିଜି

ନୂଆଦିଲ୍ଲୀ,୭।୮ (ପି.ଟି.)

ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଏବଂ ସହାୟତା ଦେବା ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ସୁପ୍ରିମକୋର୍ଟ ସୋମବାର ଏକ ୩ ଜଣିଆ କମିଟି ଗଠନ କରିଛନ୍ତି। କମିଟିରେ ହାଇକୋର୍ଟର ୩ ପୂର୍ବତନ ମହିଳା ବିଚାରପତି ରହିଛନ୍ତି। ସେହିପରି ଆପରାଧିକ ମାମଲାଗୁଡ଼ିକର ତଦନ୍ତକୁ ତଦାରଖ କରିବା ପାଇଁ ମହାରାଷ୍ଟ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଦତ୍ତାତ୍ରେୟ ପଡ୍‌କାଲଗିକରଙ୍କୁ ସର୍ବୋଚ୍ଚ ଅଦାଲତ ଦାୟିତ୍ୱ ଦେଇଛନ୍ତି। ହିଂସାଗ୍ରସ୍ତ ରାଜ୍ୟରେ ଆଇନର ଶାସନ ପ୍ରତି ଲୋକଙ୍କ ଆସ୍ଥା ଫେରାଇଆଣିବା ଲାଗି ଅଦାଲତ ଉଦ୍ୟମ କରିଛନ୍ତି। ସମୁଦାୟ ସ୍ଥିତି ଅନୁଧ୍ୟାନ ଲାଗି ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ୩ ଜଣିଆ କମିଟି ସିଧାସଳଖ ସୁପ୍ରିମକୋର୍ଟଙ୍କୁ ତାଙ୍କ ରିପୋର୍ଟ ଦେବେ।

ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲ କମିଟିର ନେତୃତ୍ୱ ନେବାକୁ ଥିବାବେଳେ ବମ୍ବେ ହାଇକୋର୍ଟର ପୂର୍ବତନ ବିଚାରପତି ଶାଲିନୀ ପି ଜୋଷୀ ଏବଂ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଆଶା ମେନନ ଏହାର ସଦସ୍ୟ ଅଛନ୍ତି। ସୀମାନ୍ତ ରାଜ୍ୟ ମଣିପୁରରେ ହିଂସାଜନିତ ଆତଙ୍କ ବଢ଼ିବାରେ ଲାଗିଛି। ଅଧିକରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ପୋଡ଼ାଜଳା ଓ ଅଶାନ୍ତି ଲାଗିରହିଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ହିଂସାକାଣ୍ଡ ବେଳେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବାର ଭିଡିଓ ଅତ୍ୟନ୍ତ ବ୍ୟଥିତ କରିଛି। ସେଥିପାଇଁ ହିଂସା ପ୍ରଭାବିତ ଲୋକମାନଙ୍କୁ ସହାୟତା ଓ ଥଇଥାନର ଅନୁଧ୍ୟାନ ନିମନ୍ତେ ପୂର୍ବତନ ମହିଳା ବିଚାରପତିମାନଙ୍କୁ ନେଇ ଗଠିତ କମିଟିକୁ ଦାୟିତ୍ୱ ଦିଆଯାଇଥିବା ଖଣ୍ଡପୀଠ କହିଥିଲେ। ଉକ୍ତ କମିଟି ରିଲିଫ କ୍ୟାମ୍ପଗୁଡ଼ିକୁ ଯାଇ ସେଠାର ସ୍ଥିତି ଅନୁଧ୍ୟାନ କରିବ। ସେମାନଙ୍କ ସହାୟତା ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ, ପୁନର୍ବାସନ, କ୍ଷତିପୂରଣ ଏବଂ ଗୃହ ଓ ଉପାସନା ସ୍ଥଳଗୁଡ଼ିକର ପୁନଃନିର୍ମାଣ ସମ୍ପର୍କରେ କମିଟି ସର୍ବୋଚ୍ଚ ଅଦାଲତଙ୍କୁ ପ୍ରସ୍ତାବ ଦେବ।

ହିଂସାକାଣ୍ଡର ତଦନ୍ତ ସମ୍ପର୍କରେ ଖଣ୍ଡପୀଠ କହିଥିଲେ, ୧୧ଟି ଏତଲା ସିବିଆଇକୁ ହସ୍ତାନ୍ତର କରାଯାଇଛି। ରାଜ୍ୟ ସରକାରଙ୍କର ତଦନ୍ତକାରୀ ସଂସ୍ଥା ରହିଥିବାରୁ ଆମେ ସିବିଆଇକୁ ଅଧିକ ମାମଲା ଦେବାକୁ ଚାହୁଁନାହୁଁ। ଆସ୍ଥା ବଢ଼ାଇବା ପାଇଁ ବିଭିନ୍ନ ରାଜ୍ୟରୁ ୫ ଜଣ ଡିଏସ୍‌ପି କ୍ୟାଡରର ଅଫିସରଙ୍କୁ ତଦନ୍ତରେ ସହାୟତା ପାଇଁ ସିବିଆଇକୁ ଡେପୁଟେଶନରେ ପଠାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଫିସରମାନେ ସିବିଆଇ ପ୍ରଶାସନ ଅଧୀନରେ କାର୍ଯ୍ୟ କରିବେ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଜଣେ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାର ଅଫିସର ସେମାନଙ୍କୁ ତଦାରଖ କରିପାରିବେ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ସିବିଆଇକୁ ଦିଆଯାଇ ନ ଥିବା ମାମଲାଗୁଡ଼ିକର ତଦନ୍ତ ପାଇଁ ୪୨ଟି ଏସ୍‌ଆଇଟି ଗଠନ କରାଯାଇଥିବା ଅଦାଲତଙ୍କୁ ଅବଗତ କରାଇଥିଲେ। ମଣିପୁର ପୋଲିସକୁ ସହାୟତା ନିମନ୍ତେ ପ୍ରତି ଏସ୍‌ଆଇଟି ପାଇଁ ଅନ୍ୟ ରାଜ୍ୟରୁ ଜଣେ ଲେଖାଏ ଇନ୍ସପେକ୍ଟର ଡେପୁଟେଶନରେ ଆଣିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ଏସ୍‌ଆଇଟିଗୁଡ଼ିକର ତଦନ୍ତର ତଦାରଖ ବାହାର ରାଜ୍ୟର ୬ ଜଣ ଡିଆଇଜି ପାହ୍ୟାର ଅଫିସରଙ୍କ ଦ୍ୱାରା କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଶୁଣାଣି ସମୟରେ ମଣିପୁର ମୁଖ୍ୟ ଶାସନ ସଚିବ ବିନୀତ ଜୋଷୀ ଏବଂ ପୋଲିସ ଡିଜି ରାଜୀବ ସିଂ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ନୁହ ଉଚ୍ଛେଦ ଅଭିଯାନରେ ରୋକ ଲଗାଇଲେ ହାଇକୋର୍ଟ

#### ମାଜାରରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଗୁରୁଗ୍ରାମ/ଚଣ୍ଡିଗଡ଼,୭।୮ (ପି.ଟି.):** ହରିୟାଣାର ନୁହ ଜିଲାରେ ପ୍ରଶାସନ ପକ୍ଷରୁ ଚାଲିଥିବା ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନ ଉପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସୋମବାର ରୋକ ଲଗାଇଛନ୍ତି। ନୁହ ଜିଲାରେ ପ୍ରଶାସନର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜି.ଏସ୍. ସନ୍ଧୱାଲିଆ ନିଜଆଡ଼ୁ ମାମଲା ବିଚାର ପାଇଁ ଗ୍ରହଣ କରିଥିଲେ। ଉଚ୍ଛେଦ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ସେ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୩୧ରେ ବିଶ୍ୱ ହିନ୍ଦୁ ପରିଷଦର ଧର୍ମୀୟ ଶୋଭାଯାତ୍ରା ବେଳେ ଉକ୍ତ ବେଆଇନ ବିଲ୍ଡିଂ ଉପରୁ କେତେଜଣ ଟେକାମାଡ଼ କରିଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି, ଯାହା ସାମ୍ପ୍ରଦାୟିକ ହିଂସାର ରୂପ ନେଇ ଗୁରୁଗ୍ରାମକୁ ବ୍ୟାପିଯାଇଥିଲା। ଏହି ହିଂସାରେ ଜଣେ ଇମାମ୍, ୨ ହୋମ୍‌ଗାର୍ଡଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଗୁରୁଗ୍ରାମର ଖଣ୍ଡସା ଗ୍ରାମରେ କେତେଜଣ ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ଏକ ମାଜାରରେ ନିଆଁ ଲଗାଇଦେଇଛନ୍ତି। ଏନେଇ ମାଜାରର ତତ୍ତ୍ୱାବଧାରକ ଗସିତେ ରାମ୍ ସେକ୍ଟର ୩୭ ଥାନାରେ ଏତଲା ଦେଇଛନ୍ତି।

### ସୁରକ୍ଷାକର୍ମୀଙ୍କ ଗୁଳିରେ ହିଜ୍‌ବୁଲ କମାଣ୍ଡର ନିହତ

**ଶ୍ରୀନଗର, ୭।୮:** ଜାମ୍ମୁ କାଶ୍ମୀରର ପୁଞ୍ଚ ସେକ୍ଟରରେ ସୋମବାର ସକାଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ହିଜ୍‌ବୁଲ ମୁଜାହିଦ୍ଦିନ ସଂଗଠନର ଜଣେ କମାଣ୍ଡରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ପୁଞ୍ଚ୍ ଜିଲ୍ଲା ଅନ୍ତର୍ଗତ ବାଗଲାଦ୍ରାର ମୁନୀର ହୁସେନ। ସେ ୧୯୯୩ରେ ପିଓକେ ଯାଇ ଅସ୍ତ୍ରଚାଳନା ତାଲିମ ନେବା ସହ ୧୯୯୮ରେ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲା। ହୁସେନ ଜାମ୍ମୁ କାଶ୍ମୀରରେ ବିଭିନ୍ନ ସମୟରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ମାଷ୍ଟରମାଇଣ୍ଡ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନ ସଂଗଠନ ପ୍ରତିଷ୍ଠାତା ସଇଦ ସାଲାଉଦ୍ଦିନର ମୁଖ୍ୟ ସହଯୋଗୀ ଥିଲେ। କିଛି ଦିନତଳେ ହିଜ୍‌ବୁଲ ଗ୍ରୁପର ଏକ ଉଚ୍ଚସ୍ତରୀୟ ବୈଠକ ଇସଲାମାବାଦ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହୁସେନ ଯୋଗଦେଇଥିଲେ। ଜାମ୍ମୁ କାଶ୍ମୀରର ରଜୌରୀ ଓ ପୁଞ୍ଚ୍ ସେକ୍ଟରରେ ଆତଙ୍କବାଦ ଘଟଣା ଘଟାଇବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

#### ଟ୍ରେନ୍‌ରେ ଗୁଳିକାଣ୍ଡ ଘଟଣା

### ଅଭିଯୁକ୍ତଙ୍କ ବିରୋଧରେ ସାମ୍ପ୍ରଦାୟିକ ଶତ୍ରୁତା ଧାରା ଲାଗିଲା

**ମୁମ୍ବାଇ,୭।୮:** ଜୟପୁର-ମୁମ୍ବାଇ ସୁପରଫାଷ୍ଟ ଏକ୍ସପ୍ରେସରେ ଗତମାସ ୩୧ରେ ଆରପିଏଫ କନଷ୍ଟେବଲ ଚେତନ ସିଂ ତାଙ୍କ ସିନିୟର ଅଫିସର ଏଏସଆଇ ଟିକାରାମ ମୀନାଙ୍କ ସମେତ ଚାରିଜଣଙ୍କୁ ଗୁଳିମାରି ହତ୍ୟା କରିଥିଲେ। ତାଙ୍କ ବିରୋଧରେ ଏବେ ସାମ୍ପ୍ରଦାୟିକ ଶତ୍ରୁତା ଉସୁକାଇବା ଭଳି ଧାରା ଲାଗିଥିବା ରେଳବାଇ ପୋଲିସ ମୁମ୍ବାଇର ବୋରିଭ୍ଲି କୋର୍ଟକୁ ଜଣାଇଛି। ଘଟଣାଦିନର ଭାଇରାଲ ଭିଡିଓ ଅନୁସାରେ ଧାରା ୧୫୩ଏ ତାଙ୍କ ବିରୋଧରେ ଲାଗିଛି। ଘଟଣାବେଳେ ଜଣେ ଯାତ୍ରୀ ଏହି ଭିଡିଓ ଉତ୍ତୋଳନ କରିଥିଲେ, ଯେଉଁଥିରେ ଚେତନ ଆପତ୍ତିଜନକ ମନ୍ତବ୍ୟ ଦେଉଥିବାର ପ୍ରଦର୍ଶନ ହୋଇଥିଲା।

## ମଣିପୁରର କଂଗ୍ରେସ ନେତାଙ୍କୁ ଭେଟିଲେ ସୋନିଆ, ରାହୁଲ

ମଣିପୁରରୁ ଆସିଥିବା କଂଗ୍ରେସ ନେତାମାନଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଏମ୍‌ପି ରାହୁଲ ଗାନ୍ଧୀ ସୋମବାର ଭେଟି ରାଜ୍ୟ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ମଣିପୁରର କଂଗ୍ରେସ ନେତାମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ଇବୋବି ସିଂ, ଦଳର ରାଜ୍ୟ ସଭାପତି କେ. ମେଘଚନ୍ଦ୍ର ସିଂ ପ୍ରମୁଖ ଥିଲେ। ପାର୍ଲାମେଣ୍ଟର କଂଗ୍ରେସ ସଂସଦୀୟ ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ ମଧ୍ୟ ଉପସ୍ଥିତ ଥିଲେ। ମଣିପୁରରେ ମେ' ୩ରୁ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୨୦୦ ଲୋକଙ୍କ ମୃତ୍ୟୁ ହେବା ସହ ୬୦ ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇଆଣିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ବିବୃତି ରଖନ୍ତୁ ବୋଲି କଂଗ୍ରେସ ଦାବି କରିଆସୁଛି।

ଅନ୍ୟପକ୍ଷରେ ମଣିପୁରର ଆଦିବାସୀ ସଂଗଠନ ଆଇଟିଏଲ୍‌ଏଫ୍‌ର ପ୍ରତିନିଧି ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ଦଳ କୁକି-ଜୋ ସମ୍ପ୍ରଦାୟଙ୍କ ପାଇଁ ଅଲଗା ରାଜନୈତିକ ପ୍ରଶାସନ, ହିଂସାରେ ପ୍ରାଣ ହରାଇଥିବା କୁକି-ଜୋ ସଦସ୍ୟମାନଙ୍କ ନିମନ୍ତେ ଚୁରାଚାନ୍ଦପୁର ଜିଲାରେ ଏକ ଗଣସମାଧିସ୍ଥଳ ନିର୍ମାଣ ସମେତ ୫ଟି ଦାବି ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି।



## ପିଏମ୍‌ଏଲ୍-ଏନ୍ ଜିତିଲେ ନୱାଜ ଶରିଫ ପ୍ରଧାନମନ୍ତ୍ରୀ ହେବେ



ଲାହୋର,୭।୮ (ପି.ଟି.)

ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ପାକିସ୍ତାନର ସାଧାରଣ ନିର୍ବାଚନରେ ଯଦି ଶାସକ ପିଏମ୍‌ଏଲ୍-ଏନ୍ କ୍ଷମତାକୁ ଫେରେ ତେବେ ନୱାଜ ଶରିଫ୍ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ତାଙ୍କ ଭାଇ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ କହିଛନ୍ତି। ଲାହୋରଠାରୁ ୫୦ କିମି ଦୂର କସୁରରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ଶେହବାଜ ଏହା କହିଥିଲେ। ୨୦୧୯ ନଭେମ୍ବରରୁ ୭୩ ବର୍ଷୀୟ ନୱାଜ ବ୍ରିଟେନରେ ଆତ୍ମନିର୍ବାସନରେ ରହିଛନ୍ତି। ଅଲ୍-ଅଜିଜିଆ ମିଲ୍ସ ଓ ଆଭେନଫିଲ୍ଡ ଦୁର୍ନୀତି ମାମଲାରେ ସେ ୨୦୧୮ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଚିକିତ୍ସା ପାଇଁ ଲଣ୍ଡନ ଯିବା ପୂର୍ବରୁ ସେ ଅଲ୍ ଅଜିଜିଆ ଦୁର୍ନୀତି ମାମଲାରେ ଲାହୋରର କୋଟ୍ ଲଖପତ ଜେଲ୍‌ରେ ଥିଲେ।

## ପାକିସ୍ତାନୀ ମହିଳାଙ୍କୁ ଗୁପ୍ତ ତଥ୍ୟ ଦେଉଥିଲେ ସିଆଇଏସ୍‌ଏଫ୍ କନ୍‌ଷ୍ଟେବଲ

ବିଶାଖାପାଟଣା,୭।୮

ପାକିସ୍ତାନ ପାଇଁ ଗୋଇନ୍ଦାଗିରି କରୁଥିବା ଜଣେ ମହିଳାଙ୍କୁ ଗୁପ୍ତ ତଥ୍ୟ ଯୋଗାଇବା ଅଭିଯୋଗରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ଜଣେ କନଷ୍ଟେବଳ ଧାରାପଡ଼ିଛନ୍ତି। ବିଶାଖାପାଟଣା ଷ୍ଟିଲ୍ ପ୍ଲାଣ୍ଟରେ ଗତବର୍ଷ ଅଗଷ୍ଟରୁ କାମ କରୁଥିବା ସିଆଇଏସ୍‌ଏଫ୍ କନ୍‌ଷ୍ଟବଲ କପିଲ କୁମାର ଜଗଦୀଶ ଭାଇ ଦେବୁମୁରାରୀ ପାକିସ୍ତାନୀ ମହିଳା ଗୋଇନ୍ଦା ଅପରେଟିଭ୍ (ପିଆଇଓ)ଙ୍କ ସହ ଯୋଗଯୋଗରେ ଥିବା ସୂଚନା ମିଳିବା ପରେ ତାଙ୍କୁ ଜେରା ପାଇଁ ଡକାଯାଇଥିଲା। ତାଙ୍କ ମୋବାଇଲ ଫୋନ୍ ଯାଞ୍ଚ ହେବାରୁ ତମିଶା ନାମରେ ଉକ୍ତ ପିଆଇଓଙ୍କ ଫୋନ୍ ନମ୍ବର ସେଥିରେ ସେଭ୍ ହୋଇଥିବା ଦେଖାଯାଇଥିଲା। ସେ ଷ୍ଟିଲ୍ ପ୍ଲାଣ୍ଟର ସୁରକ୍ଷା ସମ୍ପର୍କିତ ଗୁପ୍ତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଯୋଗାଉଥିବା ସନ୍ଦେହ କରାଯାଉଛି। ଉକ୍ତ ନମ୍ବରକୁ ଫୋନ୍‌ରୁ ଡିଲିଟ କରିଦିଆଯାଇଥିବା ସିଆଇଏସ୍‌ଏଫ୍ ଇନ୍ସପେକ୍ଟର କହିଛନ୍ତି। ଅଧିକ ତଦନ୍ତ ପାଇଁ ଉକ୍ତ ମୋବାଇଲ ଫୋନ୍‌କୁ ସାଇବର ଫୋରେନ୍‌ସିକ ଲାବ୍‌କୁ ପଠାଯିବ।



ବ୍ରାଜିଲର ବେଲେମସ୍ଥିତ ହାଙ୍ଗର ସମ୍ମିଳନୀ କେନ୍ଦ୍ରରେ ଆମାଜନ ଡାଇଲଗ ବୈଠକ ଅବସରରେ ଟେମ୍ବେ ଆଦିବାସୀ ମହିଳାମାନଙ୍କ ସହ ବିଭାଗୀୟ ମନ୍ତ୍ରୀ ସୋନିଆ ଗ୍ୱାଜାଜରା (ମଝି) ନୃତ୍ୟ କରୁଛନ୍ତି।

## ଡେଟା ସୁରକ୍ଷା ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୭।୮ (ପି.ଟି.)

ମଣିପୁର ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନଙ୍କ ସ୍ଲୋଗାନବାଜି ମଧ୍ୟରେ ସୋମବାର ଲୋକ ସଭାରେ ଡିଜିଟାଲ ବ୍ୟକ୍ତିଗତ ଡେଟା ସୁରକ୍ଷା ବିଲ୍ ଗୃହୀତ ହୋଇଛି। ବିରୋଧୀ ସଦସ୍ୟ ଏଥିରେ କେତେକ ସଂଶୋଧନ ଦାବି ଲାଗି ପ୍ରସ୍ତାବ ଦେଇଥିଲେ ହେଁ ତାହା ଧ୍ୱନି ମତରେ ଖାରଜ ହୋଇଯାଇଥିଲା। ଭାରତୀୟ ନାଗରିକଙ୍କ ଗୋପନୀୟତାର ସୁରକ୍ଷା କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଲୋକଙ୍କ ଡିଜିଟାଲ ଡେଟାର ଅପବ୍ୟବହାର କଲେ କିମ୍ବା ଏହାର ସୁରକ୍ଷାରେ ବିଫଳ ହେଲେ ସମ୍ପୃକ୍ତ ସଂସ୍ଥା ଉପରେ ୨୫୦ କୋଟି ଟଙ୍କା ଅର୍ଥଦଣ୍ଡ ଲଗାଇବା ପାଇଁ ବିଲ୍‌ରେ ପ୍ରସ୍ତାବ ରହିଛି। ସୁପ୍ରିମକୋର୍ଟ ଗୋପନୀୟତା ଅଧିକାରକୁ ମୌଳିକ ଅଧିକାର ଭାବେ ଘୋଷଣା କରିବାର ୬ ବର୍ଷ ପରେ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ବ୍ୟକ୍ତିଗତ ତଥ୍ୟ ଅପବ୍ୟବହାରକୁ ରୋକିବା ଲାଗି ଏହି ବିଲ୍ ଅଣାଯାଇଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଲ୍ ଆଗତ କରି କହିଥିଲେ, ବିରୋଧୀ ସଦସ୍ୟମାନେ ଏହା ଉପରେ ଆଲୋଚନା କରିଥିଲେ ଭଲ ହୋଇଥାନ୍ତା। ହେଲେ ବିରୋଧୀ ଦଳର କୌଣସି ନେତା କିମ୍ବା ସଦସ୍ୟ ନାଗରିକଙ୍କ ଅଧିକାର ପ୍ରତି ଚିନ୍ତିତ ନ ଥିବା ସେ କହିଥିଲେ। ସଂକ୍ଷିପ୍ତ ଆଲୋଚନା ପରେ ବିଲ୍ ଗୃହୀତ ହୋଇଥିଲା।

## ସିକିମ୍‌ର ନାମ୍‌ଚି ସହରରେ ରାଲିବେଳେ ହିଂସା

### ୧୪୪ ଧାରା ଜାରି

ଗାଙ୍ଗଟକ୍,୭।୮

ସିକିମ୍‌ରେ ୨୧ ବର୍ଷୀୟ ଯୁବନେତାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ତୁରନ୍ତ ନ୍ୟାୟ ଦାବି କରି ସୋମବାର ନାମ୍‌ଚି ସହରରେ ବିକ୍ଷୋଭ ରାଲି କରାଯାଉଥିବାବେଳେ ଏହା ହିଂସାକାଣ୍ଡର ରୂପ ନେଇଥିଲା। ବିକ୍ଷୋଭକାରୀଙ୍କ ଟେକାମାଡ଼ରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ହିଂସାରେ ସମ୍ପୃକ୍ତ କେତେଜଣଙ୍କୁ ଗିରଫ କରାଯାଇଥିବା ନାମ୍‌ଚି ଏସ୍‌ଡିଏମ୍ କହିଛନ୍ତି। ନାମ୍‌ଚିରେ ୧୪୪ ଧାରା ଜାରି ସହ ପାଟ୍ରୋଲିଂକୁ ଜୋର୍‌ଦାର କରାଯାଇଛି। ଅଲ୍ ସିକିମ୍ ଗୁରୁଙ୍ଗ୍ ପକ୍ଷରୁ ରାଲିରେ ଆୟୋଜନ କରାଯାଇଥିବାବେଳେ ଏଥିରେ ବିଭିନ୍ନ ସଂଗଠନ ଓ ସମାଜର ବିଭିନ୍ନ ବର୍ଗ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ନାମ୍‌ଚି ଗଭର୍ନମେଣ୍ଟ କଲେଜ ଛାତ୍ର ପରିଷଦର ସଭାପତି ତଥା ଯୁବନେତା ପଦମ ଗୁରୁଙ୍ଗଙ୍କ ମୃତଦେହ ଗତ ଜୁନ୍ ୨୮ରେ କାଜିତାର ଅଞ୍ଚଳର ଏକ ଡ୍ରେନ୍‌ରୁ ମିଳିଥିଲା। ନ୍ୟାୟରେ ବିଳମ୍ବ ନ୍ୟାୟ ନ ମିଳିବା ସହ ସମାନ। ତେଣୁ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଚାହୁଁ ବୋଲି ମୃତ ଛାତ୍ରନେତାଙ୍କ ଭାଇ ପ୍ରେମ୍ ଗୁରୁଙ୍ଗ କହିଛନ୍ତି।

## ଦେଶରେ ବାଘସଂଖ୍ୟା ୩,୬୮୨କୁ ବୃଦ୍ଧି

ନୂଆଦିଲ୍ଲୀ,୭।୮ (ପି.ଟି.)

୨୦୦୬ରେ ଭାରତରେ ୧,୪୧୧ ବାଘ ଥିବାବେଳେ ୨୦୨୨ରେ ଏହା ୩,୬୮୨କୁ ବୃଦ୍ଧି ପାଇଛି। ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ ଉପରୋକ୍ତ ଉତ୍ତର ରଖିଥିଲେ। ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଦେଶର କେତେକ ପକ୍ଷୀ, ଫୁଲ ଓ ପ୍ରାଣୀଙ୍କୁ ଜାତୀୟ ପକ୍ଷୀ, ଜାତୀୟ ଫୁଲ ଓ ଜାତୀୟ ପ୍ରାଣୀ ଘୋଷଣା କରାଯାଇ ସେମାନଙ୍କୁ ସୁରକ୍ଷା ସମେତ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ କି ବୋଲି ରେଡ୍ଡୀଙ୍କୁ ପ୍ରଶ୍ନ କରାଯାଇଥିଲା। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତ ସରକାରଙ୍କ ପକ୍ଷରୁ ବାଘକୁ ଜାତୀୟ ପ୍ରାଣୀ ଏବଂ ମୟୂରକୁ ଜାତୀୟ ପକ୍ଷୀ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ମନ୍ତ୍ରୀ କହିଥିଲେ। ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ର ଅନୁଚ୍ଛେଦ-୧ରେ ବାଘ ଓ ମୟୂରଙ୍କୁ ସାମିଲ କରାଯାଇ ସେମାନଙ୍କୁ ସର୍ବାଧିକ ସୁରକ୍ଷା ଦିଆଯାଇଥିବା ରେଡ୍ଡୀ କହିଥିଲେ।

## ୧୦୦ କି.ମି.ରୁ ତଳକୁ ଖସିବା ଚନ୍ଦ୍ରୟାନ-୩ ପାଇଁ କଠିନ ହେବ

ବେଙ୍ଗାଲୁରୁ,୭।୮

ଚନ୍ଦ୍ରୟାନ-୩ ବର୍ତ୍ତମାନ ପର୍ଯ୍ୟନ୍ତ ଠିକ୍‌ଠାକ୍ ଚାଲିଛି। ଲୁନାର କକ୍ଷସ୍ଥଳ ଶହେ କି.ମିରୁ ତଳକୁ ଖସାଇବା କଠିନ ହେବ ବୋଲି ଇସ୍ରୋ ମୁଖ୍ୟ ଏସ୍ ସୋମନାଥ କହିଛନ୍ତି। ଚନ୍ଦ୍ରଯାନ ତା'ର ନିମ୍ନ କକ୍ଷ ପଥରେ ୧୭ ତାରିଖରେ ପହଞ୍ଚିବ। ଚଳିତ ଥର ଏହା ଯେଭଳି ଭଲ ଭାବେ ଅବତରଣ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି।

## ଦିଲ୍ଲୀ ଏମ୍ସ ଏଣ୍ଡୋସ୍କୋପି ପ୍ରକୋଷ୍ଠରେ ନିଆଁ

ନୂଆଦିଲ୍ଲୀ,୭।୮ (ପି.ଟି.)

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ)ର ଓପିଡି ବିଲ୍ଡିଂ ଦ୍ୱିତୀୟ ମହଲାରେ ଥିବା ଏଣ୍ଡୋସ୍କୋପି ପ୍ରକୋଷ୍ଠରେ ସୋମବାର ନିଆଁ ଲାଗିଯାଇଥିଲା। ସେଠାରେ ଥିବା ସମସ୍ତ ରୋଗୀଙ୍କୁ ନିରାପଦର ସହିତ ଉଦ୍ଧାର କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଅଗ୍ନିକାଣ୍ଡ ଯୋଗୁ ପୁରୁଣା ଓପିଡି ବିଲ୍ଡିଂରେ ଏଣ୍ଡୋସ୍କୋପି, ଜରୁରୀ ସେବା ଏବଂ ନିଦାନ ସେବା ବନ୍ଦ ରହିଥିଲା। ବିଲ୍ଡିଂର ଝରକା ଦେଇ କଳାଧୂଆଁ ଉଠୁଥିବାର ଭିଡିଓରୁ ଦେଖିବାକୁ ମିଳିଛି। ପୂର୍ବାହ୍ନ ୧୧ଟା ୩୫ରେ ନିଆଁ ଲାଗିବା ପରେ ସୁରକ୍ଷା ସଂସ୍ଥା ତୁରନ୍ତ ଅଗ୍ନି ନିର୍ବାପନ କକ୍ଷକୁ ସୂଚନା ଦିଆଯାଇଥିଲା। ଦିଲ୍ଲୀ ଅଗ୍ନିଶମ ସେବା ପହଞ୍ଚିବା ପୂର୍ବରୁ ଏମ୍ସର ଫାୟାର ସର୍ଭିସ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲା।



ଏମ୍ସର ପୁରୁଣା ଓପିଡି ବିଲ୍ଡିଂର ଦ୍ୱିତୀୟ ମହଲାରେ ଥିବା ଏଣ୍ଡୋସ୍କୋପି ପ୍ରକୋଷ୍ଠରେ ନିଆଁ ଲାଗିଛି।

## ଦିଲ୍ଲୀ ସେବା ବିଲ୍ ପାର୍ଲାମେଣ୍ଟରେ ଗୃହୀତ

### ସପକ୍ଷରେ ୧୩୧, ବିରୋଧରେ ୧୦୨ ଭୋଟ

ନୂଆଦିଲ୍ଲୀ,୭।୮ (ପି.ଟି.)

ଦିଲ୍ଲୀ ସେବା ବିଲ୍ ସୋମବାର ପାର୍ଲାମେଣ୍ଟରେ ଗୃହୀତ ହୋଇଯାଇଛି। ଲୋକ ସଭାରେ ଏହି ବିଲ୍ ପୂର୍ବ ସପ୍ତାହରେ ଗୃହୀତ ହୋଇଥିବାବେଳେ ସୋମବାର ଉଚ୍ଚ ସଦନରେ ବିରୋଧୀ ସଦସ୍ୟମାନଙ୍କ ପ୍ରବଳ ବିରୋଧ ମଧ୍ୟରେ ଅନୁମୋଦନ ଲାଭ କରିଛି। ବିଲ୍ ସପକ୍ଷରେ ୧୩୧ ଭୋଟ ଯାଇଥିବାବେଳେ ବିରୋଧରେ ୧୦୨ ଭୋଟ ପଡ଼ିଥିଲା। ଓଡ଼ିଶାର ବିଜୁ ଜନତା ଦଳ ଏବଂ ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ବିଲ୍‌କୁ ସମର୍ଥନ କରିଥିଲେ। ବିରୋଧୀ ସଂଖ୍ୟା ଦେଖାଇବା ପାଇଁ ଅସୁସ୍ଥ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଶିବୁ ସୋରେନ୍‌ଙ୍କୁ ହୁଇଲ୍ ଚେୟାରରେ ଗୃହକୁ ଆଣିଥିଲେ ମଧ୍ୟ କୌଣସି ପ୍ରକାରେ ୧୦୨ ଭୋଟ ଯୋଗାଡ଼ କରିବାକୁ ସମର୍ଥ ହୋଇଥିଲେ।

ଦିଲ୍ଲୀ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳିକୁ ନିୟନ୍ତ୍ରଣ କରିବା ପାଇଁ ଅଣାଯାଇଥିବା ଅଧ୍ୟାଦେଶ ସ୍ଥାନରେ ଦିଲ୍ଲୀ ସେବା ବିଲ୍ ସୋମବାର ରାଜ୍ୟ ସଭାରେ ଆଗତ ହୋଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ସଂଶୋଧନ) ବିଲ୍, ୨୦୨୩ ଉପସ୍ଥାପନ କରି ଏହା ଉପରେ ଉଚ୍ଚ ସଦନ ବିଚାର କରିବାକୁ କହିଥିଲେ। ଜାତୀୟ ରାଜଧାନୀରେ ଏକ ସକାରାତ୍ମକ ଦୁର୍ନୀତି ମୁକ୍ତ ପ୍ରଶାସନ ବିଲ୍‌ର ଲକ୍ଷ୍ୟ ବୋଲି ଶାହା କହିଥିଲେ।



### ବିଲ୍‌କୁ ବିଜେଡିର ସମର୍ଥନ

ଦିଲ୍ଲୀ ସେବା ବିଲ୍‌କୁ ବିଜେଡି ସମର୍ଥନ କରିଥିବାରୁ ବିରୋଧୀ ଏହାର ସମାଲୋଚନା କରିବା ସହ ହଟ୍ଟଗୋଳ କରିଥିଲେ। ବିଜେଡି ବିଲ୍‌କୁ ସମର୍ଥନ କରୁଛି ବୋଲି ଦଳ ତରଫରୁ ଡ. ସସ୍ମିତ୍ ପାତ୍ର ଘୋଷଣା କରିଥିଲେ। ଜାତୀୟ ଦଳଗୁଡ଼ିକଠାରୁ ବିଜେଡି ସମଦୂରତ୍ୱ ରକ୍ଷାକରି ଆସୁଛି ଏବଂ ରାଜ୍ୟରେ ଭାଜପା ସହ ଏହି ଦଳର ଲଢ଼େଇ ଜୋର୍‌ଦାର ହେଉଛି ବୋଲି ସସ୍ମିତ୍ କହିଥିଲେ। ତାଙ୍କର ସମଦୂରତ୍ୱ ମନ୍ତବ୍ୟକୁ ଟିଏମ୍‌ସି ସଦସ୍ୟ ଓ'ବ୍ରାଏନ୍ ଏବଂ ସୁଖେନ୍ଦୁ ଶେଖର ରାୟ ପରିହାସ କରିଥିଲେ। ଅନ୍ୟ ବିରୋଧୀ ଏମ୍‌ପିମାନେ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ।

**୧୦ରୁ ଦିଆଯିବ କୃମିନାଶକ ଔଷଧ**

ଭୁବନେଶ୍ୱର: ଜାତୀୟ କୃମିନାଶକ ଦିବସ ଅବସରରେ ରାଜ୍ୟରେ ୧କୋଟି ୭ଲକ୍ଷ ପିଲା ଓ ଗର୍ଭବତୀଙ୍କୁ କୃମିନାଶକ ଆଲ୍‌ବେଣ୍ଡାଜୋଲ୍ ଔଷଧ ଦିଆଯିବ। ଆସନ୍ତା ୧୦ ତାରିଖ ସାମୂହିକ ଔଷଧ ସେବନ ଦିବସରୁ ଏହି କୃମିନାଶକ ଔଷଧ ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ରାଜ୍ୟରେ ୧୯ ଜିଲାରେ ୧ରୁ ୧୯ ବର୍ଷ ବୟସର ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ। ତେବେ ଅନୁଗୋଳ, ସମ୍ବଲପୁର, ବରଗଡ, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ ଓ ସୋନପୁର ଆଦି ଜିଲାରେ ୧ରୁ ୨ ବର୍ଷ ବୟସର ପିଲାମାନଙ୍କୁ ଏହା ଦିଆଯିବ। ସେହିପରି ୨୦ରୁ ୨୪ ବର୍ଷ ବୟସର ଗର୍ଭବତୀ ମହିଳାଙ୍କୁ ଆଲବେଣ୍ଡାଜୋଲ ମେଡିସିନ ଖାଇବାକୁ ଦିଆଯିବ ବୋଲି ଡା. ପାଣିଗ୍ରାହୀ କହିଛନ୍ତି।




# ଯୁବ ଭୋଟରଙ୍କ ସଂଖ୍ୟା ବଢ଼ାଇବାକୁ ନିର୍ଦ୍ଦେଶ

**ଉଚ୍ଚଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ ସ୍ପେଶାଲ ଡ୍ରାଇଭ୍**
- ଚିଠି ଲେଖିଲେ ରାଜ୍ୟ ନିର୍ବାଚନ ଅଧିକାରୀ
- ପଦକ୍ଷେପ ପାଇଁ ବିଶ୍ୱବିଦ୍ୟାଳୟ, କଲେଜ କର୍ତ୍ତୃପକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ରାଜ୍ୟରେ ଯୁବ ଭୋଟର କମ୍ ରହିଛନ୍ତି। ଏମାନଙ୍କ ସଂଖ୍ୟା ବଢ଼ାଇବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ ସ୍ପେଶାଲ ଡ୍ରାଇଭ୍। ଏ ଦିଗରେ ପଦକ୍ଷେପ ନେବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ବିହାରୀ ଧଳ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଯୁବ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଁ କଲେଜସ୍ତରରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ଲେଖିଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ଯୁବ ଭୋଟର ହେଉଛନ୍ତି ଗଣତନ୍ତ୍ରର ଭବିଷ୍ୟତ। କିନ୍ତୁ ଅନ୍ୟ ବର୍ଗର ଭୋଟରଙ୍କ ତୁଳନାରେ ରାଜ୍ୟରେ ଯୁବବର୍ଗ ଭୋଟରଙ୍କ ସଂଖ୍ୟା କମ୍ ରହିଛି। ଯୁବ ଭୋଟରଙ୍କ ଅନ୍ତର୍ଭୁକ୍ତି କେବଳ ନିର୍ବାଚନ ପ୍ରକ୍ରିୟା ପାଇଁ ନୁହେଁ, ବରଂ ଭୋଟ ଦେବାର ସେମାନଙ୍କ ସାମ୍ବିଧାନିକ ଅଧିକାର ବୋଲି ଜାଣିବା ଆବଶ୍ୟକ। ତେଣୁ ଏହି ବର୍ଗର ଭୋଟରଙ୍କ ସଂଖ୍ୟା ବୃଦ୍ଧି କରାଯିବା ଉଚିତ। ଯୁବ ଭୋଟରଙ୍କ ସଂଖ୍ୟା ବଢ଼ାଇବା ପାଇଁ ସଚେତନତା ଲୋଡ଼ା ରହିଛି। ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ କରିବା ପାଇଁ ସ୍ପେଶାଲ ଡ୍ରାଇଭ୍ କରାଯିବା ସହିତ ନାମଲେଖା ଫର୍ମ ସହ ଭୋଟର ନାମ ସଂଯୋଗ ଫର୍ମ ମଧ ଯୋଗାଯାଉ। ଫର୍ମ ପୂରଣ ହେବା ନେଇ କଲେଜ କର୍ତ୍ତୃପକ୍ଷଙ୍କ ସୂଚନା ପରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସରମାନେ (ଇଆର୍‌ଓ) ତାହାକୁ ସଂଗ୍ରହ କରିବେ। ଭୋଟର ହେଲ୍ପଲାଇନ ଆପ୍ ମାଧ୍ୟମରେ ସଚେତନ କରିବା ପାଇଁ ମଧ କୁହାଯାଇଛି। ସିଇଓଙ୍କ ଏହି ଚିଠି ପରେ ଉଚ୍ଚ ଶିକ୍ଷା ବିଭାଗ ସୋମବାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, ସମସ୍ତ ସରକାରୀ, ବେସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ସ୍ପେଶାଲ ଡ୍ରାଇଭ୍ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି। ଶିକ୍ଷାନୁଷ୍ଠାନଗୁଡ଼ିକର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର, ୱାଇଆର୍‌ସି କାଉନ୍‌ସେଲର, ଏନ୍‌ସିସି ଅଫିସରମାନେ ଯେତେ ସମ୍ଭବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରନ୍ତୁ ବୋଲି ବିଭାଗ ପରାମର୍ଶ ଦେଇଛି।

# ଜୀବନସାଥୀ ଖୋଜିଦେବାକୁ ଜିଲାପାଳଙ୍କୁ ଆବେଦନ


ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ଭିନ୍ନକ୍ଷମ ସଞ୍ଜୀବ।

**ଜନ ଅଭିଯୋଗ ଶୁଣାଣି ଶିବିରରେ ଦରଖାସ୍ତ ଦେଲେ ଭିନ୍ନକ୍ଷମ**

ଛେଣ୍ଡିପଦା, ୭।୮ (ଅଜିତ ଧଳ)

ପରିଣତ ବୟସରେ ପହଞ୍ଚିଲେଣି ମାତାପିତା। ପରିବାରଠାରୁ ଅଲଗା ରହୁଛନ୍ତି ବଡ଼ଭାଇ। ତେଣୁ ବୃଦ୍ଧା ମା' ଓ ବୃଦ୍ଧ ବାପାଙ୍କ ଦେଖାଶୁଣା କରିବା ପାଇଁ ତାଙ୍କ ବ୍ୟତୀତ ଘରେ ଆଉ କେହି ନାହାନ୍ତି। ହେଲେ ସେ ନିଜେ ଭିନ୍ନକ୍ଷମ ହୋଇଥିବାରୁ ପରିବାରର ଆବଶ୍ୟକ ଯତ୍ନ ନେଇପାରୁନାହାନ୍ତି। ଏପରି କି ବିବାହ ପାଇଁ ଝିଅ ଦେବାକୁ କେହି ରାଜି ହେଉନାହାନ୍ତି। ତେଣୁ ଜୀବନସାଥୀଟିଏ ଖୋଜି ଦେବାକୁ ସୋମବାର ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଏପରି ଆବେଦନ କରିଛନ୍ତି ନୂଆଁପଡା ଗାଁର ମୁରଲୀଧର ମହାପାତ୍ରଙ୍କ ସାନ ପୁଅ ସଞ୍ଜୀବ ମହାପାତ୍ର (୩୭)।

ପ୍ରକାଶ ଯେ, ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଥିବା ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଥିଲା। ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଲୋକଙ୍କ ସମସ୍ୟାଗୁଡ଼ିକର ଶୁଣାଣି କରୁଥିବା ବେଳେ ନୂଆଁପଡା ଗାଁର ଭିନ୍ନକ୍ଷମ ସଞ୍ଜୀବ ଏକ ଦରଖାସ୍ତ ନେଇ ଜିଲାପାଳଙ୍କୁ ଦେଇଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ, ଭିନ୍ନକ୍ଷମ ହୋଇଥିବାରୁ ମା' ଓ ବାପାଙ୍କ ସେବା ସହ ପରିବାରର ଅନ୍ୟାନ୍ୟ କାମ କରିପାରୁ ନାହାନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିବା ମା' ଓ ବାପା ମଧ୍ୟ ତାଙ୍କ ପାଇଁ ଝିଅଟିଏ ଖୋଜିଦେବାରେ ଅକ୍ଷମ। ଭିନ୍ନକ୍ଷମ ହୋଇଥିବାରୁ ଉପଯୁକ୍ତ କନ୍ୟାପାତ୍ର ତାଙ୍କୁ ମିଳୁନାହିଁ। ତେଣୁ ତାଙ୍କ ପାଇଁ ଜୀବନସାଥୀ ଯୋଗାଡ଼ କରିଦେଲେ ପରିବାର ଚଳାଇବାରେ ଆଉ ଅସୁବିଧା ହେବ ନାହିଁ ବୋଲି ସଞ୍ଜୀବ ଜିଲାପାଳଙ୍କୁ ନିବେଦନ କରିଥିଲେ।

# ଭାରତ, ଓଡ଼ିଶା ମୁଖ୍ୟଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ**
- ଓଡ଼ିଶାରୁ ୧୦ ହଜାର, ଦେଶବ୍ୟାପୀ ଫସିଛନ୍ତି ୨ ଲକ୍ଷ ନିବେଶକାରୀ
- ଦିନକୁ ୨୦ରୁ ୩ ହଜାର ଡଲାର ରୋଜଗାରର ସ୍ୱପ୍ନ ଦେଖାଉଥିଲେ
- ସଦସ୍ୟମାନେ ପରସ୍ପରକୁ 'ଜୟ ଏସ୍‌ଟିଏ' ସମ୍ବୋଧନ କରୁଥିଲେ

ଭୁବନେଶ୍ୱର, ୭।୮ (ସତ୍ୟଜିତ୍ ରାଉତ)

ଅତି କମ୍ ସମୟ ମଧ୍ୟରେ ବହୁଗୁଣ ଅର୍ଥ ଲାଭର ପ୍ରଲୋଭନ ଦେଖାଇ ଦେଶବ୍ୟାପୀ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ରିପ୍ଟୋ ପୋଞ୍ଜି ସ୍କାମ୍ ହୋଇଛି। 'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ଭୁଆଁ ବୁଲାଯାଇ ଏହି ବଡ଼ ଠକେଇ କରାଯାଇଛି। ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସଙ୍କୁ ଗିରଫ କରିବା ସହ ସ୍କାମ୍‌ର ରହସ୍ୟ ଉନ୍ମୋଚନ କରିଛି। ପଞ୍ଜାବ ଫରିଦାକୋଟ୍‌ରେ ଗୁର୍‌ତେଜ୍‌ଙ୍କ ଘର। ଶୁକ୍ରବାର ରାଜସ୍ଥାନ ଶ୍ରୀଗଙ୍ଗାନଗରରୁ ତାଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟରେ ହଜାର କରାଯାଇଥିଲା। ସେଠାରୁ ଗୁର୍‌ତେଜ୍‌ଙ୍କୁ ୭ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ସୋମବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି। ସେହିଭଳି ଓଡ଼ିଶା ମୁଖ୍ୟ ନିରୋଦଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଏହି ସ୍କାମ୍‌ରେ ଓଡ଼ିଶା ସମେତ ପଞ୍ଜାବ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ହରିୟାଣା, ଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଆସାମର ୨ ଲକ୍ଷ ଲୋକ ଫସି ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ କରିଛନ୍ତି। ଏପରିକି ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାର ୧୦ ହଜାର ଲୋକ ନିବେଶ କରି ଠକେଇର ଶିକାର ହୋଇଛନ୍ତି।

ଏସ୍‌ଟିଏ (ସୋଲାର୍ ଟେକ୍‌ନୋ ଆଲିଆନ୍‌ସ)କୁ ୨୦୨୧ରେ ଅଭିଯୁକ୍ତମାନେ ଲଞ୍ଚ୍ କରିଥିଲେ। ୟୁରୋପ୍‌ର ଡେଭିଡ୍ ଗେଜ୍ ଏହାର ଗ୍ଲୋବାଲ୍ ମୁଖ୍ୟ ଥିବାବେଳେ ଗୁର୍‌ତେଜ୍ ଭାରତ ମୁଖ୍ୟ ଅଛନ୍ତି। ସେମାନେ ଆର୍‌ବିଆଇ ଅନୁମତି ବିନା ଲୋକଙ୍କଠାରୁ ଅର୍ଥ ଯୋଗାଡ଼ କରୁଥିଲେ। ଗୁର୍‌ତେଜ୍ ଏସ୍‌ଟିଏ ୱେବ୍‌ସାଇଟ୍ ଓ ସୋସିଆଲ୍ ମିଡିଆ ଆକାଉଣ୍ଟକୁ ବ୍ୟବହାର କରି ଲୋକଙ୍କୁ ଫସାଉଥିଲେ। ଏପରିକି ବିଭିନ୍ନ ୟୁଟ୍ୟୁବ୍ ଚ୍ୟାନେଲ୍ ଜରିଆରେ ଏହି ଏସ୍‌ଟିଏ ଟୋକନ୍‌ର ପ୍ରଚାର ପ୍ରସାର କରୁଥିଲେ। ଗୁର୍‌ତେଜ୍ ନିଜକୁ ଏମ୍‌ଏଲ୍‌ଏମ୍ ଗୁରୁ, ଲାଇଫ୍ କୋଚ୍, ମୋଟିଭେଶନାଲ୍ ସ୍ପିକର୍ ବୋଲି କହୁଥିଲେ। ଡେଭିଡ୍ ଓ ଗୁର୍‌ତେଜ୍ ଓଡ଼ିଶା ସମେତ ଭାରତର ବିଭିନ୍ନ ସ୍ଥାନକୁ ଯାଇ କାର୍ଯ୍ୟକ୍ରମ କରି ସଦସ୍ୟ ଯୋଗାଡ଼ କରିଥିଲେ। ଏହି ସ୍କିମ୍‌ରେ ସଦସ୍ୟ ହୋଇ ଟଙ୍କା ନିବେଶ କରିବା ପରେ ଦିନକୁ ୨୦ରୁ ୩ ହଜାର ଡଲାର ରୋଜଗାର କରିପାରିବେ ବୋଲି ଲୋଭ ଦେଖାଯାଉଥିଲା। ଏପରିକି ବୋନସ୍ ଓ ରେଫରାଲ ପାଇଁ ଲିଡରଶିପ୍ ନାଁ ମଧ ଦିଆଯାଉଥିଲା। ପୂର୍ବରୁ ଗୁର୍‌ତେଜ୍ ଭଦ୍ରକର ନୀରୋଦଙ୍କୁ ଓଡ଼ିଶା ମୁଖ୍ୟ କରି ଏକାଧିକ ସଦସ୍ୟ ଯୋଗାଡ଼ କରିଥିଲେ। ଓଡ଼ିଶାର ରୀନା ବେହେରା ନାମ୍ନୀ ମହିଳାଙ୍କ ଅଭିଯୋଗକ୍ରମେ ଗତମାସରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୨୨/୨୦୨୩) ରୁଜୁ କରି ତଦନ୍ତ କରୁଛି। ଏହାର ସଦସ୍ୟମାନେ ପରସ୍ପରକୁ 'ଜୟ ଏସ୍‌ଟିଏ' କହି ସମ୍ବୋଧାନ କରୁଥିଲେ ବୋଲି ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।



ଏସ୍‌ଟିଏ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ବିଜ୍ଞାପନ।


ଗିରଫ 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ

**ଗୋଆରେ ବଲିଉଡ୍ ଷ୍ଟାର୍ ଗୋବିନ୍ଦା କରିଥିଲେ ବ୍ଲକ୍‌ଚେନ୍ ଲଞ୍ଚ୍**

ଗୁର୍‌ତେଜ୍ ଗତ ଜୁଲାଇ ୨୫ରୁ ୩୧ ମଧ୍ୟରେ ଗୋଆର ଏକ ଆଲିସାନ୍ ହୋଟେଲ୍‌ରେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବଲିଉଡ୍ ଷ୍ଟାର୍ ଗୋବିନ୍ଦାଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇଥିଲା। ୧ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ସେଠାକୁ ଯାଇ ବିଭିନ୍ନ ହୋଟେଲରେ ରହିଥିଲେ। ଏଥିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇ ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦା ଏସ୍‌ଟିଏର 'ବ୍ଲକ୍ ଚେନ୍' ଲଞ୍ଚ୍ କରିଥିଲେ। ଏହା ଲଞ୍ଚ୍ ପରେ ଏସ୍‌ଟିଏ ଟୋକନ୍ କଏନ୍‌ରେ ପରିବର୍ତ୍ତନ ହୋଇଯିବ ବୋଲି କୁହାଯାଇଥିଲା।

**ପୋଲିସ୍‌କୁ ଚକ୍‌ମା, ୪ଦିନରେ ୪ ସ୍ଥାନ ବଦଳାଇଥିଲେ ଗୁର୍‌ତେଜ**

ଗୁର୍‌ତେଜ୍ ପୋଲିସକୁ ଚକ୍‌ମା ଦେଇ ୪ ଦିନରେ ୪ ସ୍ଥାନ ବଦଳାଇଥିଲେ। ଗୋଆରେ କାର୍ଯ୍ୟକ୍ରମ ସମୟରେ ଗୁର୍‌ତେଜ୍‌ଙ୍କୁ ଓଡ଼ିଶା ଇଓଡବ୍ଲ୍ୟୁ ଖୋଜୁଥିବା ସେ ଜାଣିବାକୁ ପାଇଥିଲେ। କାର୍ଯ୍ୟକ୍ରମ ସାରିବା ପରେ ଗୁରତେଜ୍ ପ୍ରଥମେ ମୁମ୍ବାଇ, ପରେ ଦିଲ୍ଲୀ ପଳାଇଥିଲେ। ପୋଲିସ ଟିମ୍ ଭାବିଥିଲା ସେ ତାଙ୍କ ଘରକୁ ଯିବେ। ତେଣୁ ଏଠାରୁ ଡିଏସ୍‌ପି ସସ୍ମିତା ସାହୁଙ୍କ ଏକ ଟିମ୍ ତାଙ୍କୁ ଧରିବାକୁ ପଞ୍ଜାବ ଅମ୍ରିତ୍‌ସରରେ ପହଞ୍ଚିଥିଲା। ହେଲେ ଗୁରତେଜ୍ ଏହା ଜାଣିପାରି ସେ ଲକ୍ଷ୍ୟସ୍ଥଳ ବଦଳାଇ ରାଜସ୍ଥାନର ହନୁମାନଗଡ଼ ଚାଲିଯାଇଥିଲେ। ହେଲେ ପୋଲିସ ସେଠାରେ ପହଞ୍ଚିବାରୁ ସେ ଗଙ୍ଗାନଗରକୁ ପଳାଇଥିଲେ। ମହାରାଜା ହୋଟେଲ୍‌ରେ ଲୁଚିଥିବାବେଳେ ଇଓଡବ୍ଲ୍ୟୁ ଟିମ୍ ତାଙ୍କୁ କାବୁ କରିଥିଲା।

# ୪,୬୮୪ ଅଣଶିକ୍ଷକ ପଦବୀ ଖାଲି

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୪୮ ବର୍ଗର ୪,୬୮୪ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଉଚ୍ଚଶିକ୍ଷା ବିଭାଗର ସୂଚନାନୁସାରେ, ୪,୬୮୪ ପଦବୀ ମଧ୍ୟରୁ ପିଅନରେ ସର୍ବାଧିକ ୧,୨୮୮ଟି ପଦବୀ ଖାଲି ରହିଥିବାବେଳେ ଜୁନିୟର କ୍ଲର୍କ ୬୮୫, ଡେମନଷ୍ଟ୍ରେଟର ୪୭୭, ପିଇଟି ୧୫୫, ଗ୍ରେଡ୍ ଲାଇବ୍ରେରିଆନ ୯୪, ଆସିଷ୍ଟାଣ୍ଟ ଲାଇବ୍ରେରିଆନ ୧୬୨, ଜୁନିୟର ଲାଇବ୍ରେରିଆନ ୧୦୧, ଷ୍ଟୋର୍ କିପର ୧୦୫, ଇନ୍‌ଷ୍ଟ୍ରକ୍ଟର ୭୦, ଲାବ୍ ଆଟେଣ୍ଡାଣ୍ଟ ୫୦୧ ପଦବୀ ଖାଲି ରହିଛି। ଏହିଭଳି ମୋଟ ୨୫ଟି ବର୍ଗରେ ଖାଲି ପଦବୀ ସଂଖ୍ୟା ୪,୬୮୪ ରହିଛି।

# ଭବାନୀପାଟଣାରୁ ଭୁବନେଶ୍ୱରକୁ ଉଡ଼ିବ ବିମାନ

**ଉତ୍କେଲା ବିମାନବନ୍ଦରକୁ ମିଳିଲା ଡିଜିସିଏ ଅନୁମତି**

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ଖୁବ୍‌ଶୀଘ୍ର କଳାହାଣ୍ଡି ଜିଲାକୁ ବିମାନ ଉଡ଼ିବ। ଭବାନୀପାଟଣାସ୍ଥିତ ଉତ୍କେଲା ବିମାନବନ୍ଦରକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଅନୁମତି ଦେବା ସହ ବିମାନ ଚଳାଚଳ ନେଇ ସୋମବାର ଲାଇସେନ୍ସ ପ୍ରଦାନ କରାଯାଇଛି। ଡିଜିସିଏର ଏହି ଅନୁମତି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି। ଭବାନୀପାଟଣାରୁ ଭୁବନେଶ୍ୱରକୁ ଖୁବ୍‌ଶୀଘ୍ର ଉଡ଼ିବ ବିମାନ। ଏହା ଫଳରେ ଯୋଗାଯୋଗ, ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତମାସରେ ଡିଜିସିଏ ଟିମ୍ କଳାହାଣ୍ଡି ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବରୁ ଝାରସୁଗୁଡ଼ା, ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଓ ଜୟପୁରକୁ ବିମାନ ଯୋଗାଯୋଗ ବ୍ୟବସ୍ଥା ହୋଇଥିବାବେଳେ ଏବେ ଏହି ପର୍ଯ୍ୟାୟରେ ଭବାନୀପାଟଣା ଯୋଡ଼ିହୋଇଛି। ମାଲକାନଗିରିରେ ମଧ୍ୟ ଏକ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦରର କାମ ଜାରି ରହିଛି, ଯାହା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।




# ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

ବାହାନଗା, ୭।୮ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣି ପଞ୍ଚାୟତ ଅରଳା ଗ୍ରାମର ଜଣେ ୮ମ ଶ୍ରେଣୀ ଛାତ୍ରୀ ସୋମବାର ଘରେ କେହି ନ ଥିବା ସୁଯୋଗ ନେଇ ଆତ୍ମହତ୍ୟା କରିଛନ୍ତି। ଗାଧୁଆ ଘରେ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ଜେଜେମା ଡାକିଥିଲେ। ପଡୋଶୀମାନେ ସେଠାରେ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ବିଲରେ କାମ କରୁଥିବା ଛାତ୍ରୀଙ୍କ ମା' ଓ ବାପା ଖବରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ତେବେ ସେମାନେ ବିଲକୁ ଯିବା ପୂର୍ବରୁ ପୁଅ ଓ ଝିଅଙ୍କୁ ଭାତ ଖାଇ ସ୍କୁଲକୁ ଯିବା ପାଇଁ କହିଥିଲେ। ମାତ୍ର ଭଉଣୀ ଭାଇ ସକାଳେ ପାଟିତୁଣ୍ଡ ଲାଗିଥିବା ଜେଜେମା କହିଛନ୍ତି। ସାନ ଭାଇ ୧୦ଟା ବେଳେ ଖାଇବା ପରେ ଆଗ ସ୍କୁଲକୁ ପଳାଇଯାଇଥିବା ବେଳେ ଛାତ୍ରୀଜଣକ ସ୍କୁଲ ଯିବା ପାଇଁ ବାହାରୁଥିଲେ ବୋଲି ଜେଜେମା କହିଛନ୍ତି। ହେଲେ କଣ ପାଇଁ ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ।

# ପାଣିଭାର ଆଣିବାକୁ ଯାଇ ୨ କାଉଡ଼ିଆ ନିଖୋଜ

**ଶ୍ରାବଣ ସୋମବାର ଅଘଟଣ**

ଖଇରା, ୭।୮ (ଉତ୍କଳବନ୍ଧୁ ପଣ୍ଡା)

ଶ୍ରାବଣ ସୋମବାର ଘଟିଛି ଏକ ଅଘଟଣ। ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ସାନଜୟୀପୁର ଗ୍ରାମର ବାବା ସର୍ବେଶ୍ୱରଙ୍କଠାରେ ଜଳଲାଗି ପାଇଁ ସାଳନ୍ଦୀରୁ ପାଣି ଉଠାଇବା ଲାଗି ଯାଇଥିବା ଦୁଇ କାଉଡିଆ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ସାନଜୟୀପୁର ଗ୍ରାମର ରାଜେନ୍ଦ୍ର ସାହୁ(୧୯) ଓ ସୁବ୍ରତ କୁମାର ମହାକୁଡ(୨୨)। ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବାହିନୀର ସମସ୍ତ ପରିଶ୍ରମ ସତ୍ତ୍ୱେ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କର ପତ୍ତା ମିଳିପାରିନାହିଁ।

ଭୋର ସମୟରେ ଗ୍ରାମରୁ ପାଖାପାଖି ୧୮ଜଣ ଯୁବକ ବରଦା ନରିପୁର ପୋଲ ନିକଟରେ ଥିବା ସାଳନ୍ଦୀ ନଦୀ କୂଳକୁ ଯାଇଥିଲେ। ପୂଜାପୂଜି ପରେ ପ୍ରଥମେ ସୁବ୍ରତ କଳସୀରେ ପାଣି ଆଣିବାକୁ ପଶିଥିଲେ। ହେଲେ କୂଳରେ ଏତେବଡ ଗଣ୍ଡ ଥିବା କେହି ଜାଣି ନ ଥିଲେ। ଗୋଡ ଖସିଯିବାରୁ ସେ ହାତ ହଲାଇ ଡାକିଥିଲେ। ପ୍ରଥମେ ଅନ୍ୟ ୫ଜଣ ତାଙ୍କୁ ଉଦ୍ଧାର କରିବକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପୁନର୍ବାର ହାତ ଉପରକୁ ହଲାଇବାରୁ ରାଜେନ୍ଦ୍ର ତାଙ୍କ ପାଖକୁ ଯିବାରୁ ସୁବ୍ରତ ତାଙ୍କୁ ଜାବୁଡି ଧରିଥିଲେ। ଦୁହିଁଙ୍କୁ ଏଭଳି ଅବସ୍ଥାରେ ଦେଖି ଅନ୍ୟଜଣେ ସାଙ୍ଗ ସୁରେନ୍ଦ୍ର ମହାକୁଡ ପାଣି ଉପରକୁ ଦେଖାଯାଉଥିବା ରାଜେନ୍ଦ୍ରଙ୍କ ହାତକୁ ଟାଣିବାକୁ ଚେଷ୍ଟା କରିବା ବେଳେ ହାତଛନ୍ଦି ଯାଇଥିବାରୁ ସେ ଟାଣି ହୋଇଯାଇଥିଲେ। ଉଦ୍ଧାର ପାଇଁ ପ୍ରଥମେ ଗାମୁଛା ଓ ପରେ ବାହୁଙ୍ଗୀ ବ୍ୟବହାର କରାଯାଇଥିଲେ ହେଁ ତାହା କାମ ଦେଇ ନ ଥିଲା। ସେହି ରାସ୍ତା ଦେଇ ଯାଉଥିବା ବାଇକ ଆରୋହୀ କାଶିନାଥ ସାହୁ ପାଣିରେ ପଶି ବୁଦ୍ଧି ଖଟାଇ ସୁରେନ୍ଦ୍ରଙ୍କୁ ଟାଣି ଆଣିବାକୁ ସକ୍ଷମ ହୋଇଥିଲେ। ହେଲେ ରାଜେନ୍ଦ୍ର ଓ ସୁବ୍ରତ ପାଣି ଭିତରେ କୁଆଡେ ନିଖୋଜ ହୋଇଯାଇଥିଲେ। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ହସ୍ତକ୍ଷେପ ପରେ ବିଦ୍ୟାଧରପୁର ଓ ଶାଳପଡା ବ୍ୟାରେଜରେ ଗେଟଗୁଡିକୁ ବନ୍ଦ କରି ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ ସଫଳତା ମିଳିପାରିନାହିଁ। ଖଇରା ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶିନୀ ଧଳ, ଖଇରା ବ୍ଲକ ପ୍ରଶାସନ, ସିମୁଳିଆ ପୋଲିସ ଘଟଣା ଉପରେ ନଜର ରଖିଛନ୍ତି।


ଓଡ୍ରାଫ୍ ଟିମ୍ ପକ୍ଷରୁ ନଦୀରେ ଖୋଜାଖୋଜି ଚାଲିଥିବା ବେଳେ କୂଳରେ ଲୋକଙ୍କ ଭିଡ଼।

# ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ ହେଲେ ୪.୧୩ ଲକ୍ଷ ଆବେଦନକାରୀ

- ଆସନ୍ତା ୧୫ରେ ଏହି ଆବେଦନକାରୀଙ୍କୁ ମିଳିବ ପ୍ରଥମ ପେନସନ୍
- ହିତାଧିକାରୀଙ୍କ ସଂଖ୍ୟା ୨୮.୬୧ ଲକ୍ଷରୁ ୩୨.୭୫ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)

ମଧୁବାବୁ ପେନ୍‌ସନ୍ ଯୋଜନାରେ ଅଧିକ ୪ ଲକ୍ଷ ୧୩ ହଜାର ଆବେଦନକାରୀଙ୍କୁ ରାଜ୍ୟ ସରକାର ସାମିଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆବେଦନଗୁଡ଼ିକୁ ସୋମବାର ମଞ୍ଜୁର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଜିଲା ଗସ୍ତ ସମୟରେ ଆସିଥିବା ଅଭିଯୋଗ ଏବଂ ମୋ ସରକାରରୁ ଗ୍ରହଣ କରାଯାଇଥିବା ମତାମତକୁ ବିଚାର କରି ମୁଖ୍ୟମନ୍ତ୍ରୀ ଉକ୍ତ ଯୋଜନାରେ ଅଧିକ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍ ଏବଂ ସିଏମ୍‌ଓର ଅନ୍ୟ ବରିଷ୍ଠ ଅଧିକାରୀ ବିଭିନ୍ନ ଜିଲା ଗସ୍ତ କରି ତୃଣମୂଳସ୍ତରରେ ବିକାଶ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ସିଏମ୍‌ଓର ଏହି ପଦକ୍ଷେପ ସମସ୍ୟାର ତ୍ୱରିତ ସମାଧାନ ଦିଗରେ କାର୍ଯ୍ୟ କରୁଛି। ନୂଆ ଆବେଦନଗୁଡ଼ିକର ମଞ୍ଜୁରୀ ପରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୩୨.୭୫ ଲକ୍ଷକୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଯୋଜନାରେ ୨୮.୬୧ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି। ଆସନ୍ତା ୧୫ ତାରିଖ ଜନସେବା ଦିବସରେ ପଞ୍ଚାୟତ ମୁଖ୍ୟାଳୟ ଏବଂ ୱାର୍ଡ କାର୍ଯ୍ୟାଳୟରେ ନିର୍ବାଚିତ ଜନପ୍ରତିନିଧିଙ୍କ ଉପସ୍ଥିତିରେ ନୂତନ ହିତାଧିକାରୀମାନେ ସେମାନଙ୍କ ପ୍ରଥମ ପେନସନ୍ ପାଇବେ। ସବୁଠାରେ ଶିବିର ଆୟୋଜନ କରି ହିତାଧିକାରୀଙ୍କ ପେନସନ୍ ବିତରଣକୁ ସୁଗମ କରିବା ପାଇଁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ମଧୁବାବୁ ପେନ୍‌ସନ୍ ଯୋଜନାରେ ବୟସ୍କ ବ୍ୟକ୍ତି, ବିଧବା, ଭିନ୍ନକ୍ଷମ ବ୍ୟକ୍ତି, ଅବିବାହିତ ମହିଳା, ଆରୋଗ୍ୟ ଲାଭ କରିଥିବା କୁଷ୍ଠରୋଗୀ, ଏଡ୍‌ସ ରୋଗୀ, ଛାଡ଼ପତ୍ରଧାରୀ, କିନ୍ନର, କୋଭିଡ୍‌ରେ ଅନାଥ ହୋଇଥିବା ପିଲା ଏବଂ ଅନ୍ୟ ସମ୍ବେଦନଶୀଳ ଲୋକ ଅନ୍ତର୍ଭୁକ୍ତ ଅଛନ୍ତି। ରାଜ୍ୟ ସରକାର ଏହି ଯୋଜନାରେ ୨୮ ଲକ୍ଷ ୬୧ ହଜାର ୧୯୫ ହିତାଧିକାରୀଙ୍କୁ ମାସିକ ୫୦୦, ୭୦୦ ଏବଂ ୯୦୦ ଟଙ୍କା ସାମାଜିକ ସୁରକ୍ଷା ଭତ୍ତା ଆକାରରେ ପ୍ରଦାନ କରୁଛନ୍ତି। ଏହି ଯୋଜନାରେ ୦-୭୯ ବର୍ଷ ମଧ୍ୟରେ ବିଭିନ୍ନ ବର୍ଗର ହିତାଧିକାରୀ ମାସିକ ୫୦୦ ଟଙ୍କା ପାଉଥିବାବେଳେ ୮୦ ବର୍ଷ ଏବଂ ତଦୂର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାସକୁ ୭୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଏଥିସହ ୪୦ରୁ ୫୯% ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୫୦୦ ଟଙ୍କା ଏବଂ ୬୦% ଓ ତାହାଠୁ ଅଧିକ ଭିନ୍ନକ୍ଷମଙ୍କୁ ୭୦୦ ଟଙ୍କା ଦିଆଯାଉଛି। ୬୦% ଏବଂ ଏହାଠୁ ଅଧିକ ଭିନ୍ନକ୍ଷମ ଥିବା ୮୦ ବର୍ଷ ଓ ତାହାଠୁ ଅଧିକ ବୟସର ବ୍ୟକ୍ତିଙ୍କୁ ମାସିକ ୯୦୦ ଟଙ୍କା ଦିଆଯାଉଛି। ଏହି ଯୋଜନାରେ ୪ ଲକ୍ଷ ୧୩ ହଜାର ନୂଆ ହିତାଧିକାରୀଙ୍କ ସାମିଲ ରାଜ୍ୟର ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

**ଆଜିର ମନ୍ତବ୍ୟ**

"ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ରାସ୍ତାକୁ ଅବରୋଧ କରିବାକୁ ନିର୍ଦ୍ଦିଷ୍ଟ କେତେଜଣ ଉଦ୍ୟମ ଚଳାଇଛନ୍ତି। ଦୁର୍ନୀତି ଓ ତୁଷ୍ଟୀକରଣ ଭଳି ବ୍ୟାଧି ଭାରତ ଛାଡ଼ୁ ବୋଲି ଦେଶବାସୀ ଦାବି କଲେଣି।"

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ ମୁଦି ଅଗୁଆଳି;
କଥାଏ ଦି'କଥା କହିଦିଅନ୍ତି,
ସାଙ୍ଗେ ସାଙ୍ଗେ ଜଗୁଆଳି।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ,
ଘର ପୋଡ଼ିଠାରୁ ବିପତ୍ତି ନାହିଁ।**

ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ଅଟେ। ସେହିପରି ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୌସୁମୀ ନିଷ୍କ୍ରିୟ, କମିଲା ବର୍ଷା

## ଆଜି ୧୦ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)

ରାଜ୍ୟରେ ବର୍ତ୍ତମାନ ମୌସୁମୀ ନିଷ୍କ୍ରିୟ ରହିଛି। ଏହା ପ୍ରଭାବରେ ତାପମାତ୍ରା ଅଧିକ ରହିବା ସହ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରିବା ଦ୍ୱାରା ବିଜୁଳି ଘଡ଼ଘଡ଼ି ସହ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କନ୍ଧମାଳ, ବରଗଡ଼, ଅନୁଗୋଳ, ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲାର କେତେକ ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ହୋଇଛି। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ଓଡ଼ିଶା ସହ ଅନ୍ୟ କେତେକ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିଥିଲା। ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ପୃକ୍ତ ୧୦ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୯ ତାରିଖରେ ରାଜ୍ୟରେ ବର୍ଷା ପରିମାଣ ଅପେକ୍ଷାକୃତ କମ୍ ରହିବ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ୧୦ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାରେ ବର୍ଷା ହେବା ନେଇ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ରହିଛି। ୧୧ ଓ ୧୨ ତାରିଖରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ କୌଣସି ଜିଲାକୁ ୱାର୍ନିଂ ଜାରି ହୋଇନାହିଁ।

ପ୍ରଥମ ପୃଷ୍ଠାରୁ...

## ଲୋକ ସଭାକୁ...

ଉପଯୋଗ କରିବା ଉଚିତ। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ଭାଇ ରାହୁଲଙ୍କ ଲୋକ ସଭା ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଲୋକମାନେ ବାସ୍ତବ ପ୍ରସଙ୍ଗକୁ ନେଇ ଉଠାଉଥିବା ସ୍ୱରକୁ ରାହୁଲ ପୁଣି ଥରେ ପାର୍ଲାମେଣ୍ଟରେ ଠିକ୍ ଭାବେ ପ୍ରତିଫଳିତ କରିବେ। ସେହିପରି ଏଆଇସିସି ସାଧାରଣ ସମ୍ପାଦକ (ସଙ୍ଗଠନ) କେ. ସି. ଭେନୁଗୋପାଳ କହିଛନ୍ତି, ରାହୁଲଙ୍କ ଲୋକ ସଭା ଫେରିବା ଦ୍ୱାରା ଗଣତନ୍ତ୍ରର ବିଜୟ ଘଟିଛି ଏବଂ ଭାରତ ଜିତିଛି। ସେ ବିନା ଦ୍ୱିଧାରେ ସଂସଦୀୟ ଯାତ୍ରାରେ ସତ୍ୟ କହିଚାଲିବେ। ସେ ହେଉଛନ୍ତି ଭାରତର ସ୍ୱର ଓ ତାହା କଦାପି ନୀରବି ଯିବ ନାହିଁ। ଅନୁରୂପ ଭାବେ ଭାରତୀୟ ଜାତୀୟ ବିକାଶ ସମାବେଶୀ ମେଣ୍ଟ (ଇଣ୍ଡିଆ)ର ବହୁ ନେତା ସଂସଦକୁ ରାହୁଲଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଶାବ୍ୟକ୍ତ କରି କହିଛନ୍ତି, ତାଙ୍କ ଦଳୀୟ ନେତା ମହମ୍ମଦ ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲା ଆଜାମଙ୍କ ଉତ୍ତର ପ୍ରଦେଶ ବିଧାନସଭା ଆସନ ସଦସ୍ୟତା ପଦ ମଧ୍ୟ ପୁନଃ ଅବସ୍ଥାପିତ ହେବ। ସେହିପରି ସଂସଦକୁ ରାହୁଲଙ୍କ ଫେରିବାକୁ ନେଇ ଜମ୍ମୁ ଓ କଶ୍ମୀର ନ୍ୟାଶନାଲ କନ୍‌ଫରେନ୍ସ ମୁଖ୍ୟ ଫାରୁକ୍ ଅବଦୁଲ୍ଲା କହିଛନ୍ତି, ଏହା ନିଶ୍ଚିତ ଭାବେ ଏକ ଭଲ କଥା। ସେ ଆହୁରି କହିଛନ୍ତି, ରାହୁଲ 'ଇଣ୍ଡିଆ'କୁ ଆହୁରି ସୁଦୃଢ଼ କରିବେ ଓ ଦେଶ ସମ୍ମୁଖୀନ ହେଉଥିବା ସମସ୍ୟାକୁ ହଟାଇବାରେ ସହାୟକ ହେବେ।

କଂଗ୍ରେସ ପକ୍ଷରୁ କୁହାଯାଇଛି, ଅନାସ୍ଥା ପ୍ରସ୍ତାବ ଉପରେ ହେବାକୁ ଥିବା ବିତର୍କରେ ରାହୁଲ ମୁଖ୍ୟ ବକ୍ତା ହେବେ। ତାଙ୍କ ଲୋକ ସଭା ସଦସ୍ୟ ପଦ ପୁନଃ ଅବସ୍ଥାପିତ ହେବା ପରେ ସେ ଟୁଇଟରରେ ରହିଥିବା ନିଜସ୍ୱ ପରିଚୟ ବିବରଣୀରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। 'ଡିସ୍‌କ୍ୱାଲିଫାଏଡ୍ ଏମ୍‌ପି' ସ୍ଥାନରେ ସେ 'ମେମ୍ବର ଅଫ୍ ପାର୍ଲାମେଣ୍ଟ' ଲେଖିଛନ୍ତି।

ସୂଚନାଯୋଗ୍ୟ, ଗୁଜରାଟର ଏକ କୋର୍ଟ ଗତ ମାର୍ଚ୍ଚରେ ମାନହାନି ମାମଲାରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କ ଲୋକ ସଭା ସଦସ୍ୟ ପଦ ଆପେ ରଦ୍ଦ ହୋଇଥିଲା। ସୁପ୍ରିମକୋର୍ଟ ଗତ ଶୁକ୍ରବାର ଉକ୍ତ ଦଣ୍ଡାଦେଶ ଉପରେ ରହିତାଦେଶ ଦେବା ପରେ ସେ ତାଙ୍କ ସଦସ୍ୟ ପଦ ଫେରିପାଇଥିଲେ। ଫଳରେ ସେ ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବା ପଥ ସୁଗମ ହୋଇଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୧୯ ସାଧାରଣ ନିର୍ବାଚନ ସମୟରେ ଏକ ଜନସଭାକୁ ସମ୍ବୋଧନ କରିବା ବେଳେ ରାହୁଲ କହିଥିଲେ–'କାହିଁକି ଏମିତି ହୁଏ ଯେ ସବୁ ଚୋର ମୋଦି ସାଙ୍ଗିଆଧାରୀ'। କଂଗ୍ରେସ ନେତାଙ୍କ ଏଭଳି ମନ୍ତବ୍ୟ ପରେ ଗୁଜରାଟର ସୁରଟ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ରାୟର ୨୪ ଘଣ୍ଟା ମଧ୍ୟରେ ତାଙ୍କ ସଦସ୍ୟ ପଦ ରଦ୍ଦ ହୋଇଯାଇଥିଲା। ସେ ଏହା ବିରୋଧରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେହି ଦଣ୍ଡକୁ ବଳବତ୍ତର ରଖିବାରୁ ରାହୁଲ ସୁପ୍ରିମକୋର୍ଟ ଯାଇଥିଲେ।

## ବିଦ୍ୟୁତ୍ ବିଲ୍ ଅଧିକ...

ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରର ଜଣଙ୍କୁ ଚାକିରି ଦାବିରେ ମିଟର ରିଡିଂ କର୍ମଚାରୀମାନେ ଭଞ୍ଜନଗର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପ୍ରକାଶ ଯେ, ଲକ୍ଷ୍ମୀନାରାୟଣ ୨୨ବର୍ଷ ହେବ ଗାଲେରୀ ଅଞ୍ଚଳରେ ମିଟର ରିଡିଂ କାମ କରୁଥିଲେ। ସୋମବାର ସେ କୁପାଟି ଗ୍ରାମକୁ ରିଡିଂ ନେବାକୁ ଯାଇଥିଲେ। ଗ୍ରାମର କିଛି ବ୍ୟକ୍ତିଙ୍କ ରିଡିଂ ନେବା ପରେ ଗୋବିନ୍ଦଙ୍କ ଘରକୁ ରିଡିଂ ନେବାକୁ ଯାଇଥିଲେ। ଗୋବିନ୍ଦ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରଙ୍କ ଯୋଜନା ଅନୁଯାୟୀ ବିଦ୍ୟୁତ ସଂଯୋଗ ଦିଆଯାଇଛି। ହେଲେ ଗତ ଜାନୁୟାରୀ ମାସରେ ତାଙ୍କର ୨୫ଟଙ୍କା ୯୨ପଇସା ବିଲ୍ ଆସିଥିବାବେଳେ ଫେବୃୟାରୀରେ ୨୬ଟଙ୍କା ୭୬ପଇସା, ମାର୍ଚ୍ଚରେ ୮୨ଟଙ୍କା ୭୬ପଇସା, ଏପ୍ରିଲ୍‌ରେ ୨୧୫ଟଙ୍କା ୮ପଇସା, ମେ ମାସରେ ୧୦୭ଟଙ୍କା ୪ ପଇସା ଏବଂ ଜୁନ୍‌ରେ ୧୫୪ଟଙ୍କା ୬୦ ପଇସା ବିଲ୍ ଆସିଥିଲା। ତେଣୁ ବିଲ୍ କାହିଁକି ଅଧିକ ଆସୁଛି ବୋଲି ଗୋବିନ୍ଦ ପଚାରିଥିଲେ। ଏହାର ଉତ୍ତରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଚାର ବୋଲି ଲକ୍ଷ୍ମୀନାରାୟଣ ଉତ୍ତର ଦେଇଥିଲେ। ଏଥିରେ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ କାତିରେ ଲକ୍ଷ୍ମୀଙ୍କ ବେକ ଓ ବାମ ହାତକୁ ବାରମ୍ବାର ଚୋଟ ପକାଇ ଚାଲିଥିଲେ। ଘଟଣାସ୍ଥଳରେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହା ଦେଖି ଗ୍ରାମର କିଛି ଲୋକ ଭୟରେ ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ଗୋବିନ୍ଦ ଘରେ ଏକାକୀ ଥିବାବେଳେ ଗ୍ରାମବାସୀ ପହଞ୍ଚି ତାଙ୍କୁ କାବୁ କରିବାକୁ ଚେଷ୍ଟା କରିବାରୁ ସେମାନଙ୍କୁ ଗୋବିନ୍ଦ ଆକ୍ରମଣ ପାଇଁ ଗୋଡ଼ାଇଥିଲେ। ଏହି ସମୟରେ ରିଙ୍କୁ ନାୟକ ଆହତ ହୋଇଥିଲେ। ପରେ ଲୋକେ ଗୋବିନ୍ଦଙ୍କୁ କାବୁକରି ନିସ୍ତୁକ ମାଡ଼ ଦେଇଥିଲେ। ପୋଲିସ ପହଞ୍ଚି ଗୋବିନ୍ଦ ଏବଂ ରିଙ୍କୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିଲା।



ଲକ୍ଷ୍ମୀନାରାୟଣ ତ୍ରିପାଠୀ (ଫାଇଲ ଫଟୋ)

ଏହି ଘଟଣା ପରେ ମିଟର ରିଡିଂ ସଂଘ ପକ୍ଷରୁ ଲକ୍ଷ୍ମୀନାରାୟଣଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ପରିବାରର ଜଣଙ୍କୁ ଚାକିରି ସହ କର୍ମଚାରୀମାନଙ୍କ ସୁରକ୍ଷା ଦାବି କରି ଘଟଣାସ୍ଥଳରୁ ମୃତଦେହ ଛାଡ଼ି ନ ଥିଲେ। ଅପରାହ୍ନ ୫ଟାରେ ଭଞ୍ଜନଗର ଏସ୍‌ଡିପିଓ ବିଶ୍ୱମିତ୍ର ହରପଲ୍ ପହଞ୍ଚି ଉତ୍ତକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡ଼ିଥିଲେ। ପରେ ମିଟର ରିଡିଂ କର୍ମଚାରୀମାନେ ଭଞ୍ଜନଗର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ଅଛି। ଟାଟା ପାୱାର ଅଧିକାରୀମାନେ ଘଟଣାସ୍ଥଳକୁ ନ ଯିବାକୁ ନେଇ ମିଟର ରିଡର ସଂଘ କର୍ମଚାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଟାଟା ପାୱାର ବିଦ୍ୟୁତ ମରାମତି, ମିଟର ରିଡିଂ, ବକେୟା ଆଦାୟ ପ୍ରମୁଖ କାର୍ଯ୍ୟ ଲାଗି ବିଭିନ୍ନ ଠିକା କମ୍ପାନୀକୁ ଦାୟିତ୍ୱ ଦେଇଛି। ତେଣୁ ଉକ୍ତ ଠିକା କମ୍ପାନୀଗୁଡ଼ିକ କର୍ମଚାରୀ ରଖି କାର୍ଯ୍ୟ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ଖାରବେଳ ଭବନ ପରିସରରେ ସ୍କିଲ୍ଡ ଇନ୍ ଓଡ଼ିଶା ପ୍ରଦର୍ଶନୀକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଉଦ୍‌ଘାଟନ କରୁଛନ୍ତି।

# ସ୍କିଲ୍ଡ ଇନ୍ ଓଡ଼ିଶା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୮(ଅସମାପିକା ସାହୁ)

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଖାରବେଳ ଭବନ ପରିସରରେ ସ୍କିଲ୍ଡ ଇନ୍ ଓଡ଼ିଶା ପ୍ରଦର୍ଶନୀ 'ବର୍ଜ୍ୟବସ୍ତୁରୁ ସମ୍ପଦ' ଆରମ୍ଭ ହୋଇଛି। ସୋମବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ବ୍ୟବସ୍ଥା ରହିଛି। ଏହି ଅବସରରେ ଅସିତ ତ୍ରିପାଠୀ କହିଲେ, ଆଇଟିଆଇ ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱୀକୃତି ଏବଂ ଆୟ ସୃଷ୍ଟିର ସୁଯୋଗ ପ୍ରଦାନ କରିବା ପାଇଁ ଏପରି କାର୍ଯ୍ୟକ୍ରମକୁ ସାରା ରାଜ୍ୟରେ ବ୍ୟାପକ କରିବାକୁ ଯୋଜନା କରାଯାଉଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ସ୍କିଲ୍-ଇନ୍-ଓଡ଼ିଶା ବ୍ରାଣ୍ଡକୁ ଲୋକପ୍ରିୟ କରିବା ଓ ପ୍ରଯୁକ୍ତି ବିଦ୍ୟା ଯୋଗାଇବା। ଏହି ସ୍ୱୀକୃତିପ୍ରାପ୍ତ ବ୍ରାଣ୍ଡର ସ୍ଥିତିକୁ ମଜଭୁତ କରିବା ପାଇଁ ଆଉଟ୍‌ଲେଟ୍‌ଗୁଡ଼ିକୁ ବୃଦ୍ଧି କରାଯାଉ ବୋଲି ସେ କହିଥିଲେ। ସ୍କିଲ୍ଡ-ଇନ୍-ଓଡ଼ିଶା ହେଉଛି ଏକ ପରିବର୍ତ୍ତନଶୀଳ ଯାତ୍ରା, ଯାହା ରାଜ୍ୟରେ ଯୁବ ସାମର୍ଥ୍ୟକୁ ବ୍ୟବହାର କରୁଛି ବୋଲି ପ୍ରମୁଖ ଶାସନ ସଚିବ ପାଢ଼ୀ କହିଥିଲେ। ଏହି ପ୍ରଦର୍ଶନୀରେ ବର୍ଜ୍ୟବସ୍ତୁ ଯଥା ଗାଡ଼ି, ମୋଟର ସାଇକେଲ ଓ ସାଇକେଲ ଯନ୍ତ୍ରାଂଶ ବଲ୍, ବିୟରିଙ୍ଗ, ଚେନ୍ କ୍ରାଙ୍କ, ନଟ୍‌ବୋଲ୍ଟ, କମ୍ପ୍ୟୁଟର କି ବୋର୍ଡ ଆଦିରୁ ତିଆରି ଗାନ୍ଧିଜୀ, ସୁଭାଷ ଚନ୍ଦ୍ର ବୋଷଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି, ଘୋଡ଼ା, ପେଙ୍ଗୁଇନ୍ ଓ ମାଛ ଭଳି ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରଦର୍ଶିତ କରାଯାଇଛି। ଆଇଟିଆଇ ଛାତ୍ରୀଛାତ୍ରମାନେ ସୁନ୍ଦର, ନିଖୁଣ ଓ ଆକର୍ଷଣୀୟ କାଠ ଓ ହସ୍ତତନ୍ତ ଉତ୍ପାଦ, ଘର ସାଜସଜ୍ଜା, ଅଫିସ୍ ଷ୍ଟେସନାରୀ, ଚିତ୍ରକଳା ଏବଂ ବେକେରି ଭଳି ବିଭିନ୍ନ ସାମଗ୍ରୀ ତିଆରି କରି ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ରୂପାନ୍ତରଣ ଲାଗି ୧୫.୫୮ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୭।୮(ସୁନିତ୍ ମିଶ୍ର)

ବାଲେଶ୍ୱରର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ଉନ୍ନତୀକରଣ, ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ। ୫-ଟି ଉପକ୍ରମରେ ସମଗ୍ର ପୀଠର ରୂପାନ୍ତରଣ ହେବ। ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୧୫ କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବାଲେଶ୍ୱର ଗସ୍ତ କରି ପଞ୍ଚଲିଙ୍ଗେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରର ସେବାୟତ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା ପରେ ଏହାର ରୂପାନ୍ତରଣ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ଦିରର ରୂପାନ୍ତରଣ ପାଇଁ ହୋଇଥିବା ମାଷ୍ଟରପ୍ଲାନ ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକଳ୍ପକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇ ବିକଶିତ କରାଯିବ। ଏହି ଜୋନ୍‌ଗୁଡ଼ିକ ହେଲା–ବଡମ୍ବା ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଓ ଜଳପ୍ରପାତ ଅଞ୍ଚଳ, ସପିଂ କମ୍ପ୍ଲେକ୍ସ ଓ ପାର୍କ ଏବଂ ପାନ୍ଥଶାଳା ଅଞ୍ଚଳ। ଜୋନ୍-୧ ବଡମ୍ବା ମନ୍ଦିରରେ ଭକ୍ତମାନଙ୍କ ପାଇଁ ଅଧିକ ସୁବିଧା କରାଯାଇ ପଥର ପାହାଚ, ବେଞ୍ଚ, ୱାଚ ଟାୱାର, ବସିବା ସ୍ଥାନ, ଗ୍ରାନାଇଟର ଚଲାପଥ ଆଦି ବିକଶିତ କରାଯିବ। ଜୋନ୍-୨ରେ ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଓ ଜଳପ୍ରପାତ ଅଞ୍ଚଳ ବିକଶିତ କରାଯିବ। ମନ୍ଦିରର ବେସ୍ ଏରିଆର ପୁନର୍ବିକାଶ ସହିତ ଗୁମ୍ଫା ଓ ଯଜ୍ଞ ମଣ୍ଡପକୁ ପ୍ରବେଶ ପଥ ନିର୍ମାଣ କରାଯିବ। ପୂଜାର୍ଚ୍ଚନା ସ୍ଥାନର ପରିବର୍ଦ୍ଧନ କରାଯାଇ ସୌନ୍ଦର୍ଯ୍ୟକରଣ କାମ କରାଯିବ। ଏହାଛଡା ଅତିରିକ୍ତ ଶୌଚାଳୟ ଓ ଚେଞ୍ଜିଂ ରୁମ୍ ମଧ୍ୟ ନିର୍ମାଣ କରାଯିବ। ଜୋନ୍-୩ ରେ ସପିଂ କମ୍ପ୍ଲେକ୍ସ ନିର୍ମାଣ କରାଯିବ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପାର୍କ ସହ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ। ଜୋନ୍-୪ରେ ପାନ୍ଥଶାଳା ଅଞ୍ଚଳରେ ଗାଡିମୋଟର ପାର୍କିଂ ତଥା ପିକ୍‌ନିକ୍ ପାଇଁ ପିଣ୍ଡିର ବ୍ୟବସ୍ଥା ମଧ୍ୟ ହେବ। ଏଠାରେ ଫୁଡକୋର୍ଟ, ଜଳକ୍ରୀଡ଼ା ଓ ପିଲାମାନଙ୍କ ଖେଳ ପାଇଁ ସୁବିଧା ରହିବ। ପଞ୍ଚଲିଙ୍ଗେଶ୍ୱର ମନ୍ଦିର ରାଜ୍ୟର ଏକ ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନସ୍ଥଳୀ। ଜଙ୍ଗଲ, ପାହାଡ, ଜଳପ୍ରପାତ ଆଦିର ମନୋରମ ପରିବେଶ ମନ୍ଦିର ପରିସରକୁ ଅଧିକ ଆକର୍ଷଣୀୟ କରି ଗଢିତୋଳିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଶତାଧିକ ପର୍ଯ୍ୟଟକ ଏ ପୀଠକୁ ଆସି ଆଧ୍ୟାତ୍ମିକ ତଥା ମାନସିକ ଶାନ୍ତି ଲାଭ କରିଥାନ୍ତି। ଏ ପୀଠର ବିକାଶ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଅବସର ନେଲେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର

କଟକ,୭।୮(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରୁ ଡ. ଏସ୍. ମୁରଲୀଧର ସୋମବାର ଅବସର ଗ୍ରହଣ କରିଛନ୍ତି। ଓଡ଼ିଶା ତଥା ଦେଶର ନ୍ୟାୟିକ ବ୍ୟବସ୍ଥାରେ ସେ ଏକ ଆନ୍ଦୋଳନ ସୃଷ୍ଟି କରିଥିବାବେଳେ ତାଙ୍କ କାର୍ଯ୍ୟକାଳ ସମୟରେ ଓଡ଼ିଶା ହାଇକୋର୍ଟ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିପାରିଛି। ପ୍ରଥମଥର ପାଇଁ ହାଇକୋର୍ଟ ସମେତ ଜିଲା କୋର୍ଟଗୁଡ଼ିକରେ ପେପରଲେସ୍ କୋର୍ଟ ପ୍ରଚଳନ କରିବା ତାଙ୍କ ଦୂରଦର୍ଶିତାର ଏକ ପ୍ରମୁଖ ଦିଗ। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ପ୍ରଥମ ପେପରଲେସ୍ କୋର୍ଟ ହେବାପରେ ଅନ୍ୟ କେତେକ ଖଣ୍ଡପୀଠକୁ ମଧ୍ୟ ପେପରଲେସ୍ କରାଯାଇଛି। ଭର୍ଚୁଆଲ କୋର୍ଟ ପ୍ରତିଷ୍ଠା ତାଙ୍କର ଅନ୍ୟତମ ପ୍ରଚେଷ୍ଟା। ତାଙ୍କ ଉଦ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ଟି ଭର୍ଚୁଆଲ ହାଇକୋର୍ଟ ପ୍ରତିଷ୍ଠା ହୋଇଛି। ଓଡ଼ିଶାର ନ୍ୟାୟିକ ଇତିହାସ ଓ ଐତିହ୍ୟକୁ ସଂରକ୍ଷଣ କରିବାରେ ମ୍ୟୁଜିୟମ ଅଫ୍ ଜଷ୍ଟିସ୍ ପ୍ରତିଷ୍ଠା ଭଳି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସାର ପାତ୍ର ହୋଇଛନ୍ତି। ହାଇକୋର୍ଟ ପକ୍ଷରୁ ରେକର୍ଡ ସଂରକ୍ଷଣ ପାଇଁ ରେକର୍ଡ ଡିଜିଟାଇଜେସନ ସେଣ୍ଟର ସ୍ଥାପନ କରାଯାଇଛି। ୨୦୨୧ ଏପ୍ରିଲ ୫ରେ ଇ-ଫାଇଲିଂ ୱେବ ପୋର୍ଟାଲ ଆରମ୍ଭ କରାଯାଇଥିଲା।



ଜଷ୍ଟିସ୍ ଏସ୍. ମୁରଲୀଧର

ଏପରିକି ନ୍ୟାୟିକ ବ୍ୟବସ୍ଥାକୁ ସହଜ କରିବା ଉଦ୍ଦେଶ୍ୟରେ ଡ. ମୁରଲୀଧର ଅବସର ନେବା ଦିନରେ ସୋମବାର ୱାରେଣ୍ଟ ପରିଚାଳନା ବ୍ୟବସ୍ଥା ଏବଂ ପିଆଇଏଲ ପୋର୍ଟାଲ ନୂତନ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ୨୦୨୧ ଜାନୁଆରୀ ୪ରେ ସେ ଓଡ଼ିଶା ହାଇକୋର୍ଟର ୩୨ତମ ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ଏଥିସହ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ହେଉଥିବା ମାମଲା ଶୁଣାଣିର ସିଧା ପ୍ରସାରଣ ହାଇକୋର୍ଟଙ୍କ ଅଫିସିଆଲ ୟୁଟ୍ୟୁବ ଚାନେଲରେ ୨୦୨୧ ଅଗଷ୍ଟ ୨ରୁ ଆରମ୍ଭ ହୋଇଥିଲା। ୧୯୮୪ରେ ସେ ଚେନ୍ନାଇରେ ଓକିଲାତି ଆରମ୍ଭ କରିଥିଲେ। ପରେ ୧୯୮୭ରେ ସେ ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟାରମ୍ଭ କରିଥିଲେ।

## ରତ୍ନଭଣ୍ଡାର ତୁରନ୍ତ...

ଲିଖିତ ଭାବେ ଜଣାଇଥିଲା। ତଥାପି ଭିତର ରତ୍ନଭଣ୍ଡାର ମରାମତି ଲାଗି ତତ୍ପରତା ପ୍ରକାଶ ପାଉନାହିଁ। ଶ୍ରୀମନ୍ଦିରର ସୁରକ୍ଷା, ନିରାପତ୍ତା ଏବଂ ସ୍ଥାପତ୍ୟ ସଂରକ୍ଷଣ ଦୃଷ୍ଟିରୁ ଅବିଳମ୍ବେ ରତ୍ନଭଣ୍ଡାର ଖୋଲି ଯାଞ୍ଚ କରିବାକୁ ଅନୁମତି ଦିଆଯାଉ ବୋଲି ଏସ୍‌ଆଇ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଛି। ରାଜ୍ୟ ଭାଜପାର ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଦାଏର ରିଟ୍ ପିଟିଶନର ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଏଏସ୍‌ଆଇର ଯାନ୍ତ୍ରିକ କମିଟି ଓ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଏବଂ ତତ୍କାଳୀନ ରାଜ୍ୟପାଳ ଭଗବତ ଦୟାଳ ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ୯ଜଣିଆ କମିଟିର ରିପୋର୍ଟକୁ ଆଧାର କରି ଯୁକ୍ତି ବାଢ଼ିଥିଲେ। ୪୫ ବର୍ଷ ଧରି ରତ୍ନଭଣ୍ଡାରର ଅଳଙ୍କାର ଗଣତି କରାଯାଇ ନାହିଁ। ରତ୍ନଭଣ୍ଡାର ସୁରକ୍ଷିତ କି ନୁହେଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଳଙ୍କାର ଗଣତି କରାଯିବା ସହ ବିପଦସଙ୍କୁଳ ଅବସ୍ଥାରେ ଥିବା ରତ୍ନଭଣ୍ଡାର ତୁରନ୍ତ ଖୋଲି ମରାମତି କରାଯିବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ପ୍ରତିପକ୍ଷ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା, ଏଏସ୍‌ଆଇ ଡିଜି ଏବଂ ଅଧୀକ୍ଷକଙ୍କୁ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ। ଗୃହସଜ୍ଜା ଉପକରଣ କ୍ରୟ କରିପାରନ୍ତି। ମନ ବିଚଳିତ ରହିବ।

**ବୃଷ** – ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅତୀତ ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ମିଥୁନ** – ଆଜି ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିବେ।

**କର୍କଟ** – ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷାପରାୟଣ ମନୋଭାବ ପୋଷଣ କରି ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବା ସମ୍ଭାବନା ରହିଛି ।

**ସିଂହ** – ଆକସ୍ମିକ ଭାବରେ ଧନ ଓ ସମ୍ମାନ ପାଇବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଲକ୍ଷ୍ୟହୀନ ଯାତ୍ରାରୁ ନିବୃତ୍ତ ରହିଲେ ଭଲ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା** – ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅନିଦ୍ରା ହେତୁକ ଜ୍ୱର ଓ ବାନ୍ତି ଦେଖାଦେଇପାରେ। ଅଯଥା ପାରିବାରିକ ଖର୍ଚ୍ଚାନ୍ତରୁ ବିଚଳିତ ବୋଧ କରିବେ।

**ତୁଳା** – ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। କଚେରି ମାମଲା ମନ୍ଥର ହୋଇପାରେ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ବିଛା** – ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ , ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଯାନବାହନ ଚଳାଚଳରେ ସତର୍କତା ଅବଲମ୍ବନ କରନ୍ତୁ। ପୁରୁଣା ରୋଗପୀଡ଼ା ବଢ଼ିଯାଇପାରେ।

**ଧନୁ** – କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅଭାବ ନ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର** – କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପାଖପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** – ବ୍ୟସ୍ତ ହୁଅନ୍ତୁ ନାହିଁ, ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ମାଲିମକଦ୍ଦମା, ବ୍ୟବସାୟ, କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ପାଇବେ।

**ମୀନ** – ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କଲେ ଅବଶ୍ୟ ସୁଫଳ ପାଇବେ। ସ୍ୱାସ୍ଥ୍ୟ କିଛି ମାତ୍ରାରେ ବିଗିଡ଼ିପାରେ।

ଆଜି ଶ୍ରାବଣ(ମଳ) କୃଷ୍ଣପକ୍ଷ ଅଷ୍ଟମୀ ମଙ୍ଗଳବାର, ଅଗଷ୍ଟ ୮ ତାରିଖ। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮।୪୦ ଗତେ, ଘ.୧୦।୪୫ ମଧ୍ୟେ, ଦିବା ଘ.୦୧।୦୯ ଗତେ, ଘ.୦୧।୨୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୦୪ ଗତେ, ଘ. ୦୪।୪୦ ମଧ୍ୟେ ରାହୁକାଳ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜି, କୁର୍ଦ୍ଦାଙ୍ଗ, ରଘୁନାଥପୁର

# ଯୁବପିଢ଼ି ବିବେକାନୁମୋଦିତ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ






ରଘୁନାଥପୁର ବ୍ଲକ କୁର୍ଦ୍ଦାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିରେ ସୋମବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ମୁଖ୍ୟ ଅତିଥି ତଥା କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି(ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜଗତସିଂହପୁର, ୭।୮
(ପ୍ରମୋଦ କୁମାର ନାୟକ)

ଗଣମାଧ୍ୟମଠାରୁ ସାମ୍ବାଦିକତାର ମହତ୍ତ୍ୱ ଶିଖିବାର ଅଛି, ଯାହା ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀଙ୍କ ନିର୍ଭୀକତା ଓ ସ୍ପଷ୍ଟବାଦିତାରୁ ସ୍ପଷ୍ଟ ଅନୁମେୟ। ତାଙ୍କ ସମ୍ପାଦକୀୟ ଅନେକ ସମୟରେ ଓଡ଼ିଶାରେ ହଟଚମଟ ସୃଷ୍ଟି କରିଥାଏ। ସ୍ପଷ୍ଟ କଥା ଉଲ୍ଲେଖ କରିବାରେ ସେ ଆଦୌ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ତେଣୁ ତାଙ୍କୁ ଅନୁକରଣ କରିବା ଉଚିତ। ଯୁବଗୋଷ୍ଠୀ ହେଉଛନ୍ତି ଗଣତନ୍ତ୍ରର ପ୍ରମୁଖ ଅଂଶ। ଗଣତନ୍ତ୍ରକୁ କେବଳ ବଞ୍ଚାଇବା ନୁହେଁ, ସୁଦୃଢ଼ କରିବାକୁ ହେଲେ ଯୁବଗୋଷ୍ଠୀ ଇନ୍ଦ୍ରିୟ ଅନୁମୋଦିତ ନ ହୋଇ ବିବେକାନୁମୋଦିତ ହେବା ଜରୁରୀ। ଅର୍ଥାତ୍ ବିବେକ ଅନୁସାରେ କାର୍ଯ୍ୟ କଲେ ସମାଜରେ ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠା ହୋଇପାରିବ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କୁର୍ଦ୍ଦାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ସୋମବାର ଏହା କହିଛନ୍ତି। ଏହି ଶିକ୍ଷାନୁଷ୍ଠାନ ପରିସରରେ ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ,ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ମହାନ୍ତି କହିଛନ୍ତି, ଆମେ ପ୍ରତ୍ୟେକ ଯାହା ଉଚିତ ତାହା କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। କୌଣସି ଚାପ ଯଥା ଏକଚ୍ଛତ୍ର ଶାସକ, ତ୍ରୁଟିପୂର୍ଣ୍ଣ ଶାସନ ବ୍ୟବସ୍ଥା କିମ୍ବା ପ୍ରଭାବଶାଳୀ କଳଙ୍କିତ ବ୍ୟକ୍ତିଙ୍କ ପାଖରେ ମୁଣ୍ଡ ନୁଆଁଇଦେଲେ ଗଣତନ୍ତ୍ର ତିଷ୍ଠିପାରିବ ନାହିଁ। ଏହାକୁ ସଶକ୍ତ କରିବାକୁ ହେଲେ ପ୍ରତ୍ୟେକ ବିଶେଷକରି ଯୁବପିଢ଼ି ଓ ଗଣମାଧ୍ୟମ ସକ୍ରିୟ ହେବାକୁ ପଡ଼ିବ। ଦୀର୍ଘ ବର୍ଷର ପରାଧୀନତା ପରେ ଯେଉଁ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ ତାକୁ କୌଣସି ପରିସ୍ଥିତିରେ ଦୁର୍ବଳ କରିବାକୁ ଦେବାନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ବିଚାରକ ଭାବେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ ସମ୍ପ୍ରତି ଦେଖା ଦେଇଥିବା ଲାଞ୍ଚରୂପକ ବ୍ୟାଧିକୁ ନେଇ ଚିନ୍ତା ପ୍ରକଟ କରି କହିଛନ୍ତି, ଅନେକେ କିଛି ଟଙ୍କା ପାଇଁ ନିଜ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଦେଉଛନ୍ତି। ଏଭଳି ମାନସିକତା ଗଣତନ୍ତ୍ର ପାଇଁ ଅଶୁଭ। ଯୁବଗୋଷ୍ଠୀ ଦେଶର ଭବିଷ୍ୟତ। ସେମାନେ ସେମାନଙ୍କ ଭବିଷ୍ୟତ ପାଇଁ ଚିନ୍ତା କରିବାର ବେଳ ଆସିଛି। ଦୁର୍ନୀତିରୂପୀ ରାକ୍ଷସକୁ ଦମନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ବିଚାରକ ତଥା ବର୍ତ୍ତୀସ୍ଥିତ ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୀଷା ମିଶ୍ର ଗଣମାଧ୍ୟମ, ଯୁବପିଢ଼ି ଓ ଗଣତନ୍ତ୍ରକୁ ଏକ ତ୍ରିଭୁଜ ସହ ତୁଳନା କରିଛନ୍ତି। କିନ୍ତୁ ଗଣମାଧ୍ୟମର ସ୍ୱତନ୍ତ୍ରତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରସଙ୍ଗର ଗମ୍ଭୀରତା ବୁଝିବାକୁ ପରାମର୍ଶ ଦେବାକୁ ଯାଇ ସେ କହିଛନ୍ତି, ଏହାର ବିଭିନ୍ନ ଦିଗକୁ ସ୍ପର୍ଶ କରିବାକୁ ହେବ। ବିଶେଷକରି ବୈଜ୍ଞାନିକ, ସାମାଜିକ, ଦାର୍ଶନିକ ଓ ଧାର୍ମିକ ଦୃଷ୍ଟିକୋଣକୁ ବୁଝି ବକ୍ତବ୍ୟ ରଖିଲେ ତାହା ସାରଗର୍ଭକ ଏବଂ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି।

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଅନେକ ଉପାଦେୟ କଥା କହିଛନ୍ତି। ବାସ୍ତବିକ ଆମ ଦେଶରେ ଗଣତନ୍ତ୍ରକୁ ବ୍ୟକ୍ତିତନ୍ତ୍ରରେ ପରିଣତ ପାଇଁ ଅହରହ ପ୍ରଚେଷ୍ଟା ଚାଲିଛି। ନାଗରିକମାନେ ପ୍ରତି ମୁହୂର୍ତ୍ତରେ ନିଷ୍ପେଷିତ, ଅବହେଳିତ ଓ ଦୁର୍ନୀତିର ଶିକାର ହେଉଛନ୍ତି, ଯାହା ଆଗାମୀ ପିଢ଼ି ପାଇଁ ଶୁଭଙ୍କର ନୁହେଁ। ଗଣତନ୍ତ୍ରକୁ ଠିକ ବାଟରେ ନେବା ପାଇଁ ଗଣମାଧ୍ୟମର ଭୂମିକା କିଛି କମ୍ ନୁହେଁ। ଗଣତନ୍ତ୍ର ଯେତେବେଳେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବିପଦଗାମୀ ହୁଏ ସେତେବେଳେ ଗଣମାଧ୍ୟମ ମାର୍ଗଦର୍ଶନ ଦିଏ। କିନ୍ତୁ ବେଳେବେଳେ ଗଣମାଧ୍ୟମ ପଥଚ୍ୟୁତ ହୋଇଯାଉଛି, ଯାହା କେବଳ ଯୁବ ସମାଜ ନୁହେଁ ସମାଜ ଉପରେ ପଡୁଛି। ଗଣମାଧ୍ୟମ ଏ ଦିଗରେ ଦାୟିତ୍ୱବାନ୍ ହେବା ଉଚିତ। ଅନ୍ୟପଟେ ଯୁବ ସମାଜ ଭଲ ମଣିଷ ହେବା ଜରୁରୀ। ସମାଜରେ ଦେଖା ଦେଉଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ। ଯେଉଁମାନେ ଗଣତନ୍ତ୍ର କିମ୍ବା ଗଣମାଧ୍ୟମକୁ ପରିଚାଳନା କରୁଛନ୍ତି ସେମାନେ ସତ୍ୟବାଦୀ, ସତ୍ ଚରିତ୍ର ନ ହେଲେ ଦିନକୁ ଦିନ ପରିସ୍ଥିତି ବିଗିଡ଼ି ଚାଲିବ। କିନ୍ତୁ ଧରିତ୍ରୀ ତା'ର ନିରପେକ୍ଷତା ବଜାୟ ରଖିପାରିଥିବା ପ୍ରତିଯୋଗୀମାନେ ବକ୍ତବ୍ୟ ଦେଇଛନ୍ତି। ପ୍ରତିଯୋଗିତାରେ ମୋଟ ୨୧ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଯୁକ୍ତ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଦିବ୍ୟଶିଖା ବେହେରା ପ୍ରଥମ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ବିଶ୍ୱମିତ୍ରା ଭରଦ୍ୱାଜ ଦ୍ୱିତୀୟ ଏବଂ ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଦୀପ୍ତି ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ଉଦ୍‌ବୋଧନ ଓ ମଞ୍ଚ ପରିଚାଳନା କରିଥିଲେ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ। ଧନ୍ୟବାଦ ଦେଇଥିଲେ ରଘୁନାଥପୁର ପ୍ରତିନିଧି ରାଜେନ୍ଦ୍ର ନାରାୟଣ ସିଂ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି, ପ୍ରସାରଣ ବିଭାଗର ବିଜୟ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା କୁମୁଦିନୀ ଦ୍ୱିବେଦୀ, ଅଧ୍ୟାପକ କମଳଲୋଚନ ଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁ ଓ ଅଜିତ କୁମାର ଭୂୟାଁଙ୍କ ସମେତ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...

### ଗଣମାଧ୍ୟମ ଦ୍ୱାରା ସଚେତନ ହେଉଛୁ



ଆମ ସମ୍ବିଧାନରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ସମସ୍ତ ପୁରୁଷ ଓ ନାରୀଙ୍କୁ ସମାନତା, ସ୍ୱତନ୍ତ୍ରତା, ନ୍ୟାୟ ଦିଆଯିବା ବ୍ୟବସ୍ଥା ଅଛି। କିନ୍ତୁ ଗଣତନ୍ତ୍ରର ଦ୍ୱାହି ଦେଇ ଅନେକ ପୁରୁଷାନୁମୋଦିତ କାର୍ଯ୍ୟ କରୁଛନ୍ତି, ଯାହା ହେବା ଅନୁଚିତ। ଅନ୍ୟପଟେ ଗଣମାଧ୍ୟମ ଜରିଆରେ ଦେଶବିଦେଶର ଖବର ସହଜରେ ଜାଣିପାରୁଛେ। ଏହାଦ୍ୱାରା ଆମେ ସଚେତନ ରହିବା ସହ ନିଜର ଦାୟିତ୍ୱ ସମ୍ପାଦନ ପାଇଁ ପ୍ରେରଣା ପାଉଛେ। ଯୁବପିଢ଼ି ଗଣତନ୍ତ୍ରର ସୁରକ୍ଷା ପାଇଁ ଆଗେଇ ଆସିବା ଉଚିତ୍। ମହାପୁରୁଷମାନଙ୍କ ବାଣୀକୁ ପାଳନ କଲେ ଦେଶ ବଦଳିଯିବ।

- ଦିବ୍ୟଶିଖା ବେହେରା, ଯୁକ୍ତ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ

### କର୍ତ୍ତବ୍ୟନିଷ୍ଠ ହେଲେ ପରିବର୍ତ୍ତନ ଆସିପାରିବ



ସମାଜରେ ଭଲ ମଣିଷଟିଏ ମିଳିବା କଷ୍ଟକର ହେଲାଣି। ତେଣୁ ଯୁବପିଢ଼ି ଏବେଠାରୁ ସଚେତନ ହୋଇ ନିଜକୁ ପ୍ରସ୍ତୁତ କରି ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ। ଗଣମାଧ୍ୟମ, ଗଣତନ୍ତ୍ର କେବଳ ଗୋଟିଏ ଗୋଟିଏ ନାମକୁ ମାତ୍ର ଶବ୍ଦ। ଏହାକୁ ପରିଚାଳନା କରୁଥିବା ବ୍ୟକ୍ତି ଭଲ ହେବା ଉଚିତ। ମୂଲ୍ୟବାନ ସମୟ ନଷ୍ଟ ନ କରି କର୍ତ୍ତବ୍ୟନିଷ୍ଠ ହେଲେ ସମାଜରେ ପରିବର୍ତ୍ତନ ଆସିପାରିବ।

- ବିଶ୍ୱମିତ୍ରା ଭରଦ୍ୱାଜ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ

### ଧରିତ୍ରୀର ପଦକ୍ଷେପ ସ୍ୱାଗତଯୋଗ୍ୟ



ଧରିତ୍ରୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଭଳି ପ୍ରତିଯୋଗିତା ଦ୍ୱାରା ଯୁବପିଢ଼ି ସମାଜ ଗଠନରେ ସହାୟକ ହୋଇପାରିବେ। ସେମାନେ ନିଜର ଦାୟିତ୍ୱ ବିଷୟରେ ସଚେତନ ରହିବା ସହ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସଂଗ୍ରାମ କରିବାକୁ ଆଗେଇ ଆସିବେ।

- ଦୀପ୍ତି ମହାନ୍ତି, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଆଫିଆ କମର


ଅମ୍ବର ମୁନାଜା


ଅମ୍ରିନ୍ ଅଲ୍ଲୀ


ଜୟଶ୍ରୀ ସାହୁ


ମାରିୟା ଖାତୁନ୍


ମିଲିପ୍ରଭା ବେହେରା


ମୋନାଲି ମଧୁସ୍ମିତା ଖୁଣ୍ଟିଆ


ପ୍ରଭାତି ସିଂ


ପୂର୍ଣ୍ଣିମା ବାରିକ


ରୋଜାଲିନ ମଲ୍ଲିକ


ଶୈଖ ଶାହିନା ନାଜ୍


ସ୍ନିଗ୍ଧାରାଣୀ ଦାସ


ସୋନି ଦାସ


ଶୁଭଶ୍ରୀ ମହାନ୍ତି


ସୁଭସ୍ମିତା ସାହୁ


ସୁଧାଂଶୁବାଳା ସାହୁ


ସ୍ୱର୍ଣ୍ଣଲତା ନାୟକ


ତେଜସ୍ୱିନୀ ମଲ୍ଲିକ

# ମହିଳାଙ୍କ ହାତରେ ଓଡ଼ିଶା ପ୍ରଗତିର ଭବିଷ୍ୟତ

**ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତ ସାରି ଫେରିଲେ ୫-ଟି ସଚିବ**

- ମିଶନ ଶକ୍ତି ସଦସ୍ୟାଙ୍କୁ ଭେଟି ଉତ୍ସାହିତ କଲେ
- କଂଗ୍ରେସ ପକ୍ଷରୁ ୫-ଟି ସଚିବଙ୍କୁ ବିରୋଧ

ବଲାଙ୍ଗୀର, ୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତ କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। ସକାଳେ ବଲାଙ୍ଗୀର ସହରର ସମଲେଶ୍ୱରୀ ମନ୍ଦିର, କୋଶଳ କଳାମଣ୍ଡଳ, ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପରିଦର୍ଶନ ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ମିଶନ ଶକ୍ତି କର୍ମକର୍ତ୍ତାଙ୍କ ସହ ସେ ଆଲୋଚନା କରିଥିଲେ। ଏହା ସହିତ ଜନସାଧାରଣଙ୍କ ସହ ସାକ୍ଷାତ୍, ଲୋଇସିଂହା ବ୍ଲକ ଯୋଗୀସର୍ଡାଠାରେ ୫-ଟି ସ୍କୁଲ, ଶିବମନ୍ଦିର ପରିଦର୍ଶନ, ଲୋଇସିଂହା କଲେଜ ପଡିଆ ଓ ମୁରିବାହାଲ ବ୍ଲକ ଗୁରୁଣ୍ଡାଠାରେ ଜନ ଅଭିଯୋଗ ଶୁଣାଣି କରିଥିଲେ ପାଣ୍ଡିଆନ।




ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡ଼ିଆରେ କୃତୀ ଆଶା, ଅଙ୍ଗନୱାଡି କର୍ମୀ, କୃଷକ ଓ ମେଡିକାଲ ଛାତ୍ରଙ୍କ ଗହଣରେ ୫-ଟି ସଚିବ ଭିକେ ପାଣ୍ଡିଆନ୍।

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳପଡିଆରେ ମିଶନ ଶକ୍ତି କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ୫-ଟି ସଚିବ କହିଥିଲେ ଯେ, ଓଡିଶା ପ୍ରଗତିର ଭବିଷ୍ୟତ ମହିଳାମାନଙ୍କ ହାତରେ ରହିଛି। ୨୦୦୧ ମସିହାରେ ମିଶନ ଶକ୍ତି ଗଠନ ବେଳେ ଯେଉଁ ମହିଳାମାନେ ସାମିଲ ହେଲେ ସେମାନେ ୧୦ ଟଙ୍କା ଲେଖାଏ ସଞ୍ଚୟ କରି ଏବଂ ହାତମୁଠା ଚାଉଳ ସଂଗ୍ରହ କରି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରିଥିଲେ। ଆଜି ରାଜ୍ୟରେ ୩ ଲକ୍ଷ ୫୦ ହଜାର ଏସ୍‌ଏଚ୍‌ଜି ରହିଛି। ଦିନେ ହାତମୁଠାରେ ଚାଉଳ ସଂଗ୍ରହ କରୁଥିବା ମହିଳାମାନେ ରାଜ୍ୟର ଗୋଟିଏ ବର୍ଷରେ ୧୧ ହଜାର କୋଟି ଋଣ ନେଉଛନ୍ତି। ଏହି ମହିଳାମାନେ ବିକଶିତ ଓଡ଼ିଶା କରିବାରେ ସହାୟକ ହେଉଛନ୍ତି। ବଲାଙ୍ଗୀରରେ ମିଶନ ଶକ୍ତିର ମହିଳାମାନେ ମିଶନ ଶକ୍ତି ହୋଟେଲ, ପାନ୍ଥନିବାସ, ସ୍କୁଲ, ହଷ୍ଟେଲ, ବସ୍ ଚଳାଉଛନ୍ତି। ଆଗକୁ ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ସି ଅଭିଯାନ ଲକ୍ଷ୍ୟ ରଖାଯାଇଛି। ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ସ୍ୱପ୍ନର ପ୍ରକଳ୍ପ। ଆଶା, ଅଙ୍ଗନୱାଡି କର୍ମୀଙ୍କ ଦରମା ବାବଦରେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଖୁସି ଖବର ଶୁଣାଇବେ ବୋଲି କହିଥିଲେ। ସେଠାରେ ସେ କିଛି କୃତୀ ଛାତ୍ର, କୃଷକ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଭେଟି ପ୍ରଶଂସା କରିଥିଲେ।

ସକାଳ ସାଢ଼େ ୭ଟାରେ ୫-ଟି ସଚିବ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନରେ ଯାଇଥିଲେ। ପାଟଣା ହୋଟେଲ ଛକଠାରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ୫-ଟି ସଚିବଙ୍କୁ ବିରୋଧ କରିବାକୁ ରୁଣ୍ଡ ହୋଇଥିଲେ। ଏହି ସୂଚନା ପାଇବା ପରେ ରୁଟ୍ ପରିବର୍ତ୍ତନ କରାଯାଇ ତାଙ୍କୁ ଅନ୍ୟ ରାସ୍ତାରେ ସମଲେଶ୍ୱରୀ ମନ୍ଦିର ନିଆଯାଇଥିଲା।

**Government of Odisha**
**Higher Education Department**

**Revised Timeline for e-Admission into U.G. Courses under SAMS in the Higher Education Institutions for the Academic Session 2023-24**

**No.N-51:** Revised timeline for e-Admission in all (+3) Degree Colleges including Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Third Round Selection)** | **12-Aug-2023 (02:00 PM)** |
| 2 | Selection of **Slide/ Freeze/ Float Option** and **Online payment** of admission fees by the selected students through SAMS **[Student's Account]** portal | **12-Aug-2023 (7:00 PM) to 16-Aug-2023 (11-.45PM)** |
| 3 | Reporting of applicants at allotted institutions for taking admission **(for Third Round Selection)** | **14-Aug-2023 (9:00 AM) to 17-Aug-2023 (5:00 PM) (Except Holiday)** |
| 4 | Data updation of admitted students in the e-space by the respective Institutions **(for Third Round Admission)** | **14-Aug-2023 (9:00 AM) to 1 7-Aug-2023 (7:00 PM) (Except Holiday)** |
| 5 | Publication of Provisional Allotment of Seats **(for Fourth Round Selection)** | **24-Aug-2023 (02:00 PM)** |
| 6 | Selection of **Freeze Option** and **Online payment** of admission fees by the selected students through SAMS **[Student's Account]** portal | **24-Aug-2023 (7:00PM) to 27-Aug-2023 (11:45PM)** |
| 7 | Reporting of applicants at allotted institutions for taking admission **(for Fourth Round Selection)** | **25-Aug-2023 (9:00 AM) to 28-Aug-2023 (5:00 PM) (Except Holiday)** |
| 8 | Data updation of admitted students in the e-space by the respective Institutions **(for Fourth Round Admission)** | **25-Aug-2023 (9:00 AM) to 28-Aug-2023 (7:00PM) (Except Holiday)** |
| 9 | Commencement of 1st year U.G. Classes **(for freshly admitted students)** | **21-Aug-2023** |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide/Float option will be provided in the last (4th) round of selection.
- Applicants, who have chosen the Slide & Float option will be automatically freezed in the 4th round. Such applicants are advised to click on the "Freeze" option and report at their selected HEIs after downloading the Intimation Letter otherwise they will be out of the Phase-I admission process.

**For More details Please Contact:e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**

**Government of Odisha**
**Higher Education Department**

**Revised Timeline for e-admission into P.G. Courses under SAMS in the State Public Universities and Colleges for the Academic Session 2023-24**

The revised timeline for e-Admission into P.G. Courses for the session 2023-24 in the State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for admission into P.G. Courses is available in the said website. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Second Round Selection)** | 09-Aug-2023 (06:00 PM) |
| 2 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 10-Aug-2023(10:00AM) to 14-Aug-2023(11:45PM) |
| 3 | Reporting of applicants at allotted institutions for taking admission **(for Second Round Selection)** | 11 -Aug-2023 (09:00 AM) to 16-Aug-2023 (05:00 PM) (Except Holiday) |
| 4 | Data updation of admitted students in the e-space **(for Second Round Admission)** by the respective Institutions | 11 -Aug-2023 (09:00 AM) to 16-Aug-2023 (07:00 PM) (Except Holiday) |
| 5 | Publication of Provisional Allotment of Seats **(for Third Round Selection)** | 22-Aug-2023 (02:00 PM) |
| 6 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 22-Aug-2023 (07:00 PM) to 24-Aug-2023(11:45PM) |
| 7 | Reporting of applicants at allotted institutions for taking admission **(for Third Round Selection)** | 23-Aug-2023 (09:00 AM) to 25-Aug-2023 (05:00 PM) |
| 8 | Data updation of admitted students in the e-space **(for Third Round Admission)** by the respective Institutions | 23-Aug-2023 (09:00 AM) to 25-Aug-2023 (07:00 PM) |
| 9 | Publication of Provisional Allotment of Seats **(for Fourth Round Selection)** | 31 -Aug-2023 (02:00 PM) |
| 10 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 31 -Aug-2023 (07:00 PM) to 03-Sept-2023(11:45PM) |
| 11 | Reporting of applicants at allotted institutions for taking admission (for Fourth Round Selection) | 01-Sep-2023(09:00 AM) to 04-Sep-2023 (05:00 PM) (Except Holiday) |
| 12 | Data updation of admitted students in the e-space (for Fourth Round Admission) by the respective Institutions | 01-Sep-2023(09:00 AM) to 04-Sep-2023 (07:00 PM) (Except Holiday) |
| 13 | Commencement of 1st year P.G. Classes (for freshly admitted students) | 21-Aug-2023 |

**For more details please contact: e-Admission Helpline (Toll Free) Number 155335/1800-345-6770**

**Important Notice**

- The candidates, who have chosen the **"Freeze"** option are only required to visit the selected HEIs to complete the admission process.
- The candidates, who have chosen the **Slide/Float** option are not required to visit the selected HEIs as they will not get the **Intimation letter**. **Once the applicant has chosen the Slide/Float option, it will be continued for the further round of selections**. In each round the **"Slide/Float"** option will not be shown to such applicants.
- **4th Round of Selection** will be treated as the last round of admission process for Phase-I admission process. No Slide/Float option will be provided in the last(4th) round of selection.
- Applicants, **who have chosen the Slide & Float option** will be **automatically freezed** in the 4th round. Such applicants are advised to click on the " Freeze" option and report at their selected HEIs after downloading the Intimation Letter **otherwise they will be out of the Phase-I Admission process.**

OIPR-11001/11/0016/2324

**Sd./- Deputy Director, PTC Section**

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ । **–ଶ୍ରୀଅରବିନ୍ଦ**

# ଏବେବି ଜଳୁଛି

ମଣିପୁର ଉଚ୍ଚ ନ୍ୟାୟାଳୟ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଏପ୍ରିଲ ତୃତୀୟ ସପ୍ତାହରୁ ସାମ୍ପ୍ରଦାୟିକ ହିଂସା ଆରମ୍ଭ ହୋଇଥିଲା । ୩ ମାସରୁ ଊର୍ଦ୍ଧ୍ୱ ହେବ ମେଇତି ଓ କୁକି ଆଦିବାସୀଙ୍କ ମଧ୍ୟରେ ଲାଗି ରହିଥିବା ଏହି ଜାତିଆଣ ହିଂସାରେ ବହୁ ଧନଜୀବନ କ୍ଷତି ହେଲାଣି । ଆଦିବାସୀ ମାନ୍ୟତା ଦେଇ ସଂଖ୍ୟାବହୁଳ ହିନ୍ଦୁ ଥିବା ମେଇତି ସମ୍ପ୍ରଦାୟର ଭୋଟ ହାତେଇବା ଲାଗି ଭାଜପାର ପ୍ରୟାସରୁ ଏହି ହିଂସାର ସୂତ୍ରପାତ ଘଟିଛି ବୋଲି କୁହାଯାଉଛି । କିନ୍ତୁ ତା'ସହିତ ଆହୁରି ଅନେକ ବିଷୟ ପଦାକୁ ଆସିଲାଣି । ଉଦାହରଣ ସ୍ୱରୂପ, ପାହାଡ଼ ଅଞ୍ଚଳରେ ଜମି ମିଳାକାନା ଉପରେ ଅଧିକ ଚାପ ରହୁଛି । ଯାହା ହାତରେ ଜମି ରହିଲା ସେହି ଗୋଷ୍ଠୀ, ବିଶେଷକରି ଏକ ସୀମାନ୍ତ ରାଜ୍ୟରେ ଅତ୍ୟନ୍ତ ଧନୀ ଓ ପ୍ରଭାବଶାଳୀ ହୋଇପାରିବ । କୁହାଯାଉଛି ଯେ, ସୀମା ଆରପାରିରେ ଥିବା ବର୍ମା ଅଞ୍ଚଳରେ ନିଶା ଦ୍ରବ୍ୟର ବିରାଟକାୟ ବ୍ୟବସାୟ ଚାଇନା ସାହାଯ୍ୟରେ ଚାଲିଛି । ସେଥିପାଇଁ ମଣିପୁରରେ ମଧ୍ୟ ନିଶାଦ୍ରବ୍ୟ ବ୍ୟବସାୟରେ ସମ୍ପୃକ୍ତ ଲୋକଙ୍କର ପ୍ରଭାବ ଏବଂ ଧନ ଉଭୟ ବୃଦ୍ଧି ପାଉଛି । ସେଭଳି ଧନର ଆକର୍ଷଣକୁ ଦେଖି ଶାସକ ଦଳର ଲୋକମାନେ ଏଭଳି ବିପୁଳ ବ୍ୟବସାୟରୁ କୌଣସି ଲାଭ ପାଇ ପାରୁ ନ ଥିବା ହେତୁ ବ୍ୟସ୍ତହୋଇ ପଡିଛନ୍ତି ।

ହିଂସା ମଧ୍ୟରେ କୁକି ମିଲିଟାଣ୍ଟ ଗୋଷ୍ଠୀର ଉଗ୍ରବାଦୀମାନେ ସକ୍ରିୟ ହୋଇଉଠିବା ଖବର ମଧ୍ୟ ସାମ୍ନାକୁ ଆସିଛି । ରାଜନୈତିକ ଫାଇଦା ପାଇଁ ମଣିପୁର ହିଂସା ଭିଆଇବା ଏବେ ଭାଜପା ଲାଗି ସମସ୍ୟା ହୋଇଯାଇଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଣିପୁର ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ବି ସେଠାକାର ଭାଜପା ନେତୃତ୍ୱାଧୀନ ଏନ୍.ବୀରେନ ସିଂ ସରକାର ହିଂସାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ଅନିଚ୍ଛୁକ । କେନ୍ଦ୍ର ସରକାର ପୂରା ନିଷ୍କ୍ରିୟ ହୋଇ ବସିପଡ଼ିଛି । ତାହାର ଉଦାହରଣ ଅତି ସ୍ପଷ୍ଟ ଭାବରେ ଦେଖିବାକୁ ମିଳୁଛି, ଯେତେବେଳେ କେନ୍ଦ୍ର ପଠାଇଥିବା ଆସାମ ରାଇଫଲ୍ସ ସଶସ୍ତ୍ର ବାହିନୀର ଅଫିସରଙ୍କ ସହିତ ମଣିପୁର ପୋଲିସ ଅଧିକାରୀମାନଙ୍କର ଜୋର୍‌ଦାର ଯୁକ୍ତିତର୍କର ବିଭିନ୍ନ ଭିଡିଓ ବାରମ୍ବାର ପଦାକୁ ଆସୁଛି । ଏଥିରୁ ବୁଝାପଡୁଛି ଯେ, ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ଭାବେ ଏକତରଫା କାର୍ଯ୍ୟ କରୁଛି, କାରଣ ସେଠାରେ ନିଯୁକ୍ତି ପାଇଥିବା ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ବାହ୍ୟ ହସ୍ତକ୍ଷେପ ପସନ୍ଦ କରୁନାହାନ୍ତି । ତେଣୁ ରାଜ୍ୟ ପୋଲିସର ସାହାଯ୍ୟ ଓ ସହଯୋଗ ହାସଲ କରିପାରୁ ନ ଥିବା କେନ୍ଦ୍ରୀୟ ବାହିନୀ ମଣିପୁରରେ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ ହୋଇ ବସିପଡ଼ିଥିବେ ବୋଲି ବୁଝାପଡୁଛି ।

ତେବେ ଘଟଣାଚକ୍ରରେ ମଣିପୁରରେ ଦୁଇ ମହିଳାଙ୍କୁ ନିର୍ଯାତନା ଦେଇ ରାସ୍ତାରେ ଉଲଗ୍ନକରି ଚଲାଇବାର ୨ ମାସ ପୂର୍ବର ଏକ ଭିଡିଓ ପ୍ରକାଶ ପାଇଲା ପରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲିଥିଲେ । ତା' ପରେ ଭାଜପାର ନେତାମାନେ ପଶ୍ଚିମବଙ୍ଗ ଓ ଅନ୍ୟ କେତେକ ଅଣ ଭାଜପା ଶାସିତ ରାଜ୍ୟରେ ଘଟିଥିବା ମହିଳାଙ୍କ ପ୍ରତି ହିଂସାକୁ ଦର୍ଶାଇବା ପାଇଁ ବିଶେଷ ଭାବେ ଚିତ୍କାର କରିଥିଲେ । ତତ୍‌ସହିତ ମଣିପୁର ହିଂସା ଘଟଣାକୁ ଘୋଡାଇ ଦେବା ପାଇଁ ଏପାଖ ସେପାଖ କରାଇବାର ପ୍ରଚେଷ୍ଟା ପଛରେ ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ବୁଝାପଡୁଛି । ତେବେ ଭାରତର ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟ ପରେ ପୋଲିସ ଏହି ନିର୍ଯାତନା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ଆରମ୍ଭ କରିଥିଲା । ଆଶ୍ଚର୍ଯ୍ୟର ବିଷୟ ହେଉଛି, ସେହି ମୂଳ ଭିଡିଓକୁ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡିଥିବା ଲୋକକୁ ମଧ୍ୟ ପୋଲିସ ଗିରଫ କରିଛି । ବାସ୍ତବରେ ମଣିପୁର ଘଟଣାକୁ ଅଣଦେଖା କରିବା ଦ୍ୱାରା ପ୍ରକୃତ ମୃତ୍ୟୁସଂଖ୍ୟା ଓ ମହିଳା ନିର୍ଯାତନାର ସ୍ପଷ୍ଟ ଛବି ଏବେ ପ୍ରଶ୍ନ ଘେରରେ । ଅନ୍ୟପକ୍ଷରେ ହିଂସା ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ବୀରେନ ସିଂ ଇସ୍ତଫା ନାଟକ କରି ପରେ ଚୁପ ବସିଯିବା ସରକାରଙ୍କ ରାଜନୈତିକ ଫାଇଦାବାଦୀ ଉଦ୍ଦେଶ୍ୟର ଏକ ସଙ୍କେତ କହିଲେ ଅତ୍ୟୁକ୍ତି ହେବନାହିଁ । ଅଗଷ୍ଟ ୫ରେ ପୁନର୍ବାର ହିଂସା ଘଟି ୫ ଜଣଙ୍କ ମୃତ୍ୟୁ ଓ ୧୬ ଜଣ ଆହତ ହେବା ପରଦିନ ଅର୍ଥାତ୍ ଅଗଷ୍ଟ ୬ରେ ତାଙ୍କ ସରକାରକୁ ବାହ୍ୟ ସମର୍ଥନ ଦେଇଥିବା କୁକି ପିପୁଲ୍‌ସ ଆଲିଆନ୍ସ(କେପିଏ) ତା'ସମର୍ଥନ ପ୍ରତ୍ୟାହାର କରିନେଇଛି । ଉଲ୍ଲେଖନୀୟ ଯେ, ମାର୍ଚ୍ଚ ୨୦୨୨ ନିର୍ବାଚନରେ ମୋଟ ୬୦ଟି ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ଏକାକୀ ୩୨ଟି ବିଧାୟକ ଜିଣିଥିଲା । ସେହି ୩୨ଜଣଙ୍କ ମଧ୍ୟରୁ ଏବେ ୮ ଜଣ ବିଧାୟକ ଏବଂ ଭାଜପାର ସହଯୋଗୀ କେପିଏର ୨ ଜଣ ବିଧାୟକ ବିଦ୍ରୋହ କରି ଘୋଷଣା କରିଛନ୍ତି ଯେ, କୁକି ଏବଂ ଅନ୍ୟ ଆଦିବାସୀ ବସବାସ କରୁଥିବା ଅଞ୍ଚଳ ପାଇଁ ଏକ ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ସୃଷ୍ଟି କରାଯାଉ । ଏହି ବିଧାୟକମାନଙ୍କର ଦାବି ସ୍ପଷ୍ଟ ଦର୍ଶାଉଛି ଯେ, ଭାଜପା ଏବଂ ତାହାର ସହଯୋଗୀଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହୋଇଗଲାଣି । କେପିଏ ଏବେ ତାହାର ସମର୍ଥନ ପ୍ରତ୍ୟାହାର କରି ନେଇଥିବାରୁ ଏହି ଅନ୍ତର୍ଦ୍ୱନ୍ଦ୍ୱ ସ୍ପଷ୍ଟ ହୋଇଛି । କେବଳ ଏତିକି ନୁହେଁ, ଜାତିଗତ ହିଂସା ସମ୍ପର୍କିତ ମାମଲାଗୁଡ଼ିକର ଯାଞ୍ଚ କରିବା ଲାଗି ଅଗଷ୍ଟ ୭ରେ ସୁପ୍ରିମ କୋର୍ଟ ମହାରାଷ୍ଟ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଦତ୍ତାତ୍ରେୟ ପଡସାଲଗିକରଙ୍କୁ ନିଯୁକ୍ତ କରିବା ପୋଲିସର କାର୍ଯ୍ୟକଳାପର ସନ୍ଦେହାତ୍ମକ ଦିଗକୁ ସୂଚିତ କରୁଛି । ଏଥିସହିତ ସୁପ୍ରିମକୋର୍ଟ ସୋମବାର ହାଇକୋର୍ଟର ୩ ଜଣ ପୂର୍ବତନ ମହିଳା ବିଚାରପତିଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି, ଯାହାକି ମଣିପୁର ଯାଇ ପରିସ୍ଥିତି ଅନୁଧ୍ୟାନ କରିବେ । କୋର୍ଟ କହିଛନ୍ତି ଆଇନର ଶାସନ ଉପରେ ବିଶ୍ୱାସ ଓ ଭରସା ଫେରାଇ ଆଣିବାରେ ଏହା ଏକ ପଦକ୍ଷେପ । ମଣିପୁରରେ ଶାନ୍ତି ଫେରାଇ ଆଣିବା ଲାଗି ସୁପ୍ରିମକୋର୍ଟ ଯେତିକି ବ୍ୟଗ୍ର ତାହା ସରକାରଙ୍କଠାରେ ଦେଖିବାକୁ ମିଳୁନାହିଁ । ତେବେ ଏନ୍‌ଡିଏ ମେଣ୍ଟରେ ଥିବା କେପିଏର ସମର୍ଥନ ପ୍ରତ୍ୟାହାର ସେଠାକାର ରାଜନୈତିକ ପାଣିପାଗ ପରିବର୍ତ୍ତନର ପ୍ରାରମ୍ଭିକ ସୂଚନା ବୋଲି କୁହାଯାଇପାରେ । ମଣିପୁର କ୍ଷେତ୍ରରେ ଜାତିଗତ ହିଂସା ଲାଗି ରହିଲେ ତାହା କେବଳ ସେହି ରାଜ୍ୟରେ ନୁହେଁ, ବରଂ ସମ୍ପୂର୍ଣ୍ଣ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ବିଚ୍ଛିନ୍ନତାବାଦୀଙ୍କୁ ପୁଣି ସକ୍ରିୟ ହେବା ଲାଗି ସୁଯୋଗ ଦେବ ।

# ଅଗଷ୍ଟ ବିପ୍ଳବ ଓ ତ୍ୟାଗଭୂମି ଭଦ୍ରକ



ଡ. ପ୍ରଫୁଲ୍ଲ କୁମାର ସାହୁ

ଅଗଷ୍ଟ ବିପ୍ଳବ ଆମ ମୁକ୍ତି ଆନ୍ଦୋଳନ ଇତିହାସର ଏକ ଯୁଗାନ୍ତକାରୀ ଅଧ୍ୟାୟ । ୧୯୪୨ ମସିହା ଅଗଷ୍ଟ ୮ ବମ୍ବେର ଗ୍ୱାଲିୟର ଟ୍ୟାଙ୍କ(ଅଗଷ୍ଟ କ୍ରାନ୍ତି) ମଇଦାନରେ ଅନୁଷ୍ଠିତ କଂଗ୍ରେସର ଖୋଲା ଅଧିବେଶନରେ ଭାରତ ଛାଡ଼ ଆନ୍ଦୋଳନ ଡାକରା ଦେଲେ ଗାନ୍ଧିଜୀ । ସ୍ୱାଧୀନତା ସଂଗ୍ରାମର ଅନ୍ତିମ ଲଢ଼େଇ ଲଢ଼ିବା ପାଇଁ ସତ୍ୟାଗ୍ରହୀମାନଙ୍କୁ ଶୁଣେଇଲେ 'କର ବା ମର' ମନ୍ତ୍ର । ସେ ମନ୍ତ୍ର ପ୍ରତିଧ୍ୱନିତ ହେଲା ଆକୁମାରୀ ହିମାଚଳ । ଚାରିଆଡ଼େ ଖେଳିଗଲା ଦେଶପ୍ରେମର ଏକ ଅଦ୍ଭୁତ ଆଲୋଡ଼ନ । ଏଥିରେ ଭୟଭୀତ ହୋଇ ଦମନଲୀଳା ଆରମ୍ଭ କରିଦେଲା ବ୍ରିଟିଶ୍ ସରକାର । ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ତତ୍କାଳ ଆରମ୍ଭ ହେଲା ବ୍ୟାପକ ଗିରଫଦାରି । ଅଗଷ୍ଟ ୯ ତାରିଖ ସକାଳ ହେବା ଆଗରୁ ଗିରଫ ହୋଇସାରିଥିଲେ ଗାନ୍ଧିଜୀ ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ଅଧିକାଂଶ ସଦସ୍ୟ । କଂଗ୍ରେସକୁ ବେଆଇନ ଘୋଷଣା କରିବା ସହ ଅନେକ କଂଗ୍ରେସ ଅଫିସ୍‌ରେ ଝୁଲାଇ ଦିଆଗଲା ତାଲା । ତଡ଼ିତ ବେଗରେ ବ୍ୟାପିଗଲା ଗାନ୍ଧିଜୀ ଏବଂ କଂଗ୍ରେସର ଅନ୍ୟ ତୁଙ୍ଗନେତାମାନେ ଗିରଫ ହେବା ଖବର । ସମସ୍ତଙ୍କୁ ଉଦ୍‌ବେଳିତ କଲା ଗାନ୍ଧିଜୀଙ୍କର 'କର ବା ମର' ମନ୍ତ୍ର । ସେ ପଞ୍ଚାକ୍ଷରୀ ମନ୍ତ୍ରରେ କି ଅଦ୍ଭୁତ ଶକ୍ତି ଥିଲା କେଜାଣି ଦେଶର ପୁରପଲ୍ଲୀରେ ତେଜିଉଠିଲା ବ୍ରିଟିଶ୍ ବିରୋଧୀ ଗଣ ଆନ୍ଦୋଳନ । ପୋଲିସ ଗୁଳିକୁ ଖାତିର ନ କରି ରାଜରାସ୍ତାକୁ ଓହ୍ଲାଇ ଆସିଲେ ଲକ୍ଷ ଲକ୍ଷ ଲୋକ । ବିଭିନ୍ନ ସ୍ଥାନରେ ପୋଲିସ ଓ ଜନତାଙ୍କ ଭିତରେ ଉପୁଜିଲା ମୁହାଁମୁହିଁ ପରିସ୍ଥିତି । ଗାନ୍ଧିଜୀଙ୍କ ଡାକରା ଥିଲା ଶାନ୍ତିପୂର୍ଣ୍ଣ ଉପାୟରେ ସଂଗ୍ରାମକରି ସ୍ୱାଧୀନତା ହାସଲ କର ନତୁବା ଆତ୍ମବଳୀ ଦିଅ ଦେଶ ପାଇଁ । କିନ୍ତୁ ଗାନ୍ଧିଜୀଙ୍କର ଆନ୍ଦୋଳନ ଖସଡ଼ାକୁ ବଦଳେଇଦେଲା ବ୍ରିଟିଶ ସରକାରର ଦମନମୂଳକ ନୀତି । ଜନ ଆନ୍ଦୋଳନକୁ ଦବେଇ ଦେବା ପାଇଁ ସରକାରଙ୍କ ପଦକ୍ଷେପ ଥିଲା ସତ୍ୟାଗ୍ରହୀଙ୍କ ଉପରେ ନିର୍ମମ ଲାଠି ପ୍ରହାର ଓ ଗୁଳିବର୍ଷଣ । ମହିଳାମାନଙ୍କ ପ୍ରତି ସେମାନଙ୍କ ଭାଷା ଓ ବ୍ୟବହାର ଥିଲା ଅତ୍ୟନ୍ତ ଅଶାଳୀନ ଓ ଅଭଦ୍ରୋଚିତ । କେତେ ଆଉ ସହିଥା'ନ୍ତେ ଦେଶବାସୀ । ତେଣୁ କେତେକ ସ୍ଥାନରେ ଲୋକେ ଅହିଂସା ମନ୍ତ୍ର ଭୁଲି ଆପଣେଇ ନେଲେ ହିଂସାର ରାସ୍ତା । ଫଳରେ ଉଗ୍ରରୂପ ଧାରଣକଲା ଭାରତ ଛାଡ଼ ଆନ୍ଦୋଳନ । କେଉଁଠି ଥାନା ପୋଡ଼ି ହେଲା ତ କେଉଁଠି ଖଜଣା ଖାନା ଆକ୍ରମଣ କଲେ ଉତ୍ତ୍ୟକ୍ତ ଲୋକେ । ଆଇନ ଅମାନ୍ୟକରି ପୋଲିସ ଗୁଳିରେ ଶହୀଦ ହେଲେ ଅନେକ ନିରୀହ ମଣିଷ ।

ଏହି ମୁକ୍ତି ଆନ୍ଦୋଳନର ଇତିହାସରେ ଓଡ଼ିଶା ଯୋଡ଼ିଲା ବଳିଦାନର ଏକ ସ୍ୱତନ୍ତ୍ର ଅଧ୍ୟାୟ । ଓଡ଼ିଶାର ପୁରପଲ୍ଲୀରେ ଏପରି କି ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବି ତେଜି ଉଠିଥିଲା ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀ ଗଣ ଆନ୍ଦୋଳନ । ଏହି ଆନ୍ଦୋଳନରେ ଭଦ୍ରକ (ନବଗଠିତ) ଜିଲା ଥିଲା ସବା ଆଗରେ । ଭଦ୍ରକ ଅଞ୍ଚଳର ସତ୍ୟାଗ୍ରହୀମାନେ ହିଁ ପ୍ରଥମେ ଥାନା ପୋଡ଼ିଲେ, ପୋଲ ଭାଙ୍ଗିଲେ, ପୋଷ୍ଟ ଅଫିସ ଦଖଲକଲେ, ପୋଲିସ ଉପରେ ଆକ୍ରମଣ କଲେ ଏବଂ ଏମିତି ବିଭିନ୍ନ ଭାବରେ ଆଇନ ଭାଙ୍ଗିଲେ ଗୁଳିଗୋଳାକୁ ଖାତିର ନ କରି । ଇତିହାସ କହେ ୧୯୪୨ ମସିହା ଅଗଷ୍ଟ ୧୭ରେ ଭଦ୍ରକଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ଭଣ୍ଡାରିପୋଖରୀ ଥାନାପୋଡ଼ି ଘଟଣା ଥିଲା ବ୍ରିଟିଶ କୁଶାସନ ବିରୋଧରେ ଓଡ଼ିଶାର ସର୍ବପ୍ରଥମ ହିଂସାତ୍ମକ ଆନ୍ଦୋଳନ । ଘଟଣା ଦିନ ଯୁବସଂଗ୍ରାମୀ ବୈଷ୍ଣବ ଚରଣ ନାୟକଙ୍କ ନେତୃତ୍ୱରେ ପାଖାପାଖି ୫ହଜାର ସତ୍ୟାଗ୍ରହୀ ମଶାଲ ଶୋଭାଯାତ୍ରାରେ ଆସି ନିଆଁ ଲଗାଇ ଦେଇଥିଲେ ଭଣ୍ଡାରିପୋଖରୀ ଥାନାରେ । ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବୈଷ୍ଣବ ଚରଣ ନାୟକ, କୁଶଧ୍ୱଜ ପଣ୍ଡା ଓ କୃପାସିନ୍ଧୁ ସାହୁ ପ୍ରମୁଖ କେତେଜଣ ସତ୍ୟାଗ୍ରହୀଙ୍କୁ ଗିରଫ କରିନେଇଥିଲା ପୋଲିସ । ପିଟୁଣି ଟିକସ(ଜରିମାନା) ବାବଦକୁ ପାର୍ଶ୍ୱବର୍ତ୍ତୀ ୧୨ଟି ଗ୍ରାମର ଲୋକଙ୍କଠାରୁ ଆଦାୟ କରାଯାଇଥିଲା ୬ ହଜାର ଟଙ୍କା । ବ୍ରିଟିଶ ପ୍ରଶାସନର ଏଭଳି ଦମନମୂଳକ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଭଦ୍ରକ ଅଞ୍ଚଳର ବିଭିନ୍ନ ସ୍ଥାନରେ ତେଜିଉଠିଥିଲା ଆନ୍ଦୋଳନ ।



୧୯୪୨ ସେପ୍ଟେମ୍ବର ୫ରେ ଭଦ୍ରକଠାରୁ ୨୦ କି.ମି. ଦୂର ଧାମନଗର ଥାନା ଅନ୍ତର୍ଗତ ଧୂଷୁରୀଠାରେ ସତ୍ୟାଗ୍ରହୀମାନେ ଏକତ୍ରିତ ହୋଇ ଧାମନଗର ଅଞ୍ଚଳକୁ ସ୍ୱାଧୀନ ଘୋଷଣାକଲେ ସର୍ଦ୍ଦାର ମୁରଲୀଧର ପଣ୍ଡା ଓ ମୁରଲୀଧର ଜେନା ପ୍ରମୁଖ ସତ୍ୟାଗ୍ରହୀଙ୍କ ନେତୃତ୍ୱରେ । ଏଥିରେ ଉତ୍କ୍ଷିପ୍ତ ହୋଇ (ସେପ୍ଟେମ୍ବର ୨୨) ଲୁଣିଆ କଟସାହି ଗାଁରେ ପହଞ୍ଚି ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ଘର ଘେରାଉକଲା ପୋଲିସ । ଶଙ୍ଖଧ୍ୱନି ମାଧ୍ୟମରେ ସାରା ଅଞ୍ଚଳରେ ଖେଳିଗଲା ଖବର । ହାତରେ ବାଡ଼ିଠେଙ୍ଗା ଧରି ମାଡ଼ିଆସିଲେ ହଜାର ହଜାର ଲୋକ । ଆରମ୍ଭହେଲା ପୋଲିସ ଓ ଜନତାଙ୍କ ମଧ୍ୟରେ ଛକାପଞ୍ଝା । ମାତ୍ର ରକ୍ତମୁଖା ପୋଲିସର ଆଖିବୁଜା ଗୁଳିଚାଳନା ଫଳରେ ଶହୀଦ ହେଲେ ୯ଜଣ ସତ୍ୟାଗ୍ରହୀ । ବଳିଦାନର ଏହି ମାଟି ଏବେ ଶହୀଦନଗର ନାମରେ ଖ୍ୟାତ ।

ଲୁଣିଆ ଗୁଳିକାଣ୍ଡର ଠିକ୍ ୬ ଦିନ ପରେ (୧୯୪୨ ସେପ୍ଟେମ୍ବର ୨୮) ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜନ୍ମମାଟି ଇରମ(ଭଦ୍ରକ) ଲେଖିଲା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ କବିତା । ଭଦ୍ରକ ଜିଲାର ବାସୁଦେବପୁରଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ରକ୍ତତୀର୍ଥ ଇରମ ଥିଲା ମୁକ୍ତି ଆନ୍ଦୋଳନର ଏକ ପ୍ରୟୋଗଶାଳା । ଗାଁର ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଓ ଅନ୍ୟ ୩ ପାର୍ଶ୍ୱକୁ ବେଢ଼ି ବହିଯାଇଛି ଗମେଇ ଓ କାଂଶବାଂଶ ନଦୀର ଜଳଧାରା । ସେଥିପାଇଁ ଇରମ ଗାଁକୁ ସହସା ପ୍ରବେଶ କରିପାରୁ ନ ଥିଲା ପୋଲିସ ଫୌଜ । ସଂଗ୍ରାମୀମାନଙ୍କ ସଭାସମିତି ନିମନ୍ତେ ଗାଁରେ ଥିଲା ଏକ ବିରାଟ ମେଳଣ ପଡ଼ିଆ । ଭାରତ ଛାଡ଼ ଆନ୍ଦୋଳନ ବେଳକୁ କବିବାଞ୍ଛାନିଧି ମହାନ୍ତି ନ ଥିଲେ ସତ, କିନ୍ତୁ ତାଙ୍କ କବିତ୍ୱ ଓ ସାଙ୍ଗଠନିକ ଦକ୍ଷତା ଯୋଗୁ ଏକ ସଂଗ୍ରାମୀ ତିଆରି କାରଖାନାରେ ପରିଣତ ହୋଇସାରିଥିଲା ଇରମ ମାଟି । ଭାରତ ଛାଡ଼ ଆନ୍ଦୋଳନର ୨୧ବର୍ଷ ପୂର୍ବରୁ (୧୪.୬.୧୯୨୧) ଉତ୍କଳମଣି ଗୋପବନ୍ଧୁଙ୍କୁ ମୁଗ୍ଧ କରିଥିଲା ଇରମବାସୀଙ୍କ ଦେଶପ୍ରେମ । ତେଣୁ ଇରମ ସଭାରେ ସେ ଗାଇଥିଲେ – 'ଦେଶାତ୍ମବୋଧର ଚାରୁ ଗଡାଘର, ଇରମ ସୁରମ୍ୟ ଜାତୀୟ ନଗର' । ଭାରତ ଛାଡ଼ ଆନ୍ଦୋଳନ ବେଳେ ସେହି ଜାତୀୟନଗର ଇରମ ରଚିଲା ବଳିଦାନର ଏକ ବିରଳ ଇତିହାସ ।

ଘଟଣା ଦିନ ଅସ୍ତଗାମୀ ସୂର୍ଯ୍ୟଙ୍କ ସ୍ୱର୍ଣ୍ଣିମ ଆଭାରେ ରକ୍ତାକ୍ତ ହୋଇ ଉଠିଥିଲା ଇରମ ମେଳନ ପଡ଼ିଆ । ସେଠାରେ ଅନୁଷ୍ଠିତ ସଭାରେ ସମ୍ମିଳିତ ହୋଇଥିଲେ ପ୍ରାୟ ୬ହଜାର ସତ୍ୟାଗ୍ରହୀ । ସଭାକାର୍ଯ୍ୟ ଖୁବ୍ ଗମ୍ଭୀର ହୋଇ ଉଠିଥିବା ବେଳେ ହଠାତ୍ ଜମିଦାର ଉଆସ ଆଡୁ ମାଡ଼ି ଆସିଲା ପୋଲିସ ବାହିନୀ । ପୋଲିସର ଉପସ୍ଥିତି ଦେଖି ଉତ୍ତେଜନାମୟ ହୋଇ ଉଠିଲା ବାତାବରଣ । ସଭାସ୍ଥଳ ଛାଡ଼ି ଚାଲିଯିବା ପାଇଁ ଲୋକଙ୍କୁ ନିର୍ଦ୍ଦେଶ ଦେଲେ ଡିଏସ୍‌ପି କୁଞ୍ଜବିହାରୀ ମହାନ୍ତି । ମାତ୍ର ସତ୍ୟାଗ୍ରହୀମାନେ ସ୍ଥାନ ଛାଡ଼ିବା ପରିବର୍ତ୍ତେ ଆରମ୍ଭ କରିଦେଲେ ନାରାବାଜି । 'ଗୁଳି ଗୋଳାସେ ନେହିଁ ଡରେଙ୍ଗେ, ଲାଠି ମାଡ଼ରେ ନେହି ଡରଙ୍ଗେ, ଭାରତ ମାତାକୀ ଜୟ, ମହାତ୍ମା ଗାନ୍ଧିକୀ ଜୟ' ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଲା ମେଳନ ପଡ଼ିଆ । ଲୋକଙ୍କୁ ଘଉଡ଼ାଇବା ପାଇଁ ଡିଏସ୍‌ପିଙ୍କ ନିର୍ଦ୍ଦେଶରେ ଗର୍ଜି ଉଠିଲା ପୋଲିସର ରକ୍ତମୁଖା ବନ୍ଧୁକ । ଘଟଣାସ୍ଥଳରେ ୨୮ଜଣ ଟଳି ପଡ଼ିବା ସହିତ ଗୁରୁତର ଭାବେ ଆହତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ ପ୍ରାୟ ୫୬ ଜଣରୁ ଅଧିକ ନିରସ୍ତ୍ର ମଣିଷ । ନିହତ ମାନଙ୍କ ମଧ୍ୟରେ ଥିଲେ ବିଜୁଳି ଦାସ ନାମକ ଜଣେ ୧୫ ବର୍ଷର ବାଳକ ଏବଂ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକମାତ୍ର ମହିଳା ଶହୀଦ ପରୀ ବେୱା । ମୃତ ଓ ଆହତ ମାନଙ୍କ ରକ୍ତରେ ଲାଲ ହୋଇଗଲା ଇରମ ମେଳନ ପଡ଼ିଆ । ସନ୍ଧ୍ୟାର ଆଚ୍ଛନ୍ନ ଅନ୍ଧକାର ଭିତରେ ଛାତିକୁ ବିଦାରି ପକାଉଥିଲା ଆହତମାନଙ୍କ ଆର୍ତ୍ତଚିତ୍କାର । ପବନ ବେଗରେ ଚାରିଆଡ଼କୁ ବ୍ୟାପିଗଲା ଏ ପୈଶାଚିକ ନରସଂହାର ବାର୍ତ୍ତା । ଅତ୍ୟନ୍ତ ହୃଦୟ ବିଦାରକ ଥିଲା ଲୁହ ଲହୁର ଏ ଅଭାବନୀୟ ଦୃଶ୍ୟ । ପଞ୍ଜାବର ଜାଲିଆନାୱାଲାବାଗ୍ ପରେ ଇଏ ହେଉଛି ବଳିଦାନର ଦ୍ୱିତୀୟ ସ୍ଥଳ, ଯେଉଁଠି ପରାଧୀନତାର ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ଗୋଟିଏ ଦିନରେ ପୋଲିସ ଗୁଳିରେ ଆତ୍ମବଳି ଦେଇଛନ୍ତି ୨୯ଜଣ ଦେଶପ୍ରେମୀ । ଆଜି ବି ସେ ସ୍ମୃତିପୀଠରେ ପାଦଦେଲେ ହୃଦୟର ନିଭୃତତମ ପ୍ରଦେଶରୁ ବାହାରିଆସେ ନୀରବ ଶ୍ରଦ୍ଧାଞ୍ଜଳିର ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ସେନ୍‌ସେକ୍ସ ବୃଦ୍ଧି ଓ ନିବେଶକ



ସୌରଜିତ ପ୍ରଧାନୀ

ଗତ ସପ୍ତାହରେ ଦେଶର ପ୍ରମୁଖ ବେଞ୍ଚମାର୍କ ଇଣ୍ଡେକ୍ସ ସେନ୍‌ସେକ୍ସ ୬୬୦୦୦ ପଏଣ୍ଟସ ଟପିଥିଲା । ସେନସେକ୍ସ ଇତିହାସରେ ଏହା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା, ଯାହା ୧୯୮୬ରେ ଆରମ୍ଭ ହେବା ପରଠାରୁ (୧୯୭୯କୁ ଆଧାର ଭାବେ ଗ୍ରହଣ କରାଯିବା ସହିତ) ଅନେକ ବାଟ ଅତିକ୍ରମ କରିଛି । ତେଣୁ ୪୪ ବର୍ଷ ମଧ୍ୟରେ (୧୯୭୯ରେ ତଥ୍ୟ ସାର୍ବଜନୀନ ହେବା ପରଠାରୁ) ସେନସେକ୍ସ ୫୦୦ ଗୁଣରୁ ଅଧିକ ବୃଦ୍ଧି ପାଇଛି । ଏହାର ଅର୍ଥ ହେଉଛି, ଯଦି କୌଣସି ନିବେଶକ ୧୯୭୯ରେ ୧୦୦ ଟଙ୍କା ନିବେଶ କରିଥାନ୍ତେ, ତେବେ ଆଜି ଏହାର ମୂଲ୍ୟ ୫୦ ହଜାର ଟଙ୍କା ହୋଇଥାନ୍ତା । ଯଦି ମିଶ୍ରିତ ସୁଧ (କମ୍ପାଉଣ୍ଡ ଇଣ୍ଟରେଷ୍ଟ) ହିସାବରେ ରିଟର୍ନର ହିସାବ କରାଯାଏ, ତେବେ ଏହା ବାର୍ଷିକ ୧୫% ପାଖାପାଖି ହେବ । କୌଣସି ବ୍ୟକ୍ତି ଯେକୌଣସି ସମ୍ପତ୍ତିରେ ଟଙ୍କା ବିନିଯୋଗ କଲେ, ମୁଦ୍ରାସ୍ଫୀତିକୁ ମାତ ଦେଉଥିବା ରିଟର୍ନ ପାଇବାକୁ ଚାହାନ୍ତି । ଭାରତ ପରିପ୍ରେକ୍ଷୀରେ ବାର୍ଷିକ ହାରାହାରି ମୁଦ୍ରାସ୍ଫୀତି ହାରକୁ ୫-୬% ବୋଲି ବିବେଚନା କରାଯାଏ । ଯଦି କୌଣସି ନିବେଶ ତା'ଠାରୁ କମ୍ ରିଟର୍ନ ଦେଉଛି, ତେବେ ପ୍ରକୃତରେ ନିବେଶର ମୂଲ୍ୟ ହ୍ରାସ ପାଉଛି ।

ନିବେଶର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପୋର୍ଟଫୋଲିଓ 'ମୁଦ୍ରାସ୍ଫୀତି + ପ୍ରକୃତ ଜିଡିପି ଅଭିବୃଦ୍ଧି' ସହିତ ସମକକ୍ଷ ରିଟର୍ନ ହାର ପ୍ରଦାନ କରିବା ଉଚିତ । ବାର୍ଷିକ ହାରାହାରି ମୁଦ୍ରାସ୍ଫୀତି ହାର ୫-୬% ବୋଲି ଧରାଯାଉଥିବା ବେଳେ ଭାରତ ଭଳି ଦେଶ ପାଇଁ ବାର୍ଷିକ ପ୍ରକୃତ 'ଜିଡିପି' ଅଭିବୃଦ୍ଧି ହାର ୬-୭% ବୋଲି ଧରାଯାଏ । ତେଣୁ ଭାରତୀୟ 'ଇକ୍ୱିଟି' ବଜାରରେ ଯେକୌଣସି ନିବେଶକର ହାରାହାରି ଆଶା ୧୨-୧୩% ମଧ୍ୟରେ ରହିଛି । ସେହି ଦୃଷ୍ଟିକୋଣରୁ ସେନସେକ୍ସ ଜଣେ ସାଧାରଣ ନିବେଶକଙ୍କ ଆଶାକୁ ପଛରେ ପକାଇ ଦେଇଛି । କିନ୍ତୁ ଗତ ୪୪ ବର୍ଷ ମଧ୍ୟରେ କେତେଜଣ ନିବେଶକ ପ୍ରକୃତରେ ୧୫%ରୁ ଅଧିକ ସିଏଜିଆର୍ (କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର) ଅର୍ଜନ କରିଛନ୍ତି? ଏହି ତଥ୍ୟକୁ ବିଶ୍ଳେଷଣ କରିବା ପାଇଁ କେତେକ ମାନଦଣ୍ଡକୁ ବିଚାରକୁ ନେବା ଆବଶ୍ୟକ ।

ପ୍ରଥମତଃ ଯେତେବେଳେ ଆମେ ବଜାରରେ କୌଣସି 'ରାଲି' କିମ୍ବା 'କରେକ୍ସନ' ଦେଖିଥାଉ, ତାହା ସବୁବେଳେ ୫-୭ ଷ୍ଟକ୍ ଦ୍ୱାରା ପରିଚାଳିତ ହୋଇଥାଏ, ସାମଗ୍ରିକ ସୂଚକାଙ୍କ ଦ୍ୱାରା ନୁହେଁ । ତେଣୁ ଯେତେବେଳେ ନିବେଶକମାନଙ୍କ ପୋର୍ଟଫୋଲିଓ ରିଟର୍ନ ବେଞ୍ଚମାର୍କ ସହିତ ମେଳ କରେ ନାହିଁ, ତାହା ଏହି କାରଣରୁ ହୋଇଥାଏ । ଦ୍ୱିତୀୟତଃ ଏକ ନିର୍ଦ୍ଦିଷ୍ଟ ବେଞ୍ଚମାର୍କର ଷ୍ଟକ୍ ଏକାଧିକ ଥର ବଦଳି ଯାଇଥାଏ । ତେଣୁ ନିବେଶକଙ୍କ ପୋର୍ଟଫୋଲିଓ ଇଣ୍ଡେକ୍ସରେ କରାଯାଇଥିବା ପରିବର୍ତ୍ତନ ସହିତ ସାମଞ୍ଜସ୍ୟ ରହିବା ଆବଶ୍ୟକ, ଯାହା ହୁଏତ ଏପରି ହୋଇ ନ ପାରେ । ତୃତୀୟତଃ ଯେତେବେଳେ କୌଣସି ନିବେଶକ ବେଞ୍ଚମାର୍କକୁ ନକଲ କରିବା ପାଇଁ ପୋର୍ଟଫୋଲିଓରେ ପରିବର୍ତ୍ତନ କରୁଛନ୍ତି, ସେତେବେଳେ 'ଏକ୍ଜିଟ ଲୋଡ', କ୍ୟାପିଟାଲ ଗେନ ଟ୍ୟାକ୍ସ ଆଦି ପରିବର୍ତ୍ତନ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଥାଏ । ଶେଷରେ, ଗୋଟିଏ କ୍ଲିକ୍‌ରେ ଷ୍ଟକ୍ କିଣିବା ଏବଂ ବିକ୍ରି କରିବା ଅତି ନିକଟରେ ସମ୍ଭବ ହୋଇପାରିଛି । ପୂର୍ବରୁ ଏହା ସମ୍ଭବ ନ ଥିଲା ।





ସେନସେକ୍ସର ଯାତ୍ରା ଏକ ଚମତ୍କାର ଯାତ୍ରା । ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ରିଟର୍ନ ପ୍ରଦାନ କରାଯାଇଛି । ୧୯୭୯-୧୯୯୪ ପର୍ଯ୍ୟାୟରେ ସେନସେକ୍ସ ୨୬%ର ସିଏଜିଆର୍ ପ୍ରଦାନ କରିଥିଲା । ୧୯୯୪ ପରେ, ରିଟର୍ନ ଯଥେଷ୍ଟ କମ୍ ହୋଇଛି । କିନ୍ତୁ ପ୍ରକୃତରେ ସାଧାରଣ ନିବେଶକମାନେ ଏଥିରୁ ଲାଭବାନ ହୋଇଛନ୍ତି କି? ଏହି ପ୍ରଶ୍ନର ଉତ୍ତର କିଛି ଡାଟା ପଏଣ୍ଟକୁ ବିଶ୍ଳେଷଣ କଲେ ମିଳିପାରିବ । ବର୍ତ୍ତମାନ ଭାରତରେ ଖୋଲାଯାଇଥିବା ଡିମାଟ ଆକାଉଣ୍ଟ ସଂଖ୍ୟା ପାଖାପାଖି ୧୧୮ ମିଲିୟନ । ଷ୍ଟକ୍ ରଖିବା ପାଇଁ ଡିମାଟ ଆକାଉଣ୍ଟ ବ୍ୟବହାର କରାଯାଉଥିବା ବେଳେ ଷ୍ଟକ୍ କିଣିବା ଓ ବିକ୍ରି କରିବା ପାଇଁ ଟ୍ରେଡିଂ ଆକାଉଣ୍ଟ ବ୍ୟବହାର କରାଯାଇଥାଏ । ଅଧିକାଂଶ ଆକାଉଣ୍ଟ ୨୦୨୦-୨୦୨୨ (କୋଭିଡ୍) ପର୍ଯ୍ୟାୟରେ ଖୋଲାଯାଇଥିଲା, ଯେଉଁଥିରେ ବଳକା ଆୟରେ ନିୟୋଜନର ସୀମିତ ବିକଳ୍ପ ଥିଲା । ଅଧିକାଂଶ ନୂଆ ନିବେଶକ 'ମିଲେନିଆଲ' ଥିଲେ, ଯେଉଁମାନେ ଟେକ୍ନୋଲୋଜିର ଭରପୂର ଉପଯୋଗ କରିଥିଲେ ।

ସେହିପରି ଘରୋଇ ଇକ୍ୱିଟି ବଜାର ଗତ କିଛି ବର୍ଷରୁ 'ଉଚ୍ଚ ମୂଲ୍ୟାୟନର' ରହିଛି । ଉଚ୍ଚ ମୂଲ୍ୟାୟନର ଅର୍ଥ ହେଉଛି ଉଚ୍ଚ 'PE RATIO' (ମୂଲ୍ୟରୁ ଆୟ) ଅନୁପାତ । ବିଶେଷଜ୍ଞଙ୍କ ମତରେ ଭାରତରେ PE ଅନୁପାତ ଅଧିକ ରହିଆସିଛି । ଏହାର ଅର୍ଥ ହେଉଛି ଅଧିକାଂଶ ନିବେଶକ ସେମାନଙ୍କର ମୂଲ୍ୟ ଅଧିକ ଥିବା ସମୟରେ ଷ୍ଟକ୍ କିଣିଛନ୍ତି । ଫଳରେ ଅଧିକ ରିଟର୍ନ ପାଇବାର ସମ୍ଭାବନା କମିଯାଏ । ଶେଷରେ, ଷ୍ଟକ୍ ଏବଂ ଲଗାତର ମ୍ୟୁଚୁଆଲ ଫଣ୍ଡର ବିକ୍ରି କରିବା ଦର୍ଶାଉଛି ଯେ ନିବେଶକମାନେ ଅଧିକ ସମୟ ପର୍ଯ୍ୟନ୍ତ ନିବେଶ କରି ନ ଥିଲେ ।

ଜଣେ ସାଧାରଣ ମଧ୍ୟବିତ୍ତ ଭାରତୀୟ ଇକ୍ୱିଟି ବଜାରରୁ ଦୂରେଇ ରହିବାକୁ ପସନ୍ଦ କରନ୍ତି । ଏହାର କାରଣ ଏକାଧିକ ହୋଇପାରେ– ପରିବାରରେ ଥିବା ଆଦର୍ଶ ଓ ମୂଲ୍ୟବୋଧ ବ୍ୟବସ୍ଥା, ଖରାପ ଅନୁଭୂତି, ଇକ୍ୱିଟି ବଜାରକୁ ନେଇ ଥିବା କୁସଂସ୍କାର, ବଜାରର ପ୍ରକୃତ ବୁଝିବା କ୍ଷେତ୍ରରେ ଅଜ୍ଞତା ଇତ୍ୟାଦି । ସେମାନଙ୍କ ପାଇଁ ନିବେଶ ଅର୍ଥ ହେଉଛି 'ଫିକ୍ସଡ ଡିପୋଜିଟ' ।

ଭଲ ପୁଞ୍ଜି ଥିବା ଲୋକ ରିୟଲ ଇଷ୍ଟେଟରେ ନିବେଶ କରିବାକୁ ପସନ୍ଦ କରୁଥିବା ବେଳେ ଅଧିକାଂଶ ମହିଳାଙ୍କର ନିବେଶ ସୁନାରେ ରହିଛି । ଜ୍ଞାନ ଓ ବୁଝାମଣାର ଅଭାବ ଯୋଗୁ ଅଧିକାଂଶ ଲୋକ ଶେୟାର ବଜାରରୁ ଦୂରେଇ ରୁହନ୍ତି । ତେଣୁ ଆର୍ଥିକ ଶିକ୍ଷା ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହୋଇପାରିବ, ଯାହା ଫଳରେ ଆର୍ଥିକ ସଶକ୍ତୀକରଣ ସମ୍ଭବ ହେବ ।

**ମୋ–୯୯୬୭୧୦୨୨୬୪**

## ଏଇ ଭାରତରେ

ଆହତ ପ୍ରାଣୀଙ୍କ ପାଇଁ ଦେବଦୂତ ସାଜିଛନ୍ତି ଅଦିତି ନାୟର । ସେ ମାଇଁପଲ୍ କ୍ଲବ୍ ଏନଜିଓ ଗଠନ କରି ରାସ୍ତାରେ ଆହତ ହେଉଥିବା ପ୍ରାଣୀମାନଙ୍କ ଚିକିତ୍ସା କରୁଛନ୍ତି । ଆହତ ବିଲେଇ, କୁକୁର, ପକ୍ଷୀ, ଗଧ ଓ ଗାଈମାନଙ୍କୁ ଚିକିତ୍ସା ଦେଇ ସୁସ୍ଥ କରିବା ପରେ ସେମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାର ବ୍ୟବସ୍ଥା ବି କରିଛନ୍ତି । ଲୋକେ ଏଭଳି ୩୦୦୦ ପ୍ରାଣୀଙ୍କୁ ନେଇ ଘରେ ପାଳିଛନ୍ତି । ୨୦୧୦ରେ ଏମବିଏ ଡିଗ୍ରୀ କରୁଥିବା ସମୟରେ ଅଦିତି ଠାଣେର କିଛି ଲୋକଙ୍କୁ ନେଇ ପ୍ରଥମେ ପ୍ରାଣୀ ସେବା ଆରମ୍ଭ କରିଥିଲେ । ପରେ ୨୦୧୪ରେ ସେ ମାଇଁପଲ କ୍ଲବ ଗଠନ କରିଥିଲେ । ୨୦୧୭ରେ ସେ ଏକ ମୋବାଇଲ ମେଡିକାଲ ୟୁନିଟ ଆରମ୍ଭ କରିଥିଲେ । ଏଥିରେ ଆମ୍ବୁଲାନ୍ସରେ ଭେଣ୍ଟିଲେଟର ଓ ଚିକିତ୍ସା ଉପକରଣ ରଖାଯାଇଛି । ଟିମରେ ପାରା ଭେଟେରିନାରି କର୍ମୀ, ଡ୍ରାଇଭର ରହୁଛନ୍ତି । ତିନୋଟି ଆମ୍ବୁଲାନ୍ସରେ ୧୭ ଜଣ ରହନ୍ତି । ଦିନକୁ ୪୫ରୁ ୫୦ ପ୍ରାଣୀଙ୍କ ହିସାବରେ ମାସକୁ ପ୍ରାୟ ୧୦୦୦ ପ୍ରାଣୀଙ୍କ ଚିକିତ୍ସା କରୁଛନ୍ତି । ଏବେ ସୁଦ୍ଧା ଅଦିତି ଓ ତାଙ୍କ ଟିମ୍ ୪୦,୦୦୦ ପ୍ରାଣୀଙ୍କ ଚିକିତ୍ସା କରିସାରିଲେଣି । ତାଙ୍କ ଟିମରେ ୧୭ ଜଣ ଅଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୮ ଅଗଷ୍ଟ ୧୯୯୮**

- କାବେରୀ ଜଳବଣ୍ଟନ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଦେଇଥିବା ମଧ୍ୟବର୍ତ୍ତିକାଳୀନ ଆଦେଶକୁ କାର୍ଯ୍ୟକାରୀ କରିବାକୁ ୪ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସହମତ ହୋଇଛନ୍ତି ।
- ବାଂଲାଦେଶରେ କ୍ରମାଗତ ବର୍ଷା ଓ ବନ୍ୟା ଯୋଗୁ ୨୮୦ ଜଣଙ୍କ ପ୍ରାଣହାନୀ ।
- କଲମ୍ବିଆର ଆମାଜନ ଜଙ୍ଗଲରେ ବାମପନ୍ଥୀ ଗେରିଲା ଏବଂ ସେନାଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟି ୨୪୮ ନିହତ ।

## ଚିରନ୍ତନୀ

ଦମ୍ଭ ତା'ର ଯାଏ ତୁଟି, କଣ୍ଠେ ତା'ର ଶୁଖିଯାଏ ଗାନ
ସୃଜନ ବ୍ୟଥାରେ ତା'ର ଅନ୍ତର ଲଭଇ ମ୍ରିୟମାଣ ।
ସକଳ କଳା-ଶିଳ୍ପୀ ପାରେ ଅନୁଭବି
ଚିତ୍ରେ ଯେହ୍ନୁ ତୁଳିକାରେ ଛବି ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 6 | | | | | | 2 |
| | 3 | | 8 | | 2 | | 5 | |
| 5 | | | | 6 | | | | |
| | | | | 4 | 7 | | 8 | |
| | 2 | 5 | 3 | | | 1 | | |
| | | 4 | | | | | | |
| 6 | | | | | | | 3 | 5 |
| | | | | 9 | | | | |
| | | 1 | | 2 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 6 | 9 | 8 | 7 | 5 | 3 | 2 |
| 2 | 5 | 3 | 1 | 6 | 4 | 8 | 7 | 9 |
| 8 | 7 | 9 | 2 | 3 | 5 | 1 | 6 | 4 |
| 7 | 6 | 2 | 3 | 5 | 9 | 4 | 1 | 8 |
| 9 | 8 | 1 | 7 | 4 | 6 | 3 | 2 | 5 |
| 5 | 3 | 4 | 8 | 2 | 1 | 7 | 9 | 6 |
| 6 | 2 | 8 | 5 | 1 | 3 | 9 | 4 | 7 |
| 3 | 9 | 5 | 4 | 7 | 2 | 6 | 8 | 1 |
| 4 | 1 | 7 | 6 | 9 | 8 | 2 | 5 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜଙ୍ଗଲ ଧ୍ୱଂସ ରୋକାଯାଉ

ମହାଶୟ,

ହିମାଳୟ ପର୍ବତ ଉପରୁ ପାଇନ୍ ଗଛ ଧ୍ୱଂସ ପାଉଛି । ଏଣୁ ଶୀଘ୍ର ବରଫ ତରଳି ଯାଉଥିବାରୁ ଗଙ୍ଗାନଦୀ ଜଳ ପ୍ରବାହ ହ୍ରାସ ପାଇଛି । ଏହା ବ୍ୟତୀତ ଆମ ରାଜ୍ୟ ସମେତ ଅନ୍ୟାନ୍ୟ ରାଜ୍ୟରେ ଜଙ୍ଗଲ ଧ୍ୱଂସ କାରଣରୁ ଓ ଉଚ୍ଚ ଅଟ୍ଟାଳିକା ଦ୍ୱାରା ଭୂତଳ ଜଳ ବ୍ୟବହାର ବୃଦ୍ଧି ତଥା ପୋଖରୀ ପୋତାଯାଇ ଘର ନିର୍ମାଣ ଯୋଗୁ ଭୂତଳ ଜଳ ସ୍ତର ହ୍ରାସ ପାଉଛି । ଓଡ଼ିଶାରେ ଗଭୀର ନଳକୂପ ଦ୍ୱାରା ଉଠାଜଳସେଚନ ଯୋଗୁ ଭୂତଳ ଜଳସ୍ତର ସାଂଘାତିକ ଭାବେ ତଳକୁ ଚାଲିଗଲାଣି । ଏଥିପାଇଁ ଉପକୂଳ ଜିଲାଗୁଡ଼ିକରେ ଲୁଣିଜଳ ଉପରକୁ ଉଠିଆସିଛି । ଏହାର କାରଣ ହେଉଛି ଜଙ୍ଗଲ ଧ୍ୱଂସ । କାଠ ବ୍ୟବହାର କମାଇବାଠାରୁ ଆରମ୍ଭକରି ନିୟମ ଭଙ୍ଗକାରୀଙ୍କୁ କଠୋର ଅର୍ଥଦଣ୍ଡ ଦିଆଯିବା ଦରକାର । ସେହିଭଳି ପର୍ବତ ଉପରେ ସଫଳ ବୃକ୍ଷରୋପଣ ନିମନ୍ତେ ଜାପାନ ପଦ୍ଧତିରେ ଉଡ଼ାଜାହାଜ ଜରିଆରେ ମଞ୍ଜି ନିକ୍ଷେପଣ, ସ୍କୁଲ କଲେଜ ଶିକ୍ଷାରେ ବୃକ୍ଷରୋପଣ ଓ ପରିବେଶ ବିଷୟରେ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଆବଶ୍ୟକ । ଏହା ବ୍ୟତୀତ କୂଳରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅର୍ଥ ରିଚାର୍ଜିଂ କୂପ ଖନନ, ଗ୍ରାମ ସହରରେ ଥିବା ସମସ୍ତ ପୋଖରୀ ଓ ଜଳାଶୟର ପୁନରୁଦ୍ଧାର କରାଯିବା ଏବଂ ଜଳଭଣ୍ଡାରରୁ ଶିଳ୍ପ ଜଳ ନେବା ନେଇ ନୀତି କରାଯିବା ଜରୁରୀ । ସବୁଜ ପରିବେଶ ପାଇଁ ଅଙ୍ଗୀକାରବଦ୍ଧ ହୋଇ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ ।

**–ଆଶୁତୋଷ ଦାଶ,**
**ସିଦ୍ଧଳ, କାଦୁଆପଡ଼ା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ**

ବାଲିଅନ୍ତା,(ନୀଳମାଧବ ସାହୁ): ବାଲିଅନ୍ତାସ୍ଥିତ ଜବାହରଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଉଦ୍‌ଘାଟନ କରିଥିଲେ। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ନିର୍ମିତ ଏହି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କୁ ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ବିଧାୟକ ଢାଲି ଅନୁଦାନ ଯୋଗାଇ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଅଧକ୍ଷା ଜୟନ୍ତୀବାଳା ମହାନ୍ତି, ଅଧାପକ ପୀତାମ୍ବର ପାତ୍ର, ରଶ୍ମି ରଞ୍ଜନ ପଟ୍ଟନାୟକ, ରଶ୍ମି ଦାସ, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସଂକ୍ଷେପରେ

### ଆଜି ଶପଥ ନେବେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର

କଟକ,୭।୮ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ୩୩ତମ ମୁଖ୍ୟ ବିଚାରପତି ଭାବେ ହାଇକୋର୍ଟର ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର ମଙ୍ଗଳବାର ଶପଥ ଗ୍ରହଣ କରିବେ। ହାଇକୋର୍ଟର ପୁରୁଣା ବିଲ୍‌ଡିଂସ୍ଥିତ ସମ୍ମିଳନୀ କକ୍ଷରେ ବିଚାରପତି ତାଳପତ୍ରଙ୍କୁ ରାଜ୍ୟପାଳ ଶପଥପାଠ କରାଇବେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଉକ୍ତ ପଦବୀରେ ବିଚାରପତି ତାଳପତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟ କଲେଜିୟମ୍ ସୁପାରିସ କରିଥିଲେ।

### ଉତ୍କଳ ବିଶ୍ୱବିଦ୍ୟାଳୟରେ କ୍ରାନ୍ତି ତୀର୍ଥ ପାଳିତ

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)

ସ୍ୱାଧୀନତା ସଂଗ୍ରାମରେ ଭୁଲିଯାଇଥିବା ନାୟକମାନଙ୍କୁ ମନେ ପାଇବା ପାଇଁ କ୍ରାନ୍ତି ତୀର୍ଥ ଶୀର୍ଷକ କାର୍ଯ୍ୟକ୍ରମ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ଆଣ୍ଡ କଲଚର୍ ଷ୍ଟଡିଜ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ସ୍ୱାଧୀନତାର ୭୫ ଗୌରବମୟ ବର୍ଷକୁ ସ୍ମରଣ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ଅବସରରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡିଶା ତଥା ଆଖପାଖରେ ସ୍ୱାଧୀନତା ସଂଗ୍ରାମୀଙ୍କ ଐତିହାସିକ ବୀରତ୍ୱ ଉପରେ ଆଲୋକପାତ କରିଥିଲେ। ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଖୋଜିବା କିମ୍ବା ଅନୁସନ୍ଧାନ କରିବା ପାଇଁ ଏହା ଆହ୍ୱାନ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଭାବରେ ଲୋକପ୍ରିୟ ଲେଖକ ଦାସ ବେନହୁର ତଥା ପ୍ରଫେସର ସୋମାରାନି ଚାନ୍ଦ ଉପସ୍ଥିତ ଥିଲେ ଥିଲେ। ଏହି ବିଷୟ ଉପରେ ସେମାନଙ୍କର ପ୍ରେରଣାଦାୟକ ଭାଷଣ ଦ୍ୱାରା ସେମାନେ ଛାତ୍ର ଏବଂ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର କଲ୍ୟାଣ ପରିଚାଳନା ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ପ୍ରଫେସର ମିତାଲି ଚିନାରା ସଂଯୋଜନା କରିଥିଲେ।

### ଏଥର ପୂଜାପାଇବେ ୫୫ଫୁଟ ଉଚ୍ଚର ପ୍ରତିମୂର୍ତ୍ତି

**ବଡ଼ଗଡ଼ ଶ୍ରୀଗଣେଶ ମହୋତ୍ସବ**

ପୁରୁଣା ଭୁବନେଶ୍ୱର,୭।୮ (ସୁବାସ ଚନ୍ଦ୍ର ପ୍ରଧାନ)

ବଡ଼ଗଡ଼ ଶ୍ରୀଗଣେଶ ପୂଜା ମହୋତ୍ସବ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ଏବଂ ବ୍ରାଇଟ୍‌ଷ୍ଟାର ୟୁଥ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ପାଇଁ ବଡ଼ଗଡ଼ ଦୁର୍ଗାମଣ୍ଡପ ସମ୍ମୁଖରେ ସ୍ଥାନ ନିରୂପଣ ପରେ ଗଣେଶଙ୍କ ପ୍ରତିମୂର୍ତ୍ତି ଅନୁକୂଳ ପାଇଁ ଶୁଭ ଦିଆଯାଇଥିଲା। ଏଥିରେ ୩ଜଣ ପୂଜକ ପୌରୋହିତ୍ୟ କରିଥିଲେ। ଆସୋସିଏଶନ ସମ୍ପାଦକ ସଂଗ୍ରାମ ମାର୍ଥା ଏବଂ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ସୂଚନାଥାଉ କି, ଗତବର୍ଷ ୫୧ ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତି ହୋଇଥିବାବେଳେ ଚଳିତବର୍ଷ ୫୫ ଫୁଟର ମୂର୍ତ୍ତି ପୂଜା ପାଇବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ମାଂସ ମାର୍କେଟ ପାଇଁ ବିଏମ୍‌ସିର ଜାଗା ନାହିଁ

## ୮ମାସ ପରେ ହେଲା ଆଲୋଚନା, ବାହାରିଲାନି ନିଷ୍କର୍ଷ

ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)



- ଥଇଥାନ ନ କରି ଉଚ୍ଛେଦ କଲେ ଆନ୍ଦୋଳନ ହେବ
- ବିଧାୟକ, ମେୟରଙ୍କୁ ୮ଦଫା ଦାବିପତ୍ର ପ୍ରଦାନ

ରାଜଧାନୀ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ସମସ୍ତ ମାଂସ ବ୍ୟବସାୟୀଙ୍କୁ ଥଇଥାନ କରାଯିବା ସହ ପ୍ରତି ୱାର୍ଡରେ ମାଂସ ମାର୍କେଟ ନିର୍ମାଣ କରିବା ପାଇଁ ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ଆସନ୍ତା ୨ବର୍ଷ ମଧ୍ୟରେ ସବୁ ୱାର୍ଡରେ ମାର୍କେଟ ନିର୍ମାଣ କରାଯିବା ସହ କାମର ଅଗ୍ରଗତି ନେଇ ପ୍ରତି ୨ମାସରେ ଥରେ ମାଂସ ବ୍ୟବସାୟୀଙ୍କ ସହ ମେୟରଙ୍କ ଆଲୋଚନା ହେବ ବୋଲି ନିର୍ଦ୍ଧାରିତ ହୋଇଥିଲା। ପ୍ରଥମ ବୈଠକ ଡିସେମ୍ବର ୫ରେ ହୋଇଥିବାବେଳେ ଏହାପରେ ଆଉ କୌଣସି ବୈଠକ କରାଯାଇ ନ ଥିଲା। ବହୁଦାବିପରେ ଦୀର୍ଘ ୮ମାସ ପରେ ସୋମବାର ରୋଟାରୀ ଭବନଠାରେ ହୋଇଥିବା ଆଲୋଚନାଚକ୍ରରେ ମେୟର ଏବଂ ବିଧାୟକ ଯୋଗଦେଲେ। ଆଲୋଚନା ସହିତ ଦାବି ଉପସ୍ଥାପନ କରାଗଲା। ମାତ୍ର ଆମିଷ ବ୍ୟବସାୟୀଙ୍କ ଥଇଥାନ ପାଇଁ କୌଣସି ନିଷ୍କର୍ଷ ବାହାରି ପାରିଲା ନାହିଁ। ସେହିପରି ପ୍ରତି ୱାର୍ଡରେ ହେବାକୁ ଥିବ ମାଂସ ମାର୍କେଟ ନିର୍ମାଣ କେବେ ଆରମ୍ଭ ହେବ ତାହାର ମଧ କୌଣସି ଉତ୍ତର ମିଳିଲାନି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଖରେ କୌଣସି ଜାଗା ନାହିଁ। ଯାହା ଅଛି ସେ ସବୁ ଜିଏ ଏବଂ ବିଡିଏର। ତେଣୁ ସେମାନଙ୍କ ପାଖରୁ ଜାଗା ଚିହ୍ନଟ କରି ବ୍ୟବସାୟୀଙ୍କ ପାଇଁ ମାର୍କେଟ ନିର୍ମାଣ କରିବା ସମୟସାପେକ୍ଷ ବୋଲି ମେୟର ସଫେଇ ଦେଇ ପ୍ରକୃତ ପ୍ରଶ୍ନକୁ ଆଡେଇ ଦେଇଥିଲେ। ଅପରପକ୍ଷେ ଏବେ ସହରର ବିଭିନ୍ନ ଗଳିକନ୍ଦିରେ ମାଂସ ବ୍ୟବସାୟ ଗଢି ଉଠୁଥିବାବେଳେ ଏତେଜଣଙ୍କୁ ଥଇଥାନ କରିବା ମଧ କଷ୍ଟକର ହୋଇ ପଡିଛି। ତେଣୁ ସହରରେ ଥିବା ସମସ୍ତ ମାଂସ ବ୍ୟବସାୟୀଙ୍କ ତାଲିକା ପ୍ରସ୍ତୁତ କରି ବିଏମସିକୁ ପ୍ରଦାନ କରିବା ପାଇଁ ମହାସଂଘକୁ କୁହାଯାଇଛି। ଏଥିସହ ତାଲିକା ବାଦ୍ ଯେପରି ଆଉ କୌଣସି ନୂଆ ବ୍ୟବସାୟୀ ନ ବାହାରନ୍ତି ସେ ନେଇ ଦୃଷ୍ଟି ଦେବାକୁ ମଧ କୁହାଯାଇଛି। ସମସ୍ତ କଥାରେ ଭୁବନେଶ୍ୱର ଆମିଷ ବ୍ୟବସାୟୀ ମହାସଂଘ (ମାଂସ) ବିଭାଗ ରାଜି ହୋଇଥିଲେ ବି ଏ ଯାଏ ଜାଗା ଚିହ୍ନଟ ହୋଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛି।

ଏ ସମ୍ପର୍କରେ ମହାସଂଘର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ଏତେଦିନ ପରେ ଆଲୋଚନା ହେଲେ ବି ସେପରି କିଛି ସୁଫଳ ମିଳିଲାନି। ୮ମାସ ମଧ୍ୟରେ ବିଏମ୍‌ସି ଗୋଟିଏ ୱାର୍ଡରେ ମଧ ଜାଗା ଚିହ୍ନଟ କରି ନ ପାରିବା ଦୁଃଖଦାୟକ। ଭୁବନେଶ୍ୱରରେ ଏବେ ୩୫୦ଜଣ ମାଂସ ବ୍ୟବସାୟୀ ରହିଛନ୍ତି। ବିଏମ୍‌ସି ସେମାନଙ୍କୁ ଥଇଥାନ ନ କରି କେବଳ ଉଚ୍ଛେଦ କରି ଚାଲିଛି ଯାହାକି ଆଇନ୍ ବିରୁଦ୍ଧ। ତେଣୁ ଏହି ଆଲୋଚନା ପରେ ମଧ ଯଦି ବିଏମ୍‌ସି ବ୍ୟବସାୟୀଙ୍କୁ ଉଚ୍ଛେଦ କରିବା ପ୍ରକ୍ରିୟା ଜାରି ରଖେ ତେବେ ଏହାକୁ ଦୃଢ ବିରୋଧ କରି ସମସ୍ତ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମୁନ୍ତାକିମ୍ କହିଛନ୍ତି। ଏହି ଅବସରରେ ମହାସଂଘ ପକ୍ଷରୁ ୮ଦଫା ସମ୍ବଳିତ ଦାବିପତ୍ର ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସୁଶାନ୍ତ, ମେୟରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ଟେକ୍ନୋଲୋଜି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ୨ ବିଧାୟକ, ମୁଖ୍ୟବକ୍ତା ଭାବେ ମେୟର ଯୋଗଦେଇଥିଲେ। ପୂର୍ବତନ କର୍ପୋରେଟର ତଥା ମହାସଂଘର ଉପଦେଷ୍ଟା ମୁଜାହିଦ୍ ହୁସେନ୍ ସ୍ୱାଗତଭାଷଣ ଦେଇଥିବାବେଳେ ରାଜ୍ୟ ସଭାପତି ସେଖ୍ ମୁନ୍ତାକିମ୍ ବକ୍ସ ସଭାପରିଚାଳନା କରିଥିଲେ।




ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ ହୋଇଥିବା ଲିଙ୍ଗରାଜ ଷ୍ଟେଶନ ପୁନର୍ବିକାଶ ପାଇଁ ଶିଳାନ୍ୟାସ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଭାଷଣକୁ ବର୍ଜନ କରି ସଂଘୀୟ ବ୍ୟବସ୍ଥାର ଅବମାନନା କରିଥିବା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ କ୍ଷମା ପ୍ରାର୍ଥନା ଦାବିରେ ସୋମବାର ଏକାମ୍ର ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

# ପୁରୁଷ ବନ୍ଧୁ, ବାର୍‌ର ଜଣେ ଯୁବକଙ୍କୁ ପୋଲିସର ଜେରା

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

**ହୋଟେଲରୁ ଶୁଭଲକ୍ଷ୍ମୀଙ୍କ ମୃତଦେହ ମିଳିବା ଘଟଣା**



ଶୁଭଲକ୍ଷ୍ମୀ ସାହୁ

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ଏକ ରୁମ୍‌ରୁ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ(୧୮)ଙ୍କ ମୃତଦେହ ମିଳିବା ଘଟଣାର ରହସ୍ୟ ଖୋଜୁଛି ପୋଲିସ। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବାରୁ ତଦନ୍ତକୁ ଜୋର୍‌ଦାର କରାଯାଇଛି। ସିସିଟିଭି ଫୁଟେଜଠାରୁ ଆରମ୍ଭ କରି ବାର୍ କର୍ମଚାରୀଙ୍କ ସମେତ ୧୦ଜଣଙ୍କୁ ରବିବାର ପୋଲିସ ପଚାରଉଚରା କରିଥିଲା। ତେବେ ସୋମବାର ଶୁଭଲକ୍ଷ୍ମୀଙ୍କ ପୁରୁଷବନ୍ଧୁଙ୍କୁ ଡାକି ପୋଲିସ ଥାନା ଭିତରେ ପଚରାଉଚରା କରିଥିଲା। କେବେଠାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା, କିଛି ମତାନ୍ତର ଥିଲା କି, ଘଟଣା ଦିନ କେଉଁଠି ଥିଲେ, ହୋଟେଲକୁ ଶୁଭଲକ୍ଷ୍ମୀଙ୍କୁ ଛାଡିବାକୁ ଆସିଥିଲେ କି? ଏଭଳି ଅନେକ ପ୍ରଶ୍ନର ଉତ୍ତର ଜାଣିବାକୁ ପୋଲିସ ଚେଷ୍ଟା କରିଥିଲା। ସେହିପରି ସିସିଟିଭି ଫୁଟେଜ ସହ ହୋଟେଲ ଭିତରୁ ଗୋଟିଏ ଟ୍ରଲି ବ୍ୟାଗ, ୨ଟି ବ୍ୟାଗ ଓ ୨ଟି ଡାଏରି ଜବତ କରିଛି। ଅନ୍ୟପକ୍ଷରେ ଶୁଭଲକ୍ଷ୍ମୀଙ୍କ ସହ ବାରରେ ଥିବା ଜଣେ ଯୁବକଙ୍କ ସମ୍ପର୍କକୁ ଚର୍ଚ୍ଚା ଚାଲିଥିବାରୁ ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେପଟେ ହୋଟେଲ ପକ୍ଷରୁ ଶୁଭଲକ୍ଷ୍ମୀଙ୍କ ପରିବାରବର୍ଗଙ୍କୁ କେସ୍ ଉଠାଇ ନେବାକୁ ଟଙ୍କା ଯଚା ଯାଉଥିବା ନେଇ ସୋସିଆଲ ମିଡିଆରେ ଯେଉଁ ଭାଇରାଲ ହେଉଛି ତାହାର କୌଣସି ସତ୍ୟତା ଜଣାପଡି ନାହିଁ। ଏହାକୁ ନେଇ ପୋଲିସ ତଦନ୍ତ କରୁଥିବା ମଧ ସୂଚନା ମିଳିଛି। ପୋଲିସ ସୂଚନାନୁଯାୟୀ, ଶୁଭଲକ୍ଷ୍ମୀ ଭୁବନେଶ୍ୱର ୟୁନିଟ-୧ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ରେ ପଢୁଥିଲେ। ଶୁକ୍ରବାର ସେ ଭୋର୍ ୩ଟା ୨୦ରେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍ ବୁକ୍ କରି ରହିଥିଲେ। କିନ୍ତୁ ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ କରିବାକୁ ତଳ ମହଲାକୁ ନ ଆସିବାରୁ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। କର୍ମଚାରୀମାନେ ଡାକିଥିଲେ ମଧ ସେ ଶୁଣି ନ ଥିଲେ। ତେଣୁ ମ୍ୟାନେଜର ଉକ୍ତ ରୁମ୍‌ର କବାଟ ଭାଙ୍ଗିବା ପରେ ଯୁବତୀ ଜଣକ ଓଢଣୀ ଦ୍ୱାରା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ପୋଲିସକୁ ଖବର ଦେଇଥିଲେ। ତେବେ ଶୁଭଲକ୍ଷ୍ମୀଙ୍କ ମୃତଦେହ ବେଡ୍ ଉପରେ ବସିବା ଅବସ୍ଥାରେ ଥିବାରୁ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି।

# ଟିଟିଏସ୍‌ରେ ଟ୍ରମେଲ ମେଶିନ୍ କାର୍ଯ୍ୟକ୍ଷମ



ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)

ବର୍ଜ୍ୟବସ୍ତୁ ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସୋମବାର ଟିଟିଏସ୍‌ଠାରେ ମେଗା ଟ୍ରମେଲ ମେଶିନ କାର୍ଯ୍ୟକ୍ଷମ ହୋଇଛି। ମେୟର ସୁଲୋଚନା ଦାସ ଏହି ମେଗା ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଟ୍ରମେଲ ମେଶିନ ପ୍ରତି ଘଣ୍ଟାରେ ୪୦ ଟନ୍ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କରିବାର କ୍ଷମତା ରହିଛି। ୧୦୦ ମିଲିମିଟର କିମ୍ବା ତା' ଠାରୁ ବଡ ଆକାରର କଠିନ ବର୍ଜ୍ୟବସ୍ତୁ ଯଥା ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ, କପଡା ଇତ୍ୟାଦି ପୃଥକୀକରଣ କରି ପାରୁଛି। ଏହାବାଦ୍ ଛୋଟଛୋଟ ଆକାରର ଯଥା ୪୦ ମିଲିମିଟର, ୨୦ ମିଲିମିଟର ଓ ୪ ମିଲିମିଟର କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କରିବା ପାଇଁ ୩ଟି ମେସିନ ବସିବ। ଏହି ୪ ପ୍ରକାରର ଟ୍ରମେଲ ମେଶିନ ଦ୍ୱାରା ବର୍ଜ୍ୟବସ୍ତୁର ଆକାର ଅନୁସାରେ ପୃଥକୀକରଣ କରାଯିବା ପରେ ଉଇଁଣ୍ଡ୍ରୋସ ପଦ୍ଧତିରେ ସେଗୁଡିକର ପ୍ରକ୍ରିୟାକରଣ କରାଯାଇ ସେଥିରୁ ଜୈବିକ ଖତ (ମୋ ଖତ) ଉତ୍ପାଦନ କରାଯିବ। ଅବଶେଷ ବର୍ଜ୍ୟକୁ ସିମେଣ୍ଟ ତିଆରି କାରଖାନା ବା ବିକଳ୍ପ ବ୍ୟବହାର ନିମନ୍ତେ ନିୟମ ଅନୁସାରେ ଅନ୍ୟତ୍ର ପେଶାଦାର ସଂସ୍ଥାକୁ ଦିଆଯିବ। ତେବେ ସମସ୍ତ ମେସିନ ବସିସାରିବା ପରେ ମାସକୁ ୨୮ଦିନ ପୃଥକୀକରଣ ଓ ପ୍ରକ୍ରିୟା କରଣ କାମ ଚାଲିପାରିବ। ଏପରି ବିଜ୍ଞାନ ସମ୍ମତ ପଦକ୍ଷେପ ଦ୍ୱାରା ଭୁବନେଶ୍ୱରର ବର୍ଜ୍ୟ ପ୍ରକ୍ରିୟାକରଣ ପରିଚାଳନା ସହଜ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସିଟି ଇଂଜିନିୟର ଅରୁଣ କୁମାର ନାୟକ, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ଉତ୍ତର ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ, ସ୍ଥାନୀୟ କର୍ପୋରେଟର ଓ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ।

# ଝାଡଖଣ୍ଡରେ ପ୍ରଚଳିତ ହେଉଛି ଓଡ଼ିଆ ସଂସ୍କୃତି ପରମ୍ପରା

ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)



ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ସୋମବାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡଖଣ୍ଡର ଜାମସେଦପୁର ସ୍ଥିତ ନେତାଜୀ ସୁଭାଷ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗଙ୍ଗାଧର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ବି ଥିବା ଓଡିଆ ଭାଷା, ସଂସ୍କୃତି, ପରମ୍ପରା, ଚାଲି ଚଳଣି ରହିଥିବା କହିଥିଲେ। ଏଥିସହ ଓଡିଆ ଓଷା ବ୍ରତର ତୁଳନାତ୍ମକ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରର ଦୁଇ ବରିଷ୍ଠ ଗବେଷିକା ଡ. ମନସା ଶ୍ରୀଚନ୍ଦନ ଓ ଡ. ମିତାଲି ମଧୁସ୍ମିତା ମହାନ୍ତି ଯଥାକ୍ରମେ ଗଦ୍ୟ ଧାରାର ବିବର୍ତ୍ତନରେ 'ଚତୁର ବିନୋଦ' ଓ ଓଷା-ବ୍ରତ ଆଦ୍ୟ ରଚନାରେ ପ୍ରାଚୀନ ଭାଷାର ସ୍ୱରୂପ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶିଳାଲେଖ, ସନନ୍ଦଠାରୁ ସୋମନାଥ ବ୍ରତ କଥା ଓ ବ୍ରଜନାଥ ବଡଜେନାଙ୍କ 'ଚତୁର ବିନୋଦ' ପର୍ଯ୍ୟନ୍ତ ପରିବ୍ୟାପ୍ତ ଓଡିଆ ଗଦ୍ୟର ବିକାଶ କିଭଳି ଭାଷା, ରଚନା ରୀତି ଓ ବିଷୟ ବସ୍ତୁରେ କ୍ରମ ବିବର୍ତ୍ତିତ ହୋଇଛି ତାହା ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସହଯୋଗୀ ଗବେଷିକା ଡ. ହିମାଦ୍ରି ତନୟା ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ବରିଷ୍ଠ ଗବେଷକ ଡ. ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧାପିକା ଡ. ମୃଦୁଳା ମିଶ୍ର, ହିନ୍ଦୀ ବିଶାରଦ ସୁରେନ୍ଦ୍ର ପାଣିଗ୍ରାହୀ, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ଇପ୍ସିତା ମିଶ୍ର, ଡ. ଅମ୍ବରିଶ ଶତପଥି, ସଦାଶିବ ବିଶାଳ ଓ ରୂପଶ୍ରୀ ଧର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍ଥିର ଲକ୍ଷ୍ୟ ସଫଳତା ଆଣେ: ରିନାରାଣୀ

ପୁରୁଣା ଭୁବନେଶ୍ୱର,୭।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପରିଚାଳିତ ୨୦୨୧-୨୨ ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଭୁବନେଶ୍ୱର ବ୍ଲକ ଇଟିପୁର ଗ୍ରାମର ରିନା ରାଣୀ ସ୍ୱାଇଁ ୨୧୧ ର୍‍ୟାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରିନାରାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଉପ-ସଭାପତି ଅକ୍ଷୟ ସ୍ୱାଇଁ, ପୂର୍ବତନ ଶିକ୍ଷକ ସାରଙ୍ଗ ସ୍ୱାଇଁ, ସାମାଜିକ କର୍ମୀ ଅକ୍ଷୟ କୁମାର ବରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏନେଇ ରିନାରାଣୀ କହିଛନ୍ତି, ପ୍ରଚେଷ୍ଟା, ଲକ୍ଷ୍ୟସ୍ଥଳ ସ୍ଥିରତା ସଫଳତା ଆଣିଦିଏ। ପ୍ରଶାସନିକ ସେବାରେ ନିଯୁକ୍ତି ପରେ ସରକାରଙ୍କ ସମସ୍ତ ଯୋଜନା କିଭଳି ସବୁ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି।

# ପ୍ରଶିକ୍ଷଣ ହିଁ ସାମର୍ଥ୍ୟ ବିକାଶର ମାଧ୍ୟମ



ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)

**ବଜାର ପରିଚାଳନା ଦକ୍ଷତା ନେଇ 'ପରିଚାଳନା ବିକାଶ କାର୍ଯ୍ୟକ୍ରମ'ର ଶୁଭାରମ୍ଭ**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳକ ଏବଂ ସହ ପରିଚାଳକମାନଙ୍କ ନିମନ୍ତେ ଆତିଥେୟତା ତଥା ବଜାର ପରିଚାଳନା ଦକ୍ଷତା ଉପରେ ଏକ ୫ଦିନିଆ 'ପରିଚାଳନା ବିକାଶ କାର୍ଯ୍ୟକ୍ରମ' ସୋମବାର ଆଇଆଇଟିଟିଏମ୍ ଠାରେ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ପର୍ଯ୍ୟଟନ ଓ ଯାତ୍ରା ପରିଚାଳନା ପ୍ରତିଷ୍ଠାନ ଏବଂ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱତନ୍ତ୍ର ବ୍ୟବସ୍ଥିତ କାର୍ଯ୍ୟକ୍ରମ ଅବସରରେ ରାଜ୍ୟରେ କାର୍ଯ୍ୟରତ ଓଟିଡିସିର ୩୦ଜଣ ପରିଚାଳକ ଓ ସହପରିଚାଳକ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ଓଟିଡିସିର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଉଦ୍‌ଘାଟନ କରି କହିଲେ, ସାମର୍ଥ୍ୟର ବିକାଶ ପ୍ରଶିକ୍ଷଣ ମାଧ୍ୟମରେ ସମ୍ଭବ। ୫ଟି ଆଧାରରେ କାର୍ଯ୍ୟକରି ଆତିଥେୟତା କ୍ଷେତ୍ରରେ ଥିବା ଓଡ଼ିଶାର ସୁନାମକୁ ବହୁଗୁଣିତ କରିବାକୁ ଡ. ମହାନ୍ତି ପରିଚାଳକ ଓ ସହ ପରିଚାଳକଙ୍କୁ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ବାଳମୁକୁନ୍ଦ ଭୂୟାଁ ଓଟିଡିସିର ବିକାଶ ଦିଗରେ ପରିଚାଳକଙ୍କ ଭୂମିକା ସର୍ବାଗ୍ରେ ବୋଲି ଅଭିହିତ କରିଥିଲେ। ଆଇଆଇଟିଟିଇଏମ୍‌ର ନୋଡାଲ ଅଧିକାରୀ ଡ. ଏମ୍‌ଡି. ସବିର ହୁସେନ୍ ଉପସ୍ଥିତ ରହି ପରିଚାଳନା ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସମନ୍ୱୟକାରୀ ଡ. ଆଦ୍ୟାଶା ଦାସ କାର୍ଯ୍ୟକ୍ରମର ରୂପରେଖ ତଥା ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଏସ୍. ପ୍ରଧାନ ପରିଚାଳନା କରିଥିବାବେଳେ ଡ. ବି. ସ୍ୱଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାରେଣ୍ଟ ପରିଚାଳନା ବ୍ୟବସ୍ଥା, ପିଆଇଏଲ୍ ପୋର୍ଟାଲ ଉଦ୍‌ଘାଟିତ

କଟକ,୭।୮ (କାର୍ତ୍ତିକ ସାହୁ)

ନ୍ୟାୟିକ ବ୍ୟବସ୍ଥାକୁ ସହଜ କରିବା ଉଦ୍ଦେଶ୍ୟରେ ୱାରେଣ୍ଟ ପରିଚାଳନା ବ୍ୟବସ୍ଥା ଓ ପିଆଇଏଲ୍ ପୋର୍ଟାଲର ଶୁଭାରମ୍ଭ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଅବସର ନେବା ଦିବସରେ ସୋମବାର ଏହି ନୂତନ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ହାଇକୋର୍ଟ ଆର୍ଟିଫିସିଆଲ ଆଣ୍ଡ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର, ଷ୍ଟେଟ କୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ କମିଟି ଅଧ୍ୟକ୍ଷ ତଥା ବିଚାରପତି ବିଶ୍ୱନାଥ ରଥଙ୍କ ସମେତ ହାଇକୋର୍ଟର ବିଚାରପତିଗଣ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କ ସମେତ ସବୁ ଜିଲାରୁ ଜିଲାଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲରେ ଉକ୍ତ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

ୱାରେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ପୂର୍ବରୁ ପ୍ରଥମେ କଟକ ଜିଲାରେ ଆରମ୍ଭ ହୋଇଥିଲା। ଏବେ ଆଉ ୭ଟି ଜିଲାରେ ଆରମ୍ଭ କରାଯାଇଛି। ସେଗୁଡ଼ିକ ହେଲା ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ, ଖୋର୍ଦ୍ଧା, କୋରାପୁଟ, ସମ୍ବଲପୁର ଓ ସୁନ୍ଦରଗଡ଼ର ରାଉରକେଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ଜିଲାଗୁଡ଼ିକରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି।

ମୁଖ୍ୟ ବିଚାରପତି ଡ. ମୁରଲୀଧର କହିଛନ୍ତି, ଏବେ ରାଜ୍ୟର ବିଭିନ୍ନ ଥାନାରେ ବହୁ ସଂଖ୍ୟକ ୱାରେଣ୍ଟ କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି। ନନ୍-ବେଲେବ୍‌ଲ ୱାରେଣ୍ଟ ୭୧,୦୦୦, ବେଲେବ୍‌ଲ ୱାରେଣ୍ଟ ୫୭,୦୦୦, ଡିସ୍ଟ୍ରେସ୍ ୱାରେଣ୍ଟ ୩୭୦୦ ଓ ରିକମିଟ୍‌ମେଣ୍ଟ ୬୦୦ ୱାରେଣ୍ଟ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ପଡ଼ିରହିଛି। ପିଆଇଏଲ୍ ପୋର୍ଟାଲ ଦ୍ୱାରା ଆଇନ୍‌ଜୀବୀମାନେ ସମାନ ଧରଣର ପ୍ରସଙ୍ଗକୁ ନେଇ ଜନସ୍ୱାର୍ଥ ମାମଲା ଦାଏର କରିବା ବେଳେ ସଚେତନ ହେବେ। ବିଚାରପତି ଶୁଭାଶିଷ ତାଳପତ୍ର ୱାରେଣ୍ଟଗୁଡ଼ିକ କାର୍ଯ୍ୟକାରୀ ନ ହେବା ଦ୍ୱାରା ବିଚାର ପ୍ରକ୍ରିୟା ଅନ୍ଧାରରେ ରହିଥାଏ ବୋଲି କହିଥିଲେ। ବିଚାରପତି ବିଶ୍ୱନାଥ ରଥ କହିଥିଲେ, ପ୍ରଥମ ଥର ପାଇଁ ହାଇକୋର୍ଟର ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣଙ୍କ ପାଇଁ ବିଶେଷ ସହାୟକ ହେବ। ଷ୍ଟେଟ କ୍ରାଇମ ରେକର୍ଡସ୍ ବ୍ୟୁରୋ ନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଏହି ବ୍ୟବସ୍ଥା କ'ଣ?

ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ସହଯୋଗରେ ହାଇକୋର୍ଟ ଦ୍ୱାରା ପ୍ରସ୍ତୁତ ଏହି ପୋର୍ଟାଲ ଦ୍ୱାରା ୱାରେଣ୍ଟଗୁଡ଼ିକର ସଞ୍ଚାରଣ ଓ ସ୍ଥିତି ଜାଣିବା ସହଜ ହେବ। କେତେ ୱାରେଣ୍ଟ ପୋଲିସକୁ ଇସ୍ୟୁ କରାଯାଇଛି, ସେଗୁଡ଼ିକ ମଧ୍ୟରୁ କେତୋଟିରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହା ଜାଣିହେବ। ଏହି ପୋର୍ଟାଲ ଜରିଆରେ ପୋଲିସକୁ ବେଲେବଲ୍, ନନ୍ ବେଲେବଲ୍, ଡିସ୍‌ଟ୍ରେସ୍ ଓ ରିକମିଟ୍‌ମେଣ୍ଟ ୱାରେଣ୍ଟ ଆଦି କାର୍ଯ୍ୟକାରୀ କରିବାକୁ ଇସ୍ୟୁ କରାଯିବ। ଏହି ପୋର୍ଟାଲରେ ଥିବା କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱର୍କ ଓ ସିଷ୍ଟମ ସହାୟତାରେ ୱାରେଣ୍ଟି ସମ୍ବନ୍ଧରେ ସବିଶେଷ ତଥ୍ୟ ଆପେ ମିଳିଯିବ। ଏହାଦ୍ୱାରା ସମୟ ବଞ୍ଚିବା ସହ ଅଯଥା ଡାଟା ଏଣ୍ଟ୍ରିରୁ ରକ୍ଷା ମିଳିବ। କୋର୍ଟ ଓ ପୋଲିସ ମଧ୍ୟରେ ସିଧାସଳଖ ୱାରେଣ୍ଟ ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ ତତ୍‌କ୍ଷଣାତ୍ ହୋଇପାରିବ। ସେହିପରି ପିଆଇଏଲ ପୋର୍ଟାଲ ଦ୍ୱାରା ଜନସାଧାରଣ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ମାମଲାଗୁଡ଼ିକର ବିବରଣୀ ଓ ରାୟ ବିଷୟରେ ଜାଣିପାରିବେ। ଗବେଷକ ଓ ଛାତ୍ରୀଛାତ୍ରଙ୍କୁ ଏହା ବିଶେଷଭାବେ ସହାୟକ ହୋଇପାରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଅଗଷ୍ଟ, ୨୦୨୩



## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ବଡ଼ମ୍ବା,(ମାୟାଧର ମଲ୍ଲିକ): ବଡ଼ମ୍ବା ଥାନା ଅନ୍ତର୍ଗତ ଜାନିସାହି ଗାଁର ଜଣେ ଯୁବକ ଇଣ୍ଟରଭ୍ୟୁ ଦେବାକୁ ଯାଇ ଟ୍ରକ ଚକା ତଳେ ଚାପି ହୋଇ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କାବୁଲି ରାଉଳ (୨୨)। କାବୁଲି ଜଣେ ସମ୍ପର୍କୀୟଙ୍କ ସହ ସୋମବାର ସକାଳୁ ଇଣ୍ଟରଭ୍ୟୁ ଦେବା ପାଇଁ ବାଇକ୍ ଯୋଗେ କେନ୍ଦୁଝରେ ଯାଉଥିଲେ। ସେ କେନ୍ଦୁଝର ଟାଉନ ଦେଇ ଯାଉଥିବା ବାଟରେ ଶୁଆକାଟି ଫାଣ୍ଡି ଅନ୍ତର୍ଗତ ପଣ୍ଡାଦର ଛକ ନିକଟରେ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କାବୁଲିଙ୍କର ମୃତ୍ୟୁ ଘଟିଥିଲା। ସମ୍ପର୍କୀୟ ସ୍ମୃତି ରଞ୍ଜନ ସେଣ ଗୁରୁତର ଆହତ ହୋଇଛନ୍ତି। ସେଠାରେ ତାଙ୍କ ମୃତ ଶରୀର ବ୍ୟବଚ୍ଛେଦ ପରେ ଗାଁକୁ ପଠା ଯାଇଛି। ଘଟଣାକୁ ନେଇ ଜାନିସାହିରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ଗୁରୁତର

ସାଲେପୁର,୭।୮(ଅରବିନ୍ଦ ଭୂୟାଁ)

ବିଲକୁ କାମ କରିବାକୁ ଯାଇଥିବାବେଳେ ବିଷାକ୍ତ ସାପ କାମୁଡ଼ିବାରୁ ଜଣେ ନାବାଳକ ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସାଲେପୁର ଥାନା ଅନ୍ତର୍ଗତ ତେନ୍ତୋଳ ଗ୍ରାମର ଅଜୁ ଭୋଇଙ୍କ ପୁଅ ପାପୁନି ଭୋଇ(୧୬) ରବିବାର ପୂର୍ବାହ୍ନ ୧୧ଟାରେ ବିଲକୁ ଚାଷ କାମ କରିବାକୁ ଯାଇଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଛି।

### ପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି ସମ୍ପର୍କିତ ପ୍ରଶିକ୍ଷଣ

ବଡ଼ମ୍ବା,୭।୮ (ମାୟାଧର ମଲ୍ଲିକ)

ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସପ୍ତାହେ ବ୍ୟାପି ଚାଲିଥିବା ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍ୟାପିତ ହୋଇଯାଇଛି। ୧ ତାରିଖଠାରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦୀର୍ଘ ସ୍ଥାୟୀ ବିକାଶ ଲର ସ୍ଥାନୀୟ କରଣ ଓ ଦାରିଦ୍ର୍ୟ ମୁକ୍ତ ତଥା ଉନ୍ନତ ଜୀବିକା ଯୁକ୍ତ ପଞ୍ଚାୟତ ଗଠନ ଏବଂ ପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି ସମ୍ପର୍କିତ ଦକ୍ଷତା ବୃଦ୍ଧି ସମ୍ବନ୍ଧିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ସେହିପରି ସପ୍ତାହେ ବ୍ୟାପି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ଲକର ୩୮ ଟି ପଞ୍ଚାୟତର ସମୁଦାୟ ୪୫୬ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷକ ଭାବେ ବିଡିଓ, ଏବିଡିଓ, ଜିପିଇଓ, ବିଇଓ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଉଥିଲେ। ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ମହାସଂଘର ସଭ୍ୟ, ଶିକ୍ଷକ, ପ୍ରାଣୀ ମିତ୍ର, କୃଷି ମିତ୍ର, ଅଙ୍ଗନୱାଡି କର୍ମୀ ଆଦି ବିଭିନ୍ନ ବିଭାଗରୁ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିପିଇଓ ସଞ୍ଜୟ କୁମାର ସାହୁ ଓ ଏବିଡିଓ ଯାଜ୍ଞସେନୀ ଗୋଛାୟତ ପରିଚାଳନା କରିବା ସହ ସଂଯୋଜନା କରିଥିଲେ।

### ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର

କଟକ,୭।୮ (କାର୍ତ୍ତିକ ସାହୁ)

ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର ଚାଉଳିଆଗଞ୍ଜସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆସରକୁ ପଣ୍ଡିତ ନୀଳକଣ୍ଠ ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଲ୍ଲିପ୍ରତିଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ କୁମାର ରାଉତ ଯୋଗଦେଇ ଭାଷା-ସାହିତ୍ୟ ଜାତିକୁ ପରିପୁଷ୍ଟ କରିଥାଏ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଓ ବରେଣ୍ୟ ଅତିଥି ଆଇନଜୀବୀ ପତିତପାବନ ମହାପାତ୍ର ସାହିତ୍ୟର କ୍ରମବୃଦ୍ଧି ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ବୋଲି କହିଥିଲେ। ଏହି ଅବସରରେ ପଣ୍ଡିତ ଚୈତନ୍ୟ କୁମାର ସାହୁ ଓ ଗୀତାଞ୍ଜଳି ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ବସନ୍ତ କୁମାରୀ ନନ୍ଦ ଓ ଗୀତାଞ୍ଜଳି ପୃଷ୍ଟିଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ଓ ସାନ୍ତ୍ୱନା କୁମାରୀ ମହନ୍ତି ଧନ୍ୟବାଦ ଦେଇଥିଲେ।

### ରାମକୃଷ୍ଣ ଡ୍ରାମାଟିକ୍ କ୍ଲବ ମଞ୍ଚସ୍ଥ କରିବ ଗଣକବି ନାଟକ

କଟକ,୭।୮ (କାର୍ତ୍ତିକ ସାହୁ)

ପୁରାତନ ନାଟ୍ୟାନୁଷ୍ଠାନ ରାମକୃଷ୍ଣ ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ୨୬ ବର୍ଷର ବ୍ୟବଧାନ ପରେ ପୁଣି ଗଣକବି ବୈଷ୍ଣବ ପାଣିଙ୍କ ନାଟକ ମଞ୍ଚସ୍ଥ ନିମନ୍ତେ ସ୍ଥିର କରାଯାଇଛି। ବୈଷ୍ଣବ ପାଣିଙ୍କ ରଚିତ ତଥା ନାଟ୍ୟଗୁରୁ ବାଉଲି ବେହେରାଙ୍କ ପରିମାର୍ଜିତ ପୌରାଣିକ କଥାବସ୍ତୁ ସମ୍ବଳିତ ମେଘନାଦ ବଧ ନାଟକ ମଞ୍ଚସ୍ଥ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବକ୍ସିବଜାର ନାୟକସାହିସ୍ଥିତ ବଳରାମ ଦାସ ମଠ ପରିସରରେ ଆୟୋଜିତ ବୈଠକରେ ସଭାପତି ଧୀରଞ୍ଜ ନାରାୟଣ ପାତ୍ର ଓ ସମ୍ପାଦକ ଆଲୋକ ରଞ୍ଜନ ମହାରଣା ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ନାଟ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ମହାରଣା, ଉପଦେଷ୍ଟା ଧୀରେନ୍ଦ୍ର ମହାପାତ୍ର, କିଶୋର ଚନ୍ଦ୍ର ସେନାପତି, ସୁବାସ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଗଠନମୂଳକ ମତାମତ ଉପସ୍ଥାପନ କରିଥିଲେ।

# ଜିଆଇ ଟ୍ୟାଗ ମାନ୍ୟତାରୁ ମାଣିଆବନ୍ଧ ଶାଢ଼ି ବଞ୍ଚିତ

- ବୁଣାକାରମାନଙ୍କ ସମସ୍ୟା ଦୂର ହେଉନାହିଁ
- ଦୀର୍ଘ ଦିନ ହେବ ବନ୍ଦ ରହିଛି ସୂତାବ୍ୟାଙ୍କ

ମାଣିଆବନ୍ଧ,୭।୮( ଅଖିଳ କୁମାର ସାହୁ )


ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମାଣିଆବନ୍ଧ ଶାଢ଼ି।

ହାତବୁଣା ଶାଢ଼ି ପାଇଁ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧର ସ୍ଥାନ ଦେଶ ବିଦେଶରେ ସ୍ୱତନ୍ତ୍ର। ଅବିଭକ୍ତ ମାଣିଆବନ୍ଧରେ ୧୧୨୦ ବୁଣାକାର ପରିବାର ଥିବାବେଳେ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ବଡ଼ମ୍ବା ବ୍ଲକର ୫୬ ଗ୍ରାମ ସମେତ କଟକ ଜିଲାର ତିଗିରିଆ, ବାଙ୍କୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ନୟାଗଡ ଜିଲାରେ ମାଣିଆବନ୍ଧ ଶାଢ଼ି ପ୍ରସ୍ତୁତ କରାଯାଏ। ଏହାସତ୍ତ୍ୱେ ଓଡ଼ିଶାର ଆଦିମ ଓ ସର୍ବ ପୁରାତନ ତଥା ସ୍ୱାତନ୍ତ୍ର୍ୟ ବହନ କରୁଥିବା ମାଣିଆବନ୍ଧ ଖଣ୍ଡୁଆ ଓ ଶାଢ଼ିକୁ ଏପର୍ଯ୍ୟନ୍ତ ଜିଆଇ ଟ୍ୟାଗ ମାନ୍ୟତା ମିଳିପାରିନାହିଁ।

୪ର୍ଥ ଶତାବ୍ଦୀବେଳକୁ ମାଣିଆବନ୍ଧ ବୁଣାକାରମାନେ ଦକ୍ଷିଣପୂର୍ବ ଏସିଆ ଦେଶଗୁଡ଼ିକ ସହ ଶାଢ଼ି ବ୍ୟବସାୟ କରୁଥିବା ଇତିହାସରେ ଉଲ୍ଲେଖ ରହିଛି। ଚୀନ ପରିବ୍ରାଜକ ହୁଏନସାଂଙ୍କ ମାଣିଆବନ୍ଧ ଗସ୍ତ ସମୟରେ ଏଠାକାର ଯୋଡକୁ ଗୋଟିଏ ବାଉଁଶ ନଳୀରେ ଭର୍ତ୍ତି କରି ତାଙ୍କୁ ଉପହାର ଦିଆଯାଇଥିଲା। ଫକୀର ମୋହନ ସେନାପତିଙ୍କ ଛଅମାଣ ଆଠ ଗୁଣ୍ଠ, ପେଟେଣ୍ଟ ମେଡ଼ିସିନ ଆଦି ଉପନ୍ୟାସ ସହ ଓଡ଼ିଶାର ବହୁ ଲେଖକ ଓ କବିଙ୍କ କୃତିରେ ମାଣିଆବନ୍ଧ ହସ୍ତତନ୍ତ ସମ୍ବନ୍ଧରେ ଉଲ୍ଲେଖ ରହିଛି। ସାରା ଦେଶରେ ବାନ୍ଧ ବନ୍ଧା, ରଙ୍ଗ କାମ ଆଦି କାମ ଜଣେ ଜଣେ ବୁଣାକାର କରୁଥିବାବେଳେ ମାଣିଆବନ୍ଧରେ ଏହାକୁ ପାଞ୍ଚ ଅଲଗା ଅଲଗା ଗୋଷ୍ଠୀ କରିଥାନ୍ତି ଫଳରେ କମ୍ ସମୟ ମଧ୍ୟରେ ଅଧିକ ଉନ୍ନତମାନର ଶାଢ଼ି ଉତ୍ପାଦିତ ହୋଇଥାଏ। ପୂର୍ବରୁ ଏଠାରେ ରଙ୍ଗଶାଢ଼ି, ବଉଳ ପାଟ, ଖଣ୍ଡୁଆ, ଚୁଡ଼ି, ପାଇପିନ ଆଦି ଶାଢ଼ି ଉତ୍ପାଦିତ ହେଉଥିବାବେଳେ ବର୍ତ୍ତମାନ ଦେହବାନ୍ଧ, ସ୍କଟ, ରେଖା, ଖଣ୍ଡୁଆ, ଝରଣା, କାରଗିଲ, କୁମ୍ଭ, ରେଖବୁଟି ଆଦି ୫୦ ପ୍ରକାର ଉନ୍ନତମାନର ଶାଢ଼ି ପ୍ରସ୍ତୁତ କରାଯାଉଛି। ମାତ୍ର ଏହି ଶାଢ଼ିକୁ ଜିଆଇ ଟ୍ୟାଗ ମାନ୍ୟତା ମିଳୁ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରୀୟ କ୍ଲଷ୍ଟର ଓ ଟାଟା କ୍ଲଷ୍ଟର ମାଣିଆବନ୍ଧରେ କାର୍ଯ୍ୟ କରୁଥିବା ବେଳେ ଏମ୍ଏସ୍ଏମଇ କ୍ଲଷ୍ଟରକୁ ମାଣିଆବନ୍ଧ ବାହାରେ ଅନ୍ୟଅଞ୍ଚଳ ବୁଣାକାରମାନଙ୍କୁ ନେଇ କାର୍ଯ୍ୟ କରାଯାଉଛି। ମାତ୍ର ବୁଣାକାରମାନଙ୍କ ସମସ୍ୟା ଦୂର ହେଉନାହିଁ।

କେନ୍ଦ୍ରୀୟ କ୍ଲଷ୍ଟର ଯୋଜନାରେ ମାଣିଆବନ୍ଧରେ ଏକ ବୁଣାକାର ହାଟ ନିର୍ମିତ ହୋଇଥିଲେ ମଧ୍ୟ ଏହାକୁ ଉଦ୍ଦେଶ୍ୟ ମୂଳକଭାବେ ପୂର୍ଣ୍ଣାଙ୍ଗ କରାଯାଉନାହିଁ। ପୁନଶ୍ଚ କେନ୍ଦ୍ରୀୟ କ୍ଲଷ୍ଟରରେ ୧୦ ଲକ୍ଷ ଟଙ୍କା ବିନିଯୋଗରେ କାର୍ଯ୍ୟ କରୁଥିବା ସୂତାବ୍ୟାଙ୍କ ବୟନ ବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁ ଦୀର୍ଘ ଦିନ ଧରି ବନ୍ଦ ରହିଛି। ଫଳରେ ବୁଣାକାରମାନେ ସୂତା, ରଙ୍ଗ ଓ ରାସାୟନିକ ଦ୍ରବ୍ୟ ଆଦିକୁ ସ୍ଥାନୀୟ ବଜାରରୁ ଚଢ଼ା ଦରରେ କିଣୁଛନ୍ତି। ଏହି ଶାଢ଼ିକୁ ଜିଆଇ ଟ୍ୟାଗ ସହ କଞ୍ଚାମାଲ ପାଇଁ ସୂତାବ୍ୟାଙ୍କ ଖୋଲିବା, ଉତ୍ପାଦିତ ଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା ଓ ବୁଣାକାର ହାଟ ଖୋଲାଗଲେ ବୁଣାକାରମାନେ ଉପକୃତ ହୋଇପାରିବେ ବୋଲି ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର ତଥା ବାନ୍ଧଶିଳ୍ପୀ ଦେବରାଜ ଦେବତା କହିଛନ୍ତି। ବୁଣାକାରଙ୍କ ସମସ୍ୟା ସମ୍ପର୍କରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକଙ୍କୁ ପଚାରିବାରେ ବୁଣାକାରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଧାନ ତଳି ଧରି ଚାଷୀଙ୍କ ଧାରଣା

## କେନାଲରେ ପାଣି ଯାଉ ନ ଥିବା ଅଭିଯୋଗ

ସାଲେପୁର,୭।୮(ଅରବିନ୍ଦ ଭୂୟାଁ)

କେନାଲରେ ପାଣି ଯାଉନଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ କରି ଜଣେ ଚାଷୀ ଧାନ ତଳି ଧରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ସେ ହେଲେ ସାଲେପୁରସ୍ଥିତ ଗଣେଶ୍ୱରପୁର ଗ୍ରାମର ଚାଷୀ ରାମଚନ୍ଦ୍ର ପାଣି। ତାଙ୍କ ଅଭିଯୋଗ ଅନୁଯାୟୀ, ସାଲେପୁର ତହସିଲ ଅନ୍ତର୍ଗତ ସତ୍ୟଭାମାପୁର ଆରଆଇ ସର୍କଲ ଅଧୀନ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୧୮ନଂ ସି. ଶାଖା କେନାଲରେ ପାଣି ଯାଉନାହିଁ। ଏଥିଯୋଗୁ ଗଣେଶ୍ୱରପୁର, ସତ୍ୟଭାମାପୁର, ମାର୍କିହତ, କିଶିନାପୁର ଆଦି ଅଞ୍ଚଳରେ ପ୍ରାୟ ୪୦୦ ହେକ୍ଟର ଜମି ପଡ଼ିଆ ପଡ଼ିଛି। ଏହି ସମସ୍ୟା ଦୀର୍ଘ ୧୫ବର୍ଷ ହେବ ଲାଗି ରହିଛି। ଏଣୁ ତୁରନ୍ତ କେନାଲରେ ପାଣି ଯୋଗାଇ ଦେବା ସହ ଚାଷ ଜମିଗୁଡ଼ିକରେ ଜଳସେଚନର ବ୍ୟବସ୍ଥା କରିବାପାଇଁ ତହସିଲଦାରଙ୍କ ନିକଟରେ ଚାଷୀ ରାମଚନ୍ଦ୍ର ଜୁଲାଇ ୨୯ରେ ଦାବି କରିଥିଲେ। ଅଗଷ୍ଟ ୭ ସୁଦ୍ଧା ଏହି ସମସ୍ୟାର ସମାଧାନ କରା ନ ଗଲେ ସେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଦେବେ ବୋଲି ସେତେବେଳେ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ରାମଚନ୍ଦ୍ର ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ ଖବରପାଇ ତାଙ୍କ ନିକଟରେ ପହଞ୍ଚି ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଚାଷ ଜମିଗୁଡିକରେ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାମଚନ୍ଦ୍ର ଧାରଣାରୁ ଓହରିଥିଲେ।


ଧାନ ତଳି ରଖି ଚାଷୀ ଧାରଣାରେ ବସିଛନ୍ତି।

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ ପିଇଓ

## ୧୮ରୁ ସାମୁହିକ ଛୁଟିରେ ଯିବାକୁ ଚେତାବନୀ

ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର)/ତିଗିରିଆ(ଜାଫର ଖାଁ) ବଡ଼ମ୍ବା,(ମାୟାଧର ମଲ୍ଲିକ),୭।୮

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ (ପିଇଓ) ୩ ଦଫା ଦାବି ନେଇ କଳାବ୍ୟାଚ ପରିଧାନ କରି ପ୍ରତିବାଦ କରିଥିଲେ। ସରକାର ସେମାନଙ୍କ ଦାବି ନ ଶୁଣିଲେ ୧୮ ତାରିଖରୁ ସେମାନେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ଦିଆଯାଇଥିବା ସଂଘ ସଭାପତି ସୂଚନା ଦେଇଛନ୍ତି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ ରୁ ଯୁକ୍ତ ୩କୁ ବୃଦ୍ଧି କରିବା ସହ ଦରମା ହାର ଲେବଲ ୫ରୁ ୯କୁ ବୃଦ୍ଧି କରିବା, କାର୍ଯ୍ୟ ନିର୍ବାହୀ ପଦବୀରେ ୧୦ ବର୍ଷ କାର୍ଯ୍ୟ କରିବା ପରେ ପଦୋନ୍ନତି ଓ କାର୍ଯ୍ୟନିର୍ବାହୀମାନଙ୍କୁ ଓଡ଼ିଶା ପଞ୍ଚାୟତିରାଜ ନିୟମ ଅନୁଯାୟୀ କ୍ୟାଡରଭୁକ୍ତ କରାଯାଉ। ଦାବିପତ୍ର ପ୍ରଦାନ ସମୟରେ ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତନିର୍ବାହୀ ଅଧିକାରୀ ସଂଘ ସଭାପତି ଦୀଲିପ କୁମାର ମହାନ୍ତ, ସମ୍ପାଦକ କୈଳାସ ରାଉତରାୟ, କୋଷାଧ୍ୟକ୍ଷ ସୁଜୟ କୁମାର ବେହେରାଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିଗିରିଆ ବ୍ଲକ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂଘ ସଭାପତି ପ୍ରଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ପ୍ରଣବ କୁମାର ବେହେରାଙ୍କୁ ଦେଇଥିଲେ। ଏହି ଆନ୍ଦୋଳନରେ ମାଗୁଣି ମଣ୍ଡଳ, ବେଣୁଧର ଜେନା, ସନାତନ ସ୍ୱାଇଁ, ଲିପିକା ବେହେରା, ନଳିନୀ ବେହେରା, ଓ ଶର୍ମିଳା ମହାନ୍ତ ପ୍ରମୁଖ ସାମିଲ ହୋଇଛନ୍ତି। ବଡ଼ମ୍ବାରେ ବ୍ଲକରେ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପରୋକ୍ତ ଦାବି ନେଇ କଳାବ୍ୟାଚ ପିନ୍ଧି କାର୍ଯ୍ୟ କରିଛନ୍ତି ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସମ୍ପାଦକ ସଞ୍ଜୟ କୁମାର ସାହୁ ସୂଚନା ଦେଇଛନ୍ତି।



ବଡ଼ମ୍ବାରେ ପିଇଓମାନେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଛନ୍ତି।

## ଜୁନିୟର ଗାଲା କ୍ଲବ ୩-୧ ଗୋଲ୍‌ରେ ବିଜୟୀ

କଟକ ଅଫିସ,୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଓ ଲିଗ୍‌ର ଏକ ମ୍ୟାଚ୍‌ରେ ସୋମବାର ଜୁନିୟର ଗାଲା କ୍ଲବ ୩-୧ ଗୋଲ୍‌ରେ ଏଲ୍ଆଇସି ସ୍ପୋର୍ଟସ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଗାଲା କ୍ଲବ ପକ୍ଷରୁ ୨ଟି ଗୋଲ ହୋଇଥିଲା। ଖେଳର ୫ମ ମିନିଟରେ ଶେଖ୍ ରିଜୱାନ ଏବଂ ୨୧ତମ ମିନିଟରେ ବିପୁଲ ବେହେରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୨ତମ ମିନିଟରେ ଏଲ୍ଆଇସି କ୍ଲବର ରବୀନ୍ଦ୍ରନାଥ ଟୁଡୁ ପ୍ରଥମ ଗୋଲ ଶୁଝାଇଥିଲେ। ପ୍ରଥମାର୍ଦ୍ଧରେ ୨-୧ରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧର ୪୯ତମ ମିନିଟରେ ଗାଲା କ୍ଲବ ୩ୟ ଗୋଲ ଦେଇଥିଲା। ଆଦିଲ ଖାନ୍ ଉକ୍ତ ଗୋଲ ଦେଇଥିଲେ। ଖେଳର ଅବଶିଷ୍ଟ ସମୟରେ ଏଲ୍ଆଇସି କ୍ଲବ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ନ କରିପାରିବା ଫଳରେ ଗାଲା କ୍ଲବ ସହଜ ବିଜୟ ହାସଲ କରିଥିଲା। ସୋମବାର ଖେଳାଯାଇଥିବା ଆଉ ଏକ ମ୍ୟାଚ୍ ୩-୩ ଗୋଲରେ ଅମୀମାଂସିତ ରହିଥିଲା। ଲାଲବାଗ କ୍ଲବ ଏବଂ ଟାଉନ କ୍ଲବ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଲାଲବାଗ କ୍ଲବ ପକ୍ଷରୁ କୁନାରାମ ସୋରେନ, ଯଦୁନାଥ ହାଁସଦା ଏବଂ ବବୁଲ ସିଂ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଟାଉନ କ୍ଲବ ପକ୍ଷରୁ ଶେଖ୍ ମହମ୍ମଦ ସାହିଲ ୨ଟି ଏବଂ ବାଦଲ କୁମାର ଭୋଇ ଗୋଟିଏ ଗୋଲ ଦେଇଥିଲେ।

# ୨୬୦ ବୁଣାକାରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଜାତୀୟ ହସ୍ତତନ୍ତ ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଜାତୀୟ ହସ୍ତତନ୍ତ ଦିବସ

ମାଣିଆବନ୍ଧ,୭।୮( ଅଖିଳ କୁମାର ସାହୁ )

ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଶ୍ରଦ୍ଧା ସେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବଡ଼ମ୍ବା ବ୍ଲକ କଣ୍ଟିକିଆରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବୁଣାକାରମାନଙ୍କୁ ନେଇ ସୋମବାର ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜ୍ୟୋସ୍ନାମୟୀ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ଅବସରପ୍ରାପ୍ତ ପ୍ରମୁଖ ସଚିବ ତଥା ଅନୁଷ୍ଠାନର ସଭାପତି ଡ. ସଞ୍ଜୟ କୁମାର ପଣ୍ଡା, ଉପସଭାପତି ରାମ ପ୍ରସାଦ ରଥ, ସଭ୍ୟ କ୍ଷୀରୋଦ ଚନ୍ଦ୍ର ମହାପାତ୍ର, ଉପନିର୍ଦ୍ଦେଶକ ସୁରେଶ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସନ୍ଥକବିର ପୁରସ୍କାରପ୍ରାପ୍ତ ବାନ୍ଧ ଶିଳ୍ପୀ ଶ୍ୟାମସୁନ୍ଦର କରଣ ଓ ଦେବରାଜ ଦେବତାଙ୍କୁ ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରଦ୍ଧା ଓ କଳିଙ୍ଗ ହସ୍ପିଟାଲ ସହାୟତାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ୨୬୦ ବୁଣାକାରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କଳିଙ୍ଗ ହସ୍ପିଟାଲର ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞମାନେ ଏଥିରେ ଯୋଗଦେଇଥିଲେ। ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଭିଜନ ସ୍ପ୍ରିଙ୍ଗ ନୂଆଦିଲ୍ଲୀ ସହଯୋଗରେ ଆୟୋଜନ କରାଯାଇଛି। ଏଥିରେ ପଲ୍ଲିଶ୍ରୀ ତନ୍ତ ସମିତି ସମ୍ପାଦକ ବିଚିତ୍ର ପ୍ରଧାନ, ଘଣ୍ଟେଶ୍ୱରୀ ତନ୍ତ ସମିତିର ଧନେଶ୍ୱର ପ୍ରଧାନଙ୍କ ସମେତ ସମିତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସମିତିସଭ୍ୟ ଅଲେଖ ପ୍ରଧାନ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ନିର୍ଦ୍ଦେଶକ ମନୋଜ ବିଶ୍ୱାଳ ସହଯୋଗ କରିଥିଲେ। ମାଣିଆବନ୍ଧ ହାଣ୍ଡଲୁମ କ୍ଲଷ୍ଟର କନସୋର୍ଟିୟମ (ମହକ) ତରଫରୁ ଜାତୀୟ ହସ୍ତତନ୍ତ ଦିବସ ମାଣିଆବନ୍ଧ ବୁଣାକାର ହାଟ ପରିସରରେ ପାଳିତ ହୋଇଯାଇଛି। ମହକର ବରିଷ୍ଠ ସଦସ୍ୟ ଗଦାଧର ପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପଲ୍ଲିଶ୍ରୀର ସଭାପତି ନାରାୟଣ ପତି, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଲକ୍ଷ୍ମୀଧର ଚନ୍ଦ ଯୋଗ ଦେଇଥିଲେ।

# 'ପ୍ରତି ପଞ୍ଚାୟତରେ ବୁଥ୍‌କୁ ମଜଭୁତ କରାଯିବ'

## ଭାଜପାର ଜିଲାସ୍ତରୀୟ ବୈଠକ

ମଙ୍ଗୁଳି-ଜଗତପୁର, ୭।୮(ମାନସ ସାମଲ)

କଟକ ଜିଲା ଭାଜପା ସଂଗଠନ ତରଫରୁ ଜଗତପୁର କେନାଲ ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇ ଜିଲାର ସମସ୍ତ ପଦାଧିକାରୀ ନିଜ ନିଜ ଭିତରେ ଏକତା ବଜାଅ ରଖିବାକୁ କହିଥିଲେ। ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିର୍ଦ୍ଦେଶକ୍ରମେ ଭାଜପା ପ୍ରତି ପଞ୍ଚାୟତ ସ୍ତରରେ ବୁଥ କିପରି ମଜଭୁତ ହେବ ଏବଂ ପ୍ରତି ବୁଥର କାର୍ଯ୍ୟକର୍ତ୍ତାମାନେ କିପରି ଶାସକ ଦଳର ଦୁର୍ନୀତି ବିରୋଧରେ ଜନସାଧାରଣଙ୍କୁ ଜଣାଇବାକୁ କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ମତପ୍ରକାଶ କରିଥିଲେ। ଏହି ବୈଠକରେ କଟକ ସଦର ସଭାପତି ଦିଲୀପ ମଲ୍ଲିକ, ବ୍ରଜେନ୍ଦ୍ର ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ଆଠଗଡ ସଭାପତି ବ୍ରଜେନ୍ଦ୍ର ରାୟ, କୃଷକ ନେତା ହୃଷୀକେଶ ଜେନା, ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଇନ୍ଦ୍ରାଣୀପାଟଣା ସଭାପତି ଜୟନ୍ତ ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ମୃତ୍ୟୁଞ୍ଜନ ଜେନା, ତୁଷାରକାନ୍ତି ଚକ୍ରବର୍ତ୍ତୀ ପ୍ରମୁଖଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଭାଜପାର ଜିଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ।



ମଙ୍ଗୁଳିରେ ଅନୁଷ୍ଠିତ ଭାଜପାର ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ବନ୍ୟା ପରେ ଚିନ୍ତାରେ ପରିବା ଚାଷୀ

- ପରିବା ଦର ଆକାଶ ଛୁଆଁ
- କ୍ଷେତରେ ଜମି ରହିଛି ପାଣି

ନିଶ୍ଚିନ୍ତକୋଇଲି,୭।୮ (ଅଶୋକ କୁମାର ମହାପାତ୍ର)


ଜମିରେ ବନ୍ୟା ଜଳ ମାଡ଼ିଯାଇଥିବାରୁ ନଷ୍ଟ ହୋଇଯାଇଥିବା ପରିବା।

ମହାନଦୀ, ଚିତ୍ରୋତ୍ପଳା ଓ ଲୁଣାନଦୀ ପଠାରେ ଶହ ଶହ ଏକର ଜମିରେ ଚାଷୀ ବିଭିନ୍ନ ପନିପରିବା ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଲଗାଣ ବର୍ଷାପରେ ବନ୍ୟାଜଳ ଚାଷ ଜମିରୁ ନିଷ୍କାସିତ ହୋଇ ନାହିଁ। ଫଳରେ ବ୍ୟାପକ ପନିପରିବା ନଷ୍ଟ ହୋଇଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ପରିବା ଉତ୍ପାଦନ ଏକ ପ୍ରକାର ଠପ୍ ହୋଇଯାଇଛି। ବାହାର ରାଜ୍ୟର ପରିବା ଉପରେ ହିଁ ଭରସା କରିବାକୁ ପଡୁଛି। ତାହା ପୁଣି ଆକାଶ ଛୁଆଁ ଦର ହୋଇଛି। ଗରିବ ଖାଉଟି ମାନେ ପରିବା ଦର ଶୁଣି ଘରକୁ ଫେରିଯିବାକୁ ବାଧ ହେଉଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ୪୧ଟି ଗ୍ରାମ ପଞ୍ଚାୟତର ଲୋକେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ସେବା ସମବାୟ ସମିତି, ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଓ ଗାଁ ମହାଜନଙ୍କଠାରୁ ଋଣ ଆଣି ପରିବା ଚାଷ କରିଥିଲେ। ମାତ୍ର ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ନିମନ୍ତେ କାଳ ପାଲଟିଥିଲା। ଏପରିକି ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ, ଲୁଣା ଓ ଚିତ୍ରୋତ୍ପଳା ନଦୀରେ ବନ୍ୟା ଜଳ ଆସିବା ଯୋଗୁ ନଦୀ ପଠା ବୁଡ଼ିଯାଇଥିଲା। ଫଳରେ ଚାଷୀମାନେ ନଦୀ ପଠାରେ ଚାଷ କରିଥିବା ବିଭିନ୍ନ ପରିବା ଯଥା କଖାରୁ, ବାଇଗଣ, ଭେଣ୍ଡି, ଜହ୍ନି, କାକୁଡ଼ି, ଝୁଡ଼ଙ୍ଗ, କଲରା, ପୋଟଳ ଆଦି କ୍ଷତିଗ୍ରସ୍ତ ହୋଇଛି। କ୍ଷେତରେ ପାଣି ଜମି ରହିବା ଯୋଗୁ ଫସଲଗୁଡ଼ିକ ପଚି ନଷ୍ଟ ହୋଇଯାଇଛି। ଏଭଳିସ୍ଥିତିରେ ପରିବା ଦର ବୃଦ୍ଧିଯୋଗୁ ଖାଉଟିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ୫ଶହ ଟଙ୍କାର ପରିବା କିଣିଲେ ମଧ୍ୟ ବ୍ୟାଗ ପୂର୍ଣ୍ଣ ହେଉନାହିଁ ବୋଲି ସେମାନେ କହିଛନ୍ତି। ସେପଟେ ପରିବା ଫସଲ ଉଜୁଡି ଯାଇଥିବା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଏକରକମ ଭାଙ୍ଗିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଚାଷୀ କିପରି ଋଣ ପରିଶୋଧ କରିବ ସେନେଇ ଚିନ୍ତାରେ ଭାଙ୍ଗି ପଡିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ କୃଷକ ନେତା ଷ୍ଟାଲିନ ରାଉତ, ଚାଷୀ ସୁକାନ୍ତ ବେହେରା, ଦୀପକ କୁମାର ବେହେରା ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ଉଦ୍ୟାନ ବିଭାଗ ଅଧିକାରୀ ସାଗରିକା ସାହୁ କୁହନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ପରିବା ଚାଷୀଙ୍କ କ୍ଷୟକ୍ଷତିର ଆକଳନ କରାଯାଇ ନାହିଁ। ଏହି ଆକଳନ ପାଇଁ କୌଣସି ସରକାରୀ ନିର୍ଦ୍ଦେଶନାମା ଆସିନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୬୦ କେଜି ଭାଙ୍ଗ ଜବତ, ୩ ଗିରଫ

ଜଟଣୀ,୭।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ରାଜବଜାର ଅଞ୍ଚଳରେ ଖୋର୍ଦ୍ଧା ଅବକାରୀ ବିଭାଗର ମୋବାଇଲ ଟିମ୍ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସନ୍ତୋଷ କୁମାର ମହାନ୍ତି (୩୬), ସସ୍ମିତା ମହାନ୍ତି (୩୬) ଓ ପ୍ରମୋଦ ମହାନ୍ତି(୫୦)। ଏମାନଙ୍କ ନିକଟରୁ ୬୦ କେଜି ଭାଙ୍ଗ ଏବଂ ଏକ ଗ୍ରାଇଣ୍ଡର ଜବତ ହୋଇଛି। ସୂଚନାଥାଉ କି, ପୂର୍ବରୁ ଉକ୍ତ ଭାଙ୍ଗ ଦୋକନ ଉପରେ ଜଟଣୀ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

### ବଟି ଆଦାୟ କରି ୨ ଗିରଫ

ପୁରୀ,୭।୮(ଅଜିତ ମହାନ୍ତି)

ଦାଦାବଟି ଆଦାୟ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ମାର୍କେଟଛକ ବଳଭଦ୍ର ଲେନ୍‌ର ରାକେଶ ପ୍ରଧାନ (୨୦) ଏବଂ ଜ୍ଞାନରଞ୍ଜନ ଦାସ (୨୧)। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୨ଟି ଲୁହାରଡ ଏବଂ ନଗଦ ୨୦୦ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୮୩/୨୩ରେ ଏକ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ୨ଜଣ ମାର୍କେଟଛକ ନିକଟରେ ଥିବା ଦୋକାନୀମାନଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ବିଶେଷସୂତ୍ରରୁ ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ସାପକାମୁଡା ପାଇଁ ସଚେତନତା ମକ୍‌ଡ୍ରିଲ

ଭୁବନେଶ୍ୱର, ୭।୮(ଅସମାପିକା ସାହୁ)

ବର୍ଷା ଦିନରେ ସାରା ରାଜ୍ୟରେ ସାପ କାମୁଡ଼ା ଜନିତ ଦୁର୍ଘଟଣା ବଢୁଥିବାବେଳେ କେନ୍ଦୁଝରରେ ସ୍କୁଲ ଛାତ୍ରୀଛାତ୍ରୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଚିନ୍ତା ବଢ଼ାଇଦେଇଥିଲା। ତେଣୁ ଛାତ୍ରୀଛାତ୍ରମାନେ ସାପ କାମୁଡ଼ିବା ପରେ କଣ କରିବା ଦରକାର ତାକୁ ନେଇ ଲକ୍ଷ୍ମୀସାଗର ଉଚ୍ଚବିଦ୍ୟାଳୟରେ ଏକ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସ୍ନେକ ହେଲ୍ପ ଲାଇନ ତରଫରୁ ଲୋକଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଲକ୍ଷ୍ମୀସାଗର ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସାପ କାମୁଡ଼ିବା ପରେ ପ୍ରାଥମିକ ଚିକିତ୍ସା ପାଇଁ କଣ କରିବା ଉଚିତ ସେସବୁ ପଦ୍ଧତିକୁ ମକ୍ ଡ୍ରିଲ ମାଧ୍ୟମରେ ସ୍ନେକ ହେଲ୍ପ ଲାଇନ ଦ୍ୱାରା ଅଭ୍ୟାସ କରାଯାଇଥିଲା। ଶେଷ ପିରିୟଡରେ ପ୍ରଥମେ ସ୍ନେକ ହେଲ୍ପ ଲାଇନର ସଦସ୍ୟମାନେ ସାପ କାମୁଡ଼ିବା ପରେ କିପରି ରୋଗୀକୁ ଚଲା ବୁଲା କମ କରି, ସାପ କାମୁଡ଼ିଥିବା ଅଙ୍ଗରେ ଥିବା ଚୁଡ଼ି ମୁଦି ଆଦି ଖୋଲି, କ୍ରେପ ବ୍ୟାଣ୍ଡେଜ୍ କିମ୍ବା ଗାମୁଛା ଦ୍ୱାରା କିପରି ହାତ ବା ଗୋଡ଼କୁ କ୍ଷତ ସ୍ଥାନର ଉପରକୁ ଗୁଡ଼େଇ ଗୁଡ଼େଇ ବାନ୍ଧିବାକୁ ହୁଏ, ସେ ପଦ୍ଧତିଗୁଡ଼ିକ ଦେଖେଇ ଥିଲେ। ତା'ପରେ ଛୋଟ ଛୋଟ ପିଲାମାନେ ସମାନ କାମକୁ ମକ ଡ୍ରିଲ ମାଧ୍ୟମରେ ଅଭ୍ୟାସ କରିଥିଲେ। ୪ ରୁ ୫ଜଣ ପିଲାଙ୍କୁ ନେଇ ଗୋଟିଏ ଗୋଟିଏ ଗ୍ରୁପ କରାଯାଇ ଜଣେ ଜଣେ ଶିକ୍ଷକଙ୍କ ନେତୃତ୍ୱରେ ପିଲାମାନେ ସାପ କାମୁଡ଼ିବା ପରେ କେଉଁଭଳି ଭାବେ ପ୍ରାଥମିକ ଚିକିତ୍ସା ଠିକ ଭାବରେ କରିବେ ସେନେଇ ଅଭ୍ୟାସ କରିଥିଲେ। ମଧୁସ୍ମିତା ବେହେରା ଏହି ମକ୍ ଡ୍ରିଲ ଅଭ୍ୟାସକୁ ପରିଚାଳନା କରିଥିଲେ।

# ଅବହେଳିତ ପ୍ରାଚୀନ ବରାହୀ, ନୃସିଂହ ମନ୍ଦିର

ପୁରୀ, ୭।୮(ଅଜିତ ମହାନ୍ତି)




ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦ ପୁରୀ ପକ୍ଷରୁ ପ୍ରାଚୀ ଉପତ୍ୟକାର ଶ୍ରୀଅମରେଶ୍ୱର ମନ୍ଦିର, ଦେବୀ ବରାହୀ ମନ୍ଦିର ଏବଂ ଶ୍ରୀମାଧବ ମନ୍ଦିର ଐତିହ୍ୟ ଅନୁଶୀଳନ କରାଯାଇଥିଲା। ଗଙ୍ଗବଂଶ କାଳର ଅମରପ୍ରସାଦ ଗଡ଼ ଓ ଅମରେଶ୍ୱର ଗ୍ରାମର ମଧ୍ୟଭାଗରେ ଥିବା ଶ୍ରୀଅମରେଶ୍ୱର ମହାଦେବ ସ୍ୱୟମ୍ଭୁ ପାତାଳଫୁଟା। ଓଡ଼ିଆ ମହାଭାରତ ଓ ପ୍ରାଚୀ ମାହାତ୍ମ୍ୟରେ ଏହି ମନ୍ଦିର ସମ୍ପର୍କରେ ଉଲ୍ଲେଖ ଥିବାରୁ ଖୁବ୍ ପ୍ରାଚୀନ ପୀଠ ମୁଖ୍ୟ ମନ୍ଦିରର ଉପରଭାଗ ନୂତନ ଭାବେ ସଂରକ୍ଷିତ। ପରିସରରେ ଥିବା ପ୍ରାଚୀନ ନୃସିଂହ ମନ୍ଦିର ମରାମତି ଆବଶ୍ୟକ କରୁଛି। ଏହି ମନ୍ଦିରର ମୁଖଶାଳା ଧ୍ୱଂସ ହୋଇପଡ଼ିଛି। ପରିସରରେ ଥିବା ଚାପଖାଇ ଠାକୁରାଣୀ ମନ୍ଦିର ଅନ୍ଧାର ଓ ସନ୍ତସନ୍ତିଆ ହୋଇଥିବାବେଳେ ପାଣି ଝରୁଛି। ଅମରେଶ୍ୱରଙ୍କ ବାସ୍ତବରେ ଶକ୍ତି ହେଉଛନ୍ତି ଚାପଖାଇ। ବିକଟାଳ ବିଗ୍ରହ ଶିବ ଉପରେ ଠିଆ ହେଇଛନ୍ତି। ସମଗ୍ର ବିଗ୍ରହଙ୍କୁ ଅନୁଶୀଳନ କଲେ ଜଣାପଡୁଛି ଦେବୀ ସଂପୂର୍ଣ୍ଣ ଭୈରବୀ। ତେଣୁ ଅମରେଶ୍ୱର ଗମ୍ଭୀରା ଅନୁଶୀଳନ କଲେ ସେ ସାକ୍ଷାତ ରୁଦ୍ରଭୈରବ ବୋଲି ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର ମତ ଦେଇଛନ୍ତି। ଐତିହ୍ୟ ଅଛି, ଶ୍ରୀରାବଣ ଆସି ଶ୍ରୀଅମରେଶ୍ୱରଙ୍କ ଉପାସନା କରି ଅମର ବର ଲାଭ କରିଥିଲେ। ପରିସରରେ ୮୦ ରୁ ଅଧିକ ନାଗରାଜ ମୂର୍ତ୍ତି ଅବହେଳିତ ହୋଇ ଏକ ଛୋଟ ଖୋଲାଗୃହରେ ଅପୂଜା ଅବସ୍ଥାରେ ପଡ଼ିଛନ୍ତି। ତାମିଲନାଡୁର ନାଗରକୋଏଲ ଠାରେ ଶ୍ରୀନାଗରାଜ ମନ୍ଦିର ଭଳି ଏଠି ବ୍ୟବସ୍ଥା କରାଗଲେ ସମଗ୍ର ଭାରତରେ ଏକ ଦର୍ଶନୀୟ ସ୍ଥାନ ହୋଇପାରନ୍ତା ବୋଲି ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ କହିଛନ୍ତି। ଅନେକ ପ୍ରାଚୀନ ମୂର୍ତ୍ତି ଅସୁରକ୍ଷିତ ଅବସ୍ଥାରେ ରହିଛି। ଭୈରବୀଙ୍କ ମନ୍ଦିର ଜଗମୋହନ ନାହିଁ। ୩୦ଘର ବ୍ରାହ୍ମଣ ଓ ମାଳିମହାପାତ୍ର ଏଠାରେ ସେବା କରୁଥିଲେ ମଧ୍ୟ ପୀଠଟି ବିକାଶଠାରୁ ଅନେକ ଦୂରରେ ରହିଯାଇଥିବା ଅନୁଭବ ହୁଏ ବୋଲି ପରିଷଦର ଉପଦେଷ୍ଟା ଦଇତାପତି ରବି ଦାସମହାପାତ୍ର କହିଛନ୍ତି। ଏହାପରେ ହଜାର ବର୍ଷ ତଳର ବରାହୀ ମନ୍ଦିର ସମ୍ପର୍କରେ ଅନୁସନ୍ଧାନ ପାଇଁ ଅନୁସନ୍ଧାନ ଦଳ ବାହାରିଥିଲେ। ନିକଟରେ କଳିଙ୍ଗ ଶୈଳୀ ସ୍ଥାପତ୍ୟର ଅଭିନବ ମନ୍ଦିରରେ ବିଜେ କରିଛନ୍ତି ମା' ବରାହୀ । ଭାରତରେ ବିରଳ ଏପରି ମନ୍ଦିର। ଏକାମ୍ରରେ ଏପରି ମନ୍ଦିର ରହିଛି। ଏଏସ୍ଆଇ ରକ୍ଷଣାବେକ୍ଷଣା କରୁଛି ସତ ମାତ୍ର ଏଠାରେ ଅନ୍ନଭୋଗ ବନ୍ଦ କରିଦିଆଯାଇଛି। ସେବକ ମନ୍ଦିରରେ ବିଶେଷ ରହୁନାହାନ୍ତି। ମନ୍ଦିର ଭାସ୍କର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ କଳାକୃତିକୁ ଫଟୋଗ୍ରାଫିରେ ରେକର୍ଡ କରିଥିଲେ ଶୁଭ୍ରାଂଶୁ ଶେଖର ମହାପାତ୍ର। ଏହାପରେ ପ୍ରାଚୀନ ମାଧବ ମନ୍ଦିରର ଭାସ୍କର୍ଯ୍ୟ ଅନୁଶୀଳନ କରାଯାଇଥିଲା। ଉପାସନା ଦିଗରେ ଭାବ ବିନିମୟ କରିଥିଲେ ଅଜିତ୍ କୁମାର ପଣ୍ଡା। ୮୦୦ ଶହ ବର୍ଷର ଶ୍ରୀମାଧବଙ୍କ ଏହା ଦ୍ୱିତୀୟ ମନ୍ଦିର। ପ୍ରାଚୀନ ମନ୍ଦିର ଅନତି ଦୂରରେ ଧ୍ୱଂସ ହୋଇଯାଇଛି। ମାଧବ ଉପାସନାର ରହସ୍ୟ ହେଲା ସେ ପରମ ଆନନ୍ଦର ଦାତା। ତାଙ୍କ ପୀଠ ଓ ଉପାସନା ଆନନ୍ଦ ଦାୟକ ହେବା ଦରକାର ବୋଲି ପଣ୍ଡା ସେବକମାନଙ୍କୁ ବୁଝାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଜୟ ପାତ୍ର ପରିଚାଳନା କରିଥିଲେ।



ପୁରୀ : କଣାସ ବ୍ଲକ ସାନଓରା ଗ୍ରାମରେ ଆୟୋଜିତ ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତାରେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜଙ୍ଗଲରେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ

କୋଣାର୍କ,୭।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ଜୁଣେଇ ବେଠିଆଗଦାଠାରେ ଏକ ଜଙ୍ଗଲରେ ଜଣେ ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ସୋମବାର ସକାଳେ ପୋଲିସ ଜବତ କରିଛି। ସେ ହେଲେ ପୁରୀ ଜିଲା ସଦର ଥାନା ଅଧୀନ ଖଡିପଦା ନିକଟ କାଶିଜଗନ୍ନାଥପୁର ଗାଁର ଭୀମସେନ ଭୋଇ(୬୦)। ଖବରପାଇ ଘଟଣା ସ୍ଥଳରେ କୋଣାର୍କ ପୋଲିସ ଟିମ୍ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡିକାଲକୁ ପଠାଯାଇଛି। ଏଏସ୍ଆଇ ବନମାଳୀ ନାୟକ, ଏଏସ୍ଆଇ ଅଜିତ କୁମାର ସ୍ୱାଇଁ ଓ ଏଏସ୍ଆଇ ସୁବାସିନୀ ସାହୁ ଘଟଣାସ୍ଥଳରେ ରହି ତଦନ୍ତ କରିଛନ୍ତି। ଏ ନେଇ କୋଣାର୍କ ପୋଲିସ ପକ୍ଷରୁ ନଂ.୧୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଭୀମସେନ ନିଜ ସ୍ତ୍ରୀଙ୍କ ସହ ଗତ ୧୦ ଦିନ ହେବ କୋଣାର୍କ ଥାନା ଅଧୀନ ଜୁଣେଇ ବେଠିଆଗଦାରେ ଥିବା ଝିଅ ମମତା କାଣ୍ଡିଙ୍କ ଘରକୁ ଆସିଥିଲେ। ତେବେ ୪ଦିନହେବ ସକାଳୁ ସେ କୁଆଡ଼େ ପଳାଇଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରି ଶେଷରେ ନିରାଶ ହୋଇ ଥାନାରେ ତାଙ୍କ ସ୍ତ୍ରୀ ପୁନା ଭୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କୋଣାର୍କ ପୋଲିସ ସହ ଝିଅର ପରିବାର ଖୋଜାଖୋଜି ଚଲାଇବା ବେଳେ ସୋମବାର ସକାଳୁ ଜୁଣେଇ ଗାଁ ବେଠିଆଗଦା ଜଙ୍ଗଲ ଭିତରେ ଗଛରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକ ପୋଲିସକୁ ଜଣାଇଥିଲେ। ପୋଲିସ ଓ ପରିବାର ଲୋକ ପହଞ୍ଚି ମୃତଦେହକୁ ଭୀମସେନଙ୍କର ବୋଲି ଚିହ୍ନଟ କରିଥିଲେ।

# ନାଚୁଣୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅତିଥିମାନେ।

ଟାଙ୍ଗୀ,୭।୮(ରଘୁନାଥ ସାହୁ)

ନାଚୁଣୀ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ସୋମବାର ମହାବିଦ୍ୟାଳୟର ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଇଂଲିଶ ବିଭାଗ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ଚିଲିକା ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗା ଶଙ୍କର ଷଡଙ୍ଗୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରୁଣ କୁମାର ଦାଶଙ୍କ ପୌରୋହିତରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଯୁକ୍ତ ୩ ଶ୍ରେଣୀ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ବଳିୟାରସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପିକା ସୁଭଦ୍ରା ଭୋଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟୟନଶୀଳ, କର୍ତ୍ତବ୍ୟ ନିଷ୍ଠ, ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରକ ଓ ମା'ମାଟି ପ୍ରତି ଯଥୋଚିତ ଅଙ୍ଗୀକାରବଦ୍ଧ ହେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଲୀନା ନନ୍ଦିଜା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସି.ମଞ୍ଜୁଲତା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉକ୍ତ ମହାବିଦ୍ୟାଳୟରର ପୂର୍ବତନ ଛାତ୍ର ତଥା ପୂର୍ବତନ ବାୟୁସେନା ଅଧିକାରୀ ପ୍ରଦୀପ କୁମାର ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କାଉଟ୍, ଗାଇଡ୍ ଓ ଏନ୍‌ସିସି କ୍ୟାଡେଟ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୀ ମେନ କେନାଲରେ ବୁଡ଼ି ନାବାଳକ ମୃତ

ବାରଙ୍ଗ,୭।୮(ଲିଙ୍ଗରାଜ ରାଉତ)

ପୁରୀ ମେନକେନାଲରେ ଗାଧୋଉଥିବା ବେଳେ ସୋମବାର ସକାଳେ ଜଣେ ୧୬ବର୍ଷର ବାଳକ ବୁଡ଼ି ମୃତ୍ୟୁବରଣ କରିଛି। ସେ ହେଉଛନ୍ତି ନରାଜ ଗ୍ରାମର ସ୍ୱର୍ଗତ ରଘୁନାଥ ସାହୁଙ୍କ ପୁଅ ବିଭୂତି ସାହୁ(୧୬)। ଏ ନେଇ ବାରଙ୍ଗ ଥାନାରେ ପୋଲିସ ଏକ ମାମଲା(ନଂ.୬/୨୩) ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ବିଭୂତି ବାପାଙ୍କ ଦେହାନ୍ତ ପରେ ଘରଚଳାଇବା ପାଇଁ ସିଆଇଏସ୍ଏଫ୍ ପାଖରେ ଥିବା ଏକ ହୋଟେଲରେ କାମ କରୁଥିଲା। ହୋଟେଲରୁ ଯାହା ପାରିଶ୍ରମିକ ମିଳୁଥିଲା ସେଥିରେ ମାଆ ଓ ନିଜେ ଚଳିଯାଉଥିଲେ। ସୋମବାର ସକାଳେ ହୋଟେଲରେ କାମ କରୁଥିବା ଅନ୍ୟଜଣେ ସାଙ୍ଗ ସହ ପୁରୀ ମେନକେନାଲକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ିସାହି ବ୍ରିଜତଳେ ପୁରୀ ମେନକେନାଲରେ ବିଭୂତି ଗାଧୋଉଥିବା ବେଳେ ସାଙ୍ଗଜଣକ ଦୂରରେ ଥିଲେ। ଏହି ସମୟରେ ଅସାବଧାନତାବଶତଃ ବିଭୂତିର ଗୋଡ଼ ଖସିଯିବାରୁ ବୁଡିଯାଇଥିଲେ। ଏହାଦେଖି ସାଙ୍ଗ ବିଭୂତିକୁ ଉଦ୍ଧାର କରିବା ପାଇଁ ପାଖରେ ଥିବା ଗାମୁଛା ପକାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ପାଟିଶୁଣି ପାଖରେ ଥିବା ଅନ୍ୟ ଯୁବକମାନେ ଆସିବାବେଳକୁ ବିଭୂତି ବୁଡ଼ିଯାଇଥିଲେ। ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ସହ ବାରଙ୍ଗରୁ ଏକ ଦମକଳ ଆସି ଖୋଜାଖୋଜି କରି ପ୍ରାୟ ୪୫ ମିନିଟର ବ୍ୟବଧାନ ପରେ ବିଭୂତିକୁ ପାଣିରୁ ଉଦ୍ଧାର କରିଥିଲେ। ବିଭୂତିକୁ ଚିକିତ୍ସା ପାଇଁ ପୋଲିସ କଟକ ବଡ଼ମେଡିକାଲକୁ ନେଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

# ସ୍ୱାମୀଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସ୍ତ୍ରୀଙ୍କୁ ବାରଣ, ହତ୍ୟା ଧମକ

ଗୋପ, ୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

- ଯୌତୁକ ନିର୍ଯାତନା ଅଭିଯୋଗ
- ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଖବର ନାହିଁ

ଗୋପ ଥାନା ଅଧୀନ ସୋରଭା ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ଜଣେ ମହିଳାଙ୍କ ବିବାହର ଚାରି ମାସ ପରେ ଯୌତୁକ ନିର୍ଯାତନା ଏବଂ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାକୁ ବାରଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ଭଳି ରବିବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୩୩୨/୨୩ରେ ଶାଶୁ, ଶ୍ୱଶୁର ଓ ଦିଅରଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାଜକିଶୋର ନାୟକଙ୍କୁ ବୈଦିକ ରୀତିନୀତିରେ ଗୌରୀରାଣୀ ସ୍ୱାଇଁ ୨୦୨୧ରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ମୁତାବକ ନଗଦ ଅର୍ଥ, ଆସବାବପତ୍ର ଦିଆଯାଇଥିଲା। ଏଥିସହ ରାଜକିଶୋରଙ୍କୁ ୨୫ ଗ୍ରାମ୍‌ର ସୁନା ଚେନ୍ ଓ ମୁଦି, ଝିଅକୁ ସୁନା ଚେନ୍, ମଙ୍ଗଳସୂତ୍ର, ସୁନା ଚୁଡ଼ି, କାନଫୁଲ, ଶଙ୍ଖା ସମେତ ୧୫ ଭରିର ସୁନା ଅଳଙ୍କାର ସହ ୬୦୦ ଗ୍ରାମ୍‌ର ରୁପା ଅଳଙ୍କାର ପ୍ରଦାନ କରିଥିଲେ। ବିବାହର ୪/୫ ମାସ ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ, ଦିଅର ବିଜୁ ନାୟକ, ଶାଶୁ ମଞ୍ଜୁଲତା ନାୟକ, ଶ୍ୱଶୁର ବ୍ରଜକିଶୋର ନାୟକ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ମାଡ଼ମାରି ଘରୁ ବାହାର କରିଦେଇଥିଲେ। ପରେ ଭଦ୍ରଲୋକଙ୍କ ମାଧ୍ୟମରେ ବୁଝାଶୁଝା କରି ଗୌରୀଙ୍କୁ ଘରକୁ ଫେରାଇ ଆଣିଥିବା ବେଳେ ସ୍ୱାମୀ ସ୍ତ୍ରୀ ଦୁହେଁ ଭୁବନେଶ୍ୱରଠାରେ ରହୁଥିଲେ। ହେଲେ ସେଠାରେ ମଧ୍ୟ ସ୍ୱାମୀ ନିଶା ସେବନ କରି ଗୌରୀରାଣୀଙ୍କୁ ଅକଥନୀୟ ଅତ୍ୟାଚାର କରୁଥିଲେ। ଏନେଇ ଗୌରୀ ଭୁବନେଶ୍ୱର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଗତ ମାସରେ ସଡ଼କ ଦୁର୍ଘଟଣାରେ ରାଜକିଶୋରଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବାକୁ ଗୌରୀ ଶାଶୁଘରେ ପହଞ୍ଚିଥିବା ବେଳେ ଶାଶୁଘର ଲୋକେ ତାଙ୍କୁ ଗାଳିମନ୍ଦ କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଥାନାରେ ଅଭିଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କୋଣାର୍କ,୭।୮(ଜ୍ୟୋତିରାଜ ମହାନ୍ତି)

କୋଣାକ ଏନ୍ଏସି ୧ ନମ୍ବର ୱାର୍ଡ ଜୁଣେଇ ଗ୍ରାମରେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁନାକର ଦାସ (୨୮)। ଏ ନେଇ କୋଣାର୍କ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ସୁନାକର ଘର ନିକଟସ୍ଥ ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ। ଘର ପାଖରେ ଇଲେକ୍ଟ୍ରି ତାର ଛିଣ୍ଡି ପଡିଥିବା ଦେଖି ତାକୁ ହାତରେ ଗୋଟାଇବା ବେଳେ ସେଥିରେ କରେଣ୍ଟ ଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପରିବାର ଲୋକେ ସୁନାକରଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସରେ ଆଣିଥିଲେ ମଧ୍ୟ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଯୁବକଙ୍କର ଏପରି ଅକାଳ ମୃତ୍ୟୁକୁ ନେଇ ଜୁଣେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୭।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ମାତୃ ସ୍ତନ୍ୟପାନର କୌଣସି ବିକଳ୍ପ ନାହିଁ। ମା' କ୍ଷୀର ଦେଲେ ମା'ଓ ଶିଶୁର ସମ୍ପର୍କ ଭଲ ରହିବ ବୋଲି ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ଉଦ୍‌ଯାପନ ଅବସରରେ ସ୍ଲୋଗାନ ଦେଇ ଅଙ୍ଗନୱାଡି କର୍ମୀମାନେ ବଜାର ଆଦି ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ କୃଷ୍ଣପ୍ରସାଦ ମହିଳା ଓ ଶିଶୁ ବିକାଶ ଅଧିକାରୀ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ତନ୍ୟପାନ ସର୍ବଶ୍ରେଷ୍ଠ ସନ୍ତୁଳିତ ଖାଦ୍ୟ ହୋଇଥିବାରୁ ଏହା ଶିଶୁକୁ ବିଭିନ୍ନ ରୋଗ ଓ ସଂକ୍ରମଣ ଠାରୁ ସୁରକ୍ଷା ପ୍ରଦାନ କରିଥାଏ। ଏହା ଦ୍ୱାରା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି ସିଡିପିଓ କହିଥିଲେ। ଜନ୍ମରୁ ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା, ଶିଶୁକୁ ୬ ମାସ ପର୍ଯ୍ୟନ୍ତ ମା'କ୍ଷୀର ଖାଇବାକୁ ଦେବା, ମା'ର ପ୍ରଥମ କସ କ୍ଷୀର ଶିଶୁଙ୍କ ରୋଗ ପ୍ରତିଷେଧକ ଶକ୍ତି ବଢାଇଥାଏ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସୁନୀଲ କୁମାର ସାମନ୍ତସିଂହାର, ବ୍ଲକ ଜନ ସମ୍ପ୍ରସାରଣ ଅଧିକାରୀ ବାସନ୍ତୀ ପ୍ରଧାନଙ୍କ ସମେତ ୧୩୪ଟି କେନ୍ଦ୍ରର ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ।



ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

ପୁରୀ, ୭।୮(ଅଜିତ ମହାନ୍ତି)



ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଅଗଷ୍ଟ ମାସ ବୈଠକ ରବିବାର ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ପ୍ରଫେସର ଡ. ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୋଚ୍ୟ ବିଷୟ ଥିଲା 'ଶ୍ରୀଚୈତନ୍ୟ ଚରିତାମୃତରେ ଶ୍ରୀଜଗନ୍ନାଥ'। ଡ. ଶ୍ରୀନିବାସ ଆଚାର୍ଯ୍ୟ ଏବଂ ପ୍ରାଧ୍ୟାପିକା ବାସନ୍ତୀ ଦେବୀ ଉକ୍ତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରୀକୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କ ବଙ୍ଗଳା ଭାଷାରେ ଲିଖିତ ଶ୍ରୀଚୈତନ୍ୟ ଚରିତାମୃତ ଗ୍ରନ୍ଥଟି ତିନିଖଣ୍ଡରେ ବିଭକ୍ତ ଯଥା ଆଦିଲୀଳା, ମଧ୍ୟଲୀଳା ଏବଂ ଅନ୍ତଲୀଳା। ତିନିଖଣ୍ଡରେ ମୋଟ ୬୨ଟି ପରିଚ୍ଛେଦ ରହିଛି। ଆଦି ଲୀଳାରେ ଶ୍ରୀଚୈତନ୍ୟଙ୍କ ଜନ୍ମ, ବାଲ୍ୟଲୀଳା, କୈଶୋରଲୀଳା ଏବଂ ଯୌବନ ଲୀଳାର ବର୍ଣ୍ଣନା ରହିଛି। ସେହିପରି ମଧ୍ୟଲୀଳାରେ ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ହୋଇଛି। ଶ୍ରୀଚୈତନ୍ୟ ନିଜକୁ ରାଧିକା ଜ୍ଞାନରେ ଏବଂ ଜଗନ୍ନାଥଙ୍କୁ ସ୍ୱାମୀ ଶ୍ରୀକୃଷ୍ଣ ରୂପରେ ଦର୍ଶନ କରି କୀର୍ତ୍ତନ ଓ ନୃତ୍ୟ କରୁଥିଲେ। ଶ୍ରୀମନ୍ଦିର ଭୋଗମଣ୍ଡପ ନିକଟକୁ ଯାଇ ରତ୍ନସିଂହାସନସ୍ଥ ମହାପ୍ରଭୁଙ୍କୁ ସେ ଦର୍ଶନ କରୁଥିଲେ। ତାଙ୍କ ନେତ୍ରଦ୍ୱୟ ତୃଷାର୍ଥ ଭ୍ରମର ଯୁଗଳ ଯାହା ମହାପ୍ରଭୁଙ୍କ ବଦନ କମଳ ପାନ କରୁଥିଲେ। ଶ୍ରୀମନ୍ଦିର ବେଢାରେ ସେ ମହାକୀର୍ତ୍ତନ କରୁଥିଲେ। ରଥଯାତ୍ରା ପୂର୍ବରୁ ଶ୍ରୀଚୈତନ୍ୟ ନିଜ ଭକ୍ତ ଓ ପାର୍ଷଦମାନଙ୍କ ସହ ଝାଡୁ ଲଗାଇ ସଫା କରିବା ପରେ ପାଣି ପକାଇ ଧୋଇ ପୋଛୁଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଭିତର ଓ ବାହାର ଭୋଗମଣ୍ଡପ, ନାଟମଣ୍ଡପ, ପାକଶାଳା ଏବଂ ନୃସିଂହ ମନ୍ଦିର ମାଜଣା କରୁଥିଲେ। ଉଲ୍ଲେଖ ଅଛି ଯେ, ରଥଯାତ୍ରା ସମୟରେ ଶ୍ରୀଚୈତନ୍ୟଙ୍କ କୀର୍ତ୍ତନ ଦେଖି ଶ୍ରୀବିଗ୍ରହମାନେ ହର୍ଷିତ ହେଉଥିଲେ। ଏକଦା ଶତ ପ୍ରୟାସ ସତ୍ତ୍ୱେ ରଥ ନ ଚଳିବାରୁ ଚୈତନ୍ୟ ମଥା ଲଗାଇ ଠେଲିବାରୁ ରଥ ଚାଲିଥିଲା। ତାଙ୍କ ଅନୁସାରେ ନୀଳାଚଳ ଦ୍ୱାରିକା ଓ ଶ୍ରୀଗୁଣ୍ଡିଚା ମନ୍ଦିର ସୁନ୍ଦରାଚଳ ବୃନ୍ଦାବନ। ବୃନ୍ଦାବନ ଦେଖିବାର ଅପାର ଉତ୍କଣ୍ଠା ହେତୁ ପ୍ରଭୁ ରଥରେ ବିଜେ କରନ୍ତି। ବୃନ୍ଦାବନ କ୍ରୀଡ଼ାରେ ନାହିଁ ଲକ୍ଷ୍ମୀଙ୍କ ଅଧିକାର। ତେଣୁ ସାଙ୍ଗରେ ଲକ୍ଷ୍ମୀ ଯାଆନ୍ତି ନାହିଁ। ଦେବୀ ଲକ୍ଷ୍ମୀଙ୍କ ହେରାପଞ୍ଚମୀ ଲୀଳା ପରେ ବାହୁଡ଼ା ଯାତ୍ରା ପ୍ରସ୍ତୁତ ହୁଏ। ମହୋଦଧି ନିକଟରେ ଚଟକ ନାମକ ବାଲୁକାସ୍ତୁପକୁ ସେ ବ୍ରଜର ଗିରିରାଜ ବୋଲି ମନେକରି ଧାଇଁଥିଲେ। ପୁନଃ ଯମୁନା ଭ୍ରମରେ ସମୁଦ୍ର ଜଳରେ ଜଳକ୍ରୀଡ଼ା କରି ଭାସିଯାଇ ମୂର୍ଚ୍ଛିତ ହୋଇଥିଲେ। ଭକ୍ତମାନେ ଉଚ୍ଚ ସ୍ୱରରେ କୀର୍ତ୍ତନ କରିବାରୁ ସେ ଜାଗ୍ରତ ହୋଇଥିଲେ। ଗ୍ରନ୍ଥର ଶେଷ ଭାଗରେ ଚୈତନ୍ୟଙ୍କ କୃତ ଶିକ୍ଷାପଟକର ଉଲ୍ଲେଖ ରହିଛି। ଆଲୋଚନାଚକ୍ରରେ ଭାସ୍କର ମିଶ୍ର, ନୃସିଂହ ସାହୁ, ପ୍ୟାରୀ ମୋହନ ପଟ୍ଟନାୟକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**୫୬ ବୋତଲ ଦେଶୀ ମଦ ଜବତ, ବେପାରୀ ଗିରଫ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ରେଙ୍ଘାଲୋ ଛକରୁ ପୋଲିସ ଜଣେ ମଦ ବେପାରୀଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ରେଙ୍ଘାଲୋ ଅଞ୍ଚଳର କାଳିନ୍ଦୀ ସେଠୀ (୫୮)। ପୋଲିସ ଏନେଇ ୨୭୪/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରେଙ୍ଘାଲୋ ଛଠାରେ ଜଣେ ବେପାରୀ ଅବାଧରେ ମଦ ବିକ୍ରି କରୁଥିବା ଖବରପାଇ ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ସବିତାରାଣୀ ମାର୍ଥାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢ଼ାଉ କରିଥିଲା। ଜବତ ମଦର ଆନୁମାନିକ ମୂଲ୍ୟ ପ୍ରାୟ ୫ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୮।୨୦୨୩

| | |
|---|---|
| ୬,୩୯,୫୦୮ ଟଙ୍କା | |
| ସୁନା | ୫.୫୫୦ ଗ୍ରାମ୍ |
| ରୁପା | ୩୨.୪୫୦ ଗ୍ରାମ୍ |

# ଭାର୍ଗବୀ ନଦୀବନ୍ଧରେ ଫାଟ



ପିପିଲି,୭।୮(ଦୁର୍ଗାମାଧବ ମିଶ୍ର)

ପୁଣି ଦବିଲା ଭାର୍ଗବୀ ନଦୀବନ୍ଧ। ପୁରୀ ଜିଲା ବଳଙ୍ଗା ବଜାର ନିକଟ ଭାର୍ଗବୀ ନଦୀବନ୍ଧରେ ପୁଣି ଥରେ ଫାଟ ସୃଷ୍ଟି ହୋଇଛି। ୧ କିଲୋମିଟର ପର୍ଯ୍ୟନ୍ତ ମାଟି ଦବି ବନ୍ଧ ଫାଟି ଆଁ କରିଛି। କାମ ଶେଷ ହେବାର ୨ ମାସ ନ ପୂରୁଣୁ ବନ୍ଧର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାବେଳେ ନଦୀକୂଳିଆ ଗ୍ରାମବାସୀ ଭୟଭୀତ ଅଛନ୍ତି। ତେବେ ନିମ୍ନମାନର କାମ ଯୋଗୁ ଏଭଳି ସ୍ଥିତି ଉପୁଜିଥିବାବେଳେ ବନ୍ଧ ନିର୍ମାଣ ପାଇଁ ଉପଯୁକ୍ତ ମାଟିରେ କାମ ନ ହେବା, ବନ୍ଧକୁ ଠିକ୍ ଭାବେ ରୋଲାରିଂ ନ କରିବା ସହ ବିଭାଗୀୟ ଅଧିକାରୀଙ୍କ ଠିକା ସଂସ୍ଥା ପ୍ରତି କୋହଳ ମନୋଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଯଦି ଏହି ସ୍ଥାନରେ ବନ୍ଧରେ ଘାଇ ହୁଏ, ତେବେ ନିମାପଡ଼ା ଓ ଗୋପ ବ୍ଲକର ପ୍ରାୟ ୩୦ ପଞ୍ଚାୟତର ଧନ ଜୀବନ ଓ ଜୀବିକା ଉଜୁଡ଼ିଯିବ।

## ଦୟାନଦୀ ସୁରକ୍ଷା ସମାବେଶ

କଣାସ,୭।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ନିକଟରେ ଦୟାନଦୀ ସୁରକ୍ଷା ସମାବେଶ ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଖିଳ ଭାରତ କୃଷକ ମହାସଭା ସମ୍ପାଦକ ଅଶୋକ ପ୍ରଧାନ, ଦୟାସୁରକ୍ଷା ଅଭିଯାନ ନେତା ସଚ୍ଚିକାନ୍ତ ପ୍ରଧାନ, ପରିବେଶବିତ୍ ପ୍ରଫୁଲ ସାମନ୍ତରାୟ, ସାମାଜିକ କର୍ମୀ ଦେବରାୟ, ସିପିଆଇ(ଏମ୍ଏଲ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଚିଲିକା ମତ୍ସ୍ୟଜୀବୀ ମହାସଂଘ ସଭାପତି ଶ୍ୟାମସୁନ୍ଦର ବେହେରା, ବିରଞ୍ଚି ବେହେରା, ରଙ୍କନାଥ ବେହେରା, ଅନାମ ବେହେରା, ଯୁଧିଷ୍ଠିର ବେହେରା ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର ନର୍ଦ୍ଦମା ଜଳକୁ ଗଙ୍ଗୁଆ ନାଳ ଦେଇ ଦୟାନଦୀକୁ ନିଷ୍କାସନ କରାଯାଉଥିବାରୁ ଦୟା, ରାଜୁଆ, ମକରା, ମଲାଗୁଣୀ, ଲୁଣା, କାଣିଆ ନଦୀ ପ୍ରଭୃତିର ଜଳ ପ୍ରଦୂଷିତ ହେଉଛି। ଏଥିସହ ଚିଲିକାର ଜଳ ବ୍ୟାପକ ପ୍ରଦୂଷିତ ହେଉଥିବାରୁ ତୁରନ୍ତ ଗଙ୍ଗୁଆ ନାଳ ଜଳକୁ ଦୟାନଦୀକୁ ନ ଛାଡ଼ିବାକୁ ବକ୍ତାମାନେ ଦାବି କରିଥିଲେ। ଉପସ୍ଥିତ କୃଷକ, ବୁଦ୍ଧିଜୀବୀ, ମତ୍ସ୍ୟଜୀବୀ ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।




ସମାବେଶରେ ମଞ୍ଚାସୀନ ଅତିଥିମାନେ ।

## ରାଜ୍ୟସ୍ତରୀୟ ଜୁଡ଼ୋ: ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ବିଜୟୀ ଜୁଡୋ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୁରୀ, ୭।୮(ଅଜିତ ମହାନ୍ତି):

ରାଜ୍ୟସ୍ତରୀୟ ଜୁଡ଼ୋ ଆସୋସିଏଶନ୍ ପକ୍ଷରୁ ପାରାଦୀପ ପୌର କଲ୍ୟାଣମଣ୍ଡପଠାରେ ରାଜ୍ୟସ୍ତରୀୟ ଜୁଡ଼ୋ ପ୍ରତିଯୋଗିତା ଅଗଷ୍ଟ ୪ରୁ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାର ପ୍ରତିଯୋଗୀ ଭାଗନେଇଥିଲେ। ପୁରୀର ୮ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ମହିଳା ବିଭାଗରେ ଶକ୍ତିସ୍ୱରୂପା ସାହୁ, ବରିଷ୍ଠ ପୁରୁଷ ବିଭାଗରେ ଚନ୍ଦନ ପ୍ରଧାନ, ବ୍ରହ୍ମାନନ୍ଦ ଭୋଇ, ପବିତ୍ର ପ୍ରଧାନ, କନିଷ୍ଠ ବିଭାଗରେ ସତ୍ୟଜିତ ନାୟକ, ଅମ୍ଲାନ ଶୁଭମ୍ ସ୍ୱାଇଁ, ଓମ୍ ପ୍ରିନ୍ସ ଭୂୟାଁ, ଆଶିଷ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିଅର ବିଭାଗରେ ଅମ୍ଲାନ ଶୁଭମ୍ ସ୍ୱାଇଁ ସ୍ୱର୍ଣ୍ଣ ପଦକ ଏବଂ ଜୁନିଅର ବିଭାଗରେ ଓମ୍ ପ୍ରିନ୍ସ ଭୂୟାଁ ରୌପ୍ୟପଦକ ହାସଲ କରିଛନ୍ତି। ପଦକ ବିଜେତାମାନେ ଟ୍ରେନ ଯୋଗେ ସୋମବାର ପୁରୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ବିଜୟୀ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସଂଘର ଜିଲା ସାଧାରଣ ସମ୍ପାଦକ ସବ୍ୟସାଚୀ ରଥ, କାର୍ଯ୍ୟରତ ସଭାପତି ଚକ୍ରଧର ମହାପାତ୍ର, କୋଚ୍ ଅକ୍ଷକ କୁମାର ବ୍ରହ୍ମା, ମୁଖ୍ୟ ପରାମର୍ଶଦାତା ଜଗନ୍ନାଥ ବଡ଼ୁଆ, ପରାମର୍ଶଦାତା ରାଜକିଶୋର ପାତ୍ର, ଲକ୍ଷ୍ମୀପ୍ରିୟା ନାଥ, ରଞ୍ଜିତ ମିଶ୍ର ଏବଂ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିଜୟୀ କ୍ରୀଡ଼ାବିତ୍‌ଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଏଡ୍ ଶିକ୍ଷକ ମହାସଂଘର ଦାବିପତ୍ର

କଣାସ,୭।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ମିଳିତ ପ୍ରାଥମିକ ମୂଳ ନିଯୁକ୍ତି ବିଏଡ୍ ଶିକ୍ଷକ ମହାସଂଘ ପକ୍ଷରୁ କଣାସ ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ ଓ ନାରାୟଣ ପ୍ରଧାନଙ୍କୁ ଏହି ଦାବିପତ୍ର ଅମିତା କୁମାରୀ ପ୍ରଧାନ, ଶକ୍ତିଧର ପାଟଶାଣୀ, ଅଜୟ ପାଇକରାୟ, ରଜନିକାନ୍ତ ପ୍ରହରାଜ, ମନୋରଞ୍ଜନ ପ୍ରଧାନ, ସୂର୍ଯ୍ୟକାନ୍ତ ନାୟକ, ଦିଲ୍ଲୀପ ଖଣ୍ଡାୟତରାୟ ପ୍ରମୁଖ ଦାବିପତ୍ର ଦେଇଥିଲେ ।

### ଜିଲାପାଳ ନ ଆସିବାରୁ ଜନଅସନ୍ତୋଷ

କଣାସ,୭।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ସଭା ଗୃହରେ ଜିଲାପାଳ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନ ଆସିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶିବିରରେ ଉପଜିଲାପାଳ ଭବତରଣ ସାହୁ, ଅତିରିକ୍ତ ଜିଲାପାଳ କୈଳାସଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପତି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରେଖା ଦାସ, ଡେପୁଟିଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ବିଡିଓ ପବିତ୍ର ବେହେରା, ଶିକ୍ଷା ବିଭାଗ ବିଇଓ ମମତା ମିଶ୍ର, ଯୋଗାଣ ଅଧିକାରୀ ସମ୍ବୋଧ ହୋତା ଉପସ୍ଥିତ ଥିଲେ। ଶିବିରରେ ୯୮ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା। କଣାସ ତହସିଲ କାର୍ଯ୍ୟାଳୟରେ ଦୁଇ ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡ଼ିଥିବା ଅଭିଯୋଗ ହୋଇଥିଲା। ମୁଖ୍ୟ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଥିବାରୁ ତୁରନ୍ତ ପୂରଣ କରିବା ଦାବି ହୋଇଥିଲା। ଆବାସ ଯୋଜନା, ଫନୀ କ୍ଷତିଗ୍ରସ୍ତଙ୍କୁ ମିଳି ନ ଥିବା ସହାୟତା ରାଶି, ସିଆରପି ନିଯୁକ୍ତିରେ ଅନିୟମିତତା, ଓଏଲ୍‌ମ ଅଧିକାରୀଙ୍କ ବଦଳି ହୋଇଥିଲେ କଣାସ ବ୍ଲକରେ କାର୍ଯ୍ୟ କରୁଥିବା ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଶେଷରେ ଦୟାସୁରକ୍ଷା କର୍ମକର୍ତ୍ତା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦୟାନଦୀ ଓ ଚିଲିକାର ସୁରକ୍ଷା ପାଇଁ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ।

### ୬ ପେଟି ମଦ ସହ ଅଟୋ ଜବତ ଜଣେ ଗିରଫ

ସାକ୍ଷୀଗୋପାଳ,୭।୮(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ପୁରୀ- ଭୁବନେଶ୍ୱର ୩୦୬ ନଂ. ଜାତୀୟ ରାଜପଥର ସତ୍ୟବାଦୀ ବ୍ଲକ କାଦୁଆ ଛକ ନିକଟରେ ସତ୍ୟବାଦୀ ପୋଲିସ ସୋମବାର ପାଟ୍ରୋଲିଂ ସମୟରେ ୬ ପେଟି ମଦ ସହ ଏକ ଅଟୋକୁ ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବରାଳ ଗ୍ରାମର ଚନ୍ଦ୍ରକାନ୍ତ ମଲିକ(୪୬)। ଏନେଇ ପୋଲିସ ଏକ ମାମଲା(ନଂ. ୨୫୪/୨୩ ) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସକାଳ ୭ଟା ସମୟରେ ସତ୍ୟବାଦୀ ଥାନା ପକ୍ଷରୁ ଏସ୍ଆଇ ଦୀପ୍ତିରଞ୍ଜନ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ତେବେ ସାତଶଙ୍ଖରୁ ସାକ୍ଷୀଗୋପାଳ ଅଭିମୁଖେ ଏକ ଅଟୋ ଯୋଗେ ମଦ ଚାଲାଣ ହେଉଥିବାରୁ ବିଶେଷ ସୂତ୍ରରୁ ପୋଲିସ ଜାଣିବାକୁ ପାଇଥିଲା। ଥାନାଧିକାରୀ ବିଜୟ କେତନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ସାହୁ ଓ ଅନ୍ୟମାନେ କାଦୁଆ ଛକ ନିକଟରେ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ। ତେବେ ନଂ ଓଡି-୧୩-୩୫୯୩ ବିଶିଷ୍ଟ ଅଟୋରୁ ୬ପେଟି ତଥା ୩୦ ଲିଟର ଦେଶୀ ମଦ ଥିବା ଜଣାପଡ଼ିବା ପରେ ପୋଲିସ ସବୁ ଜବତ କରିବା ସହ ଅଟୋ ଡ୍ରାଇଭର ଚନ୍ଦ୍ରକାନ୍ତଙ୍କୁ ଗିରଫ କରିଥିଲେ।

## କତାଶିଳ୍ପ କେନ୍ଦ୍ର ପରିଦର୍ଶନ କଲେ କେରଳ ସରକାରଙ୍କ ଅଧିକାରୀ



ମହିଳା କାରିଗରଙ୍କ ଗହଣରେ କେରଳ ସରକାରଙ୍କ ବରିଷ୍ଠ ଅଧିକାରୀ।

ନିମାପଡ଼ା,୭।୮(ବିଚିତ୍ରାନନ୍ଦ ସାହୁ)

କେରଳ ସରକାରଙ୍କ କତା ଯନ୍ତ୍ରାଂଶ ଉତ୍ପାଦକ କମ୍ପାନୀ (କେଏସ୍‌ସିଏମ୍‌ଏମ୍‌ସି)ର ବରିଷ୍ଠ ଅଧିକାରୀ ରଞ୍ଜନ କର ପୁରୀ ଜିଲାର ନିମାପଡ଼ା ବ୍ଲକ ଅଧୀନ ଭୋଗଶାଳଦା ପଞ୍ଚାୟତର ନଡଣା ଗ୍ରାମସ୍ଥିତ ଗୋପୀନାଥ କତା ଉତ୍ପାଦନ କେନ୍ଦ୍ର ସୋମବାର ପରିଦର୍ଶନ କରିଥିଲେ। ଉତ୍ପାଦକ କେନ୍ଦ୍ରଠାରେ ରଞ୍ଜନ କତାରେ ନିର୍ମିତ ବହୁ କାରୁକାର୍ଯ୍ୟପୂର୍ଣ୍ଣ ଗୃହ ଉପକରଣ, ଘରସଜ୍ଜା ସାମଗ୍ରୀ ଆଦି ଦେଖି ବେଶ୍ ବିମୋହିତ ହୋଇ ଉତ୍ପାଦକ କେନ୍ଦ୍ରର ମହିଳା କାରିଗରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ କେନ୍ଦ୍ରଠାରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଓରମାସ୍‌ର ୱାଇପି ରାହୁଲ କୁମାର, ପୁରୀ ଜିଲା ଓରମାସ୍ ଡେପୁଟି ସିଇଓ ପ୍ରଶାନ୍ତ ଦାଶ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣା, ଉପେନ୍ଦ୍ର ବେହେରା, ଓଡ଼ିଶା ଜୀବିକା ମିଶନ ନିମାପଡ଼ା ବ୍ଲକର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ବିଏଲ୍‌ସି ସବ୍ୟସାଚୀ ମହାରଣା, ଉଦ୍ୟୋଗ ମିତ୍ର ଅମୀୟ ପୋଦାର ପ୍ରମୁଖ ଯୋଗଦେଇ ଓଡ଼ିଶା କତା ଶିଳ୍ପର ଚାହିଦା, ଯନ୍ତ୍ରାଂଶ ପ୍ରଶିକ୍ଷଣ, ରାଜ୍ୟ ବାହାରେ ଓ ଦେଶର ବିଭିନ୍ନ ପ୍ରାନ୍ତରେ ଓଡ଼ିଶାର ଓ ଅଞ୍ଚଳର କତାରେ ନିର୍ମିତ କଳାକୃତି, କାରୁକାର୍ଯ୍ୟ ବିମଣ୍ଡିତ ସାମଗ୍ରୀ ଉତ୍କର୍ଷତା ଉପରେ ପରିଦର୍ଶନରେ ଆସିଥିବା ବରିଷ୍ଠ ଅଧିକାରୀଙ୍କ ସହ ବିଶଦ୍ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଓ ସମାରୋହରେ କତା ଉତ୍ପାଦନ କେନ୍ଦ୍ରର ୬୦ଜଣ ମହିଳା କାରିଗର ଯୋଗଦେଇଥିଲେ। କେରଳ ରାଜ୍ୟର ବରିଷ୍ଠ ଅଧିକାରୀ ଓରମାସରୁ ଭୁବନେଶ୍ୱର ଓ ପୁରୀର ଅଧିକାରୀଙ୍କୁ ମହିଳା କାରିଗରଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ପୁରୀ ଜିଲା କମିଟି ଗଠିତ

ପୁରୀ, ୭।୮(ଅଜିତ ମହାନ୍ତି):

ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟର ପୁରୀ ଜିଲା କମିଟି ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଭାପତି ଡ. ମନୋଜ କୁମାର ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ବ୍ଲକର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସମାଜରେ ଦୁର୍ନୀତି, ଅନ୍ୟାୟ, ଭ୍ରଷ୍ଟାଚାର ତଥା ପାରିବାରିକ କଳହ ଯୋଗୁ ମାନବର ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅସହାୟ ବୃଦ୍ଧା, ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ବ୍ୟକ୍ତି ଓ ଶିଶୁମାନେ କିପରି ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ନ ହେବେ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାର ନିରାକରଣ ପାଇଁ ମାନବ ଅଧିକାର କର୍ମୀମାନେ ସ୍ୱର ଉତ୍ତୋଳନ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ରାଜ୍ୟ ମାନବ ଅଧିକାର ସାମ୍ମୁଖ୍ୟର ଉପଦେଷ୍ଟା ଡ. ପଞ୍ଚାନନ ପ୍ରଧାନ ବୈଠକ ପରିଚାଳନା କରିଥିଲେ। ପରେ ଜିଲା କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଡ. ମନୋଜ କୁମାର ସାମନ୍ତରାୟ ସଭାପତି, ସୁଦର୍ଶନ ମିଶ୍ର ଉପସଭାପତି, ବିପିନ ମହାନ୍ତି ସମ୍ପାଦକ, ରତ୍ନମାଳା ମହାନ୍ତି ଯୁଗ୍ମସମ୍ପାଦକ, ଛାୟାକାନ୍ତ ନାୟକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ସୁରେଶ କୁମାର ଦଳବେହେରା, ନିହାର ରଞ୍ଜନ ପୁହାଣ, ପ୍ରଭାକର ଓଝା, ଅନସୂୟା ମଙ୍ଗରାଜ, ପ୍ରଶାନ୍ତ କୁମାର ବରାଳ ମନୋନୀତ ହୋଇଛନ୍ତି। ପରାମର୍ଶଦାତା ଭାବେ ପଞ୍ଚାନନ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି।

## ୧୫ ସୁଦ୍ଧା ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବେ ଶିକ୍ଷକ

ପୁରୀ, ୭।୮(ଅଜିତ ମହାନ୍ତି):

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନଭୁକ୍ତ) ପୁରୀ ସଦର ବ୍ଲକ୍‌ର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ମୁଖ୍ୟମନ୍ତ୍ରୀ ରାଜ୍ୟର ଠିକା ନିଯୁକ୍ତି ଉଚ୍ଛେଦ କରିବାରୁ ପ୍ରାଥମିକ ସ୍ତରରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ସହିତ ଶିକ୍ଷାକର୍ମୀ, ଶିକ୍ଷା ସହାୟକଙ୍କ କାର୍ଯ୍ୟାଳୟକୁ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା ଓ ଏକ୍ସକ୍ୟାଡର ଶିକ୍ଷକଙ୍କଠାରୁ ଏକ୍ସକୁ ବାଦ୍ ଦେଇ କ୍ୟାଡରଭୁକ୍ତ କରାଯାଉ। ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦିଆଯାଉ ଏବଂ ନୂତନ ପେନ୍‌ସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଉ ବୋଲି ସଂଘ ଦାବି କରିଛି। ଯଦି ସରକାର ଆଗାମୀ ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ କରନ୍ତି, ତେବେ ୧୬ ତାରିଖରୁ ସଂଘର କର୍ମକର୍ତ୍ତାମାନେ ସମୂହ ଛୁଟିରେ ଯିବେ। ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛୁଟିରେ ରହିଲେ ବିଦ୍ୟାଳୟଗୁଡ଼ିକରେ ତାଲା ପଡ଼ିବ। ଫଳରେ କୋମଳମତି ଶିଶୁମାନଙ୍କ ଶିକ୍ଷା ବାଧାପ୍ରାପ୍ତ ହେବ। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ପ୍ରଭାତ ରଞ୍ଜନ ପୃଷ୍ଟି, ସମ୍ପାଦକ ଉମାକାନ୍ତ ମହାପାତ୍ର, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ମିହିର କୁମାର ମିଶ୍ର, ସର୍ବେଶ୍ୱର ଜେନା, ଶରତ କୁମାର ମିଶ୍ର, ମନସ୍ୱିନୀ ମିଶ୍ର, ପୁଷ୍ପାରାଣୀ ପଣ୍ଡା, ଶ୍ରୀମୟୀ ରଥ, ପ୍ରଦୀପ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସୁରେଶ କୁମାର ମିଶ୍ର, ବସନ୍ତ କୁମାର ନାୟକ, ଭୁବନମୋହନ ହୋତା, ଯୁଧିଷ୍ଠିର ନାୟକ, ଶୁଭ୍ରଜିତା ମହାରଣା, ତୋଫାନ କୁମାର ମିଶ୍ର, କେଶବ ଚନ୍ଦ୍ର ସାହୁ, ମହେଶ୍ୱର ବେହେରା, ରମେଶ ଚନ୍ଦ୍ର ମୁଦୁଲି, ଦିଲୀପ କୁମାର ଦର ଆଦି ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ, ଏକ୍ସକ୍ୟାଡର ଶିକ୍ଷକ ସଂଘର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସଭାପତି ସୋମନାଥ ବାରିକ, ସମ୍ପାଦକ ପ୍ରମୋଦ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଭେଟିଲା ଜିଲା କଳା ସଂସ୍କୃତି ସଂଘ

ପୁରୀ, ୭।୮(ଅଜିତ ମହାନ୍ତି)

ପୁରୀ ଜିଲା କଳା ସଂସ୍କୃତି ସଂଘର ନୂତନ ଉପସଭାପତି ବସନ୍ତ ପ୍ରଧାନଙ୍କ ନେତୃତ୍ୱରେ ଜିଲାର ଶହେ ଜଣ କଳାକାର ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି କଳାକାରଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ଘୋଷଣା କରିଥିବା ନୂଆ ଯୋଜନା ଲାଗି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୀତିକାର ବଦ୍ରି ମିଶ୍ରଙ୍କ ସହ ପୁରୀ ସଦରର ରାଜକିଶୋର ମୁଦୁଲି ଓ ଗଙ୍ଗାଧର ପଲେଇ, ବ୍ରହ୍ମଗିରିର ଗଙ୍ଗାଧର ସୁନ୍ଦରରାୟ ଓ ଭରତ ତରେଇ, ନିମାପଡ଼ାର ପବିତ୍ର ପ୍ରଧାନ ଓ ଚନ୍ଦ୍ରକାନ୍ତ ମହାନ୍ତି, ସତ୍ୟବାଦୀର ପୂର୍ଣ୍ଣଚନ୍ଦ୍ର ବାରିକ, ଡେଲାଙ୍ଗର ସରୋଜ ପ୍ରଧାନ ଓ ପବିତ୍ର ପରିଡ଼ା, ଗୋପର ପବିତ୍ର ମୋହନ ନାୟକ, କଣାସର ବେଣୁଧର ବଳିଆରସିଂହ ଓ କପିଳ ରାଉତରାୟ, ଅସ୍ତରଙ୍ଗର ଦୁର୍ଯ୍ୟୋଧନ ନାୟକ ଓ ପବିତ୍ର ମୋହନ ବାରିକ ଏବଂ କାକଟପୁରର ପୂର୍ଣ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସେମାନେ କଳାକାରଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। କଳାକାରମାନଙ୍କ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲାପାଳ ବର୍ମା କହିଛନ୍ତି।

## ରାହୁଲଙ୍କ ଏମ୍‌ପି ପଦ ଫେରିପାଇବାକୁ ନେଇ ଖୁସି

ପୁରୀ, ୭।୮(ଅଜିତ୍ ମହାନ୍ତି)

ମୋଦି ସାଙ୍ଗିଆ ନେଇ ବିବାଦୀୟ ଟିପ୍ପଣୀ ଦେଇ ବିବାଦରେ ଫସିଥିବା ଏମ୍‌ପି ରାହୁଲ ଗାନ୍ଧୀଙ୍କ ଜେଲ ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ଅନ୍ତରୀଣ ରହିତାଦେଶ ଲାଗୁ କରିଛନ୍ତି। ଏଥିସହ ରାହୁଲ ଲୋକସଭା ସଭ୍ୟ ପଦ ଫେରି ପାଇଛନ୍ତି। ଯାହାକୁ ନେଇ ସାରା ଦେଶରେ କଂଗ୍ରେସ କର୍ମୀ ଓ ନେତା ଉତ୍ସାହିତ ଅଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ସୋମବାର ଭିଆଇପି ରୋଡ୍‌ସ୍ଥିତ ଜିଲା କଂଗ୍ରେସ ଭବନଠାରେ କଂଗ୍ରେସ କର୍ମୀମାନେ ଏକାଠି ହୋଇ ପରସ୍ପରକୁ ମିଠା ଖୁଆଇ ଉତ୍ସବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ସୁଜିତ ମହାପାତ୍ର, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ବିନାୟକ ଦାସ ମହାପାତ୍ର , ବିଭୁଦତ୍ତ ମିଶ୍ର, ନିରଞ୍ଜନ ରଥ, ସସ୍ମିତା ସ୍ୱାଇଁ ,ଅମରେନ୍ଦ୍ର ପାଇକରାୟ, ଚେତନ ମିଶ୍ର, ପିସିସି ସମ୍ପାଦକ ବିଶ୍ୱନାଥ ଦାଶ ସହ କଂଗ୍ରେସର ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଇଓଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

ଗୋପ,୭।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ୍ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୋପ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛି। ଦାବିରେ ରାଜ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ ହୋଇଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ସହିତ ଶିକ୍ଷାକର୍ମୀ, ଠିକା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ମୋ ଚାକିରିରେ ଗଣନା କରିବାକୁ ନିବେଦନ କରାଯାଇଛି। ଏଥିସହ ଏକ୍ସ କ୍ୟାଡ଼ର ଶିକ୍ଷକ, କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ନୂତନ ପେନ୍‌ସନ୍ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ପନ୍ଥା ଲାଗୁ କରିବା ଆଦି ଦାବି କରାଯାଇଛି। ସଭାପତି ଶିବଦତ୍ତ ନାୟକଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟରେ ଏବିଇଓ ବେଣୁଧର ବେହେରା, ବିଳାସିନୀ ମଲ୍ଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।ସମ୍ପାଦକ ସରୋଜ ମିଶ୍ର, ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷକ ସଂଘ ସଭାପତି ଡ. ପ୍ରଦୀପ ପାତ୍ର, ସମ୍ପାଦକ ସେକ୍ ମକସୁଦ୍ ହୁସେନ୍, ଜିଲା ସମ୍ପାଦକ ଶିବ ନାରାୟଣ ସେନାପତି, ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ସଭାପତି ଶରତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୋପ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଗୋପ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବେନ୍ଦ୍ର ନାଥ କାଣ୍ଡି, ପ୍ରଶାନ୍ତ ପାଇକରାୟ, ଶିକ୍ଷକ ନେତା ଦୀପକ ସେନାପତି, ରାଜ୍ୟ ଆବାହକ ପ୍ରଶାନ୍ତ ବରାଳ ଉପସ୍ଥିତ ଥିଲେ।




ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

ପୁରୀ, ୭।୮(ଅଜିତ ମହାନ୍ତି):




ଆଲୋଚନାଚକ୍ରରେ ଯୋଗ ଦେଇଥିବା ସଦସ୍ୟମାନେ ।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଅଗଷ୍ଟ ମାସ ବୈଠକ ରବିବାର ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ପ୍ରଫେସର ଡ. ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୋଚ୍ୟ ବିଷୟ ଥିଲା 'ଶ୍ରୀଚୈତନ୍ୟ ଚରିତାମୃତରେ ଶ୍ରୀଜଗନ୍ନାଥ'। ଡ. ଶ୍ରୀନିବାସ ଆଚାର୍ଯ୍ୟ ଏବଂ ପ୍ରାଧାପିକା ବାସନ୍ତୀ ଦେବୀ ଉକ୍ତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରୀକୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କ ବଙ୍ଗଳା ଭାଷାରେ ଲିଖିତ ଶ୍ରୀଚୈତନ୍ୟ ଚରିତାମୃତ ଗ୍ରନ୍ଥଟି ତିନିଖଣ୍ଡରେ ବିଭକ୍ତ ଯଥା ଆଦିଲୀଳା, ମଧ୍ୟଲୀଳା ଏବଂ ଅନ୍ତଲୀଳା। ତିନିଖଣ୍ଡରେ ମୋଟ ୬୨ଟି ପରିଚ୍ଛେଦ ରହିଛି। ଆଦି ଲୀଳାରେ ଶ୍ରୀଚୈତନ୍ୟଙ୍କ ଜନ୍ମ, ବାଲ୍ୟଲୀଳା, କୈଶୋରଲୀଳା ଏବଂ ଯୌବନ ଲୀଳାର ବର୍ଣ୍ଣନା ରହିଛି। ସେହିପରି ମଧ୍ୟଲୀଳାରେ ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ହୋଇଛି। ଶ୍ରୀଚୈତନ୍ୟ ନିଜକୁ ରାଧିକା ଜ୍ଞାନରେ ଏବଂ ଜଗନ୍ନାଥଙ୍କୁ ସ୍ୱାମୀ ଶ୍ରୀକୃଷ୍ଣ ରୂପରେ ଦର୍ଶନ କରି କୀର୍ତ୍ତନ ଓ ନୃତ୍ୟ କରୁଥିଲେ। ଶ୍ରୀମନ୍ଦିର ଭୋଗମଣ୍ଡପ ନିକଟକୁ ଯାଇ ରତ୍ନସିଂହାସନସ୍ଥ ମହାପ୍ରଭୁଙ୍କୁ ସେ ଦର୍ଶନ କରୁଥିଲେ। ତାଙ୍କ ନେତ୍ରଦ୍ୱୟ ତୃଷାର୍ତ୍ତ ଭ୍ରମର ଯୁଗଳ, ଯାହା ମହାପ୍ରଭୁଙ୍କ ବଦନ କମଳ ପାନ କରୁଥିଲେ। ଶ୍ରୀମନ୍ଦିର ବେଢାରେ ସେ ମହାକୀର୍ତ୍ତନ କରୁଥିଲେ। ରଥଯାତ୍ରା ପୂର୍ବରୁ ଶ୍ରୀଚୈତନ୍ୟ ନିଜ ଭକ୍ତ ଓ ପାର୍ଷଦମାନଙ୍କ ସହ ଝାଡୁ ଲଗାଇ ସଫା କରିବା ପରେ ପାଣି ପକାଇ ଧୋଇ ପୋଛୁଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଭିତର ଓ ବାହାର ଭୋଗମଣ୍ଡପ, ନାଟମଣ୍ଡପ, ପାକଶାଳା ଏବଂ ନୃସିଂହ ମନ୍ଦିର ମାଜଣା କରୁଥିଲେ। ଉଲ୍ଲେଖ ଅଛି ଯେ, ରଥଯାତ୍ରା ସମୟରେ ଶ୍ରୀଚୈତନ୍ୟଙ୍କ କୀର୍ତ୍ତନ ଦେଖି ଶ୍ରୀବିଗ୍ରହମାନେ ହର୍ଷିତ ହେଉଥିଲେ। ଏକଦା ଶତ ପ୍ରୟାସ ସତ୍ତ୍ୱେ ରଥ ନ ଚଳିବାରୁ ଚୈତନ୍ୟ ମଥା ଲଗାଇ ଠେଲିବାରୁ ରଥ ଚାଲିଥିଲା। ତାଙ୍କ ଅନୁସାରେ ନୀଳାଚଳ ଦ୍ୱାରିକା ଓ ଶ୍ରୀଗୁଣ୍ଡିଚା ମନ୍ଦିର ସୁନ୍ଦରାଚଳ ବୃନ୍ଦାବନ। ବୃନ୍ଦାବନ ଦେଖିବାର ଅପାର ଉତ୍କଣ୍ଠା ହେତୁ ପ୍ରଭୁ ରଥରେ ବିଜେ କରନ୍ତି। ବୃନ୍ଦାବନ କ୍ରୀଡ଼ାରେ ନାହିଁ ଲକ୍ଷ୍ମୀଙ୍କ ଅଧିକାର। ତେଣୁ ସାଙ୍ଗରେ ଲକ୍ଷ୍ମୀ ଯାଆନ୍ତି ନାହିଁ। ଦେବୀ ଲକ୍ଷ୍ମୀଙ୍କ ହେରାପଞ୍ଚମୀ ଲୀଳା ପରେ ବାହୁଡ଼ା ଯାତ୍ରା ପ୍ରସ୍ତୁତ ହୁଏ। ମହୋଦଧି ନିକଟରେ ଚଟକ ନାମକ ବାଲୁକାସ୍ତୁପକୁ ସେ ବ୍ରଜର ଗିରିରାଜ ବୋଲି ମନେକରି ଧାଇଁଥିଲେ। ପୁନଃ ଯମୁନା ଭ୍ରମରେ ସମୁଦ୍ର ଜଳରେ ଜଳକ୍ରୀଡ଼ା କରି ଭାସିଯାଇ ମୂର୍ଚ୍ଛିତ ହୋଇଥିଲେ। ଭକ୍ତମାନେ ଉଚ୍ଚ ସ୍ୱରରେ କୀର୍ତ୍ତନ କରିବାରୁ ସେ ଜାଗ୍ରତ ହୋଇଥିଲେ। ଗ୍ରନ୍ଥର ଶେଷ ଭାଗରେ ଚୈତନ୍ୟଙ୍କ କୃତ ଶିକ୍ଷାପଟକର ଉଲ୍ଲେଖ ରହିଛି। ଆଲୋଚନାଚକ୍ରରେ ଡ. ଭାସ୍କର ମିଶ୍ର, ଡ. ନୃସିଂହ ଚରଣ ସାହୁ, ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ, ସତ୍ୟନାରାୟଣ ମିଶ୍ର, ନାରାୟଣ ନନ୍ଦ, ଡ. କାଦମ୍ବିନୀ ଦାଶ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ରାମଚନ୍ଦ୍ର ଦାସ ମହାପାତ୍ର, ଡ. କଲ୍ୟାଣୀ ନନ୍ଦୀ, ଅନ୍ନପୂର୍ଣ୍ଣା ଦେବୀ, ଡ. ପ୍ରମୋଦ କୁମାର ଦଳେଇ, କୃଷ୍ଣଚନ୍ଦ୍ର ରଥ, ଅନାମ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ଦାସ, ନକୁଳ ଚରଣ ସ୍ୱାଇଁ, ଡ. ଶଙ୍କର୍ଷଣ ପ୍ରଧାନ ଏବଂ ବାସୁଦେବ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଅଗଷ୍ଟ ୨୦୨୩



## ସଂକ୍ଷେପରେ

### ପୁରୀ ମେନକେନାଲରେ ବୁଡ଼ି ନାବାଳକ ମୃତ

ବାରଙ୍ଗ,୭।୮(ଲିଙ୍ଗରାଜ ରାଉତ)- ପୁରୀ ମେନ୍ କେନାଲରେ ଗାଧୋଉଥିବା ବେଳେ ସୋମବାର ସକାଳେ ଜଣେ ୧୬ବର୍ଷର ବାଳକ ବୁଡ଼ି ମୃତ୍ୟୁବରଣ କରିଛି। ସେ ହେଉଛନ୍ତି ନରାଜ ଗ୍ରାମର ସ୍ୱର୍ଗତ ରଘୁନାଥ ସାହୁଙ୍କ ପୁଅ ବିଭୂତି ସାହୁ(୧୬)।ଏ ନେଇ ବାରଙ୍ଗ ଥାନାରେ ପୋଲିସ ଏକ ମାମଲା(ନଂ.୬/୨୩) ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ବିଭୂତି ବାପାଙ୍କ ଦେହାନ୍ତ ପରେ ଘରଚଳାଇବା ପାଇଁ ସିଆଇଏସ୍ଏଫ୍ ପାଖରେ ଥିବା ଏକ ହୋଟେଲରେ କାମ କରୁଥିଲେ। ସୋମବାର ସକାଳେ ହୋଟେଲରେ କାମ କରୁଥିବା ଅନ୍ୟଜଣେ ସାଙ୍ଗ ସହ ପୁରୀ ମେନ୍ କେନାଲକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ିସାହି ବ୍ରିଜତଳେ ବିଭୂତି ଗାଧୋଉଥିବା ବେଳେ ସାଙ୍ଗଜଣକ ଦୂରରେ ଥିଲେ। ଏହି ସମୟରେ ବିଭୂତିର ଗୋଡ଼ ଖସିଯିବାରୁ ସେ ବୁଡିଯାଇଥିଲେ। ଏହାଦେଖି ସାଙ୍ଗ ବିଭୂତିକୁ ଉଦ୍ଧାର କରିବା ପାଇଁ ପାଖରେ ଥିବା ଗାମୁଛା ପକାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ପାଟିଶୁଣି ପାଖରେ ଥିବା ଅନ୍ୟ ଯୁବକମାନେ ଆସିବାବେଳକୁ ସେ ବୁଡ଼ିଯାଇଥିଲେ। ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ସହ ବାରଙ୍ଗରୁ ଏକ ଦମକଳ ଆସି ଖୋଜାଖୋଜି କରି ପ୍ରାୟ ୪୫ ମିନିଟ ପରେ ବିଭୂତିକୁ ପାଣିରୁ ଉଦ୍ଧାର କରି କଟକ ବଡ଼ମେଡିକାଲକୁ ନେଇଥିଲା। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

### ସ୍ତ୍ରୀ ଉପରକୁ ଗରମ ତେଲ ପକାଇ, ଶ୍ୱାସରୁଦ୍ଧ କରି ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା): ସ୍ତ୍ରୀକୁ ତକିଆ ପକାଇ ଶ୍ୱାସରୁଦ୍ଧ କରି ହତ୍ୟା ଉଦ୍ୟମ କରିବା ସହ ଗରମ ତେଲ ଫୋପାଡିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମଞ୍ଚେଶ୍ୱର ଥାନା ପୋଲିସ। ଅଭିଯୁକ୍ତ ହେଲେ ନୟାଗଡ ଜିଲାର ନଳ ବେହେରା। ତାଙ୍କଠାରୁ ଅପରାଧରେ ବ୍ୟବହୃତ ହୋଇଥିବା ତକିଆ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ନଳ ଓ ପୀଡିତା ୨୦୧୧ ମସିହାରେ ବିବାହ କରିବା ପରେ ମଞ୍ଚେଶର ଝରଣାସାହି ବସ୍ତିରେ ରହୁଥିଲେ। ସେମାନଙ୍କର ୨ଟି ସନ୍ତାନ ଅଛନ୍ତି। ଗତ ବର୍ଷେ ହେବ ଅଭିଯୁକ୍ତଙ୍କର ଆଉ ଜଣେ ମହିଳାଙ୍କ ସହିତ ସମ୍ପର୍କ ଗଢି ଉଠିଥିଲା। ଏହାକୁ ନେଇ ପୀଡିତା ଓ ଅଭିଯୁକ୍ତଙ୍କ ମଧ୍ୟରେ ପ୍ରାୟ ସମୟ ବିବାଦ ଲାଗିରହିଥିଲା। ଗତ ୮ଦିନ ପୂର୍ବରୁ ଅଭିଯୁକ୍ତ ଉକ୍ତ ମହିଳାଙ୍କୁ ବିବାହ କରି ଝରଣାସାହିରେ ଥିବା ଘରକୁ ଆଣିଥିଲେ। ଘଟଣାକୁ ନେଇ ପୀଡିତା ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ତକିଆରେ ଶ୍ୱାସରୁଦ୍ଧ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏପରିକି ଅଭିଯୁକ୍ତ ଗରମ ତେଲ ପୀଡିତାଙ୍କ ଉପରକୁ ଫିଙ୍ଗିଥିଲେ। ଫଳରେ ପୀଡିତା ଗୁରୁତର ଆହତ ହୋଇଥିଲେ। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ସାଇବର ଅପରାଧ ରୋକିବାରେ ଦକ୍ଷ କର୍ମଚାରୀଙ୍କ ଅଭାବ

ଭୁବନେଶ୍ୱର,୭।୮(ସୂର୍ଯ୍ୟକାନ୍ତ ବେହେରା)

ଲୋକେ ସଚେତନ ହେଉନାହାନ୍ତି। ଏପଟେ ଓଡ଼ିଶା ପୋଲିସରେ ଦକ୍ଷ କର୍ମଚାରୀ ଓ ଭିତ୍ତିଭୂମିର ଅଭାବ ରହୁଛି। ଯେଉଁଥିପାଇଁ ରାଜ୍ୟରେ ସାଇବର ଅପରାଧ ବଢ଼ିଚାଲିଛି। ସାଇବର ଅପରାଧୀମାନେ ନୂଆ ନୂଆ ଉପାୟରେ ଲୋକଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ନେଉଛନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ମହିଳା ଓ ବରିଷ୍ଠ ନାଗରିକମାନେ ମଧ୍ୟ ଏହି ଅପରାଧରେ ଫସିଯାଉଛନ୍ତି। ସାଇବର ଥାନା, କ୍ରାଇମବ୍ରାଞ୍ଚରେ ପ୍ରତିଦିନ ଏଭଳି ଅଭିଯୋଗ ସଂଖ୍ୟା ବଢ଼ି ଚାଲିଛି। ଏଭଳି ପରିସ୍ଥିତିରେ ସାଇବର ଅପରାଧୀଙ୍କୁ ମୁକାବିଲା କରିବା ସହ ଲୋକଙ୍କ ଟଙ୍କା ଫେରାଇ ଆଣିବାକୁ ଓଡ଼ିଶା ପୋଲିସ ଏବେ ନିଜ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି। ଏହି ପରିପ୍ରେକ୍ଷୀରେ କ୍ରାଇମବ୍ରାଞ୍ଚ ସାଇବର କମ୍ପ୍ଲେକ୍ସର କନ୍‌ଫରେନ୍ସ ହଲ୍‌ରେ ଏକ ତାଲିମ୍ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଓ ୟୁନିସେଫ୍ ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ପୋଲିସର ୩୪ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସେମାନଙ୍କୁ ସାଇବର ଅପରାଧର ଅନୁସନ୍ଧାନ ପାଇଁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଉପକରଣ ଓ କୌଶଳ ଉପରେ ପ୍ରଶିକ୍ଷଣ ଦିଆଯାଉଛି। ମୁଖ୍ୟ ଅତିଥି ଭାବେ ଡିଜିପି ସୁନୀଲ କୁମାର ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡିଜିପି କହିଲେ, ସାଇବର ଅପରାଧର ମୁକାବିଲା ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ତେଣୁ ମାନବ ସମ୍ବଳ ବଢାଇବାକୁ ଆମେ ଦକ୍ଷ ଅଫିସରଙ୍କୁ ତାଲିମ ଦେବାକୁ ନିଷ୍ପତ୍ତି ନେଇଛୁ। ତାଲିମ ନେଉଥିବା ଅଧିକାରୀମାନେ ପ୍ରଶିକ୍ଷଣ ଅଧିକାରୀଙ୍କ କଥାକୁ ଧ୍ୟାନର ସହ ଶୁଣି ଠିକଭାବେ କାର୍ଯ୍ୟରେ ଲଗାନ୍ତୁ। ଯେଉଁ ଅଫିସରମାନେ ତାଲିମ ନେଉଛନ୍ତି ସେମାନେ ନିଜ ଜିଲାରେ ସାଇବର ଟିମ୍‌ଗୁଡିକର ନେତୃତ୍ୱ ନେଇପାରିବେ ବୋଲି ବଂଶଲ କହିଛନ୍ତି। ଭୁବନେଶ୍ୱର, କଟକ, କଟକ ଗ୍ରାମୀଣ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ବ୍ରହ୍ମପୁର, ଗଜପତି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଦେବଗଡ ଏବଂ ଢେଙ୍କାନାଳ ପୋଲିସ ଜିଲାର ଅଧିକାରୀମାନେ ତାଲିମ୍ ନେଉଛନ୍ତି। ଏହା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ପୋଲିସ ଜିଲାର ସମାନ ପଦବୀର ୩୮ ଅଧିକାରୀ ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ତାଲିମ ନେବେ। ସାଇବର ଅପରାଧର ପ୍ରକୃତି, ବୈଷୟିକ ଦକ୍ଷତା, ଡିଜିଟାଲ ଫୋରେନସିକ, ଆଇନଗତ ସମସ୍ୟା, ଅନ୍ୟାନ୍ୟ ଏଜେନ୍ସି ସହିତ ସହଯୋଗ ଏବଂ ସଚେତନତା, ପୀଡିତାଙ୍କୁ ସମର୍ଥନ ଏବଂ ସହାନୁଭୂତି ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଛି । କ୍ରାଇମବ୍ରାଞ୍ଚ ଏଡିଜିପି ଅରୁଣ ବୋଥ୍ରା ଓ ୟୁନିସେଫ୍ ବିଶେଷଜ୍ଞ ମାନ୍ନା ବିଶ୍ୱାସ ତାଲିମ୍ ନେଉଥିବା ଅଧିକାରୀଙ୍କୁ ସାଇବର ଅପରାଧ ରୋକିବା ପାଇଁ ଆବଶ୍ୟକ ଜ୍ଞାନ ଦେଇଥିଲେ। ଓଡ଼ିଶା ପୋଲିସ୍‌ର ଏହି ତାଲିମ୍ କାର୍ଯ୍ୟକ୍ରମ ବହୁ ଆଗରୁ କରିବାର ଆବଶ୍ୟକତା ଥିଲା। ଦ୍ରୁତ ଗତିରେ ସାଇବର ଠକେଇ ବଢିଚାଲିଥିଲେ ମଧ୍ୟ ଏହାକୁ ମୁକାବିଲା କରିବାରେ ପୋଲିସ ବିଫଳ ହେଉଥିବାରୁ ଏହାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ବଡ଼ ବଡ଼ ଘଟଣା ବା ବଡ଼ବଡ଼ିଆ ସାଇବର ଅପରାଧର ଶିକାର ହେଲେ ପୋଲିସ ଓ କ୍ରାଇମବ୍ରାଞ୍ଚ ମୁଣ୍ଡ ଖେଳାଉଥିବାବେଳେ ଛୋଟ ଘଟଣାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ଉଠୁଛି।

**ପ୍ରଥମ ପର୍ଯ୍ୟାୟରେ ୩୪ଜଣ ସବ୍‌ଇନ୍ସପେକ୍ଟରଙ୍କୁ ତାଲିମ**



ତାଲିମ୍ କାର୍ଯ୍ୟକ୍ରମରେ ଡିଜିପି ସୁନୀଲ କୁମାର ବଂଶଲ ଓ ଅନ୍ୟ ଅଧିକାରୀମାନେ।

# ୪୮୮ ବର୍ଗ ଶିକ୍ଷକ, କର୍ମଚାରୀ ସଂଘର ୬ ଦଫା ଦାବି ନେଇ ଆଲୋଚନା

ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)

ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ମାନସ ପୁରୋହିତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୬ ଦଫା ଦାବି ସମ୍ବନ୍ଧରେ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ୪୮୮ ବର୍ଗରେ ୨୦୧୭ ଅନୁଦାନ ଆଇନ ଅନୁସାରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସମସ୍ତ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ୧୯୮୧ ନିୟମ ଅନୁଯାୟୀ ପୁରୁଣା ପେନ୍‌ସନ ଲାଗୁ କରିବା, ୧୯୮୩ ନିୟମ ଅନୁସାରେ ଭବିଷ୍ୟନିଧି ଖାତା ଖୋଲିବା, ୧୯୭୯ ନିୟମ ଅନୁଯାୟୀ ଏହି ବର୍ଗରେ ବଳବତ୍ତର ଥିବା କ୍ୟାଡର ତାଲିକାରେ ଅଧ୍ୟାପିକା ଅଧ୍ୟାପକଙ୍କୁ ଅନ୍ତର୍ଭୁକ୍ତ କରିବା, କର୍ମଚାରୀଙ୍କ ମୃତ୍ୟୁ ପରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଏସବୁ ଦାବିକୁ ସରକାର ଗୁରୁତ୍ୱର ସହିତ ବିଚାର କରୁଛନ୍ତି ବୋଲି ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଜଣାଇଥିଲେ। ଅଗଷ୍ଟ ଶେଷ ସୁଦ୍ଧା ସରକାର ଦାବିଗୁଡିକୁ ପୂରଣ ନ କଲେ ସେପ୍ଟେମ୍ବର ଆରମ୍ଭରୁ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସାଧାରଣ ସମ୍ପାଦକ ସୁଶୀଳ ପ୍ରଧାନ ଜଣାଇଛନ୍ତି। ଦାବିଗୁଡିକ ପୂରଣ କରିବା ଦିଗରେ ସରକାରୀ ସ୍ତରରେ ତତ୍ପରତା ଦେଖାଇବା ପାଇଁ ସଂଘର ସାଙ୍ଗଠନିକ ସମ୍ପାଦକ ଜ୍ଞାନ ମିଶ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ସଂଘ ତରଫରୁ ଉପଦେଷ୍ଟା ରାଧାଶ୍ୟାମ ପଲେଇ, ଉପ ସଭାପତି ସଞ୍ଜିତ ଭୂୟାଁ ଓ ଡ. ସୁବିଜ୍ଞ ଗଡତ୍ୟା, ସାଧାରଣ ସମ୍ପାଦକ ସୁଶୀଲ ଚନ୍ଦ୍ର ପ୍ରଧାନ, ସଂଗଠନ ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ସତ୍ୟ ପରିଡ଼ା, କାର୍ଯ୍ୟକାରିଣୀର ବରିଷ୍ଠ ସଭ୍ୟ ଆଲୋକ ନାୟକ, ବିକ୍ରମ ପାତ୍ର, କିଶୋର ଜଗଦ୍ଦେବ ଓ ସରୋଜ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।



ରବୀନ୍ଦ୍ରନାଥ ଟାଗୋରଙ୍କ ଶ୍ରାଦ୍ଧୋତ୍ସବରେ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଜାତୀୟ ସଙ୍ଗୀତ ବିଶ୍ୱକବିଙ୍କୁ ଚିର ଅମର କରିଛି

**ରବୀନ୍ଦ୍ରନାଥ ଟାଗୋରଙ୍କ ଶ୍ରାଦ୍ଧୋତ୍ସବ**

ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ୮୨ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରବୀନ୍ଦ୍ର ମଣ୍ଡପସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବିଶ୍ୱକବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତର ଜାତୀୟ ସଂଗୀତ ତାଙ୍କୁ ଜନମାନସରେ ଚିର ଅମର କରି ରଖିଛି । ତାଙ୍କର କାଳଜୟୀ ବାକ୍ୟ 'ଏକ୍‌ଲା ଚଲୋରେ' ମହତ୍ କାମ ପାଇଁ ସମସ୍ତଙ୍କୁ ଅନୁପ୍ରାଣିତ କରିଛି ବୋଲି ସେମାନେ ପ୍ରକାଶ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ସମାଜସେବୀ ବିଜୟ କୁମାର ତ୍ରିପାଠୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ପ୍ରଗତି ରଥ, ସଂଯୁକ୍ତା ପାଣିଗ୍ରାହୀ, ଜୟ ଓଡ଼ିଶା ସଦସ୍ୟ ଯୋଗଦେଇ ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ସ୍ମୃତି ଚାରଣ କରିଥିଲେ। ଶାନ୍ତିନିକେତନ ପ୍ରତିଷ୍ଠା କରି ଏହାକୁ ବିଶ୍ୱଗୁରୁ ଏକ ଅନନ୍ୟ ଶିକ୍ଷାନୁଷ୍ଠାନରେ ପରିଣତ କରିଛନ୍ତି। ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରି ବହୁ ବିଦ୍ୟାର୍ଥୀ ସମଗ୍ର ବିଶ୍ୱକୁ ଶିକ୍ଷାର ଆଲୋକ ପ୍ରଦାନ କରୁଛନ୍ତି। ଗୀତାଞ୍ଜଳି କାବ୍ୟ ରଚନା କରି ରବୀନ୍ଦ୍ରନାଥ ପ୍ରଥମ ଓଡ଼ିଆ ଭାବେ ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଥିଲେ। ଏହି ଗୀତାଞ୍ଜଳି କାବ୍ୟ ରବୀନ୍ଦ୍ରନାଥ ରାହାମା ପଣ୍ଡୁଆସ୍ଥିତ ତାଙ୍କ ଜମିଦାରୀରେ ଅବସ୍ଥାନ କରୁଥିବାବେଳେ ରଚନା କରିଛନ୍ତି ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି।

# ମନ୍ଦିରକୁ ଆସୁଥିବା ଦାନ ପାଣ୍ଠିକୁ ନେଇ ଧସ୍ତାଧସ୍ତି, ଉଭୟ ପକ୍ଷରୁ ୨ ଗିରଫ

ଭୁବନେଶ୍ୱର,୭।୮
(ସୂର୍ଯ୍ୟକାନ୍ତ ବେହେରା)

ମନ୍ଦିରକୁ ଆସୁଥିବା ଦାନ ପାଣ୍ଠିକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଧସ୍ତାଧସ୍ତି ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ପୃଥକ ପୃଥକ ମାମଲାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପୁରୋହିତ ଅରୁପାନନ୍ଦ ସାହୁ (୬୨) ଓ ଅନ୍ୟ ଜଣେ ସୁଜିତ ମହାପାତ୍ର (୩୫) । ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୁରୋହିତଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି । ତେବେ ଏହି ଘଟଣାରେ ଉଭୟ ପକ୍ଷରୁ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି । ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି ।

## ଟ୍ରାଫିକ କର୍ମଚାରୀଙ୍କୁ ଦୁର୍ବ୍ୟବହାର, ୨ ଗିରଫ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

କାର୍ଯ୍ୟରତ ଟ୍ରାଫିକ କର୍ମଚାରୀଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡାର ବିଶ୍ୱାସ ଦାସ ଓ ଭଦ୍ରକର ଦୁର୍ଯ୍ୟୋଧନ ଦାସ। ସେମାନଙ୍କଠାରୁ ଗୋଟିଏ ମୋଟରସାଇକେଲ ଜବତ ହୋଇଛି। ଅଭିଯୁକ୍ତମାନେ ନିଶା ସେବନ କରି ଗାଡି ଚଳାଉଥିବା ତଦନ୍ତବେଳେ ଜଣାପଡିଛି। ସୂଚନାନୁସାରେ, ଟ୍ରାଫିକ ଥାନା-୧ର ଏସ୍‌ଆଇ ପ୍ରକାଶ କୁମାର ଜେନା ୩ଜଣ ଟ୍ରାଫିକ କନେଷ୍ଟବଲଙ୍କ ସହିତ ବୁଦ୍ଧନଗର ଫଳ ମାର୍କେଟ ନିକଟରେ ଏମ.ଭି ଚେକିଂ କରୁଥିବାବେଳେ ଅଭିଯୁକ୍ତଦ୍ୱୟ ବିନା ହେଲ୍‌ମେଟରେ ଗୋଟିଏ ବାଇକ୍‌ରେ ବେପରୁଆ ଗାଡି ଚଳାଉଥିବା ଦେଖି ଧରିଥିଲେ। ହେଲେ ଅଭିଯୁକ୍ତମାନେ ଟ୍ରାଫିକ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ।

# ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା ଶିଖିଲେ ଛାତ୍ରୀଛାତ୍ର

**ସ୍ନେକ୍ ହେଲ୍ପଲାଇନ୍ ପକ୍ଷରୁ ସଚେତନତା ମକ୍‌ଡ୍ରିଲ**

ଭୁବନେଶ୍ୱର, ୭।୮(ଅସମାପିକା ସାହୁ)

ବର୍ଷା ଦିନ ଆସିଲେ ରାଜ୍ୟରେ ସାପ କାମୁଡ଼ାଜନିତ ଦୁର୍ଘଟଣା ବଢୁଛି। ଗତ ମାସରେ କେନ୍ଦୁଝରରେ ସାପ କାମୁଡ଼ାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଚିନ୍ତା ବଢ଼ାଇଦେଇଥିଲା। ତେଣୁ ଛାତ୍ରୀଛାତ୍ର ସାପ କାମୁଡ଼ିବା ପରେ କ'ଣ କରିବା ଦରକାର ତାକୁ ନେଇ ଲକ୍ଷ୍ମୀସାଗର ଉଚ୍ଚବିଦ୍ୟାଳୟରେ ସ୍ନେକ୍ ହେଲ୍ପ ଲାଇନ୍ ପକ୍ଷରୁ ଏକ ସଚେତନତା ମକ୍ ଡ୍ରିଲ ସୋମବାର ଅନୁଷ୍ଠିତ ହୋଇଥିଲା। ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା ପାଇଁ କ'ଣ କରିବା ଉଚିତ ସେସବୁ ପଦ୍ଧତିକୁ ମକ୍ ଡ୍ରିଲ ମାଧ୍ୟମରେ ସ୍ନେକ ହେଲ୍ପ ଲାଇନ ସଦସ୍ୟମାନେ ବୁଝାଇଥିଲେ। ସାପ କାମୁଡ଼ିବା ପରେ କିପରି ରୋଗୀକୁ ଚଲା ବୁଲା କମ୍ କରି ସାପ କାମୁଡ଼ିଥିବା ଅଙ୍ଗରେ ଥିବା ଚୁଡ଼ି ଓ ମୁଦି ଆଦି ଖୋଲି, କ୍ରେପ ବ୍ୟାଣ୍ଡେଜ୍ କିମ୍ବା ଗାମୁଛା ଦ୍ୱାରା କିପରି ହାତ ବା ଗୋଡ଼କୁ କ୍ଷତ ସ୍ଥାନର ଉପରକୁ ଗୁଡ଼େଇ ଗୁଡ଼େଇ ବାନ୍ଧିବାକୁ ହୁଏ, ସେ ପଦ୍ଧତିଗୁଡ଼ିକ ଦେଖାଇଥିଲେ। ତା'ପରେ ଛୋଟ ଛୋଟ ପିଲାମାନେ ସମାନ ଭାବେ ମକ ଡ୍ରିଲ ମାଧ୍ୟମରେ ଅଭ୍ୟାସ କରିଥିଲେ। ୪ରୁ ୫ଜଣ ପିଲାଙ୍କୁ ନେଇ ଗୋଟିଏ ଗୋଟିଏ ଗ୍ରୁପ୍ କରାଯାଇ ଜଣେ ଜଣେ ଶିକ୍ଷକଙ୍କ ନେତୃତ୍ୱରେ ପିଲାମାନେ ସାପ କାମୁଡ଼ିବା ପରେ କେଉଁଭଳି ଭାବେ ପ୍ରାଥମିକ ଚିକିତ୍ସା ଠିକ ଭାବରେ କରିବେ ସେନେଇ ଅଭ୍ୟାସ କରିଥିଲେ। ଏହି ମକ୍ ଡ୍ରିଲ ଅଭ୍ୟାସ ଦ୍ୱାରା ପିଲାମାନେ ପ୍ରାଥମିକ ଚିକିତ୍ସା ପାଇଁ କାହା ପରେ କେଉଁ କାମ କରିବା ଉଚିତ ତାହା ନିଶ୍ଚୟ ମନେରଖିବେ ବୋଲି ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଆଶାପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ବେହେରା ଏହି ମକ୍ ଡ୍ରିଲ ଅଭ୍ୟାସକୁ ପରିଚାଳନା କରିଥିଲେ। ସ୍ନେକ ହେଲ୍ପଲାଇନ ତରଫରୁ ଲଳିତ ମୋହନ ପଣ୍ଡା, ସଞ୍ଜୟ ଦାସ, ଅମିତ ସାହୁ, ଆଶିଷ ବେହେରା ଓ ରାଜେଶ ସୁତାର ମକ୍ ଡ୍ରିଲରେ ସହଯୋଗ କରିଥିଲେ।


ଲକ୍ଷ୍ମୀସାଗର ଉଚ୍ଚବିଦ୍ୟାଳୟରେ ସୋମବାର ସ୍ନେକ୍ ହେଲ୍ପ ଲାଇନ୍ ପକ୍ଷରୁ ଅନୁଷ୍ଠିତ ସାପ କାମୁଡ଼ା ସଂକ୍ରାନ୍ତ ସଚେତନତା ମକ୍ ଡ୍ରିଲ।

# ଜଳବନ୍ଦୀ ପରିସ୍ଥିତିର ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନ: କଂଗ୍ରେସ

ଭୁବନେଶ୍ୱର, ୭।୮(ସୁନିତ୍ ମିଶ୍ର)

ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ସୋମବାର ରାଜଧାନୀରେ ଡେଙ୍ଗୁ ନିୟନ୍ତ୍ରଣ, ଜଳବନ୍ଦୀ ପରିସ୍ଥିତିର ସ୍ଥାୟୀ ସମାଧାନ ଏବଂ ମୁକୁଳା ଡ୍ରେନ୍ ଘୋଡ଼ାଇବା ଦାବିରେ ବିଏମ୍‌ସି ମେୟର ସୁଲୋଚନା ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱଜିତ୍ କହିଛନ୍ତି, ବିଏମ୍‌ସିର ବିଭିନ୍ନ ୱାର୍ଡରେ ଡେଙ୍ଗୁ ସାଙ୍ଘାତିକ ଭାବେ ବ୍ୟାପିବାରେ ଲାଗିଛି। ହେଲେ ବିଏମ୍‌ସି ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ଏହା ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏବେ ସୁଧା ରାଜଧାନୀରେ ୮୦୦ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଲାଣି। ବାସ୍ତବ କ୍ଷେତ୍ରରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ବହୁତ ଅଧିକ। ଗତ ୬ ଦିନରେ ୩୦୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେ। ଏହାର ଅର୍ଥ ଦିନକୁ ୫୦ଟି ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ପ୍ରତିବର୍ଷ ଭୁବନେଶ୍ୱରର ଅଧିବାସୀ ଡେଙ୍ଗୁରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ବାରମ୍ବାର ଏ ଘଟଣା ଘଟୁଥିଲେ ମଧ୍ୟ କାହିଁକି ମହାନଗର ନିଗମ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ବିଶ୍ୱଜିତ୍ ପ୍ରଶ୍ନ କରିଛନ୍ତି। ବିଶେଷ କରି ଡେଙ୍ଗୁ ରୋକିବାକୁ ମଧ୍ୟ ବିଏମ୍‌ସି ବିଫଳ ହୋଇଛି। ତୁରନ୍ତ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଯୁଦ୍ଧକାଳୀନ ପଦକ୍ଷେପ ଏବଂ ଭୁବନେଶ୍ୱରରେ ବନ୍ୟା ପରିସ୍ଥିତିକୁ ରୋକିବାକୁ ସୁବ୍ୟବସ୍ଥା ଗ୍ରହଣ କରିବାକୁ କଂଗ୍ରେସ ଦାବି କରିଥିବା ବେଳେ, ଏହା ପୂରଣ ନ ହେଲେ ଏହି ପ୍ରସଙ୍ଗରେ ଜନଆନ୍ଦୋଳନ ହେବ ବୋଲି ବିଶ୍ୱଜିତ୍ ଚେତାବନୀ ଦେଇଛନ୍ତି।


ମେୟର ସୁଲୋଚନା ଦାସଙ୍କୁ ଦାବିପତ୍ର ପ୍ରଦାନ ଅବସରରେ କଂଗ୍ରେସ ପ୍ରତିନିଧି ଦଳ।

# ବନ୍ୟାଞ୍ଚଳରେ ଆଗୁଆ ପଦକ୍ଷେପ ନେଇଛି ସ୍ୱାସ୍ଥ୍ୟ ବିଭାଗ

- ୪୬ ସ୍ଥାନରେ ମେଡିକାଲ କ୍ୟାମ୍ପ, ୨୯ ମେଡିକାଲ ଟିମ୍ ନିୟୋଜନ
- ଶୃଙ୍ଖଳା ଖାଦ୍ୟ ଖାଇବା, ସଫା ସୁତରା ରହିବାକୁ ପରାମର୍ଶ

ଭୁବନେଶ୍ୱର,୭।୮(ଅଭିଜିତ ଦାସ)

ରାଜ୍ୟରେ ଲଗାଣ ବର୍ଷା ଦ୍ୱାରା ବିଭିନ୍ନ ଅଞ୍ଚଳରେ ବନ୍ୟା ଆସିଛି। ତେବେ ବନ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ସହ ଜଳବାହିତ ରୋଗରୁ ଲୋକଙ୍କୁ ସୁରକ୍ଷା ଦେବାକୁ ସ୍ୱାସ୍ଥ୍ୟ ବିଭାଗ ଆଗୁଆ ପଦକ୍ଷେପ ନେଇଛି। ବନ୍ୟା ପ୍ଲାବିତ ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଯାଜପୁର, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାର ୪୬ଟି ସ୍ଥାନରେ ମେଡିକାଲ କ୍ୟାମ୍ପ କରାଯାଇଛି। ୨୯ଟି ମେଡିକାଲ ଟିମ୍ ନିୟୋଜିତ କରାଯିବା ସହ ବନ୍ୟା ଅଞ୍ଚଳରେ ୧୦ ହଜାର ୯୯୨ ଓଆର୍‌ଏସ ଓ ୨୮ ହଜାର ୨୦୫ ହାଲୋଜେନ୍ ବଟିକା ବଣ୍ଟାଯାଇଛି। ଇତିମଧ୍ୟରେ ମେଡିକାଲ ଟିମ୍ ଦ୍ୱାରା ୧୩୯୦ଜଣ ବନ୍ୟାପ୍ରପୀଡିତ ଚିକିତ୍ସିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୬ ଜଣ ଝାଡାବାନ୍ତି ଓ ଜଣେ ସାପ କାମୁଡା ରୋଗୀ ରହିଛନ୍ତି।
ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ବର୍ତ୍ତମାନ ବନ୍ୟାଞ୍ଚଳରେ ବନ୍ୟା ପାଣି ଛାଡୁଥିବାବେଳେ ଅଧିକାଂଶ ସ୍ଥାନରେ ଜଳଉତ୍ସଗୁଡିକ ଦୂଷିତ ହୋଇଛି। ପାଣି ଛାଡ଼ିବା ପରେ ମେଡିକାଲ ଟିମ୍ ଓ ଆଶାକର୍ମୀ ମାନଙ୍କର ଦ୍ୱାରା ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଯିବ। ଉକ୍ତ ଅଞ୍ଚଳରେ ହାଲୋଜେନ୍ ବଟିକା ପକାଇ ପାଣି ପିଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟରେ ଡେଙ୍ଗୁ ପ୍ରଭାବ ରହିଥିବାବେଳେ ବନ୍ୟା କାରଣରୁ ଅଧିକାଂଶ ଗାଁରେ ଜଳବାହିତ ରୋଗର ଆଶଙ୍କା ରହିଛି। ପୂର୍ବରୁ ଓଡିଶାର କେତେକ ସ୍ଥାନରେ ଜଳବାହିତ ରୋଗ ବ୍ୟାପିଥିବାବେଳେ କେତେକ ରୋଗୀଙ୍କ ଜୀବନ ମଧ୍ୟ ଯାଇଛି। ସେହିପରି ଜଳବନ୍ଦୀ ଗାଁରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶିବିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଉକ୍ତ ଶିବିରରେ ଲୋକଙ୍କ ଦୈନିକ ବ୍ୟବହାର ଔଷଧ ମାଗଣା ବିତରଣ କରାଯିବା ସହ ଲୋକମାନେ ଶୃଙ୍ଖଳା ଖାଦ୍ୟ ଖାଇବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ୧୨ରୁ ଡାଇବେଟିସ୍ ରୋଗ ନିରାକରଣ ଅଭିଯାନ

ଭୁବନେଶ୍ୱର,୭।୮(ଅଭିଜିତ ଦାସ): ରିସର୍ଚ୍ଚ ସୋସାଇଟି ଫର୍ ଷ୍ଟଡି ଅଫ୍ ଡାଇବେଟିସ୍(ଆରଏସ୍‌ଏସ୍‌ଡି) ପକ୍ଷରୁ ଅଗଷ୍ଟ ୧୨ରୁ ଏକ ଦୁଇ ଦିନିଆ ଡାଇବେଟିସ୍ ନିରାକରଣ ଅଭିଯାନ ଆରମ୍ଭ କରାଯିବ। ଏଥିରେ ଦେଶବିଦେଶରୁ ୧ ହଜାରରୁ ଊର୍ଦ୍ଧ୍ୱ ବିଶେଷଜ୍ଞ ଯୋଗଦେବେ। ଏହାବ୍ୟତୀତ ରାଜ୍ୟରେ ଡାଇବେଟିସ୍ ରୋଗର ଆଧୁନିକ ଚିକିତ୍ସା ଓ ଔଷଧ ଉପରେ ଆଲୋଚନା କରାଯିବ ବୋଲି ସଂଘର ସାଇଣ୍ଟିଫିକ୍ ଚେୟାରମ୍ୟାନ୍ ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି। ସେ କହିଛନ୍ତି, ଓଡିଶାରେ ୮୭ ଲକ୍ଷ ଡାଇବେଟିସ୍ ରୋଗୀ ଅଛନ୍ତି। ଅଧିକାଂଶ ଯୁବବର୍ଗ ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସଂଘ ପକ୍ଷରୁ ୨ ଦିନିଆ ଡାଇବେଟିସ୍ ନିରାକରଣ ଅଭିଯାନ କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ମେଡିସିନ କମ୍ପାନୀ ଓ ଡାକ୍ତର ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜଳିଗଲା ଚାଳଘର



ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା, ୭।୮(ଦିଲ୍ଲୀପ ସ୍ୱାଇଁ)

ବାଣପୁର ଥାନା ଅଧୀନ ଦାମୋଦରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଚାଳଘର ସହିତ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡିପାଉଁଶ ହୋଇଯାଇଛି। ସୋମବାର ଗ୍ରାମର ଗଗନ ମହାପାତ୍ରଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଅନ୍ୟପଟେ ତାଙ୍କ ଘରେ କେହି ନିଆଁ ଲଗାଇଦେଇଛନ୍ତି ବୋଲି ଗଗନ କହିଛନ୍ତି। ଖବରପାଇ ସ୍ଥାନୀୟ ରାଜସ୍ୱ ଅଧିକାରୀ ପହଞ୍ଚି ଜରିପାଲ ଓ ୫ଶହ ଟଙ୍କା ଗଗନଙ୍କୁ ପ୍ରଦାନ କରିଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବୋଲଗଡ଼,୭।୮(ଦେବବ୍ରତ ହୋତା)

ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ବୋଲଗଡ଼ ଥାନା ଅଧୀନ ଆରିକିମା ଗ୍ରାମର ସ୍ୱର୍ଣ୍ଣଲତା ପଣ୍ଡା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ରାତିରେ ସ୍ୱର୍ଣ୍ଣଲତା ଘରେ ଶୋଇଥିବା ବେଳେ ଭୋରରୁ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ରଘୁନାଥ ଷଡ଼ଙ୍ଗୀ ବୋଲଗଡ଼ ଭାଜପା ମଣ୍ଡଳ ସଭାପତି

ବୋଲଗଡ଼,୭।୮ (ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ଅନୁମୋଦନ କ୍ରମେ ବୋଲଗଡ ଭାଜପା ମଣ୍ଡଳ ସଭାପତି ଭାବେ ଭୁବନେଶ୍ୱର ଏମ୍‌ପିଙ୍କ ସ୍ଥାନୀୟ ବ୍ଲକ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ବରିଷ୍ଠ ନେତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, ଜିଲା ଭାଜପା ସମ୍ପାଦକ ଇଂ.କର୍ପୁର ସାହୁଙ୍କ ସମେତ ଏହି ମଣ୍ଡଳ ଅନ୍ତର୍ଗତ ଡାବରଧୂଆପାଟଣା ସଭାପତି ବନ୍ଧୁ ଭୋଳ, ବୋଲଗଡ଼ ସଭାପତି ଗୌରାଙ୍ଗ ଚମ୍ପତି, ଖଙ୍ଗୁରିଆ ସଭାପତି ସୋମନାଥ ମହାପାତ୍ର, କଳାଙ୍ଗ ସଭାପତି ବଳଭଦ୍ର ମହାପାତ୍ର, ଦଳେଇସାହି ସଭାପତି ଉପେନ୍ଦ୍ର କୁମାର ମହାପାତ୍ର, ଫାସିଓଦା ସଭାପତି ରାଘବ ସ୍ୱାଇଁ, ଭାଜପା ନେତା ଦେବରାଜ ପଲାଇ, ସୌରାଂଶୁ ପରିଡା ପ୍ରମୁଖ ଷଡ଼ଙ୍ଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ନୂତନ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୭।୮(ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଭାବେ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଦାୟିତ୍ୱରେ ଥିବା ବେଗୁନିଆ ବିଇଓ ଭାସ୍କର ଲେଙ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା, କୈଳାସ ନାଥ ସ୍ୱାଇଁ, ଅମିତା ମିଶ୍ର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅପର୍ତ୍ତି ଅଚ୍ଚ, ସମ୍ପାଦକ ଦ୍ୱିତୀକୃଷ୍ଣ ସାହୁ, ବ୍ଲକ ଶିକ୍ଷକ ପରିବାର ସମ୍ପାଦକ ଶୈଳେନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସିଂହ, ରାଜ୍ୟ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଜନ୍ମେଜୟ ମାଝୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧୀରେନ ପାତ୍ର, ବିଷ୍ଣୁ ପ୍ରସାଦ ରଥ, ରତ୍ନପ୍ରଭା ସାହୁ, ମଳୟ ପଣ୍ଡା, ବିଶ୍ୱରଞ୍ଜନ ସେଠୀ, ପ୍ରମୋଦ ସ୍ୱାଇଁ, ହରିବନ୍ଧୁ ତ୍ରିପାଠୀଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ନୂତନ ବିଇଓ ବଳବନ୍ତରାୟଙ୍କୁ ସ୍ୱାଗତ ଜଣାଇଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ବଳବନ୍ତରାୟ ପ୍ରତିଶ୍ରୁତି ଦେଇଥିଲେ।

# ବ୍ଲକ ଚେୟାରମ୍ୟାନଙ୍କ ବିରୋଧରେ ଫେରାଦ ହେଲେ ଜନପ୍ରତିନିଧି

■ ଉନ୍ନୟନ କାର୍ଯ୍ୟରେ ସହଯୋଗ କରୁନାହାନ୍ତି
■ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଜନପ୍ରତିନିଧିମାନେ।

ଖୋର୍ଦ୍ଧା ଜିଲା ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ଚେୟାରମ୍ୟାନଙ୍କ ଆନ୍ତରିକତା ଅଭାବ ଏବଂ ଅସହଯୋଗ ଯୋଗୁ ବ୍ଲକ ଅଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏହାର ପ୍ରତିବାଦରେ ଉଭୟ ବ୍ଲକର ଏକାଧିକ ସରପଞ୍ଚ, ସମିତି ସଭ୍ୟାସଭ୍ୟ ସୋମବାର ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ସମେତ ପଞ୍ଚାୟତିରାଜ ମନ୍ତ୍ରୀ, ଶାସନ ସଚିବ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଏବଂ ସ୍ଥାନୀୟ ବିଡିଓଙ୍କ ନିକଟକୁ ପଠାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଉଭୟ ବ୍ଲକ ଚେୟାରମ୍ୟାନଙ୍କ ଅସହଯୋଗ ମନୋଭାବ ଯୋଗୁ ବିକାଶମୂଳକ କାର୍ଯ୍ୟ ବାଧକ ସାଜିଛି। ଏପରିକି କାଉଣ୍ଟର ଦସ୍ତଖତ ନ କରିବାରୁ ବହୁ କାର୍ଯ୍ୟ ଅଟକି ରହିଛି। ଜାଣିଶୁଣି ପଞ୍ଚାୟତ ସମିତି ବୈଠକ ଡାକୁନାହାନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ନବୀନ ଓଡ଼ିଶା ମୋ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେବେ ଉଭୟଙ୍କ ଆନ୍ତରିକତା ଏବଂ ଦାୟିତ୍ୱହୀନତାରୁ ଏହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନପ୍ରତିନିଧିଙ୍କୁ ବ୍ଲକ ଚେୟାରମ୍ୟାନ ଉପେକ୍ଷା କରୁଛନ୍ତି। କୌଣସି ପ୍ରସଙ୍ଗ ଉପରେ ସହମତି ନେଉନାହାନ୍ତି କିମ୍ବା ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ବ୍ଲକ ଚେୟାରମ୍ୟାନ କେଉଁ ଉଦ୍ଦେଶ୍ୟରେ, କାହା ଇଙ୍ଗିତରେ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗକାରୀ ଜନପ୍ରତିନିଧି କହିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ଏଥିପ୍ରତି ଗୁରୁତ୍ୱ ଦିଆନଗଲେ ଜନପ୍ରତିନିଧିଙ୍କ ଉପରୁ ଲୋକଙ୍କ ବିଶ୍ୱାସ ତୁଟିଯିବ ବୋଲି ଉଲ୍ଲେଖ କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି। ଏନେଇ ଉଭୟ ବ୍ଲକ ଚେୟାରମ୍ୟାନଙ୍କ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବାଲିପାଟଣା ବିଡିଓ ଆଦିକନ୍ଦ ବେହେରା କହିଛନ୍ତି, ଚେୟାରମ୍ୟାନ କାଉଣ୍ଟର ଦସ୍ତଖତ କରୁନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏନେଇ ଏକାଧିକ ଜନପ୍ରତିନିଧି ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି।

## ପରିବେଶ ସନ୍ତୁଳନ, ସୌନ୍ଦର୍ଯ୍ୟକରଣ ପାଇଁ ଚାରାରୋପଣ

ଜଟଣୀ,୭।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ସୋମବାର ସ୍ଥାନୀୟ ହରିଭାଇନା ଛକଠାରୁ ନୂଆଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ମେରିଡିଆନ ମଧ୍ୟରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ନଗରପାଳ ଅନନ୍ତ ବେହେରାଙ୍କ ସମେତ ବହୁ କାଉନସିଲର ଓ କର୍ମଚାରୀ, ପରିବେଶବିତ୍ ଉପସ୍ଥିତ ଥିଲେ। ପ୍ରକାଶ ଯେ, ବର୍ଷାଋତୁକୁ ନଜରରେ ରଖି ପୌର ପ୍ରଶାସନ ପକ୍ଷରୁ ଗତ ୨୧ ତାରିଖରେ ପ୍ରଥମ ପର୍ଯ୍ୟାୟରେ ମ୍ୟୁନିସିପାଲିଟି ଛକଠାରୁ ହରିଭାଇନା ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ ଥିବା ମେରିଡିଆନ ମଧ୍ୟରେ ଚାରା ରୋପଣ କରାଯାଇଥିଲା। ସେହିପରି ଗତ ୨୬ ତାରିଖରେ ମ୍ୟୁନିସିପାଲିଟି ଛକଠାରୁ ଥାନା ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ମେରିଡିଆନ ମଧ୍ୟରେ ଚାରା ରୋପଣ କରାଯାଇଥିଲା। ପରିବେଶ ସନ୍ତୁଳନ ଏବଂ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏହି ଚାରା ରୋପଣ କରାଯାଉଛି।

# ପାନୀୟଜଳ, ଡ୍ରେନ୍ ସଫେଇକୁ ଗୁରୁତ୍ୱ



ବୈଠକରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଅଧିକାରୀ ଏବଂ ଅନ୍ୟମାନେ।

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଷଷ୍ଠ ସାଧାରଣ ବୈଠକ

ଗମ୍ଭାରୀମୁଣ୍ଡା,୭।୮(ଦିଲ୍ଲୀପ ସ୍ୱାଇଁ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଷଷ୍ଠ ସାଧାରଣ ବୈଠକ ପରିଷଦର କାଉନସିଲ୍ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ସମସ୍ୟା ଓ ସରକାରଙ୍କ ଯୋଜନା କିପରି ଲୋକେ ପାଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ଖାଉଟି ସାମଗ୍ରୀ, ଭତ୍ତା, ଆବାସ ଯୋଜନା ଭଳି ସରକାରୀ ସୁବିଧା କିପରି ଲୋକେ ପାଇପାରିବେ ସେ ଉପରେ ମଧ୍ୟ କାଉନସିଲରମାନଙ୍କୁ କହିଥିଲେ। ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦଶରୁ ବାରଦିନ ମଧ୍ୟର ସ୍ଥାନୀୟ ଜନସାଧାରଣ ୨୪ ଘଣ୍ଟିଆ ପାନୀୟଜଳ ପାଇପାରିବେ। ବୁଲା ଗାଈଗୋରୁଙ୍କ ପାଇଁ ଘଣ୍ଟଶିଳା ପାହାଡ଼ ନିକଟରେ ଏକ ଗୋଶାଳା ନିର୍ମାଣ କରାଯିବ। ଡ୍ରେନେଜ ସଫେଇ ଉପରେ ଗୁରୁତ୍ୱ ଦେଇଥିଲେ। ଜ୍ୱର ହେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। ସମସ୍ତ ବିଦ୍ୟାଳୟ ଓ କଲେଜର ଖେଳ ପଡିଆ, ମୁକ୍ତାକାଶ ଜିମ୍, ବିଦ୍ୟାଳୟରେ ଆଲୋକୀକରଣ କରାଯିବ। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଉପାଧ୍ୟକ୍ଷା ପ୍ରାଚୀ ପ୍ରଭା ସ୍ୱାଇଁ, ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କ ସମେତ ସମସ୍ତ କାଉନସିଲର, କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଡିଲର, ସ୍ୱାସ୍ଥ୍ୟ ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଜାତୀୟ କୃମିନାଶନ ଦିବସ ଉପଲକ୍ଷେ ତାଲିମ କାର୍ଯ୍ୟକ୍ରମ

ଟାଙ୍ଗୀ,୭।୮(ରଘୁନାଥ ସାହୁ)

ଆସନ୍ତା ୧୭ ତାରିଖରେ ଜାତୀୟ କୃମିନାଶନ ଦିବସ ପାଳନ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟତ୍ରୀଶିକ୍ଷକଙ୍କୁ ଏଥିନିମନ୍ତେ ତାଲିମ ପ୍ରଦାନ କରାଯାଇଛି। ସୋମବାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍ତ୍ୱାବଧାରକ ଡା. ସତ୍ୟ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ତପନ କୁମାର ମଣ୍ଟୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁ, ସିଡିପିଓ ନିର୍ମଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୩୪ଟି ସରକାରୀ ଓ ୨୩ ବେସରକାରୀ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଝୁମାରାଣୀ ଚକ୍ରବର୍ତ୍ତୀ ପରିଚାଳନା କରିଥିଲେ।

## ମିଳିନି ଜୱାଦ କ୍ଷୟକ୍ଷତି ଫସଲ ବୀମା ସହାୟତା



ବୈଠକରେ ନବନିର୍ମାଣ ସଙ୍ଗଠନର କର୍ମକର୍ତ୍ତା।

ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

ବୋଲଗଡ଼,୭।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପାଟପୁରଶାସନ ପଞ୍ଚାୟତର କାଦୁଅପଡ଼ାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ନବନିର୍ମାଣ କୃଷକ ସଙ୍ଗଠନର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସ୍ଥାନୀୟ ବ୍ଲକ ସଂଯୋଜକ ଜୟନ୍ତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ ଯୋଗଦେଇ କୃଷକଙ୍କ ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହିତ ସରକାର ଏହାର ସମାଧାନ କରିବା ପାଇଁ ଦାବି କରିଥିଲେ। ସୂଚନା ମୁତାବକ, ୨୦୨୧ରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ଜୱାଦ ବାତ୍ୟାରେ ବ୍ଲକ ଅଞ୍ଚଳର ଚାଷୀଙ୍କ ବ୍ୟାପକ ଫସଲ କ୍ଷତି ଘଟିଥିଲା। ଏଥିପାଇଁ ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ଯୋଗାଇଦେଇଥିଲେ ମଧ୍ୟ ଶସ୍ୟବୀମା ସହାୟତା ରାଶି ଏଯାବତ୍ ଚାଷୀମାନେ ପାଇନାହାନ୍ତି। ଏଥିପ୍ରତି ସରକାର ଓ ପ୍ରଶାସନ ଯତ୍ନବାନ୍ ହେବାକୁ ଆହ୍ୱାନ କରାଯାଇଥିଲା। ସେହିଭଳି ବାର୍ଦ୍ଧକ୍ୟ ଭତ୍ତା ସହାୟତା ରାଶିକୁ ବୃଦ୍ଧି କରାଯାଇ ମାସିକ ୨ହଜାର ଟଙ୍କା କରିବାକୁ ସମୂହ ଦାବି ଉପସ୍ଥାପନା କରାଯାଇଥିଲା।

# ୭୨ ଅଭିଯୋଗରୁ ୫ ତତ୍କାଳ ସମାଧାନ

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)



ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମଧୁବାବୁ ପେନସନ୍, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା, ବିଦ୍ୟୁତ୍, ପାଣି ସମସ୍ୟା ଭଳି ମୋଟ୍ ୭୨ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୫୩ଟି ବ୍ୟକ୍ତିଗତ ହୋଇଥିବା ବେଳେ ୯ଟି ସାମୂହିକ ଥିଲା । ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ୪ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୫ହଜାର ଟଙ୍କା ସହାୟତା ଦିଆଯାଇଛି। ଏହି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ତହସିଲଦାର ବିଭାସ ପାଣିଗ୍ରାହୀ, ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ରିଜୁଆନା କିଅକବ, ବିଡିଓ କ୍ଷୀରାବ୍ଧୀ ତନୟା ସାହୁ ପ୍ରମୁଖ ଅଭିଯୋଗ ଶୁଣିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ(ପରିବାର କଲ୍ୟାଣ) ଡା.ରଘୁନାଥ ନାୟକ, ସହକାରୀ ଜିଲାପାଳ ନାରାୟଣ ଚନ୍ଦ୍ର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ, ଜିଲା ଯୋଗାଣ ବିଭାଗ ଅଧିକାରୀ ସୁଗୁଡା ମୁର୍ମୁ, ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁମିତ୍ରା ଓରାମ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସହକାରୀ ଶ୍ରମ ଅଧିକାରୀ ମୋନାଲିସା ଜେନା, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିପିଏମ ପ୍ରିୟଦର୍ଶୀ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ୧୩ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

ବାଲୁଗାଁ,୭।୮(ସଂଗ୍ରାମ ପାଇକରାୟ)



ବାଲୁଗାଁ ଷ୍ଟେଶନରୁ ରବିବାର ରେଳ ସୁରକ୍ଷା ବାହିନୀ ୧୩ କେଜି ୩୮୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ୨ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଧୀନ ମଥୁରାସ୍ଥିତ ନୂତନ ବ୍ରହ୍ମପୁର ଗ୍ରାମର ପ୍ରଦୀପ ପାଳ(୨୯) ଓ ଲକ୍ଷ୍ମଣ କୁମାର ସ୍ୱାଇଁ(୨୨)। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୩୩ ହଜାର ୮ଶହ ଟଙ୍କା ହେବ ବୋଲି ରେଳ ସୁରକ୍ଷା ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ହେବ ବାଲୁଗାଁ ରେଳଷ୍ଟେଶନ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ମଦ ଓ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ, ରେଳ ସୁରକ୍ଷା ବାହିନୀ ଓ ରେଲ୍‌ୱେ ପୋଲିସ ନିକଟରେ ଅଭିଯୋଗ ହୋଇଆସୁଥିଲା। ରବିବାର ବାଲୁଗାଁ ଷ୍ଟେଶନରେ ରେଳ ସୁରକ୍ଷା ବାହିନୀ ପକ୍ଷରୁ ଯାଞ୍ଚ କରାଯାଉଥିଲା। ସନ୍ଦେହରେ ଦୁଇଟି ବ୍ୟାଗ୍ ଯାଞ୍ଚ କରାଯିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ରେଳ ସୁରକ୍ଷା କର୍ମୀ ଉକ୍ତ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍‌କୁ ଜବତ କରିବା ସହ ଉପରୋକ୍ତ ଦୁଇ ବେପାରୀଙ୍କୁ ଗିରଫ କରିଥିଲେ। ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ରେଲ୍‌ୱେ ପୋଲିସ ନିକଟରେ ହାଜର କରାଯାଇଥିଲା । ଏନେଇ ଏକ ମାମଲା (ନଂ.୭୪/୨୩) ରୁଜୁ ହୋଇଛି।

# ମୋରମ ଖଣିରେ ଚଢ଼ାଉ

**୨ଜେସିବି,୨ ହାଇୱା ଓ ୩ ପାୱାର ଟିଲର ଜବତ**





ଖଣିରୁ ଜବତ ହୋଇଥିବା ଗାଡ଼ି।

ଜଟଣୀ,୭।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ କନ୍ତିଆ ଅଞ୍ଚଳରେ ଥିବା ମୋରମ ଖଣିରେ ସୋମବାର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ତେବେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ୨ଟି ଜେସିବି, ୨ଟି ହାଇୱା ଓ ୩ଟି ପାୱାଟିଲର ଜବତ କରିଥିଲା। ପରେ ପୋଲିସ ଗାଡ଼ିଗୁଡ଼ିକୁ ସ୍ଥାନୀୟ ତହସିଲକୁ ହସ୍ତାନ୍ତର କରିଛି। କନ୍ତିଆ ଅଞ୍ଚଳରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରୁ କେତେଜଣ ଖଣି ମାଫିଆ ଦୀର୍ଘଦିନ ଧରି ବେଆଇନ ଭାବେ ମୋରମ ଓ ପଥର ଚୋରାଚାଲାଣ କରିଆସୁଥିଲେ। ଉକ୍ତ ଅଞ୍ଚଳରୁ ଖଣି ଖନନ ବନ୍ଦ କରିବା ପାଇଁ ଦୀର୍ଘଦିନ ହେବ ସାଧାରଣରେ ଦାବି ହୋଇଆସୁଥିଲା।

# 'ଆନିକଟ୍ ହେଲେ ସମସ୍ୟାର ସମାଧାନ ହେବ'

■ ଶତାଧିକ ଏକର ଧାନ ଓ ପରିବା ଫସଲ ନଷ୍ଟ
■ ଶରଧାପୁର-ଲେଖନପୁରରେ ବନ୍ଧ ନିର୍ମାଣ କରାଯାଉ

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)

ମହାନଦୀର ଉପର ଓ ତଳ ମୁଣ୍ଡରେ ବର୍ଷା ଏବଂ ହୀରାକୁଦ ଗେଟ୍ ଖୋଲିବା ପରେ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେବେ ମହାନଦୀର ଶାଖା ନଦୀ ରାଜୁଆ, ଦୟାରେ ଜଳସ୍ତର ବଢିବାରୁ ଖୋର୍ଦ୍ଧା ଜିଲାର ବହୁ ଗାଁ ଜଳମଗ୍ନ ହୋଇଥାଏ। ରାଜୁଆରେ ପାଣି ବଢ଼ିଲେ ଜଟଣୀ ବ୍ଲକ ପାଣ୍ଡିଆବିଲି ଗ୍ରାମ ବିଶେଷ ପ୍ରଭାବିତ ହୋଇଥାଏ। ସେହିପରି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଓବରସିଂ, ନରଣଗଡ ଏବଂ ବ୍ରଜମୋହନପୁର ପଞ୍ଚାୟତର ଦୁଃଖ ରାଜୁଆ ନଦୀ। ପ୍ରତିବର୍ଷ ଏହି ନଦୀର ବନ୍ୟାଜଳ ୩ ପଞ୍ଚାୟତରେ ପ୍ରବେଶ କରିଥାଏ। ଫଳରେ ଉକ୍ତ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ରାୟପୁର, କୃଷ୍ଣପୁର, ଲେଖନପୁର, ତେନ୍ତୁଳମୁହଁ, ଧବଳପୁର, ଓରମୀ, ହାଡପଦା, ଶରଧାପୁର ଆଦି ଗ୍ରାମ ପ୍ରଭାବିତ ହୋଇଥାଏ। ଗ୍ରାମବାସୀ ଜଳବନ୍ଦୀ ହୋଇ ରହିବା ସହ ଶତାଧିକ ଏକର ଚାଷଜମି ପାଣିରେ ବୁଡି ରହିଥାଏ। ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ନିଅଣ୍ଟିଆ ବର୍ଷା, ଲଘୁଚାପ ବର୍ଷାରେ ଚାଷୀକୂଳ କ୍ଷତିଗ୍ରସ୍ତ ହେଉଥିବା ବେଳେ ରାଜୁଆ ନଦୀର ବନ୍ୟାଜଳ ଗ୍ରାମବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ପ୍ରତିବର୍ଷ ଏହି ଗ୍ରାମର ଚାଷୀ ଧାନ ଏବଂ ଅଣଧାନ ଚାଷ କରିଥାନ୍ତି। ସ୍ୱଳ୍ପ ବୃଷ୍ଟି ଦାଉ ସାଜୁଥିବା ବେଳେ ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡି ଫସଲ ନଷ୍ଟ ହେଉଛି।

ଏବେ ଶତାଧିକ ଏକର ଚାଷଜମିରେ ପାଣି ଜମି ରହିଛି। ଫଳରେ ଧାନଗଛ ପଚିଷଢ଼ି ଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଧାରକରଜ କରି ଧାନ ଓ ପରିବା ଚାଷ କରିଥିଲୁ। ପ୍ରଥମେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷଜମି ଫାଟି ଆଁ କରିଥିଲା। ଲଘୁଚାପ ବର୍ଷାରେ ଆଶ୍ୱସ୍ତି ମିଳିଥିବା ବେଳେ ବନ୍ୟାଜଳ ସବୁ ବିଗାଡିଦେଲା ବୋଲି ଚାଷୀ ଦେବରାଜ ବଳିୟାରସିଂ କହିଛନ୍ତି। ହିରିମୂଳ ଗ୍ରାମର ବଲ୍ଲଭ ବଳିୟାରସିଂ କହିଛନ୍ତି, ପ୍ରତିବର୍ଷ ହିରାକୁଦ ଗେଟ ଖୋଲିଲେ, ରାଜୁଆ ନଦୀର ପଚ୍ଛୁଆ ପାଣି ଏହି ଗ୍ରାମରେ ପ୍ରବେଶ କରି ଧିରେ ଧିରେ ଏହାର ଜଳସ୍ତର ବଢିଥାଏ। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ବ୍ୟାପକ ଫସଲ ନଷ୍ଟ ହୋଇଛି। କେବେ କ୍ଷୟକ୍ଷତି ମିଳିବ ତାହା ଠିକ୍ ନାହିଁ ବୋଲି ଚାଷୀ ସର୍ବେଶ୍ୱର ମାର୍ଥା କହିଛନ୍ତି। ସେହିପରି ଅମୂଲ୍ୟ ମଙ୍ଗରାଜ କୁହନ୍ତି, ବନ୍ୟା ପରିସ୍ଥିତି ଆଜିକାଲିର ସମସ୍ୟା ନୁହଁ, ଦୀର୍ଘଦିନ ଧରି ଲାଗି ରହିଛି। ବରିଷ୍ଠ ଚାଷୀ କସ୍ତୁରୀ ବେହେରା, ସୁବାଷ ସିଂ, ସୁଦର୍ଶନ ପାଇକରାୟ, ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ନିର୍ମାଣ କରାଯାଉନାହିଁ। କେତେଜଣ ଚାଷୀଙ୍କ କହିବା ଅନୁଯାୟୀ, ରାଜୁଆ ନଦୀର ପଚ୍ଛୁଆ ପାଣି ଆସି ଉପରୋକ୍ତ ଗ୍ରାମରେ ପ୍ରବେଶ କଲେ, ଏହି ଗ୍ରାମ ଏବଂ ଚାଷଜମି ଜଳମଗ୍ନ ହେଉଛି। ଶରଧାପୁରଠାରୁ ଲେଖନପୁର ୨କିମି ପର୍ଯ୍ୟନ୍ତ ରାଜୁଆ ନଦୀର ପଶ୍ଚିମ ପାଖରେ ବନ୍ଧ ନାହିଁ। ଏହି ବନ୍ଧ ନିର୍ମାଣ କରାଗଲେ ୩ ପଞ୍ଚାୟତରେ ବନ୍ୟା ସମସ୍ୟା ଦୂର ହୋଇଯିବ। ଲେଖନପୁର ଠାରେ ଏକ ଆଡିବନ୍ଧ ନିର୍ମାଣ କରାଗଲେ ମଧ୍ୟ ସମସ୍ୟାର ସମାଧାନ ହୋଇଯିବ। ନିକଟରେ ଏକ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ଅଟକି ରହିଛି। ଗ୍ରାମବାସୀ କହିଛନ୍ତି, ବନ୍ଧ ନିର୍ମାଣ ପାଇଁ ବାରମ୍ବାର ଜିଲା ପ୍ରଶାସନକୁ ଗୁହାରି କରାଯାଉଛି। କେବଳ ପ୍ରତିଶ୍ରୁତି ମିଳୁଛି, ସମାଧାନ ହେଉ ନାହିଁ। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କୋଣାର୍କ,୭।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍ଏସି ୧ ନମ୍ବର ୱାର୍ଡ ଜୁଣେଇ ଗ୍ରାମରେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁନାକର ଦାସ (୨୮)। ଏ ନେଇ କୋଣାର୍କ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ସୁନାକର ଘର ନିକଟସ୍ଥ ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ। ଘର ପାଖରେ ଇଲେକ୍ଟ୍ରି ତାର ଛିଣ୍ଡି ପଡିଥିବା ଦେଖି ତାକୁ ହାତରେ ଗୋଟାଇବା ବେଳେ ସେଥିରେ କରେଣ୍ଟ ଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପରିବାର ଲୋକେ ସୁନାକରଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସରେ ଆଣିଥିଲେ ମଧ୍ୟ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଯୁବକଙ୍କର ଏପରି ଅକାଳ ମୃତ୍ୟୁକୁ ନେଇ ଜୁଣେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ବଟି ଆଦାୟ କରି ୨ ଗିରଫ

ପୁରୀ,୭।୮(ଅଜିତ ମହାନ୍ତି)

ଦାଦାବଟି ଆଦାୟ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ମାର୍କେଟଛକ ବଳଭଦ୍ର ଲେନ୍ର ରାକେଶ ପ୍ରଧାନ (୨୦) ଏବଂ ଜ୍ଞାନରଞ୍ଜନ ଦାସ (୨୧)। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୨ଟି ଲୁହାରଡ ଏବଂ ନଗଦ ୨୦୦ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୮୩/୨୩ରେ ଏକ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ୨ଜଣ ମାର୍କେଟଛକ ନିକଟରେ ଥିବା ଦୋକାନୀମାନଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ବିଶେଷସୂତ୍ରରୁ ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଜିଲା ପ୍ରାକୃତିକ ବିପର୍ଯ୍ୟୟ କ୍ରିୟାନୁଷ୍ଠାନ କମିଟିର ଦାବି

ପୁରୀ, ୭।୮(ଅଜିତ ମହାନ୍ତି):

ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟିର ଦାବିପୂରଣ ନ ହେଲେ ଆସନ୍ତା ୧୬ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇ ସୋମବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଆବାହକ ବିହାରୀ ବନ୍ଧୁ ପଲାଇ, ରଘୁନାଥ ସାହୁ, ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫନୀ କ୍ଷତିଗ୍ରସ୍ତଙ୍କୁ ୪ଲକ୍ଷ ଟଙ୍କାର ଆପଦ ବିରୋଧି ଗୃହ ଯୋଗାଇ ଦେବା, ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ ସହ ଦୁର୍ନୀତିରେ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ଚିଲିକା ଉପରେ ସାତପଡ଼ା-ଜହ୍ନିକୁଦା ବ୍ରିଜ୍ ନିର୍ମାଣ ଏବଂ ଧାନୁଆ ବନ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ଦାବି କରାଯାଇଛି। ଏହି ଦାବି ପୂରଣ ପାଇଁ ଗତ ଜାନୁୟାରୀ ୬ରେ ସଚିବାଳୟ ଘେରାଉ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଜିଲାର ୭୫୬୮ ଜଣ କ୍ଷତିଗ୍ରସ୍ତ ଫଟୋ ଦାଖଲ କରିଥିଲେ। ତେବେ ଘଟଣାକୁ ୭ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ।

# ଅବହେଳିତ ଅବସ୍ଥାରେ ପ୍ରାଚୀନ ବରାହୀ, ନୃସିଂହ ମନ୍ଦିର

ପୁରୀ, ୭।୮(ଅଜିତ ମହାନ୍ତି)



ବରାହୀ ମନ୍ଦିର ।



ନୃସିଂହ ମନ୍ଦିର ।

ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦ ପୁରୀ ପକ୍ଷରୁ ପ୍ରାଚୀ ଉପତ୍ୟକାର ଶ୍ରୀଅମରେଶ୍ୱର ମନ୍ଦିର, ଦେବୀ ବରାହୀ ମନ୍ଦିର ଏବଂ ଶ୍ରୀମାଧବ ମନ୍ଦିର ଐତିହ୍ୟ ଅନୁଶୀଳନ କରାଯାଇଥିଲା। ଗଙ୍ଗବଂଶ କାଳର ଅମରପ୍ରସାଦ ଗଡ଼ ଓ ଅମରେଶ୍ୱର ଗ୍ରାମର ମଧ୍ୟଭାଗରେ ଥିବା ଶ୍ରୀଅମରେଶ୍ୱର ମହାଦେବ ସ୍ୱୟମ୍ଭୁ ପାତାଳଫୁଟା। ଓଡ଼ିଆ ମହାଭାରତ ଓ ପ୍ରାଚୀ ମାହାତ୍ମ୍ୟରେ ଏହି ମନ୍ଦିର ସମ୍ପର୍କରେ ଉଲ୍ଲେଖ ଥିବାରୁ ଖୁବ୍ ପ୍ରାଚୀନ ପୀଠ ମୁଖ୍ୟ ମନ୍ଦିରର ଉପରଭାଗ ନୂତନ ଭାବେ ସଂରକ୍ଷିତ। ପରିସରରେ ଥିବା ପ୍ରାଚୀନ ନୃସିଂହ ମନ୍ଦିର ମରାମତି ଆବଶ୍ୟକ କରୁଛି। ଏହି ମନ୍ଦିରର ମୁଖଶାଳା ଧ୍ୱଂସ ହୋଇପଡ଼ିଛି। ପରିସରରେ ଥିବା ଚାପଖାଇ ଠାକୁରାଣୀ ମନ୍ଦିର ଅନ୍ଧାର ଓ ସନ୍ତସନ୍ତିଆ ହୋଇଥିବାବେଳେ ପାଣି ଝରୁଛି। ଅମରେଶ୍ୱରଙ୍କ ବାସ୍ତବରେ ଶକ୍ତି ହେଉଛନ୍ତି ଚାପଖାଇ। ବିକଟାଳ ବିଗ୍ରହ ଶିବ ଉପରେ ଠିଆ ହେଇଛନ୍ତି। ସମଗ୍ର ବିଗ୍ରହଙ୍କୁ ଅନୁଶୀଳନ କଲେ ଜଣାପଡୁଛି ଦେବୀ ସଂପୂର୍ଣ୍ଣ ଭୈରବୀ। ତେଣୁ ଅମରେଶ୍ୱର ଗମ୍ଭୀରା ଅନୁଶୀଳନ କଲେ ସେ ସାକ୍ଷାତ ରୁଦ୍ରଭୈରବ ବୋଲି ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର ମତ ଦେଇଛନ୍ତି। ଐତିହ୍ୟ ଅଛି, ଶ୍ରୀରାବଣ ଆସି ଶ୍ରୀଅମରେଶ୍ୱରଙ୍କ ଉପାସନା କରି ଅମର ବର ଲାଭ କରିଥିଲେ। ପରିସରରେ ୮୦ ରୁ ଅଧିକ ନାଗରାଜ ମୂର୍ତ୍ତି ଅବହେଳିତ ହୋଇ ଏକ ଛୋଟ ଖୋଲାଗୃହରେ ଅପୂଜା ଅବସ୍ଥାରେ ପଡ଼ିଛନ୍ତି। ତାମିଲନାଡୁର ନାଗରକୋଏଲ ଠାରେ ଶ୍ରୀନାଗରାଜ ମନ୍ଦିର ଭଳି ଏଠି ବ୍ୟବସ୍ଥା କରାଗଲେ ସମଗ୍ର ଭାରତରେ ଏକ ଦର୍ଶନୀୟ ସ୍ଥାନ ହୋଇପାରନ୍ତା ବୋଲି ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ କହିଛନ୍ତି। ଅନେକ ପ୍ରାଚୀନ ମୂର୍ତ୍ତି ଅସୁରକ୍ଷିତ ଅବସ୍ଥାରେ ରହିଛି। ଭୈରବୀଙ୍କ ମନ୍ଦିର ଜଗମୋହନ ନାହିଁ। ୩୦ଘର ବ୍ରାହ୍ମଣ ଓ ମାଳୀ ମହାପାତ୍ର ଏଠାରେ ସେବା କରୁଥିଲେ ମଧ୍ୟ ପୀଠଟି ବିକାଶଠାରୁ ଅନେକ ଦୂରରେ ରହିଯାଇଥିବା ଅନୁଭବ ହୁଏ ବୋଲି ପରିଷଦର ଉପଦେଷ୍ଟା ଦଇତାପତି ରବି ଦାସମହାପାତ୍ର କହିଛନ୍ତି। ଏହାପରେ ହଜାର ବର୍ଷ ତଳର ବରାହୀ ମନ୍ଦିର ସମ୍ପର୍କରେ ଅନୁସନ୍ଧାନ ପାଇଁ ଅନୁସନ୍ଧାନ ଦଳ ବାହାରିଥିଲେ। ନିକଟରେ କଳିଙ୍ଗ ଶୈଳୀ ସ୍ଥାପତ୍ୟର ଅଭିନବ ମନ୍ଦିରରେ ବିଜେ କରିଛନ୍ତି ମା' ବରାହୀ । ଭାରତରେ ବିରଳ ଏପରି ମନ୍ଦିର। ଏକାମ୍ରରେ ଏପରି ମନ୍ଦିର ରହିଛି। ଏଏସ୍ଆଇ ରକ୍ଷଣାବେକ୍ଷଣା କରୁଛି ସତ ମାତ୍ର ଏଠାରେ ଅନ୍ନଭୋଗ ବନ୍ଦ କରିଦିଆଯାଇଛି। ସେବକ ମନ୍ଦିରରେ ବିଶେଷ ରହୁନାହାନ୍ତି। ମନ୍ଦିର ଭାସ୍କର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ କଳାକୃତିକୁ ଫଟୋଗ୍ରାଫିରେ ରେକର୍ଡ କରିଥିଲେ ଶୁଭ୍ରାଂଶୁ ଶେଖର ମହାପାତ୍ର। ଏହାପରେ ପ୍ରାଚୀନ ମାଧବ ମନ୍ଦିରର ଭାସ୍କର୍ଯ୍ୟ ଅନୁଶୀଳନ କରାଯାଇଥିଲା। ଉପାସନା ଦିଗରେ ଭାବ ବିନିମୟ କରିଥିଲେ ଅଜିତ୍ କୁମାର ପଣ୍ଡା। ୮୦୦ ଶହ ବର୍ଷର ଶ୍ରୀମାଧବଙ୍କ ଏହା ଦ୍ୱିତୀୟ ମନ୍ଦିର। ପ୍ରାଚୀନ ମନ୍ଦିର ଅନତି ଦୂରରେ ଧ୍ୱଂସ ହୋଇଯାଇଛି। ମାଧବ ଉପାସନାର ରହସ୍ୟ ହେଲା ସେ ପରମ ଆନନ୍ଦର ଦାତା। ତାଙ୍କ ପୀଠ ଓ ଉପାସନା ଆନନ୍ଦ ଦାୟକ ହେବା ଦରକାର ବୋଲି ପଣ୍ଡା ସେବକମାନଙ୍କୁ ବୁଝାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଜୟ ପାତ୍ର ପରିଚାଳନା କରିଥିଲେ।

# ସତ୍ୟବାଦୀ ୫-ଟି ହାଇସ୍କୁଲରୁ ଖସିଲା ସିଲିଂ

ସାକ୍ଷୀଗୋପାଳ,୭।୮
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)



ସତ୍ୟବାଦ ବ୍ଲକର ନିକଟରେ ୫-ଟି ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ ହୋଇଥିବା ସତ୍ୟବାଦୀ ହାଇସ୍କୁଲର ଲାବୋରଟୋରି ଗୃହରୁ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଏକ ବଡ଼ ସିଲିଂ ଖସିପଡ଼ିଛି। ସୌଭାଗ୍ୟବଶତଃ ଏହା ଖସିବା ସମୟରେ ଉକ୍ତ ସ୍ଥାନରେ କେହି କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ନଥିଲେ। ପ୍ରକାଶ ଥାଉକି, ଏହି ବିଦ୍ୟାଳୟଟି ଦୀର୍ଘଦିନର ହୋଇଥିବା ବେଳେ ଗତ ବର୍ଷ ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଫଳରେ ବିଦ୍ୟାଳୟର ପୁରୁଣା ବିଲ୍ଡିଂକୁ କଲର ସହ କିଛି ମାତ୍ରାରେ ଆଧୁନିକକରଣ କରାଯାଇଥିଲା। କିନ୍ତୁ ଉକ୍ତ ସ୍କୁଲର ଲଗାତର ନବୀକରଣ ହୋଇଥିବା ପ୍ରତ୍ୟେକ ରୁମର ଛାତରୁ ପ୍ଲାଷ୍ଟର ଖସିବା ସହ କେତେକ ସ୍ଥାନରେ କାନ୍ଥ ଫାଟି ଆଁ କରିଛି। ସୋମବାର ମଧ୍ୟ ଲାବ୍ରୋଟୋରି ରୁମ୍ରୁ ହଠାତ୍ ଏକ ସିଲିଂ ଖସିପଡ଼ିଥିଲା। ପରେ ଅଧ୍ୟାପକ ଓ କର୍ମଚାରୀମାନେ ଦେଖି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏପରିକି ଶ୍ରେଣୀଗୃହ ସମେତ ଅଫିସ କାର୍ଯ୍ୟାଳୟରେ ଉପଯୁକ୍ତ ଝରକା କବାଟ ନଥିବାରୁ ବେଳେବେଳେ ଜନ୍ତୁ ପଶୁଛି। ଏହି ସବୁ ସମସ୍ୟାକୁ ନେଇ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଭୟରେ ରହୁଛନ୍ତି ବୋଲି ସ୍କୁଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଠିକ୍ ଭାବେ ମରାମତି କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

## ପାନ୍ଥଶାଳାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଅସ୍ଥାୟୀ କାର୍ଯ୍ୟାଳୟ ଆରମ୍ଭ

ସାକ୍ଷୀଗୋପାଳ,୭।୮
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସତ୍ୟବାଦୀରେ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ସୋମବାରଠାରୁ ସାକ୍ଷୀଗୋପାଳ ମନ୍ଦିରର ପାନ୍ଥଶାଳାରେ ଆରମ୍ଭ ହୋଇଯାଇଛି। ସାକ୍ଷୀଗୋପାଳ କଲେଜ(ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ)ର ଅନୁମୋଦିତ ବରିଷ୍ଠ କିରାଣି ସୀତାଂଶୁ ଶେଖର ମହାପାତ୍ର, ପ୍ରକାଶ ଚନ୍ଦ୍ର ଗଉଡୁ ଓ ପିଅନ ଗଣନାଥ ସାହୁ ପ୍ରମୁଖ ପାନ୍ଥନିବାସରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶା ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ପାଇଁ ଚଳିତ ମାସ ୩ ତାରିଖରେ ହଠାତ୍ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଚିଠି ସାକ୍ଷୀଗୋପାଳ କଲେଜ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇଥିଲା। ଯେଉଁଥିରେ ନିର୍ଦ୍ଦେଶ ରହିଥିଲା ସାକ୍ଷୀଗୋପାଳ ମନ୍ଦିର ପାନ୍ଥନିବାସକୁ ଉଚ୍ଚଶିକ୍ଷା ବିଭାଗ ଚଳିତ ମାସ ଅର୍ଥାତ ଅଗଷ୍ଟ ୧ରୁ ଆଗକୁ ତିନିମାସ ପର୍ଯ୍ୟନ୍ତ ଭଡ଼ା ସୂତ୍ରରେ ନେଇ ଓଡ଼ିଶା ବିଶ୍ୱବିଦ୍ୟାଳୟ ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲିବ। ଏଥିପାଇଁ ସାକ୍ଷୀଗୋପାଳ କଲେଜର କାର୍ଯ୍ୟରତ ୨ଜଣ କିରାଣି ଓ ଜଣେ ପିଅନକୁ ତିନି ମାସ ପର୍ଯ୍ୟନ୍ତ ଡେପ୍ଲୟମେଣ୍ଟରେ ଛାଡିବା ପାଇଁ ପତ୍ରରେ ନିର୍ଦ୍ଦେଶ ରହିଥିଲା। ଏହାକୁ ଗୁରୁତର ସହ ନେଇ କଲେଜ ଅଧ୍ୟକ୍ଷ ୩ଙ୍କୁ ୪ ଅଗଷ୍ଟରେ ରିଲିଭି କରିଥିଲେ ମଧ୍ୟ ୫ ତାରିଖରେରେ କିଛି କାରଣବଶତଃ ପାନ୍ଥନିବାସ ଖୋଲାଯାଇପାରି ନଥିଲା। ତେଣୁ ସୋମବାରଠାରୁ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ ହୋଇଛି।

## ୫-ଟି ସଚିବଙ୍କ ସତ୍ୟବାଦୀ ଗସ୍ତ ପାଇଁ ସ୍ଥିତି ଅନୁଧ୍ୟାନ

ସାକ୍ଷୀଗୋଳ,୭।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଚଳିତ ମାସରେ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସତ୍ୟବାଦୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଯୋଗଦେବା ସହ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ୫-ଟି ସଚିବ। ଏଥିପାଇଁ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନା ଅଧିକାରୀ ବିଜୟକେତନ ବେହେରା ଓ ବିଡିଓ ଲୋଚନ ଦାଶ ପ୍ରମୁଖ ସୋମବାର ସ୍ଥାନୀୟ ପଞ୍ଚସଖା ପଡ଼ିଆକୁ ବୁଲି ଦେଖିବା ସହ ଅନ୍ୟାନ୍ୟ ସ୍ଥିତିର ସମୀକ୍ଷା କରିଥିଲେ।




ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

# ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା ଉଦ୍ଯାପିତ

କଣାସ,୭।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ସାନଓରା ଗ୍ରାମରେ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା ରବିବାର ଉଦ୍ଯାପିତ ହୋଇଯାଇଛି। ଦେବେନ୍ଦ୍ର ମହାପାତ୍ରଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଜଗତ୍ସିଂହପୁର ପ୍ରଭୃତି ସ୍ଥାନରୁ ୬୪ମଣ୍ଡଳ ଖେଳାଳି ଅଂଶଗ୍ରହଣ କରିଥିଲେ। ଅରୁଣ ମହାପାତ୍ର, ଦାସରଥି ସାହୁ ଖେଳ ପରିଚାଳନା କରିଥିଲେ। ଉଦ୍ଯାପନୀ ଅବସରରେ କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ, ପଞ୍ଚାନନ ସାହୁ, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଅଶ୍ୱିନୀ ସାମନ୍ତରାୟ ଓ ସାଥୀଙ୍କୁ ଟ୍ରଫି ଓ ଉପହାର ପ୍ରଦାନ କରାଯାଇଥିଲା। ରନର୍ସ ଅପ୍ ହୋଇଥିବା ରାଣୀପଡ଼ା ଗ୍ରାମର ପ୍ରଫୁଲ ସାମନ୍ତରାୟ ଓ ସାଥୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲାବଣ୍ୟ ଦେବୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଏହି ଅବସରରେ କେତେକ ବୟସ୍କ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରୀଲକ୍ଷ୍ମୀନାରାୟଣ ଦେବ ସୁରକ୍ଷା କମିଟିର କାର୍ଯ୍ୟକାରିଣୀ ବୈଠକ

ସାକ୍ଷୀଗୋପାଳ,୭।୮
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସତ୍ୟବାଦୀ ବ୍ଲକର କବିରାଜପୁର ଗ୍ରାମରେ ପଞ୍ଚ ଗାଁ କୋଠ ତଥା ଶ୍ରୀ ଲକ୍ଷ୍ମୀନାରାୟଣ ଦେବ ସୁରକ୍ଷା କମିଟିର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଠାକୁରଙ୍କ ବିଜେସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ବୀରେନ୍ଦ୍ର ଭୂଷଣ ହୋତା ଅଧ୍ୟକ୍ଷତା କରି ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରା ବୈଠକରେ ଯୋଗଦେଇ ଶାନ୍ତିପୂର୍ଣ୍ଣ ଭାବରେ ଶୃଙ୍ଖଳିତ ଜୀବନଯାପନ ନିମନ୍ତେ ଆଧ୍ୟାତ୍ମିକ ବିଚାର ଧାରା ଅନୁଶୀଳନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତିଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଯୋଗଦେଇ ଠାକୁରଙ୍କ ପୂଜାର୍ଚ୍ଚନା ସହିତ ପାଞ୍ଚ ଗାଁ କୋଠସଦସ୍ୟଙ୍କ ମଧ୍ୟରେ ଉତ୍ତମ ଭାଇଚାରା ସମ୍ପର୍କ ସମାଜ ପାଇଁ ଦିଗ୍ଦର୍ଶନ ବୋଲି କହିଥିଲେ। ସାଧାରଣ ସମ୍ପାଦକ ନଟବର ଆଚାର୍ଯ୍ୟ ଫନୀ ମହାବାତ୍ୟାରେ କୋଠ ସମ୍ମୁଖୀନ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ସହଯୋଗ କାମନା କରିଥିଲେ। ବରିଷ୍ଠ ସଦସ୍ୟ ଜଗନ୍ନାଥ ପାଣି ଧନ୍ୟବାଦ ଦେଇଥିଲେ। ୱାର୍ଡ ସଭ୍ୟ ବିଟୁ ହୋତା ପରିଚାଳନା କରିଥିଲେ।

## କଳାବ୍ୟାଜ୍ ପରିଧାନ କରି ପିଇଓଙ୍କ ଆନ୍ଦୋଳନ




ନିମାପଡ଼ା,୭।୮(ବିଚିତ୍ରାନନ୍ଦ ସାହୁ)

ନିଖିଳ ଓଡ଼ିଶା ପିଇଓ ଆସୋସିଏଶନର ଆହ୍ୱାନ କ୍ରମେ ନିମାପଡ଼ା ବ୍ଲକର ସମସ୍ତ ପିଇଓ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୪ ଦଫା ଦାବି ନେଇ ପିଇଓ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନ ବର୍ତ୍ତମାନଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ନ ନେଲେ ଆସନ୍ତା ୧୮ ତାରିଖଠାରୁ ନିମାପଡ଼ା ବ୍ଲକର ସମସ୍ତ ପିଇଓ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ସମୂହ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି। ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩କୁ ବୃଦ୍ଧି କରାଯିବା, ମାସିକ ଦରମା ୨୧ ହଜାର ୭ଶହରୁ ଲେଭଲ ୯ ହାରରେ ୩୫ ହଜାର ୪ଶହ ଟଙ୍କା ବୃଦ୍ଧି କରାଯିବା, ଚାକିରି ୧୦ ବର୍ଷ ପୂରଣ ହୋଇଥିଲେ ପିଇଓଙ୍କୁ ସ୍ୱତନ୍ତ୍ର ଭାବେ ପଦୋନ୍ନତି ଦିଆଯିବା, ପିଇଓଙ୍କୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀକୁ ଶତ ପ୍ରତିଶତ ପଦୋନ୍ନତି ଦିଆଯିବା ଆଦି ଦାବିଗୁଡ଼ିକ ଅନ୍ତର୍ଭୁକ୍ତ। ନିମାପଡ଼ା ବ୍ଲକ ପିଇଓ ଆସିସୋଏଶନ ସଭାପତି ଶୁଭକାନ୍ତ ମହାନ୍ତି, ସମ୍ପାଦକ ଜିତେନ୍ଦ୍ର ମାଝି, ସହସମ୍ପାଦକ ଭଗବାନ ମହାପାତ୍ର, କୋଷାଧ୍ୟକ୍ଷ ଭାରତୀ ସେଠୀ, ଉପଦେଷ୍ଟା ହେମନ୍ତ ଜେନା, ପୁଷ୍ପକାନ୍ତ ଦାସ, ବନଲତା ଚିନରା, ସୁରତଚରଣ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।

# ଜଙ୍ଗଲରୁ ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୭।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ଜୁଣେଇ ବେଠିଆଗଦାଠାରେ ଏକ ଜଙ୍ଗଲରେ ଜଣେ ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ସୋମବାର ସକାଳେ ପୋଲିସ ଜବତ କରିଛି। ସେ ହେଲେ ପୁରୀ ଜିଲା ସଦର ଥାନା ଅଧୀନ ଖଡିପଦା ନିକଟ କାଶିଜଗନ୍ନାଥପୁର ଗାଁର ଭୀମସେନ ଭୋଇ(୬୦)। ଖବରପାଇ ଘଟଣା ସ୍ଥଳରେ କୋଣାର୍କ ପୋଲିସ ଟିମ୍ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡିକାଲକୁ ପଠାଯାଇଛି। ଏଏସ୍ଆଇ ବନମାଳୀ ନାୟକ, ଏଏସ୍ଆଇ ଅଜିତ କୁମାର ସ୍ୱାଇଁ ଓ ଏଏସ୍ଆଇ ସୁବାସିନୀ ସାହୁ ଘଟଣାସ୍ଥଳରେ ରହି ତଦନ୍ତ କରିଛନ୍ତି। ଏ ନେଇ କୋଣାର୍କ ପୋଲିସ ପକ୍ଷରୁ ନଂ.୧୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଭୀମସେନ ନିଜ ସ୍ତ୍ରୀଙ୍କ ସହ ଗତ ୧୦ ଦିନ ହେବ କୋଣାର୍କ ଥାନା ଅଧୀନ ଜୁଣେଇ ବେଠିଆଗଦାରେ ଥିବା ଝିଅ ମମତା କାଣ୍ଡିଙ୍କ ଘରକୁ ଆସିଥିଲେ। ତେବେ ୪ଦିନହେବ ସକାଳୁ ସେ କୁଆଡ଼େ ପଳାଇଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରି ଶେଷରେ ନିରାଶ ହୋଇ ଥାନାରେ ତାଙ୍କ ସ୍ତ୍ରୀ ପୁନା ଭୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କୋଣାର୍କ ପୋଲିସ ସହ ଝିଅର ପରିବାର ଖୋଜାଖୋଜି ଚଲାଇବା ବେଳେ ସୋମବାର ସକାଳୁ ଜୁଣେଇ ଗାଁ ବେଠିଆଗଦା ଜଙ୍ଗଲ ଭିତରେ ଗଛରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକ ପୋଲିସକୁ ଜଣାଇଥିଲେ। ପୋଲିସ ଓ ପରିବାର ଲୋକ ପହଞ୍ଚି ମୃତଦେହକୁ ଭୀମସେନଙ୍କର ବୋଲି ଚିହ୍ନଟ କରିଥିଲେ।

## ୯ରେ ଓଡ଼ିଶା ଶିଳ୍ପୀ ମହାସଂଘର ସଭା

ପିପିଲି,୭।୮(ଦୁର୍ଗାମାଧବ ମିଶ୍ର)

ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଓଡ଼ିଶା ଶିଳ୍ପୀ ମହାସଂଘ ଦ୍ୱାରା ପିପିଲି ଚାନ୍ଦୁଆ କାରିଗରଙ୍କ ସହ ପୁରୀ ଜିଲାର ସମସ୍ତ କାରିଗରଙ୍କ ଏକ ସାଧାରଣ ସଭା ପିପିଲି ବାଇପାସ ନିକଟ ଆଞ୍ଜେଲ ପ୍ୟାଲେସ୍ଠାରେ ଅନୁଷ୍ଠିତ ହେବ। ଏଥିରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ସହିତ ନିମାପଡ଼ା ବିଧାୟକ, କାକଟପୁର ବିଧାୟକ, ସତ୍ୟବାଦୀ ବିଧାୟକ ଏବଂ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଶିଳ୍ପୀ ମହାସଂଘର ସଭାପତି, ସମ୍ପାଦକ, ପୁରୀ ଜିଲାସଙ୍ଘ ସଭାପତି ଯୋଗଦେବେ।

# କମୁଛି ବନ୍ୟାଜଳ, ବଢୁଛି ଚାଷୀଙ୍କ ଦୁର୍ଦ୍ଦଶା

ଅସ୍ତରଙ୍ଗ,୭।୮(ମମତା ଜେନା):

ମହାନଦୀ ଶାଖା ଦେବୀ ନଦୀରେ ବନ୍ୟାଜଳ ହ୍ରାସ ପାଇବାରେ ଲାଗିଛି। ଦେବୀ ନଦୀର ବାଉରିଆକଣ ବିପଦ ସଙ୍କେତ ୪.୯୩ ମିଟର ଥିବବେଳେ ଏବେ ବିପଦ ସଙ୍କେତ ତଳେ ଅର୍ଥାତ୍ ୩.୮୩ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟା ଛଡୁଥିବା ବେଳେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ଶତାଧିକ ଏକର ଚାଷଜମି ବନ୍ୟାରେ ପ୍ରଭାବିତ ହୋଇଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଦେବୀ ନଦୀ ଉପକଣ୍ଠ ଖଣ୍ଡାସାହି, ଓସିଆ, ବିନାୟକପୁର, ବରାଙ୍ଗ, ପୁଇଁଚାନ୍ଦିଆ, ଅନନ୍ତା ଓ ଅସ୍ତରଙ୍ଗ ମୌଜାର ଶତାଧିକ ଏକର ଚାଷଜମିରେ ବନ୍ୟାଜଳ ପଶି ଖରିଫ ଧାନ ଫସଲ ସହ ପନିପରିବା ନଷ୍ଟ ହୋଇଯାଇଛି। ଏକର ଏକର ପରିବା ଚାଷଜମିରେ ଲହଡି ମାରୁଛି ବନ୍ୟା ପାଣି। କିଛି ଦିନ ଆଗରୁ ଖିଲିଖିଲି ହସୁଥିବା କଞ୍ଚାପରିବା ଏବେ ବନ୍ୟାଜଳରେ ବୁଡିଯାଇଛି। ଫଳରେ ଚାଷ ସବୁ ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ କାକଟପୁର ଜଳସମ୍ପଦ ଉପଖଣ୍ଡ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ କୁହନ୍ତି, ସମ୍ବେଦନଶୀଳ ଦେବୀ ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ସୁରକ୍ଷିତ ଅଛି ଓ ବିଭାଗ ଏଥିପ୍ରତି ସଚେତନ ରହିଛି। ନଷ୍ଟ ହୋଇଥିବା ଚାଷୀଙ୍କ ଜମିର ଆକଳନ କରାଯିବ।



ଚାଷ ଜମିରେ ପାଣି ମାଡିଯାଇଛି ।

# ସ୍ୱାମୀଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସ୍ତ୍ରୀକୁ ବାରଣ, ହତ୍ୟା ଧମକ

ଗୋପ, ୭।୮
(ଭାରତୀ ଭୂଷଣ ଉପାଧ୍ୟାୟ)

- ଯୌତୁକ ନିର୍ଯାତନା ଅଭିଯୋଗ
- ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଖବର ନାହିଁ

ଗୋପ ଥାନା ଅଧୀନ ସୋରଭା ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ଜଣେ ମହିଳାଙ୍କ ବିବାହର ଚାରି ମାସ ପରେ ଯୌତୁକ ନିର୍ଯାତନା ଏବଂ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାକୁ ବାରଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ଭଳି ରବିବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୩୩୨/୨୩ରେ ଶାଶୁ, ଶ୍ୱଶୁର ଓ ଦିଅରଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାଜକିଶୋର ନାୟକଙ୍କୁ ବୈଦିକ ରୀତିନୀତିରେ ଗୌରୀରାଣୀ ସ୍ୱାଇଁ ୨୦୨୧ରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ମୁତାବକ ନଗଦ ଅର୍ଥ, ଆସବାବପତ୍ର ଦିଆଯାଇଥିଲା। ଏଥିସହ ରାଜକିଶୋରଙ୍କୁ ୨୫ ଗ୍ରାମ୍ର ସୁନା ଚେନ୍ ଓ ମୁଦି, ଝିଅକୁ ସୁନା ଚେନ୍, ମଙ୍ଗଳସୂତ୍ର, ସୁନା ଚୁଡ଼ି, କାନଫୁଲ, ଶଙ୍ଖା ସମେତ ୧୫ ଭରିର ସୁନା ଅଳଙ୍କାର ସହ ୬୦୦ ଗ୍ରାମ୍ର ରୁପା ଅଳଙ୍କାର ପ୍ରଦାନ କରିଥିଲେ। ବିବାହର ୪/୫ ମାସ ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ, ଦିଅର ବିଜୁ ନାୟକ, ଶାଶୁ ମଞ୍ଜୁଲତା ନାୟକ, ଶ୍ୱଶୁର ବ୍ରଜକିଶୋର ନାୟକ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ମାଡ଼ମାରି ଘରୁ ବାହାର କରିଦେଇଥିଲେ। ପରେ ଭଦ୍ରଲୋକଙ୍କ ମାଧ୍ୟମରେ ବୁଝାଶୁଝା କରି ଗୌରୀଙ୍କୁ ଘରକୁ ଫେରାଇ ଆଣିଥିବା ବେଳେ ସ୍ୱାମୀ ସ୍ତ୍ରୀ ଦୁହେଁ ଭୁବନେଶ୍ୱରଠାରେ ରହୁଥିଲେ। ହେଲେ ସେଠାରେ ମଧ୍ୟ ସ୍ୱାମୀ ନିଶା ସେବନ କରି ଗୌରୀରାଣୀଙ୍କୁ ଅକଥନୀୟ ଅତ୍ୟାଚାର କରୁଥିଲେ। ଏନେଇ ଗୌରୀ ଭୁବନେଶ୍ୱର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଗତ ମାସରେ ସଡ଼କ ଦୁର୍ଘଟଣାରେ ରାଜକିଶୋରଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବାକୁ ଗୌରୀ ଶାଶୁଘରେ ପହଞ୍ଚିଥିବା ବେଳେ ଶାଶୁଘର ଲୋକେ ତାଙ୍କୁ ଗାଳିମନ୍ଦ କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ ଯୌତୁକ ଟଙ୍କା, ସୁନା, ରୁପା ଅଳଙ୍କାର ସବୁ ଫେରାଇବାକୁ ଦର୍ଶାଇଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସି ରହିଛି। ମାମଲା ରୁଜୁ ହୋଇଥିଲେ ମଧ୍ୟ ଏହି ଅଭିଯୋଗ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କ ନିକଟରେ ପହଞ୍ଚିପାରି ନ ଥିବା ଜଣାପଡ଼ିଛି। ଏହି ମାମଲାରେ ପୁରୀ ଏସ୍ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କୁନାଲଙ୍କୁ ପଚାରିବାରେ, ତାଙ୍କ ନିକଟରେ ଏ ସମ୍ପର୍କିତ କୌଣସି ଏତଲା କପି ପହଞ୍ଚି ନ ଥିବା ସେ କହିଛନ୍ତି।

## ଆର୍ଥିକ କ୍ଷମତା ପାଇଲେ କଲେଜ ଅଧ୍ୟକ୍ଷ

କଟକ ସଦର (ସୁଶାନ୍ତ ଜେନା) : କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଣତି ପଟ୍ଟନାୟକଙ୍କୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଆର୍ଥିକ କ୍ଷମତା ପ୍ରଦାନ କରିଛି। ଫଳରେ କଲେଜର ସମସ୍ତ ଅର୍ଥ କାରବାର ସ୍ୱାଭାବିକ ହୋଇଛି। ଜୁଲାଇ ୧୨ ତାରିଖରେ ତତ୍କାଳୀନ ଅଧ୍ୟକ୍ଷ ସାରଦା ପ୍ରସନ୍ନ ମହାପାତ୍ରଙ୍କ ବଦଳି ଯୋଗୁ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ଆର୍ଥିକ କ୍ଷମତା ନ ଥିବାରୁ ବ୍ୟାଙ୍କ କାରବାରରେ ସମସ୍ୟା ସୃଷ୍ଟି ହେଉଥିଲା।



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଚୌଦ୍ୱାର,୭।୮ (ଆଶୁତୋଷ ଦାସ)

ପୌରପାଳିକା ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆ ସାହି ନିକଟସ୍ଥ ଏକ ଜଙ୍ଗଲରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଚୌଦ୍ୱାର ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ସାହିର ରବୀନ୍ଦ୍ର ଖଟୁଆ (୨୮)। ପ୍ରକାଶ ଯେ, ରବୀନ୍ଦ୍ର ପ୍ରତିଦିନ ପରି ସୋମବାର ଭୋର ସମୟରେ ଶୌଚ ହେବା ପାଇଁ ସାହି ନିକଟସ୍ଥ ଏକ ଜଙ୍ଗଲକୁ ଯାଇଥିଲେ। ସେ ଦୀର୍ଘ ସମୟଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଶେଷରେ ବୁଦୁବୁଦିଆ ଜଙ୍ଗଲରେ ଥିବା ଏକ ଗଛରେ ବେକରେ ଗାମୁଛା ବାନ୍ଧି ରବୀନ୍ଦ୍ର ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରବୀନ୍ଦ୍ରଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ କରୁଛି ।

### ବାଲି ଚୋରା ଚାଲାଣ ଘଟଣା: ଜଣେ ଗିରଫ

ଫୁଲନଖରା,୭।୮ (ସତ୍ୟରଞ୍ଜନ ଦାସମହାପାତ୍ର)

ବାଲି ଚୋରା ଚାଲାଣ ଘଟଣାରେ କଟକ ସଦର ପୋଲିସ ଜଣେ ବାଲି ମାଫିଆଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପୁରୁଣା କାଚରାମାଳ ଗ୍ରାମର ମାନସରଞ୍ଜନ ସ୍ୱାଇଁ। ପ୍ରକାଶଥାଉ କି, ଜୁଲାଇ ୧୬ ତାରିଖରେ ଏହି ଥାନା ଅନ୍ତର୍ଗତ କାଚରାମାଳ ଗ୍ରାମର କୁଆଖାଇ ନଦୀପଠାରେ ବାଲି ଚୋରା ଚାଲାଣ ବେଳେ ଦୁଇଟି ହାଇୱା ଓ ଗୋଟିଏ ଜେସିବିକୁ ପୋଲିସ ଜବତ କରିଥିଲା। ଚଢ଼ାଉ ବେଳେ ବାଲି ମାଫିଆଙ୍କ ସହ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ମାମଲା (ନଂ. ୪୦୪/୨୩ )ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୂର୍ବରୁ ନୂଆଗଡ଼ ଗ୍ରାମର ଯତୀନ୍ଦ୍ର ଲେଙ୍କା ଗିରଫ ହୋଇଥିବା ବେଳେ ପୋଲିସ ତାଙ୍କ ସହଯୋଗୀ ମାନସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଇ ଅଭିଯୁକ୍ତମାନେ ବହୁଦିନ ଧରି ବାଲି ଚୋରା ଚାଲାଣ କରୁଥିଲେ ବୋଲି ସଦର ଥାନା ଆଇଆଇସି କହିଛନ୍ତି।

### କ୍ୟାରମ୍ ସଂଘର ଅଫିସ ଉଦ୍‌ଘାଟିତ

କଟକ ଅଫିସ,୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଜିଲା କ୍ୟାରମ୍ ସଂଘର ଅଫିସ ଏବଂ ପ୍ରତିଯୋଗିତା ପ୍ରକୋଷ୍ଠ ଗୃହ ରବିବାର କାଫଲାବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ବିଜୁ ଜନତା ଦଳର ସଭାପତି ଦେବାଶିଷ ସାମନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଗଠନ ସମ୍ପାଦକ ମାୟାଧର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ୭ନମ୍ବର ୱାର୍ଡ କର୍ପୋରେଟର ମମତା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ବୀରେନ୍ଦ୍ର ନାଥ ସିଂ, ମହମ୍ମଦ ଇଶାକ, ଶକ୍ତି ପ୍ରସାଦ ଜେନା, ବେଣୁଧର ମହାନ୍ତି, କ୍ୟାରମ ବିଶ୍ୱ ଚାମ୍ପିୟନ ଭି. ଆକାଶ, ସିଡେଡ୍ ଖେଳାଳି ତ୍ରିନାଥ ବେହେରା, ଦୀପକରାଜ ସାମଲ, କ୍ୟାରମ ସଙ୍ଗଠକ ଅମର ଜେନା, ବିଜୁ ଯୁବ ଜନତା ଦଳର ସମ୍ପାଦକ ସୌମେନ୍ଦ୍ର କୁମାର ସାହୁ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ୱାରେଣ୍ଟ ପରିଚାଳନା ବ୍ୟବସ୍ଥା, ପିଆଇଏଲ୍ ପୋର୍ଟାଲ ଉଦ୍‌ଘାଟିତ

କଟକ,୭।୮ (କାର୍ତ୍ତିକ ସାହୁ)

ନ୍ୟାୟିକ ବ୍ୟବସ୍ଥାକୁ ସହଜ କରିବା ଉଦ୍ଦେଶ୍ୟରେ ୱାରେଣ୍ଟ ପରିଚାଳନା ବ୍ୟବସ୍ଥା ଓ ପିଆଇଏଲ୍ ପୋର୍ଟାଲର ଶୁଭାରମ୍ଭ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଅବସର ନେବା ଦିବସରେ ସୋମବାର ଏହି ନୂତନ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ହାଇକୋର୍ଟ ଆର୍ଟିଫିସିଆଲ ଆଣ୍ଡ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର, ଷ୍ଟେଟ କୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ କମିଟି ଅଧ୍ୟକ୍ଷ ତଥା ବିଚାରପତି ବିଶ୍ୱନାଥ ରଥଙ୍କ ସମେତ ହାଇକୋର୍ଟର ବିଚାରପତିଗଣ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କ ସମେତ ସବୁ ଜିଲାରୁ ଜିଲାଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲରେ ଉକ୍ତ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

ୱାରେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ପୂର୍ବରୁ ପ୍ରଥମେ କଟକ ଜିଲାରେ ଆରମ୍ଭ ହୋଇଥିଲା। ଏବେ ଆଉ ୭ଟି ଜିଲାରେ ଆରମ୍ଭ କରାଯାଇଛି। ସେଗୁଡ଼ିକ ହେଲା ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ, ଖୋର୍ଦ୍ଧା, କୋରାପୁଟ, ସମ୍ବଲପୁର ଓ ସୁନ୍ଦରଗଡ଼ର ରାଉରକେଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ଜିଲାଗୁଡ଼ିକରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି।

ମୁଖ୍ୟ ବିଚାରପତି ଡ. ମୁରଲୀଧର କହିଛନ୍ତି, ଏବେ ରାଜ୍ୟର ବିଭିନ୍ନ ଥାନାରେ ବହୁ ସଂଖ୍ୟକ ୱାରେଣ୍ଟ କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି। ନନ୍-ବେଲେବ୍‌ଲ ୱାରେଣ୍ଟ ୬୧,୦୦୦, ବେଲେବ୍‌ଲ ୱାରେଣ୍ଟ ୫୭,୦୦୦, ଡିସ୍‌ଟ୍ରେସ୍ ୱାରେଣ୍ଟ ୩୭୦୦ ଓ ରିକମିଟ୍‌ମେଣ୍ଟ ୬୦୦ ୱାରେଣ୍ଟ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ପଡ଼ିରହିଛି। ପିଆଇଏଲ୍ ପୋର୍ଟାଲ ଦ୍ୱାରା ଆଇନ୍‌ଜୀବୀମାନେ ସମାନ ଧରଣର ପ୍ରସଙ୍ଗକୁ ନେଇ ଜନସ୍ୱାର୍ଥ ମାମଲା ଦାଏର କରିବା ବେଳେ ସଚେତନ ହେବେ। ବିଚାରପତି ଶୁଭାଶିଷ ତାଳପତ୍ର ୱାରେଣ୍ଟଗୁଡ଼ିକ କାର୍ଯ୍ୟକାରୀ ନ ହେବା ଦ୍ୱାରା ବିଚାର ପ୍ରକ୍ରିୟା ଅନ୍ଧାରରେ ରହିଥାଏ ବୋଲି କହିଥିଲେ। ବିଚାରପତି ବିଶ୍ୱନାଥ ରଥ କହିଥିଲେ, ପ୍ରଥମ ଥର ପାଇଁ ହାଇକୋର୍ଟର ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣଙ୍କ ପାଇଁ ବିଶେଷ ସହାୟକ ହେବ। ଷ୍ଟେଟ କ୍ରାଇମ ରେକର୍ଡସ୍ ବ୍ୟୁରୋ ନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଏହି ବ୍ୟବସ୍ଥା କ’ଣ ?

ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ସହଯୋଗରେ ହାଇକୋର୍ଟ ଦ୍ୱାରା ପ୍ରସ୍ତୁତ ଏହି ପୋର୍ଟାଲ ଦ୍ୱାରା ୱାରେଣ୍ଟଗୁଡ଼ିକର ସଞ୍ଚାରଣ ଓ ସ୍ଥିତି ଜାଣିବା ସହଜ ହେବ। କେତେ ୱାରେଣ୍ଟ ପୋଲିସକୁ ଇସ୍ୟୁ କରାଯାଇଛି, ସେଗୁଡ଼ିକ ମଧ୍ୟରୁ କେତୋଟିରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହା ଜାଣିହେବ। ଏହି ପୋର୍ଟାଲ ଜରିଆରେ ପୋଲିସକୁ ବେଲେବଲ୍, ନନ୍ ବେଲେବଲ୍, ଡିସ୍‌ଟ୍ରେସ୍ ଓ ରିକମିଟ୍‌ମେଣ୍ଟ ୱାରେଣ୍ଟ ଆଦି କାର୍ଯ୍ୟକାରୀ କରିବାକୁ ଇସ୍ୟୁ କରାଯିବ। ଏହି ପୋର୍ଟାଲରେ ଥିବା କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱର୍କ ଓ ସିଷ୍ଟମ ସହାୟତାରେ ୱାରେଣ୍ଟି ସମ୍ବନ୍ଧରେ ସବିଶେଷ ତଥ୍ୟ ଆପେ ମିଳିଯିବ। ଏହାଦ୍ୱାରା ସମୟ ବଞ୍ଚିବା ସହ ଅଯଥା ଡାଟା ଏଣ୍ଟ୍ରିରୁ ରକ୍ଷା ମିଳିବ। କୋର୍ଟ ଓ ପୋଲିସ ମଧ୍ୟରେ ସିଧାସଳଖ ୱାରେଣ୍ଟ ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ ତତ୍‌କ୍ଷଣାତ୍ ହୋଇପାରିବ। ସେହିପରି ପିଆଇଏଲ ପୋର୍ଟାଲ ଦ୍ୱାରା ଜନସାଧାରଣ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ମାମଲାଗୁଡ଼ିକର ବିବରଣୀ ଓ ରାୟ ବିଷୟରେ ଜାଣିପାରିବେ। ଗବେଷକ ଓ ଛାତ୍ରୀଛାତ୍ରଙ୍କୁ ଏହା ବିଶେଷଭାବେ ସହାୟକ ହୋଇପାରିବ।




ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି ନେଇ ଛାତ୍ର ସମାଜ ଓଡ଼ିଶା ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କଳାବ୍ୟାଜ ପରିଧାନ



କଟକ ସଦର,୭।୮ (ସୁଶାନ୍ତ ଜେନା)

ବିଭିନ୍ନ ଦାବି ନେଇ ସୋମବାର କଟକ ସଦର ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ। ମୁଖ୍ୟତଃ ଚାକିରି ସର୍ତ୍ତାବଳୀର ପରିବର୍ତ୍ତନ ସହ ନିଶ୍ଚିତ ପଦୋନ୍ନତି ପ୍ରମୁଖ ଦାବି ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି। ସଂଘର ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର, ସମ୍ପାଦକ ହେମନ୍ତ କୁମାର ଦାଶ, ସରସ୍ୱତୀ ମହାଳୀ, ଦେବରାଜ ଦାଶ, ଅକ୍ଷୟ ସ୍ୱାଇଁ, ଅଜୟ ସେଠୀ, ଗଗନ ନାୟକ, ଶୁକଦେବ ବେହେରା, ବିକାଶ ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏହିଭଳି ପ୍ରତିବାଦ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।

## ନିଆଳିକୁ ୫-ଟି ସଚିବଙ୍କ ଗସ୍ତ ନେଇ ପ୍ରଶାସନ ତତ୍ପର

ନିଆଳି,୭।୮ (ସୁକାନ୍ତ ସିଂହ)

ନିଆଳିକୁ ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଗସ୍ତକରି ଏକ ଜନ ଶୁଣାଣି ଶିବିରରେ ଯୋଗଦେବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମାମୁଘର ଭାବେ ପରିଚିତ ମାଧବାନନ୍ଦ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ନିଆଳି ହାଇସ୍କୁଲ ଖେଳପଡ଼ିଆରେ ଜନଶୁଣାଣି ଶିବିର ସହ ହେଲିପ୍ୟାଡ୍ ବାରିକେଡ୍ ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍ ଚାଲିଛି। ଏଥିନିମନ୍ତେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଅଧିକାରୀମାନେ ତତ୍ପର ଥିବା ଦେଖିବାକୁ ମିଳିଛି। ସେହିପରି ଜିଲାପାଳ, ଏସ୍‌ପି ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଉଚ୍ଚ ଅଧିକାରୀମାନେ ବାରମ୍ବାର ଗମନ କରି କାର୍ଯ୍ୟ ତଦାରଖ କରୁଛନ୍ତି। ଆସନ୍ତା ୯ ତାରିଖରେ କିଭଳି ଅଧିକ ମହିଳାମାନେ ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବେ ସେଥିପାଇଁ ବ୍ଲକ ପ୍ରଶାସନ ତରଫରୁ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ, ଅଙ୍ଗନୱାଡି, ଆଶାକର୍ମୀମାନଙ୍କୁ ନେଇ ବହୁବାର ବିଭିନ୍ନ ଜାଗାରେ ବୈଠକ କରାଯାଇ ପ୍ରସ୍ତୁତି ଚାଲିଛି। ସେହିପରି ବିଧାୟକ ଡ. ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ବିଭିନ୍ନ ପଞ୍ଚାୟତ ଗସ୍ତକରି କିପରି ଅଧିକ ଲୋକ ଉକ୍ତ ଶିବିରରେ ଯୋଗଦେବେ ସେଥିପାଇଁ କର୍ମୀମାନଙ୍କ ସହିତ ଆଲୋଚନା କରୁଛନ୍ତି। ନିଆଳିର ବିଭିନ୍ନ ସମସ୍ୟା ପ୍ରତି ୫-ଟି ସଚିବ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ନିଆଳିକୁ ଏନ୍‌ଏସିର ମାନ୍ୟତା ଦେବା, ପ୍ରାଚୀନ ଶୈବପୀଠ ଶ୍ରୀ ଶ୍ରୀ ଶୋଭନେଶ୍ୱର ମନ୍ଦିର, ଅର୍କତୀର୍ଥ ଓ ମାଧବାନନ୍ଦ ମନ୍ଦିରକୁ ନେଇ ଟୁରିଜମ୍ ପାଇଁ ବ୍ୟବସ୍ଥା କରିବା, ନିଆଳି ମହାବିଦ୍ୟାଳୟ, ପ୍ରାଚୀ ମହିଳା ମହାବିଦ୍ୟାଳୟ,ଏରଞ୍ଚ ମହାବିଦ୍ୟାଳୟ, କସର୍ଦା ମହାବିଦ୍ୟାଳୟର ଉନ୍ନତୀକରଣ ସହିତ ଖାଲିଥିବା ପଦବୀରେ ନିଯୁକ୍ତି, ନିଆଳି ହାଇସ୍କୁଲ ଖେଳପଡିଆକୁ ମିନିଷ୍ଟାଡିୟମ୍, ନିଆଳିରେ ବସ୍‌ଷ୍ଟାଣ୍ଡ ସହ ଯାତ୍ରୀ ନିବାସଗାର ପ୍ରତି ଦୃଷ୍ଟି ଦେବାକୁ ଯୁବନେତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସୌଭାଗ୍ୟ ବସ୍ତିଆ, ତ୍ରିଲୋଚନ ବେହେରା, ଗଣେଶ ମିଶ୍ର, କ୍ଷେତ୍ରମୋହନ ସେନାପତି, ଶିବପ୍ରସାଦ ସେନାପତି, ମନୋଜ ସିଂହଙ୍କ ସମେତ ନିଆଳିର ଜନସାଧାରଣ ଦାବି କରିଛନ୍ତି।

## ‘ମା’ କ୍ଷୀର ଅମୃତ ତୁଲ୍ୟ, ଏହାର ବିକଳ୍ପ ନାହିଁ’

### ଡ୍ରିମ୍ସ ନର୍ସିଂ କଲେଜରେ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ

କଟକ,୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂରେ ସୋମବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପଦ୍ମିନୀ ଅଡିଟୋରିୟମ୍‌ରେ ‘କର୍ମଜୀବୀ ମା’ମାନଙ୍କ କ୍ଷେତ୍ରରେ ଶିଶୁ ସ୍ତନ୍ୟପାନର ପୃଥକ୍ ପଦ୍ଧତି’ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରାଚୀର ପତ୍ର ସ୍ୱତନ୍ତ୍ର ସଂସ୍କରଣକୁ ଉନ୍ମୋଚନ କରିବା ସହ ସ୍ତନ୍ୟପାନ ସମ୍ପର୍କରେ ସଚେତନତା ସୃଷ୍ଟି କ୍ଷେତ୍ରରେ ନର୍ସିଂ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା ଏବଂ ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା’ କ୍ଷୀର ଅମୃତ ତୁଲ୍ୟ ଓ ଏହାର ବିକଳ୍ପ ନାହିଁ, ସୁତରାଂ ଏଥିରୁ ଶିଶୁକୁ ବଞ୍ଚିତ କରିବା ଅନୁଚିତ ବୋଲି ଉଲ୍ଲେଖ କରି ସଫଳ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମିନୀ କେୟାର ହସ୍‌ପିଟାଲ ଶିଶୁ ରୋଗ ବିଭାଗର ସହକାରୀ ପ୍ରଫେସର ଡା. ସତ୍ୟଜିତ୍ ସେନ୍ ସ୍ତନ୍ୟପାନର ଉପକାରିତା ଓ କର୍ମଜୀବୀ ମହିଳାଙ୍କ ପାଇଁ ଶିଶୁର ସ୍ତନ୍ୟପାନ ପଦ୍ଧତି ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରାଧ୍ୟାପିକା ବଲଜିତ୍ କୌର ସ୍ତନ୍ୟପାନ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପୋନୁ କଙ୍ଗେଶ୍ୱରୀ ସ୍ୱାଗତ ଅଭିଭାଷଣ ଏବଂ ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।




ଡ୍ରିମ୍ସ ନର୍ସିଂ କଲେଜରେ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ପରମହଂସ ନାଥ ପୀଠ: ବ୍ରାହ୍ମଣ ସେବାୟତଙ୍କୁ ମିଳିନି ଜମିପଟ୍ଟା

କଟକ ସଦର,୭।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ନାଥ ଦେବଙ୍କ ପୀଠରେ ବ୍ରାହ୍ମଣ ସେବାୟତମାନେ ପୁରୁଷାନୁକ୍ରମେ ସେବାପୂଜା କରିଆସୁଛନ୍ତି। ମନ୍ଦିର ସ୍ଥାପନ ହେବା ଦିନଠାରୁ ଏହି ସେବା ଚାଲୁରହିଛି। ମାତ୍ର ଏହି ସେବାୟତଙ୍କ ସ୍ଥିତିବାନ ଜମିପଟ୍ଟା ନାହିଁ। ଫଳରେ ଅଦ୍ୟାବଧି ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗରୁ ଏମାନେ ବଞ୍ଚିତ ହୋଇଆସୁଛନ୍ତି। ତେଣୁ ଜମି ପଟ୍ଟା ପାଇବା ପାଇଁ ସମସ୍ତ ବ୍ରାହ୍ମଣ ସେବାୟତମାନେ ୫-ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିବା ବରିଷ୍ଠ ସେବାୟତ ସାଧୁଚରଣ ପଣ୍ଡା ସୂଚନା ଦେଇଛନ୍ତି। ଏପରିକି ସ୍କୁଲ ଓ କଲେଜରେ ପାଠ ପଢୁଥିବା ସେମାନଙ୍କ ପିଲାମାନେ ସ୍ଥାୟୀବାସିନ୍ଦା, ଆୟ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ପ୍ରମାଣ ପତ୍ର ତହସିଲରୁ ପାଇପାରୁ ନାହାନ୍ତି। ଅନ୍ୟପକ୍ଷେ ମନ୍ଦିରରେ ଅନ୍ୟ ସେବା କରୁଥିବା ଲୋକମାନେ ସେବା ସୂତ୍ରରେ ଜମିକୁ ସ୍ଥିତିବାନ ବନ୍ଦୋବସ୍ତ ଓ ଚକବନ୍ଦୀରେ କରିପାରିଛନ୍ତି। ଏହାକୁ ଦୃଷ୍ଟିରେ ରଖିଲେ ଘରଦ୍ୱାର କରିଥିବା ଜମିକୁ ବ୍ରାହ୍ମଣ ସେବାୟତଙ୍କ ନାମରେ ପଟ୍ଟା କରିବା ପାଇଁ ୫-ଟି ସଚିବଙ୍କୁ ନିବେଦନ କରାଯିବ। ଆସନ୍ତା ୯ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରମହଂସ ମନ୍ଦିର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

## ବିଜୟୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଲେ ଅଧ୍ୟକ୍ଷା




### ମେଟଲ୍ ମିଟ୍‌ରେ ସିଡିଏ ଡିଏଭି ପ୍ରଥମ

କଟକ,୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଦୈନିକ ଇଂଲିଶ ଖବରକାଗଜ ‘ଓଡ଼ିଶା ପୋଷ୍ଟ’ର ଦ୍ୱାଦଶତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ମେଗା କୁଇଜ୍ ପ୍ରତିଯୋଗିତା ମେଟଲ ମିଟ୍-୨୦୨୩ର ଜୁନିୟର ବିଭାଗରେ ସିଡିଏ ଡିଏଭିର ଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଜେତା ଦଳକୁ ଉପହାର ସ୍ୱରୂପ ଏକ ଲକ୍ଷ ଟଙ୍କା ଚେକ୍ ପ୍ରଦାନ କରାଯାଇଛି। ବିଗତ ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୪୨ଟି ଟିମ୍ ଅଂଶଗ୍ରହଣ କରିଥିଲେ । ସେହିପରି ସିନିୟର ଜୁନିୟର ବିଭାଗରେ ୧୬ଟି ଟିମ୍ ଚୂଡାନ୍ତ ପର୍ଯ୍ୟାୟରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ । ସିଡିଏ ଡିଏଭିର ଛାତ୍ର ଦେବୀଦତ୍ତ ପଣ୍ଡା, କୌଶିକ ବେହେରା, କୌସ୍ତୁଭ କୁମାର ସାହୁ, ଅଙ୍କିତ କୁମାର ସ୍ୱାଇଁ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷା ନମିତା ମହାନ୍ତି ପୁଷ୍ପଗୁଚ୍ଛ ଦେଇ ବିଜେତା ଦଳକୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ଏହା ସେମାନଙ୍କୁ ସଫଳତା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି । ବିଦ୍ୟାଳୟର ସୁପରଭାଇଜର ପ୍ରମୋଦିନୀ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଛାତ୍ରମାନଙ୍କ କୃତିତ୍ୱ ପାଇଁ ଖୁସି ପ୍ରକଟ କରିଛନ୍ତି।

## ୧୦ରେ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ବାର୍ଷିକ ଉତ୍ସବ

କଟକ, ୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଲାୟନ୍ସ କ୍ଲବ୍ କଟକ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର ପକ୍ଷରୁ ଅଗଷ୍ଟ ୧୦ରେ ବକ୍ସି ବଜାର ଖଲାସୀ ଲେନ୍‌ସ୍ଥିତ କ୍ଲବ୍‌ର ଚିକିତ୍ସାଳୟରେ ବାର୍ଷିକ ଉତ୍ସବ ପାଳନ କରାଯିବ। ଏହି ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗତ ୩୦ ବର୍ଷ ଧରି ଖଲାସୀ ଲେନ୍‌ରେ ମେଲଭିନ୍ ଜୋନ୍ସ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ରୋଗୀ ସେବା କରିଆସୁଛି। ଆଉଟ୍‌ଡୋର୍ ବିଭାଗରେ ପ୍ରତି ମାସରେ ପ୍ରାୟ ୩୬୦୦ ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଏଥିସହ ମାସକୁ ୩୦୦ରୁ ଅଧିକ ମୋତିଆବିନ୍ଦୁ ଏବଂ ଅନ୍ୟ ଅସ୍ତ୍ରୋପଚାର ମଧ କରାଯାଉଛି। ଏଠାରେ ଗରିବ ଓ ଅସହାୟ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଯାଉଛି। ଏଭଳି ଚିକିତ୍ସାର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କାରୁ ଅଧିକ ହେବ। ଟାଙ୍ଗୀ, ଚୌଦ୍ୱାର, ସାଲେପୁର, ଚଣ୍ଡିଖୋଲ ଆଦି ଅଞ୍ଚଳର ଅସହାୟ ଓ ଗରିବ ଲୋକଙ୍କ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ମଙ୍ଗୁଳିଠାରେ ଉକ୍ତ ଡାକ୍ତରଖାନାର ଏକ ଶାଖା ପ୍ରତିଷ୍ଠା କରାଯିବ ବୋଲି ଚିକିତ୍ସାଳୟ ଅଧ୍ୟକ୍ଷ ଗଣେଶ ପ୍ରସାଦ କାଣ୍ଡୋଇ କହିଛନ୍ତି।

# ‘ବୈଜ୍ଞାନିକ ଦୃଷ୍ଟିକୋଣ ଶାଣିତ ହୋଇଛି’

### ବିଜ୍ଞାନ ପ୍ରଚାର ସମିତିର ପ୍ଲାଟିନମ ଜୟନ୍ତୀ ସମାରୋହ

କଟକ,୭।୮ (କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତିର ୭୫ତମ ପ୍ରତିଷ୍ଠା ଦିବସ ଓ ପ୍ଲାଟିନମ ଜୟନ୍ତୀ ସମାରୋହ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ଯୋଗଦେଇ ବିଜ୍ଞାନ ପ୍ରଚାର ସମିତିର ଅତୀତ ଓ ବର୍ତ୍ତମାନ ତୁଳନା କରି ଏବେ ଲୋକଙ୍କ ବୈଜ୍ଞାନିକ ଦୃଷ୍ଟିକୋଣ ଶାଣିତ ହୋଇଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ମନୋବିଜ୍ଞାନୀ ଡ. ପ୍ରତିଭା ମହାରଥୀ ସାଧାରଣ ବିଜ୍ଞାନ ଓ ମନୋବିଜ୍ଞାନ ମଧ୍ୟରେ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ଲେଖାରେ କୃତିତ୍ୱ ପାଇଁ ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ପ୍ଲାଟିନମ ଜୟନ୍ତୀ ସମ୍ମାନ, ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କୁ ପ୍ରଫେସର ବାସୁଦେବ କର ଶିଶୁ ବିଜ୍ଞାନ ସାହିତ୍ୟ ସମ୍ମାନ ଓ ଡ. ଅକ୍ଷୟ କୁମାର ପଣ୍ଡାଙ୍କୁ ମହେନ୍ଦ୍ର କାୟସ୍ଥ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସ୍‌ସିବି ମେଡିକାଲ କଲେଜ, ଏସ୍‌ସିବି ଡେଣ୍ଟାଲ କଲେଜ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ଜୁନିୟର କଲେଜ, ରେଭେନ୍‌ଶା କଲିଜିଏଟ ସ୍କୁଲ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, ଯୋବ୍ରା ହାଇସ୍କୁଲ, କମଳାକାନ୍ତ ବିଦ୍ୟାପୀଠ, ବାଦାମବାଡ଼ି ନିଉ କଲୋନୀ ହାଇସ୍କୁଲ, ଖାନନଗର ହାଇସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିରର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମିତିର ପୂର୍ବତନ ସଭାପତି ପ୍ରଫେସର ପ୍ରଭାତ ମିଶ୍ର, ପ୍ରଫେସର ସୁଦର୍ଶନ ପଟ୍ଟନାୟକ ଓ ବିଦ୍ୟାପୁରୀର ସ୍ୱତ୍ୱାଧିକାରୀ ଜୀବାନନ୍ଦ ମିଶ୍ର, ପରିଚାଳକ ପ୍ରଫୁଲ୍ଲ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ଅଧିବେଶନକୁ ନିୟମିତ ଆସୁଥିବା ୧୭ଜଣ ସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସମିତିର ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁ ଅଧ୍ୟକ୍ଷତା ଓ ସମ୍ପାଦକ ଡା. ଦୀପକ ରାଜ ସ୍ୱାଗତଭାଷଣ ଦେଇଥିଲେ। ଉପସଭାପତି ଡ. ସୁବାସିନୀ ଲେଙ୍କା, ସଂଗଠନ ସମ୍ପାଦକ ଧୀରେନ୍ଦ୍ର ବିଶ୍ୱାଳ ସାମିଲ ଥିଲେ । ପ୍ରକାଶନ ସମ୍ପାଦକ ଡ. ସଚ୍ଚିଦାନନ୍ଦ ଶତପଥୀ ସମିତିର ସ୍ମରଣିକା ପ୍ଲାଟିନମ ସ୍ମାରକୀ, ପୁସ୍ତକ ଜ୍ଞାନ ଓ ବିଜ୍ଞାନ, ୧୭ଜଣ ଲେଖକଙ୍କର ୩୧ଟି ପୁସ୍ତକ ଉନ୍ମୋଚନକୁ ପରିଚାଳନା କରିଥିଲେ। ସହ-ସଂଗଠନ ସମ୍ପାଦକ ନିରଞ୍ଜନ ପାତ୍ର ଉତ୍ସବକୁ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦିକା କବିତା ପାଟ୍ଟଶାଣୀ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଓଁକାରନାଥ ମହାନ୍ତି ଯୋଗଦେଇଥିଲେ। ପ୍ରଫେସର ଭାରତୀ ବେହେରା, ପ୍ରଫେସର ପ୍ରଦୀପ୍ତ ମହାପାତ୍ର, ବିଭାଗୀୟ ମୁଖ୍ୟ ଡ. ଦୁର୍ଗାପ୍ରସାଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବିଜ୍ଞାନ ପ୍ରଚାର ସମିତିର ପ୍ଲାଟିନମ ଜୟନ୍ତୀ ସମାରୋହ ଅବସରରେ ଉପସ୍ଥିତ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଅପରାଧୀଙ୍କ ହାତରେ ୯ ଏମ୍ଏମ୍ କାର୍ବାଇନ୍

**ଗିରଫ ୪ ଅଭିଯୁକ୍ତଙ୍କଠାରୁ ଅଟୋମେଟିକ୍ କାର୍ବାଇନ, ୨ଟି ସେମି ଅଟୋମେଟିକ୍ ପିସ୍ତଲ, ୪ ମାଗାଜିନ, ୨୦ ଗୁଳି ଜବତ**


ଗିରଫ (ବାମରୁ) ସଞ୍ଜୟ ଖୁଣ୍ଟିଆ, ପ୍ରକାଶ ରାଉତରାୟ, ଶିବକୁମାର ନଳି, ବଟକୃଷ୍ଣ ପାଣି।

ଭୁବନେଶ୍ୱର,୭।୮(ସତ୍ୟଜିତ୍ ରାଉତ)

ଅପରାଧୀଙ୍କ ହାତରେ ରହିଛି ନିଷିଦ୍ଧ ୯ ଏମ୍ଏମ୍ କାର୍ବାଇନ। ରାଜଧାନୀରେ ବଡ଼ ଅପରାଧ ଘଟାଇବା ପୂର୍ବରୁ କମିଶନରେଟ ପୋଲିସର ମିଳିତ ଟିମ୍ କଳିଙ୍ଗବିହାର ଅଞ୍ଚଳରୁ ୪ ଅପରାଧୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତାରର ସଞ୍ଜୟ ଖୁଣ୍ଟିଆ ଓରଫ ବାପୁନି (୩୪), ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ଶିବ କୁମାର ନଳି (୪୭), ଦୁର୍ଗାପୁର ଗ୍ରାମର ପ୍ରକାଶ ରାଉତରାୟ (୪୪) ଓ ବେଗୁନିଆ ଥାନା ଅନ୍ତର୍ଗତ କୁଶପଲ୍ଲା ଗ୍ରାମର ବଟକୃଷ୍ଣ ପାଣି (୫୦)। ଅଭିଯୁକ୍ତଙ୍କଠାରୁ ଗୋଟିଏ ନିଷିଦ୍ଧ ୯ ଏମ୍ଏମ୍ ଅଟୋମେଟିକ୍ କାର୍ବାଇନ, ୨ଟି ୭.୬୫ ଏମ୍ଏମ୍ ସେମି ଅଟୋମେଟିକ୍ ପିସ୍ତଲ, ୪ଟି ମାଗାଜିନ, ୨୦ଟି ଗୁଳି, ୭ଟି ମୋବାଇଲ ଓ ୩ଟି କାର୍ ଜବତ ହୋଇଛି। ଏନେଇ ତମାଣ୍ଡୋ ଥାନା ପୋଲିସ ଆର୍ମସ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୦୬/୨୦୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନେ ଗୋଟିଏ ଗ୍ୟାଙ୍ଗର ହୋଇଥିବାବେଳେ ଖଣି ଓ କ୍ରଶର୍ ବେପାର, ବେଆଇନ ବଟି ଆଦାୟ, ଚୋରା ବନ୍ଧୁକ କାରବାର, ଗୋଚାଲାଣରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ପାଇବାକୁ ପୋଲିସ ଯୋଜନା କରୁଥିବା ସୂଚନା ମିଳିଛି।

### ଅଭିଯୁକ୍ତଙ୍କ ନାମରେ ଏକାଧିକ ଆପରାଧିକ ମାମଲା

ଅଭିଯୁକ୍ତମାନେ ଏକାଧିକ ବଡ଼ ଅପରାଧରେ ସମ୍ପୃକ୍ତ ରହିଛନ୍ତି। ସଞ୍ଜୟଙ୍କ ନାମରେ ବେଆଇନ ବନ୍ଧୁକ କାରବାର ଓ ହତ୍ୟା ଆଦି ମାମଲା ରହିଛି। ଧଉଳି ଥାନାରେ ଗୋଟିଏ ଓ ଖଣ୍ଡଗିରିରେ ୩ଟି ମାମଲା ରହିଛି। ସେହିଭଳି ବଟକୃଷ୍ଣଙ୍କ ନାମରେ ବେଗୁନିଆ, ଖୋର୍ଦ୍ଧା ମଡେଲ୍ ଥାନା ଓ ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଅଭିଯୁକ୍ତ ପ୍ରକାଶ ମଧ୍ୟ ଖଣିଜ ସମ୍ପଦ ଚୋରା କାରବାର ମାମଲାରେ ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କ ନାମରେ ଖୋର୍ଦ୍ଧା ସଦର ଥାନାରେ ୪, ଏସ୍‌ଟିଏଫ୍‌ରେ ଗୋଟିଏ ଓ ବେଗୁନିଆ ଥାନାରେ ୨ଟି ମାମଲା ରହିଛି। ଶିବ ହେଉଛନ୍ତି ସଞ୍ଜୟଙ୍କ ମୁଖ୍ୟ ସହଯୋଗୀ। ସଞ୍ଜୟଙ୍କୁ ଶିବ ବିଭିନ୍ନ ଆପରାଧିକ କାରବାରରେ ସହଯୋଗ କରନ୍ତି।

### ରାଜଧାନୀରେ ବଡ଼ ଅପରାଧ ପୂର୍ବରୁ ଧରାପଡ଼ିଲେ

କେତେଜଣ ବଡ଼ ଅପରାଧୀ ମାରଣାସ୍ତ୍ର ସହ କଳିଙ୍ଗବିହାରରେ ବଡ଼ଧରଣର ଅପରାଧ ଘଟାଇବାକୁ ଯୋଜନା କରୁଥିବା ରବିବାର ରାତି ପ୍ରାୟ ୧୧ଟାରେ ତମାଣ୍ଡୋ ପୋଲିସକୁ ଖବର ମିଳିଥିଲା। ଏହାପରେ ସ୍ପେଶାଲ୍ ସ୍କ୍ୱାଡ୍ ଓ ଥାନାର ଏକ ମିଳିତ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପ୍ରଥମେ ସଞ୍ଜୟ ଧରାପଡ଼ିବା ପରେ ତାଙ୍କ ପାଖରୁ କାର୍ବାଇନ ମିଳିଥିଲା। ଏହାପରେ ଅନ୍ୟମାନଙ୍କୁ କାବୁ କରାଯାଇଥିଲା।



## ପରୀକ୍ଷା ପାଇଁ ପଠାଗଲା ଅଟୋମେଟିକ୍ କାର୍ବାଇନ

୯ ଏମ୍ଏମ୍ ଅଟୋମେଟିକ୍ କାର୍ବାଇନ ସଞ୍ଜୟଙ୍କ ପାଖକୁ କେଉଁଠୁ ଆସିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଚୋରାରେ ଅନ୍ୟ ରାଜ୍ୟରୁ ଆସିଥିବା ସନ୍ଦେହ କରାଯାଉଛି। ତେଣୁ ପୋଲିସ ପକ୍ଷରୁ ଏହି କାର୍ବାଇନ୍‌କୁ ପରୀକ୍ଷା ପାଇଁ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବୋରେଟୋରିକୁ ପଠାଯାଇଛି। ଏହାର ଯାଞ୍ଚ ପରେ କାର୍ବାଇନର ଇତିହାସ ସହ ଅନ୍ୟ ତଥ୍ୟ ମିଳିପାରିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

### ବିଧାୟକଙ୍କ ଘନିଷ୍ଠ ସହଯୋଗୀ ପ୍ରକାଶଙ୍କ ଘରୁ ୧୯ ଲକ୍ଷ ଜବତ

ପ୍ରକାଶ ଗୁରୁଜଙ୍ଗସ୍ଥିତ ବାସଭବନରେ ପରିବାର ସହ ରୁହନ୍ତି। ତାଙ୍କର ଦୁର୍ଗାପୁରରେ ଏକ କ୍ରସର୍ ୟୁନିଟ ମଧ୍ୟ ରହିଛି। ସେ ଖୋର୍ଦ୍ଧା ସଦର ବ୍ଲକର ବିଜେଡି ସମର୍ଥିତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଥିଲେ। ଏପରିକି ଜେଲଫେରନ୍ତା ଜଣେ ବିଧାୟକଙ୍କର ସେ ଘନିଷ୍ଠ ସହଯୋଗୀ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ଲୋକେ ଭୟ କରନ୍ତି। ତେବେ ପ୍ରକାଶ ବେଆଇନ ଭାବେ ଘରେ ବହୁ ଟଙ୍କା ଜମା ରଖିଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ତେଣୁ ଖୋର୍ଦ୍ଧା ଟାଉନ ଥାନା ସହାୟତାରେ କମିଶନରେଟ ପୋଲିସ ସୋମବାର ରାତିରେ ପ୍ରକାଶଙ୍କ ଘରେ ଚଢ଼ାଉ କରିଛି। ସନ୍ଧ୍ୟା ୭ରୁ ୯ଟା ୩୦ ପର୍ଯ୍ୟନ୍ତ ହୋଇଥିବା ଏହି ଚଢ଼ାଉରେ ପୋଲିସ ତାଙ୍କ ଘରୁ ୩୮ଟି ୫୦ ହଜାର ଟଙ୍କିଆ ବଣ୍ଡଲ ଥିବା ପ୍ରାୟ ୧୯ ଲକ୍ଷ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ତେବେ ଏନେଇ ପୋଲିସ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

## ସାଙ୍ଗଙ୍କୁ ହତ୍ୟା କରି ଖଣ୍ଡ ଖଣ୍ଡ କରି ନଦୀରେ ଫିଙ୍ଗିଥିଲେ ସଞ୍ଜୟ

ସଞ୍ଜୟ ୨୦୧୪ ନଭେମ୍ବରରେ ଏକ ନୃଶଂସ ହତ୍ୟାକାଣ୍ଡ ଘଟାଇଥିଲେ। ତାଙ୍କ ସାଙ୍ଗ ସୋନୁଙ୍କୁ ହତ୍ୟା କରି ମାଂସ ଖଣ୍ଡକୁ ଦୟାନଦୀରେ ଫୋପାଡ଼ିଥିଲେ। ଏହା ସେତେବେଳର ଚର୍ଚ୍ଚିତ ଘଟଣା ଥିଲା। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରାର କୃତ୍ତିବାସ ପରିଜା ଓରଫ ସୋନୁ ତାଙ୍କ ସାଙ୍ଗ ସଞ୍ଜୟଙ୍କୁ ସୁଧରେ ୨ ଲକ୍ଷ ଟଙ୍କା ଦେଇଥିଲେ। ସଞ୍ଜୟ ଏହି ଟଙ୍କାର ସୁଧ ଦେଇଥିଲେ ମଧ୍ୟ ୭ ମାସ ପର୍ଯ୍ୟନ୍ତ ମୂଳ ଟଙ୍କା ଦେଉ ନ ଥିଲେ। ପରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ସଞ୍ଜୟ ହତ୍ୟା ଯୋଜନା କରିଥିଲେ। ସଞ୍ଜୟ ତାଙ୍କ ୨ ସହଯୋଗୀ ବାପି ଓ ଲାଲୁଙ୍କ ସାହାଯ୍ୟ ଲୋଡ଼ିଥିଲେ। ଟଙ୍କା ଦେବା ପାଇଁ ନଭେମ୍ବର ୩ରେ ଡୁମୁଡୁମା ହାଉସିଂବୋର୍ଡ କଲୋନୀସ୍ଥିତ ଲାଲୁଙ୍କ ଜଣେ ସମ୍ପର୍କୀୟ ଘରକୁ ସୋନୁଙ୍କୁ ଡାକିଥିଲେ ସଞ୍ଜୟ। ସୋନୁ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ଫାର୍ସା ଓ ଅନ୍ୟ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ପରେ ମାଂସ କାଟିଲା ଭଳି ସୋନୁଙ୍କ ମୃତଦେହକୁ ଛୋଟ ଛୋଟ ଖଣ୍ଡ କରି କାଟି ଦେଇଥିଲେ। ଏହାପରେ ଉକ୍ତ ମାଂସ ଖଣ୍ଡକୁ ଅଭିଯୁକ୍ତମାନେ ୧୪ଟି କଳାଜରିରେ ଭର୍ତ୍ତି କରି ଦୟା ନଦୀ ଓ ପୁରୀ କେନାଲରେ ଫୋପାଡ଼ି ଦେଇଥିଲେ। ନଭେମ୍ବର ୪ରେ ଦୟାନଦୀରୁ ସୋନୁଙ୍କ କଟା ପାପୁଲି ଓ ମୁଣ୍ଡ ମିଳିବା ପରେ ଘଟଣା ଜଣାପଡ଼ିଥିଲା। ପରେ ପୋଲିସ ସଞ୍ଜୟଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରି ଜେଲ ପଠାଇଥିଲା। ଅଭିଯୁକ୍ତମାନେ ପରେ ଜାମିନରେ ଆସିଥିବାବେଳେ ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ସଞ୍ଜୟ ଗ୍ୟାଙ୍ଗଷ୍ଟର ଟିଟୋଙ୍କ ସହଯୋଗୀ ବୋଲି ମଧ୍ୟ ସୂଚନା ମିଳିଛି।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଶୁଭଶ୍ରୀ


@ ପ୍ରିୟଙ୍କା


@ ଆଦିତ୍ୟ


@ ଅଭୟ


@ ଭଗବାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ୧୩ତମ ଶ୍ରାଦ୍ଧୋତ୍ସବ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ୧୩୧ତମ ଜୟନ୍ତୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ବିଜ୍ଞାନମେଳା, ନୀଳାଦ୍ରି ବିହାର, ସକାଳ ୯ଟା।
- ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟ ସଂଘ ପକ୍ଷରୁ ଉଠା ଦୋକାନ ଭଙ୍ଗା ପ୍ରତିବାଦରେ ବିକ୍ଷୋଭ, ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଲେବର ଓ ଇଏସ୍ଆଇ ବିଭାଗ ପକ୍ଷରୁ ସଚେତନତା କର୍ମଶାଳା, ଗ୍ରାଣ୍ଡ ଲୁମିନି, ପୂର୍ବାହ୍ନ ୧୧ଟା।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ, ସାର୍ବଜନୀନ ଦୁର୍ଗାପୂଜା ସମିତି ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୃପାସିନ୍ଧୁ ସାହୁଙ୍କ ୯୧ ତମ ଜନ୍ମଦିନ ପାଳନ, ଭୁବନେଶ୍ୱରୀ ମନ୍ଦିର, ଡିଏଲ୍ କଲୋନୀ, ଭିଏସ୍ଏସ୍ ନଗର, ଅପରାହ୍ନ ୪ଟା।
- ଜଳସେଚନ ସାଂସ୍କୃତିକ ପରିଷଦର ଦ୍ୱାଦଶତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ୭ମ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ଶପଥ ଗ୍ରହଣ ଉତ୍ସବ, ହାଇକୋର୍ଟ ପୂର୍ବ ପାର୍ଶ୍ୱ ଲନ୍, ପୂର୍ବାହ୍ନ ୧୦ଟା।

## ରାଜ୍ୟପାଳଙ୍କ ଦ୍ୱାରା ଶିଶୁ ସାହିତ୍ୟ ପତ୍ରିକା 'ମୋ ଆଶା' ଉନ୍ମୋଚିତ



ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)

ଶିଶୁ ସାହିତ୍ୟ ପତ୍ରିକା 'ମୋ ଆଶା'ର ବର୍ଷା ସ୍ୱତନ୍ତ୍ର ସଂଖ୍ୟା ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ରାଜଭବନ ପରିସରରେ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହ ସମ୍ପାଦକ ଉର୍ମିଳା ମହାରଣା, ଲିଟିଲ୍ ଷ୍ଟାର ଗ୍ରୁପ୍‌ର ଉପଦେଷ୍ଟା ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରିକାର ସମ୍ପାଦକ ଜଣେ ଦିବ୍ୟାଙ୍ଗ ହୋଇଥିବାବେଳେ ଦୀର୍ଘଦିନ ଧରି ଏହାକୁ ନିୟମିତ ପ୍ରକାଶ କରିବା ସହ ନିଜ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ମାଧ୍ୟମରେ ପିଲାଙ୍କ ନାନାବିଧ କାର୍ଯ୍ୟ କରୁଥିବା ଜାଣିବା ପରେ ରାଜ୍ୟପାଳ ଖୁସିବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହାକୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।

## ନିଖୋଜ ବୃଦ୍ଧଙ୍କ ମୃତଦେହ କୁଆଖାଇ ନଦୀରୁ ଜବତ

ବାଳକାଟୀ(ମନୋଜ ମଣ୍ଡଳ)/ ବାଲିଅନ୍ତା,୭।୮(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅନ୍ତର୍ଗତ କୁଆଖାଇ ନଦୀରୁ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଭୁବନେଶ୍ୱର କ୍ୟାପିଟାଲ ଥାନା ପାଣି ଟାଙ୍କି ବସ୍ତି ଅଞ୍ଚଳର କୁମର ଜେନା (୬୫)। ଗତ ୫ତାରିଖ ପୂର୍ବାହ୍ନ ୧୦ଟାରେ କୁମର ଘରୁ କୁଆଡେ ଚାଲିଯାଇ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ସୋମବାର ସକାଳେ ଟଙ୍କପାଣି ବ୍ରିଜ ତଳେ କୁଆଖାଇ ନଦୀରେ ଏକ ଅଜଣା ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନଦୀରୁ ମୃତଦେହ ଜବତ କରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିବା ବେଳେ ପରିବାର ଲୋକେ ପହଞ୍ଚି କୁମରଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ।



## ଆକାଶବାଣୀ କଟକ କେନ୍ଦ୍ରରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ

କଟକ ଅଫିସ,୭।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଆକାଶବାଣୀ କଟକ କେନ୍ଦ୍ରର ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀମାନେ ସୋମବାର ଜାତୀୟ ହସ୍ତତନ୍ତ ଦିବସ ପାଳନ କରିଛନ୍ତି। ଏହି ଅବସରରେ ଆକାଶବାଣୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ତତନ୍ତର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ହସ୍ତତନ୍ତର ପ୍ରଚାର ଓ ପ୍ରସାର ପାଇଁ ପ୍ରୟାସ ଲାଗି ମତ ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରର ସମସ୍ତ ମହିଳା କର୍ମଚାରୀ ହାତବୁଣା ଲୁଗା ପରିଧାନ କରିଥିଲେ।

# ବିଶ୍ୱବ୍ୟାପୀ ୧୦୦ କୋଟି ଡଲାର ଆୟ କଲା 'ବାର୍ବି'




ମୁମ୍ବାଇ

ମାର୍ଗଟ ରୋବି ଏବଂ ଆରୟନ୍ ଗ୍ଲସିଂଙ୍କ ଅଭିନୀତ ଫାଣ୍ଟାସି କମେଡି ଫିଲ୍ମ 'ବାର୍ବି' ରିଲିଜ୍ ହେବାର ତୃତୀୟ ସପ୍ତାହରେ ବିଶ୍ୱବ୍ୟାପି ବକ୍ସ ଅଫିସରେ ୧ ବିଲିୟନ୍ ଡଲାର ଅତିକ୍ରମ କରିଛି। ଏନେଇ ଫିଲ୍ମ ନିର୍ଦ୍ଦେଶକ ଗ୍ରେଟା ଗେରୱିଗ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି, 'ଆମର ବାର୍ବି ସ୍ୱପ୍ନକୁ ସାକାର କରିବାକୁ ପୃଥିବୀର ବିଭିନ୍ନ ସ୍ଥାନରୁ ଅବିଶ୍ୱସନୀୟ ବାର୍ବି ଏବଂ କେନ୍ ଏଠାରେ ଅଛନ୍ତି। ବିଶ୍ୱବ୍ୟାପୀ ବକ୍ସ ଅଫିସରେ ଏହି ମୁଭି ୧ ବିଲିୟନ୍ ଡଲାର ଅଂଶୀଦାର କରିବାକୁ ଆମେ ଆଗ୍ରହୀ'। ରିପୋର୍ଟ ମୁତାବକ, ଗ୍ରେଟା ପ୍ରଥମ ମହିଳା ନିର୍ଦ୍ଦେଶକ ଭାବେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିବାବେଳେ ୫ମ ମହିଳା ନିର୍ଦ୍ଦେଶକ ଭାବେ ୧ ବିଲିୟନ୍ ଡଲାର ଅତିକ୍ରମ କରିଛନ୍ତି। ଆମେରିକାର ଘରୋଇ ବିତରଣର ସଭାପତି ଜେଫ ଗୋଲ୍ଡଷ୍ଟେନ୍ କହିଛନ୍ତି, ଗ୍ରେଟାଙ୍କ ବ୍ୟତୀତ ଅନ୍ୟ କେହି ଏପରି ମଜାଳିଆ, ସୁପରହିଟ୍, ଭାବପ୍ରବଣତା, ଚିତ୍ତାକର୍ଷକ କାହାଣୀକୁ ଜୀବନ୍ତ ରୂପ ଦେଇପାରି ନାହାନ୍ତି। ସେ କହିଛନ୍ତି, କରୋନା ଲକ୍‌ଡାଉନ ପରେ କ୍ଷତିଗ୍ରସ୍ତ ହୋଇଥିବା ସିନେମା ଜଗତରେ ପୁଣି ଲମ୍ବା ଲାଇନ ଦୃଶ୍ୟ ପୁନରାବୃତ୍ତି ହୋଇଛି। ଗୋଲାପୀ ରଙ୍ଗର ଏହି ଚଳଚ୍ଚିତ୍ର ସମାଲୋଚକଙ୍କ ଦ୍ୱାରା ବେଶ ପ୍ରଶଂସା ପାଇଛି। ଘରୋଇ ଭାବରେ ପ୍ରାୟ ୫୭୨ ମିଲିୟନ୍ ଡଲାର ଆୟ କରିଛି। ର୍ବବି ରିଲିଜ୍ ଦିନ ୭୦.୫ ମିଲିୟନ୍ ଡଲାର ଆୟ କରିଥିବାବେଳେ ସପ୍ତାହକ ମଧ୍ୟରେ ୧୫୫ ମିଲିୟନ୍ ଡଲାର ଆୟ କରିଥିଲା।

# ଗର୍ଭଧାରଣ କଲେ ସମଲିଙ୍ଗୀ ଯୋଡ଼ି

ସିଓଲ

ନିକଟରେ ୨ ଜଣ ଝିଅଙ୍କ ପ୍ରେମ କାହାଣୀ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଦୁହେଁ କିଛି ବର୍ଷ ତଳେ ବିବାହ କରିଥିବାବେଳେ ଏବେ ସେ ମା' ହେବାକୁ ଯାଉଥିବା ନେଇ ଫଟୋ ଶେୟାର କରିଛନ୍ତି। ସେମାନଙ୍କ ପାଇଁ ଏହା ଅତି ସହଜ ନ ଥିଲା। ଘରର କଟକଣା, ସମାଜର ପ୍ରତିବନ୍ଧକ ସହି ନ ପାରି ସେମାନଙ୍କୁ ପିଲା ଜନ୍ମ କରିବାକୁ ଅନ୍ୟ ଏକ ଦେଶକୁ ଯିବାକୁ ପଡ଼ିଛି। ରିପୋର୍ଟ ମୁତାବକ, ଦକ୍ଷିଣ କୋରିଆର ବାସିନ୍ଦା କିମ୍ କ୍ୟୁ-ଜିନ୍ ଏବଂ କିମ୍ ସେ-ୟେନ ନାମକ ୨ ଜଣ ସମଲିଙ୍ଗୀ। ସେମାନେ ୨୦୧୯ରେ ବିବାହ କରିଥିଲେ। ହେଲେ ଏବେ ତାଙ୍କ ପିଲା ଜନ୍ମ ପାଇଁ ନିୟମକାନୁନ ତାଙ୍କୁ ବାଧା ଦେଉଛି ; ଯେଉଁଥିପାଇଁ ସେମାନଙ୍କୁ ଦକ୍ଷିଣ କୋରିଆ ଛାଡ଼ି ବେଲଜିୟମ୍ ଯିବାକୁ ପଡ଼ିଛି। ପ୍ରକୃତରେ ଦକ୍ଷିଣ କୋରିଆ ତାଙ୍କ ବିବାହକୁ ମାନ୍ୟତା ଦେଇନାହିଁ। ସମଲିଙ୍ଗୀ ଯୋଡ଼ିଙ୍କ ବିବାହକୁ ପଞ୍ଜୀକରଣ କରିବାକୁ ମନା କରିଦିଆଗଲା। ତେବେ ଦୁହିଁଙ୍କ ବିବାହ ନ୍ୟୁୟର୍କରେ ପଞ୍ଜୀକୃତ ହୋଇଛି। ଏହାପରେ ବିବାହର କିଛି ବର୍ଷ ପରେ ସେମାନେ ପିଲା ପାଇଁ ପ୍ରସ୍ତୁତ ହେଲେ। ସେଥିପାଇଁ ଦୁହିଁଙ୍କୁ ଦେଶ ଭିତରେ ଅନୁମତି ମିଳିଲାନାହିଁ। ଦକ୍ଷିଣ କୋରିଆରେ ଶୁକ୍ରାଣୁ ବ୍ୟାଙ୍କ ମଧ୍ୟ ସେମାନଙ୍କ ପାଇଁ ଅନୁମତି ଦେଲେ ନାହିଁ। କିମ୍ କ୍ୟୁ-ଜିନ୍ ବେଲଜିୟମ୍‌ର ଜଣେ ସ୍ପର୍ମ ଡୋନରଙ୍କ ସାହାଯ୍ୟରେ ଗର୍ଭଧାରଣ କରିଛନ୍ତି। ଏବେ ତାଙ୍କ



ଗର୍ଭଧାରଣକୁ ୮ ମାସ ହେଲାଣି। ସେ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍) ପ୍ରଣାଳୀରେ ମା' ହେବାକୁ ଯାଉଛନ୍ତି। ଦୁହେଁ ଦେଶରେ ସମଲିଙ୍ଗୀଭିତ୍ତିକ ପିତୃତ୍ୱ ବାବଦରେ ସଚେତନତା ବଢ଼ାଇବାକୁ ସେମାନଙ୍କ ଗର୍ଭାବସ୍ଥାକୁ ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିନ୍ ଦକ୍ଷିଣ କୋରିଆର ସେହି ହସ୍ପିଟାଲରେ ତାଙ୍କ ପିଲା ଜନ୍ମଦେବାକୁ ଚାହୁଁଛନ୍ତି, ଯେଉଁଠାରେ ତାଙ୍କ ସ୍ତ୍ରୀ ୟେନ ଡାକ୍ତର ଅଛନ୍ତି। ତାଙ୍କ ମା' ସହ ପିଲା ମଧ୍ୟ ସୁସ୍ଥ ରହିବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ପିଲା ଜନ୍ମହେବା ପରେ ଦକ୍ଷିଣ କୋରିଆରେ ସେମାନେ ପିଲାର ନିୟମଗତ ମାତା ହେବେ ନାହିଁ। ସେଥିପାଇଁ ସେମାନେ ଦେଶ ବାହାରେ ରହିବାକୁ ଇଚ୍ଛା କରିଛନ୍ତି।

# ଦିଶାଙ୍କ ନୂଆ ବୟଫ୍ରେଣ୍ଡଙ୍କୁ ନେଇ ଚର୍ଚ୍ଚା



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ତାଙ୍କ ଲଭ୍ ଲାଇଫ୍‌କୁ ନେଇ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ଦିଶାଙ୍କ ପ୍ରେମ ସମ୍ପର୍କକୁ ଦର୍ଶକ ଅନେକ ପସନ୍ଦ କରୁଥିଲେ। ହେଲେ ଅଭିନେତ୍ରୀ ଏହାକୁ ନେଇ କିଛି କହି ନ ଥିଲେ। ତେବେ କିଛିଦିନ ତଳେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଇଥବା ଚର୍ଚ୍ଚାକୁ ଆସିଥିଲା। ପରେ ମଧ୍ୟ ସେମାନଙ୍କୁ ଏକ ଶୋ'ରେ ଏକାଠି ବସିଥିବା ଦେଖିବାକୁ ମିଳିଥିଲା। ତେବେ ନିକଟରେ ଦିଶାଙ୍କ ଆଉ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଆଲେକ୍‌ଜାଣ୍ଡାର ଆଲେକ୍ସିକଙ୍କ ସହ ନଜରକୁ ଆସିଛନ୍ତି। ଦିଶା ତାଙ୍କ ବନ୍ଧୁଙ୍କ ସହ ଆଲେକ୍‌ଜାଣ୍ଡାରଙ୍କୁ ପରିଚୟ କରାଉଛନ୍ତି। ତେବେ ଆଲେକ୍‌ଜାଣ୍ଡାର ତାଙ୍କ ନୂଆ ବୟଫ୍ରେଣ୍ଡ ବୋଲି ଆଲୋଚନା ହେଉଛି। ଦିଶା ୨୦୧୫ରୁ ତାଙ୍କର ଅଭିନୟ କ୍ୟାରିୟର ତେଲୁଗୁ ଫିଲ୍ମ ଜରିଆରେ ଆରମ୍ଭ କରିଥିଲେ। ପରେ ସେ ଚାଇନିଜ୍ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ସେ ହିନ୍ଦୀ ଫିଲ୍ମ ବାଗୀ ଜରିଆରେ ଦର୍ଶକଙ୍କ ନଜରକୁ ଆସିଥିଲେ। ଶେଷଥର ପାଇଁ ତାଙ୍କୁ ୨୦୨୨ରେ ଏକ୍ ଭିଲିଆନ୍ ରିଟର୍ନସରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଥିବାବେଳେ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିବେ ବୋଲି ଜଣାପଡ଼ିଛି। ଏଥିସହ ସେ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

# ପାଳିତ କୁକୁର ପାଇଁ ଚାକିରି ଛାଡ଼ିଲେ



କାନ୍‌ବେରା

ଲୋକେ ତାଙ୍କ ପାଳିତ ଜନ୍ତୁଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ ପାଇଁ ଅନେକ କିଛି ମଧ୍ୟ କରିଥାନ୍ତି। ହେଲେ ନିକଟରେ ଜଣେ ଯୁବତୀ ତାଙ୍କ ପାଳିତ କୁକୁର ପାଇଁ ଏମିତି କିଛି କରିଛନ୍ତି, ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଅଷ୍ଟ୍ରେଲିଆ ସିଡ୍‌ନୀର ଜଣେ ପୁଷ୍ଟି ବିଜ୍ଞାନୀ ଆଶା ଡିଲନ ତାଙ୍କ ପାଳିତ କୁକୁର ପାଇଁ ଚାକିରି ଛାଡ଼ି ଦେଇଛନ୍ତି। ଆଶାଙ୍କ କହିବା ମୁତାବକ, ତାଙ୍କ କୁକୁର ରୋମିୟୋ ତାଙ୍କୁ ବହୁତ ଭଲ ପାଏ। ସେ ଯେତେବେଳେ ବାହାରକୁ ଯାଆନ୍ତି, ସେ ଖୁବ୍ ଜୋର୍‌ରେ କାନ୍ଦେ, ପାଟିକରେ ଏବଂ ଘରର ଜିନିଷ ମଧ୍ୟ ଭାଙ୍ଗିଦିଏ। ଏମିତି ବି ସେ ଗାଧେଇବା ବେଳେ ମଧ୍ୟ ବାଥ୍‌ରୁମ୍ କବାଟକୁ ବାଡ଼ାଏ। ରୋମିୟୋର ଏପରି ବ୍ୟବହାର ସୁଧାରିବାକୁ ସେ କିଛି କରିବାକୁ ନିଷ୍ପତ୍ତି ନେଲେ। ରୋମିୟୋକୁ ଶାନ୍ତ କରିବାକୁ ସେ ବାଧ୍ୟହୋଇ ଚାକିରି ଛାଡ଼ିଦେଲେ। ରିପୋର୍ଟ ମୁତାବକ, ଆଶା ବର୍ତ୍ତମାନ ଅଧିକାଂଶ ସମୟ ରୋମିୟୋ ସାଙ୍ଗରେ ବିତାଉଛନ୍ତି। ଯେଉଁଠାକୁ ଗଲେ ସେ ତାକୁ ସାଙ୍ଗରେ ନେଇ ଯାଉଛନ୍ତି। ୩୦ ବର୍ଷୀୟା ଆଶା ଏକ କମ୍ପାନୀରେ ପ୍ରଡକ୍ଟ ଡେଭେଲପମେଣ୍ଟ ମ୍ୟାନେଜର ଥିଲେ। ହେଲେ ତାଙ୍କ ଚାକିରିଠାରୁ ତାଙ୍କୁ ରୋମିୟୋ ଅଧିକ ପସନ୍ଦ ଥିଲା। ଏହା ପୂର୍ବରୁ ଆଶା ଅନେକ ଜାତୀୟସ୍ତରୀୟ କମ୍ପାନୀରେ ମଧ୍ୟ କାମ କରିସାରିଥିଲେ। ସେ କିଛି ସମୟ ଆଗରୁ ନିଜର ଏକ କମ୍ପାନୀ କରିଥିଲେ, ଯେଉଁଥିରେ ପାଳିତ ଜନ୍ତୁଙ୍କ ସମସ୍ୟା ବାବଦରେ କାମ ହେଉଥିଲା।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, RAYAGADA
Letter No. 1983 Date: 05.08.2023
2nd Corrigendum to Bid Identification No.
EERWRGD-Online-02/2023-24, Dated: 19.07.2023
No. O-559: In partial modification to this Office Bid Identification No. 02/2023-24 the following changes are made under unavoidable circumstance.
The availability of tender online for bidding from 17.08.2023 at 11.00 A.M. to 29.08.2023 upto 05.00 P.M. & Time for opening of tender 31.08.2023 at 11.00 A.M. in place of the availability of tender online for bidding (As per 1st Corrigendum) from 07.08.2023 at 11.00 A.M. to 19.08.2023 upto 5.00 P.M. & Time for opening of tender 21.08.2023 at 11.00 A.M. respectively.
All other terms and conditions remain unchanged.
Sd./- Executive Engineer
OIPR-25072/11/0004/2324 Rural Works Division, Rayagada

OFFICE OF THE
PURI MUNICIPALITY, PURI
Mail ID: purim.hud@nic.in; purim.hud@gmail.com
Letter No. 7414 Dated: 05.08.23
TENDER CALL NOTICE
No.C-993:- Puri Municipality invites sealed Tender from the eligible & intending Manufacturers/Companies/Authorized Dealers/ SSI units/ Suppliers having valid license /registration certificate/ GST/ PAN number for supply of Electrical materials, Wire, Fan, High Mast Equipments etc. of Philips /Havel's make & Dismantling & Reinstallation of High Mast lights. The tender documents along with terms & conditions shall reach the Office of the Puri Municipality on or before dt.22.08.23 by 05 P.M through Registered/Speed Post only. The Tender Documents should be submitted clearly superscribed on envelope "**SUPPLY OF ELECTRICAL MATERIALS, WIRE, FAN, HIGH MAST EQUIPMENTS**". The tenders will be opened at. 11.30 A.M. on dt.23.08.2023 in presence of bidders or their authorized representatives, who may present at the time of opening of the tenders. Puri Municipality will in no way be responsible for any postal delay. Tenders received beyond the scheduled date shall be rejected. The details of Terms & Condition and specification may be downloaded from the website www.purimunicipality.in & www.puri.nic.in.
The authority reserves the right to reject any or all the tenders without assigning any reason thereof.
Sd./- Executive Officer, Puri Municipality, Puri
OIPR-13159/11/0024/2324

Bhubaneswar Municipal Corporation
Phone:0674-2431253, Fax:0674-2432895
E-mail:info@bmc.gov.in, Web: www.bmc.gov.in
No.38098/ Dtd.07.8.23
Corrigendum-I
RFP No.32386 Dt.10.07.2023
File No.XXII (L)-21/2023
1. The time of submission of bid for selection of Agency for Towing of illegally parked Vehicle under the jurisdiction of Bhubaneswar Municipal Corporation (BMC) Area which was scheduled on 07.08.2023 at 5.00 PM has been extended to 16.08.2023 at 5.00 P.M. and bid shall be opened at 5.00 PM of 17.08.2023.
2.All other conditions remains the same.
Sd./- Deputy Commissioner (Revenue)
OIPR- Bhubaneswar Municipal Corporation

Government of Odisha, e- Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 09/2023-24
Email Id-sedklpwd@gmail.com
Letter No.2256/Dt.31.7.23
No.B-611:The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building, Bridge and Road works as detailed below:
1. Name of the Work : Buildings, Road/Bridge Work
2. No. of works : 9 (Nine) Nos
3. Estimated Cost : Rs.3,78,29,483/- to Rs. 9,52,57,544/- (as given in column No. 03 of table)
4. Cost of tender paper : Rs.10,000.00
5. Class of contractor : 'A' & 'Special' Class (as given in column No. 07 of table)
6. Period of Completion of work : 05 (Five) to 11(Eleven) Calendar Months (as given in column No.08 of table)
7. Date and time of availability of bid Document in the website : From Dt.09.08.2023 to 5.30 P.M. of Dt.23.08.2023
8. Date of opening of bid : Dt.24.08.2023 at 11.30 hours.
The bidders have to participate in ONLINE bidding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0013/2324

GOVERNMENT OF ODISHA No. A-411
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
SUBARNAREKHA & BUDHABALANGA BASIN
At/P.O.: Laxmiposi, Dist.: Mayurbhanj, Mail Id: cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 15/23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | A. Construction of Raikama Minor from RD 00M to RD 1985M and its minors and Sub-minors including all structures, C.C. Lining and Service Road.<br>B. Construction of Bhanupur Minor oftaking at RD 1700M of Bhalubasa Minor and its Sub-minors including all structures with C.C. lining and service road.<br>C. Restoration and protection to left bank of river Subarnarekha from Village Bidyadharpur to Sekhbad<br>D. Raising and strengthening Panta of Parikhi T.R.E. Saline embankment. |
| 2 | Estimated Cost | A. Rs.3494.34 Lakh<br>B. Rs.1929.47 Lakh<br>C. Rs.1549.66 Lakh<br>D. Rs.1102.73 Lakh |
| 3 | Bid Security/E.M.D. | A. Rs.34,94,400/-<br>B. Rs.19,29,500/-<br>C. Rs.15,49,700/-<br>D. Rs.11,02,800/- |
| 4 | Period of Completion | For 1. A. & 1.B. 24 (Twenty Four) Calendar Months<br>1. B. & 1. C. - 18 (Eighteen) Calendar Months |
| 5 | Class of Contractor | For 1. A. "Special Class", "Super" Class<br>1. B., 1. C. & 1. D.: "A" Class and "Special" Class |
| 6 | Date & Time of availability of bid document in the portal | 14.08.2023 at 10.00 A.M. |
| 7 | Last date/time for receipt of bid in the portal | 08.09.2023 upto 5.00 P.M. |
| 8 | Date & time for Pre-Bid Conference | For Sl. No. 1 A.:- 28.08.2023 Office of the CE & BM, S&B Basin, Laxmiposi in physical/virtual mode through Google Meet. The interested bidder should ask to link giving their email Id to: **cebmsbb2019@gmail.com** (Joining time in Google Meet 11.00 A.M. to 11.30 A.M. |
| 9 | Date of Opening of Bid | 11.09.2023 at 11.00 A.M. |
| 10 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal "**https://tendersodisha.gov.in**".
OIPR-32074/11/0026/2324 Sd./- Chief Engineer & Basin Manager

GOVT. OF ODISHA
OFFICE OF THE CHIEF CONSTRUCTION ENGINEER,
RURAL WORKS CIRCLE, CUTTACK
e-mail:serw_ctc@yahoo.com
No.Tender Online RWC-14/23 Letter No.2565, Date:1.8.23
e-Procurement Notice
**No.O-550:**1. Name of the Work: Construction of Buildings Works. 2. Class of Contractor: c) Estimated cost more than Rs.6.00 Crore & upto Rs.50.00 Crore: Special Class (of Odisha PWD) & relevant class of other licensing authorities. d) Estimated cost more than Rs.1.00 Crore & upto Rs.20.00 Crore: A Class (of Odisha PWD) & relevant class of other licensing authorities. c) Estimated cost more than Rs.20.00 Lakh & upto Rs.3.00 Crore: B Class (of Odisha PWD) & relevant class of other licensing authorities. 3. Time for completion: As specified in the Column-8 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC- 14/23 | 11.08.2023 at 11.30 A.M. | 31.08.2023 to 05.00 P.M. | 31.08.2023 upto 02.00 P.M. | 01.09.2023 at 11.30 A.M. | Will be intimated later |

Further details can be seen from the website: **www.tendersodisha.gov.in.**
Sd./- Chief Construction Engineer,
Rural Works Circle, Cuttack
OIPR-25097/11/0015/2324

## ODISHA JOINT ENTRANCE EXAMINATION - 2023 (OJEE - 2023)

**No.: OJEE2023/385** **Date: 06.08.2023**

## NOTICE

No. h-19: It is for information of all candidates having OJEE 2023 rank under Integrated MBA and registered for counselling process during 16-07-2023 to 20-07-2023 have to report at OJEE Cell Gandamunda, Bhubaneswar on 09-08-2023 for counselling and admission.

For other details and instructions for admission process candidates are requested to visit OJEE website: **https://ojee.nic.in, www.odishajee.com**.

**Sd./- CHAIRMAN, OJEE**
OIPR-14020/11/0017/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
CENTRAL (R&B) CIRCLE, BHUBANESWAR
Mail i.d seccbbsr@gmail.com
E-procurement Tender Call Notice No.7 of 2023-24
No. 2596 (Estg.) Bhubaneswar the 5th August-2023
**No.B-617:**The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for construction of five Number road works to be received in online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from 5:00 P.M of 09.08.2023 to 5.00 P.M of 23.08.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00A.M. of 24.08.2023 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersorissa.gov.in. Addendum / Corrigendum, if required, will be available only in the Website.
Sd/-Er.P.K.Mohanty
Chief Construction Engineer
Central (R&B) Circle, Bhubaneswar
OIPR-34156/11/0011/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE: SUNDARGARH
AT/PO-SANKARA, SUNDARGARH-770020, E-mail address:serw_sundargarh@yahoo.com
No. Tender Online-RWCCESNG-15 of 2023-24, Letter No.2083/ Dtd.05.08.2023
e-Procurement Notice
**No.O-554:**1.Type of the Work: Building. 2.Class of Contractor: As specified in the column-6 of the Annexure. 3. Time of Completion: As specified in the Column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWC-CESNG-15 of 2023-24 | 16.08.2023 11.00 AM | 04.09.2023 5.00 PM | 02.09.2023 5.00 PM | 05.09.2023 11.00 AM | Will b intimated separately |

Further details can be seen from the website: www.tendersodisha.gov.in.
Sd./- Chief Construction Engineer,
Rural Works Circle, Sundargarh
OIPR-25133/11/0023/2324

GOVT. OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE: KEONJHAR
Tel. 06766-258301 (O), email: se_nerwkjr@rediffmail.com
e Procurement Notice for Road Works under Periodical Maintenance
Identification No. Road Online NCB No. 377
No.2598/ Date:04.08.2023
**No.O-561:**1. Name of the work: Periodical Maintenance Work in the District of Keonjhar. 2. No. of work: 03 (Three) Nos. 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details:-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender in O/O. S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.377 | Dt.10.08.23 at 11.00 A.M. | Dt.22.08.23 upto 5.00 P.M. | Dt.21.08.23 upto 5.00 P.M. | Dt.23.08.23 at 11.00 A.M. | Will b intimated later |

• Further details can be seen from the website: www.tendersorissa.gov.in.
OIPR-25177/11/0011/2324 Sd./- Chief Construction Engineer, R.W.Circle, Keonjhar

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଅଗଷ୍ଟ, ୨୦୨୩


## ସଂକ୍ଷେପରେ

### ବିଏସ୍ଏଫ୍ ପକ୍ଷରୁ ମାଓବାଦୀ ସାମଗ୍ରୀ ଜବତ



**ମାଲକାନଗିରି,୭।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ବିଏସ୍ଏଫ୍ ୧୪୨ ବାଟାଲିୟନ ତରଫରୁ ସୋମବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ବିଏସ୍ଏଫ୍ ୧୪୨ ବାଟାଲିୟନ ଯବାନମାନେ କାଲିମେଳା ବ୍ଲକ ଭେଜାଙ୍ଗିବାଡା ସଂରକ୍ଷିତ ଜଙ୍ଗଲରେ ସୋମବାର କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ ଆମପଦର, ଏକ୍କାନୁର, ବଡିଲୁଗୁଡା ଓ ବୃନ୍ଦାମାମୁଡି ଗ୍ରାମ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ସାମଗ୍ରୀ ଗୋଟିଏ ସ୍ଥାନରେ ମାଟି ତଳେ ପୋତା ହୋଇଥିବା ଜାଣିବାକୁ ପାଇଥିଲେ। ଉକ୍ତ ସ୍ଥାନରୁ ଏହି ସମସ୍ତ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରୁ ଗୋଟିଏ ୩୦୩ ରାଇଫଲ୍, ୧୧ ଏସ୍ବିଏମ୍ଏଲ୍ ବାରେଲ, ଗୋଟିଏ ୩୦୩ ମାଗାଜିନ୍, ୧୫ ହାତ ଗ୍ରେନେଡ୍ ଇମ୍ପ୍ରୁଭାଇଜ୍, ଗୋଟିଏ ହ୍ୟାଣ୍ଡ ଗ୍ରେନେଡ୍ ଚାବି ସହ ତିନୋଟି କଣ୍ଟ୍ରିମେଡ୍ ଗନ୍, ୫୧ ଏମ୍ଏମ୍ ମୋର୍ଟାର ବୋମା, ୧୧୨ଟି ଡ୍ରିଲ୍ ବିଟ୍ (ବିଭିନ୍ନ ସାଇଜର) ଇତ୍ୟାଦି ଜବତ କରିଛନ୍ତି। ତେବେ ଆଗାମୀ ଦିନରେ ଏହି ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିବ ବୋଲି ବିଏସ୍ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

### ମାଓବାଦୀଙ୍କ ଆତ୍ମସମର୍ପଣ



ଚନ୍ଦନ ଡାରୋ

**ମାଲକାନଗିରି,୭।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ କାଙ୍କେର ଜିଲାରେ ଜଣେ ମାଓବାଦୀ ପୋଲିସ ନିକଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାଁ ଚନ୍ଦନ ଡାରୋ। ସେ ମାଓବାଦୀ ସଂଗଠନରେ ପ୍ରାୟ ୧୫ ବର୍ଷ ଧରି ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ସେ ମାଓବାଦୀ ସଂଗଠନ କମାଣ୍ଡର ପଦବୀରେ ରହି ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ଛତିଶଗଡ ସମେତ ଓଡ଼ିଶାର ବରଗଡରେ ସେ କାର୍ଯ୍ୟ କରିଥିବା ବେଳେ ସେଠାରେ ଅନେକ ହିଂସାରେ ଜଡିତ ଥିଲେ ବୋଲି କହିଛନ୍ତି। ତାଙ୍କୁ ଧରିବା ଲାଗି ଛତିଶଗଡ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହି ଅବସରରେ ଏସ୍ପି ଦିବ୍ୟାଙ୍ଗ ପଟେଲ କହିଛନ୍ତି, ମାଓବାଦୀ ସଂଗଠନ ଛାଡି ମୁଖ୍ୟ ସ୍ରୋତକୁ ଫେରିଥିବା ମାଓବାଦୀମାନଙ୍କୁ ସରକାର ସମ୍ପୂର୍ଣ୍ଣ ସହାୟତା କରୁଛନ୍ତି। ଆତ୍ମସମର୍ପଣ କରିଥିବା ଚନ୍ଦନଙ୍କୁ ମଧ୍ୟ ପ୍ରୋତ୍ସାହନ ଭାବେ ୨୫ହଜାର ଟଙ୍କାର ଚେକ୍ ଦିଆଯାଇଛି।

# ଥାନାରେ ହାଜର ହେଲେ କଣ୍ଠଶିଳ୍ପୀ ସୌରୀନ ଭଟ୍ଟ

**ଓଡ଼ିଆ ଗାୟିକାଙ୍କୁ ଯୌନ ଶୋଷଣ ଓ ନିର୍ଯାତନା ମାମଲା**
- ବୟାନ ରେକର୍ଡ କଲା ପୋଲିସ
- ଏସ୍ସିବିରେ ହେଲା ଡାକ୍ତରୀ ମାଇନା

**କଟକ, ୭।୮ (କାର୍ତ୍ତିକ ସାହୁ)**

ଜଣେ ଓଡ଼ିଆ ଗାୟିକାଙ୍କୁ ଯୌନ ଶୋଷଣ ଓ ନିର୍ଯାତନା ଦେବା ଅଭିଯୋଗ ମାମଲାରେ ବଲିଉଡ୍ର କଣ୍ଠଶିଳ୍ପୀ ସୌରୀନ ଭଟ୍ଟ ସୋମବାର କଟକ ମହିଳା ଥାନାରେ ହାଜର ହୋଇଥିଲେ। ତାଙ୍କ ବିରୋଧରେ ଥିବା ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ୨ ଘଣ୍ଟା ଜେରା କରିଛି। ଥାନାରେ ୧୬୧ ଧାରାରେ ସୌରୀନଙ୍କ ବୟାନ ରେକର୍ଡ କରାଯିବା ସହ ଏସ୍ସିବି ମେଡିକାଲରେ ତାଙ୍କର ଡାକ୍ତରୀ ମାଇନା ହୋଇଥିବା ଜଣାପଡ଼ିଛି।

ଏସିପି ଅମିତାଭ ମହାପାତ୍ର କହିଛନ୍ତି, ହାଇକୋର୍ଟ ସୌରୀନଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପୋଲିସକୁ ତଦନ୍ତରେ ସହଯୋଗ କରିବାକୁ ସେ ମହିଳା ଥାନାକୁ ଆସିଥିଲେ। ତାଙ୍କୁ ପଚରାଉଚରା କରାଯାଇଛି। ସୌରୀନଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅଭିଯୋଗ ଆଣିଥିବା ଯୁବତୀ କେବଳ ତାଙ୍କର ଘନିଷ୍ଠ ସାଙ୍ଗ ଥିଲେ ବୋଲି ସେ କହିଛନ୍ତି। ଯୁବତୀଙ୍କ ଠାରୁ ଟଙ୍କା ନେଇଥିବା ବିଷୟରେ ସେ କହିଲେ, ଉଭୟେ ଘନିଷ୍ଠ ବନ୍ଧୁ ଥିବାରୁ ପରସ୍ପରକୁ ଟଙ୍କା ଦିଆନିଆ କରିଥାନ୍ତି। ଯୁବତୀଙ୍କଠାରୁ ସୌରୀନ ଓ ସୌରୀନଙ୍କଠାରୁ ଯୁବତୀ ଟଙ୍କା ନେଇଥାନ୍ତି ବୋଲି ଜେରାରୁ ଜଣାପଡ଼ିଛି। ଆବଶ୍ୟକ ହେଲେ ସୌରୀନଙ୍କୁ ପୁଣି ଥରେ ଥାନାକୁ ଜେରା ପାଇଁ ଡକାଯିବ। ତା'ପରେ ତଦନ୍ତରେ ହୋଇଥିବା ଅଗ୍ରଗତି ନେଇ ହାଇକୋର୍ଟଙ୍କୁ ରିପୋର୍ଟ ଦିଆଯିବ ବୋଲି ଏସିପି କହିଛନ୍ତି।

ଥାନାରେ ହାଜର ହେବା ପୂର୍ବରୁ ସୌରୀନ ଗଣମାଧ୍ୟମ ଆଗରେ ତାଙ୍କ ବିରୋଧରେ ଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଅଭିଯୋଗକାରିଣୀଙ୍କୁ ଚିହ୍ନି ନ ଥିବା କହିଥିଲେ। ହେଲେ ମହିଳା ଥାନାରେ ଜେରା ପରେ ସୌରୀନଙ୍କ ଓକିଲ ପ୍ରଦୀପ ପଟ୍ଟନାୟକ ପୋଲିସ ଜେରା ବେଳେ ସୌରୀନ ସମ୍ପୃକ୍ତ ଅଭିଯୋଗକାରିଣୀଙ୍କୁ ଜାଣିଥିବା ଓ ସେମାନଙ୍କ ମଧ୍ୟରେ ବନ୍ଧୁତା କଥାକୁ ସ୍ୱୀକାର କରିଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି।



ସୌରୀନ ଭଟ୍ଟ

ସୂଚନାଯୋଗ୍ୟ, ସୌରୀନ ଜଣେ ଓଡ଼ିଆ ଗାୟିକାଙ୍କୁ ଯୌନ ଶୋଷଣ ଓ ନିର୍ଯାତନା ଦେଇଆସୁଥିବା ସମ୍ପର୍କରେ ସମ୍ପୃକ୍ତ ଗାୟିକା ମହିଳା ଥାନାରେ ଜୁନ ୧୨ରେ ଏତଲା ଦେଇଥିଲେ। ପ୍ରତିଷ୍ଠିତ ଗାୟିକା କରାଇଦେବାର ପ୍ରତିଶ୍ରୁତି ଦେଇ ସୌରୀନ ତାଙ୍କୁ ଠକିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ। ସୌରୀନ ଟଙ୍କା ନେଇ ଫେରାଉ ନ ଥିବା ମଧ୍ୟ ସେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ମହିଳା ଥାନା ପୋଲିସ ସୌରୀନଙ୍କ ବିରୋଧରେ ଦଫା ୩୭୬, ୪୯୩, ୩୪୧, ୨୯୪, ୪୧୭, ୫୦୬ରେ ମାମଲା ରୁଜୁ କରିଥିଲା। ମାମଲାର ତଦନ୍ତ ପାଇଁ ଥାନାରେ ହାଜର ହେବାକୁ ସୌରୀନଙ୍କୁ ନୋଟିସ କରାଯାଇଥିଲେ ବି ସେ ଧରାଛୁଆଁ ଦେଇ ନ ଥିଲେ। ଗିରଫଦାରି ଏଡ଼ାଇବାକୁ ସୌରୀନ ଗତ ଜୁନ୍ ୨୬ରେ ଓଡ଼ିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଗତ ୧ ତାରିଖରେ ଜାମିନ ଆବେଦନର ଶୁଣାଣି କରି ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୨୫ ତାରିଖକୁ ଧାର୍ଯ୍ୟ ହୋଇଛି।

# ହାତବୁଣା ବସ୍ତ୍ର ବ୍ୟବହାରକୁ ମୋଦିଙ୍କ ଗୁରୁତ୍ୱ



ପ୍ରଗତି ମଇଦାନର ଭାରତ ମଣ୍ଡପମ୍ରେ ଆୟୋଜିତ ହସ୍ତତନ୍ତ ମେଳାକୁ ପ୍ରଧାନମନ୍ତ୍ରୀ ଦେଖୁଛନ୍ତି।

**ଜାତୀୟ ହସ୍ତତନ୍ତ ଦିବସ**

**ନୂଆଦିଲ୍ଲୀ ୭।୮**

ନୂଆଦିଲ୍ଲୀର ପ୍ରଗତି ମଇଦାନର ଭାରତ ମଣ୍ଡପମ୍ରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ। ଚଳିତ ବର୍ଷ ଏହା ସପ୍ତମ ଥର ଲାଗି ପାଳନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବୁଣାକାରଙ୍କ ସହ କଥାବାର୍ତ୍ତା ହେବା ସହିତ ସେମାନଙ୍କ ବ୍ୟବସାୟ ବିଷୟରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମ ଅବସରରେ ମୋଦି ଭାରତୀୟ ହସ୍ତତନ୍ତ ଓ ଶିଳ୍ପ ସମ୍ପର୍କିତ ଏକ ଇ-ପୋର୍ଟାଲ ଶୁଭାରମ୍ଭ କରିଥିଲେ। ମୋଦି କହିଥିଲେ,ଦେଶ ସ୍ୱାଧୀନ ପରେ ଖଦୀ ଶିଳ୍ପକୁ ସୁଦୃଢ଼ କରିବାକୁ ଆଦୌ ଚେଷ୍ଟା କରାଯାଇ ନ ଥିଲା। ଫଳରେ ଏବେ ଏହା ବଞ୍ଚିବା ପାଇଁ ସଂଘର୍ଷ କରୁଛି। ତେଣୁ ପ୍ରତ୍ୟେକ ଭାରତୀୟ ହାତବୁଣା ଲୁଗା ବ୍ୟବହାର କରିବା ସହ ଏହି ଶିଳ୍ପ ଯେଭଳି ଉନ୍ନତି କରିପାରିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ପର କରିଦେଲା ପରିବାର

**ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧା**

**କାମାକ୍ଷାନଗର,୭।୮ (ସୁଧୀର ପରିଡ଼ା)**

ବୟସ ଆଣି ବୃଦ୍ଧାବସ୍ଥାରେ ପହଞ୍ଚାଇଲାଣି। ଶରୀର ଦୁର୍ବଳ ହୋଇଗଲାଣି। ଖଟି ଖାଇବା ଆଉ ସମ୍ଭବ ନୁହେଁ। ହେଲେ ଏକଥା ଜାଣି ବି ପର କରିଦେଲେ ପରିବାର ଲୋକେ। ଘରୁ ତଡ଼ିଦେଲେ ବୋହୂ ଓ ପୁଅ। ଏପରି ଅବସ୍ଥାରେ ପର ପିଣ୍ଡାରେ ଆଶ୍ରୟ ନେଇଥିବାରୁ ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଢେଙ୍କାନାଳ ଜିଲା କାମାକ୍ଷାନଗର ଆଳତୁମା ବଡ଼ବିଲା ସାହିର ରୁକ୍ମଣୀ ପାତ୍ର ସୋମବାର ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି।

ଅଭିଯୋଗରେ ରୁକ୍ମଣୀ ଦର୍ଶାଇଛନ୍ତି, ବୟସ ଅଧିକ ହୋଇଯାଇଥିବାରୁ ସେ ଆଉ ବାହାରେ କାମ କରି ନିଜ ଗୁଜରାଣ ମେଣ୍ଟାଇବା ଅବସ୍ଥାରେ ନାହାନ୍ତି। ପରିବାରରେ ବୋହୂ ଓ ପୁଅ ଥିଲେ ମଧ୍ୟ ସେମାନେ ତାଙ୍କର ଦେଖାଶୁଣା କରୁନାହାନ୍ତି। ଏପରି କି ନିଜ ଘରେ ବି ତାଙ୍କୁ ରଖାଇ ଦେଉନାହାନ୍ତି। ସେମାନେ ଘରୁ ବାହାର କରିଦେବା ପରେ ସେ ଏବେ ସାହି ପଡିଶାଙ୍କ ପିଣ୍ଡାରେ ମୁଣ୍ଡ ଗୁଞ୍ଜିଛନ୍ତି। ତାଙ୍କ କଥା ବୁଝିବାକୁ ଆଉ କେହି ନ ଥିବାରୁ ପ୍ରଶାସନ ଉପରେ ଭରସା କରି ସେ ଧାଇଁ ଆସିଥିବା ରୁକ୍ମଣୀ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କୁ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପାଇବା ପରେ ଉପଜିଲାପାଳ ତୁରନ୍ତ ଏନ୍ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କୁ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମାଧାନ ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



କାମାକ୍ଷାନଗର ଉପଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ରୁକ୍ମଣୀ ପାତ୍ର।

# ହଟ୍ଟଗୋଳ ମଧ୍ୟରେ ବିଲ୍ ପାସ୍କୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ,୭।୮**

ଲୋକ ସଭାରେ ଶୃଙ୍ଖଳା ନ ରହିବା ଏବଂ ମଣିପୁର ହିଂସାକୁ ନେଇ ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ମଧ୍ୟରେ ବିଲ୍ ଗୃହୀତ ହେବାକୁ ନେଇ ବିଜେଡି ଏମ୍ପି ଭର୍ତ୍ତୃହରି ମହତାବ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଡିଜିଟାଲ ଡେଟା ସୁରକ୍ଷା ବିଲ୍ ଉପରେ ଆଲୋଚନା ବେଳେ ବ୍ୟବସ୍ଥାର ପରିହାସ କରାଯାଉଥିବା କଟକ ଏମ୍ପି ବାଚସ୍ପତିଙ୍କୁ ଜଣାଇଥିଲେ। ବିଲ୍ ପାସ୍ କରାଇବାର ଏହା ଉପଯୁକ୍ତ ଉପାୟ ନୁହେଁ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ବିଲ୍ ଗୃହୀତ କରାଇବାକୁ ଅନୁମତି ଦେଉଥିବା ସେ କହିଥିଲେ। ଏଥିରେ ତାଙ୍କୁ ବିଏସ୍ପି ସଦସ୍ୟ ଡାନିଶ୍ ଅଲି ଏବଂ ଅନ୍ୟ ଏମ୍ପିମାନେ ସମର୍ଥନ କରିଥିଲେ। ଡେଟା ସୁରକ୍ଷା ବିଲ୍ ଉପରେ ସେ କହିଥିଲେ, ଏହା କେବଳ ଡେଟାର ସୁରକ୍ଷା ନୁହେଁ, ଡେଟା ପ୍ରୋସେସିଂ ପାଇଁ ଉଦ୍ଦିଷ୍ଟ। ଏକ ନିରପେକ୍ଷ ନିୟାମକ ପାଇଁ ବ୍ୟବସ୍ଥା ରଖିବାକୁ ସେ ସରକାରଙ୍କୁ କହିଥିଲେ।

# ଅର୍ଥନୀତିକୁ ସୁଦୃଢ଼ କରିବାରେ ହସ୍ତତନ୍ତର ଅବଦାନ ରହିଛି: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)**

ଆମ ଦେଶ ତଥା ରାଜ୍ୟର ହସ୍ତଶିଳ୍ପ, ହସ୍ତତନ୍ତ ଓ ହସ୍ତକଳାର ସ୍ୱତନ୍ତ୍ର ପରିଚୟ ରହିଛି। ଜାତୀୟ ହସ୍ତତନ୍ତ ଦିବସ ଭାରତରେ ହସ୍ତତନ୍ତ କାରିଗରିର ବର୍ଷ ବର୍ଷ ଧରି ପୁରାତନ ପରମ୍ପରାକୁ ସ୍ମରଣ କରାଇଥାଏ। ଦେଶର ଅର୍ଥନୀତିରେ ହସ୍ତତନ୍ତ ବୁଣାକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକାର କରିବାର ଏହା ଅବକାଶ ସୃଷ୍ଟି କରିଥାଏ। ଭାରତର କଳା, ସଂସ୍କୃତି ଓ ଐତିହ୍ୟକୁ ଉଜ୍ଜୀବିତ ରଖିବାରେ ହସ୍ତତନ୍ତ ପୋଷାକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସିଛି। କୃଷି ସହ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ହସ୍ତତନ୍ତର ଅବଦାନ ରହିଛି ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି।

ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ),ଓଡିଶା ଆଞ୍ଚଳିକ ଶାଖା ତରଫରୁ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ହସ୍ତତନ୍ତ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି। ୩ ଦିନ ଧରି ଆୟୋଜିତ ଏହି ପ୍ରଦର୍ଶନୀ ଷ୍ଟଲ୍କୁ ସୋମବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରି କହିଛନ୍ତି ଯେ, ଆମ ବୁଣାକାରମାନେ ବୁଣୁଥିବା ଶାଢ଼ିଠାରୁ ଆରମ୍ଭକରି କୁମ୍ଭକାରମାନେ ତିଆରି କରୁଥିବା ମାଟିସାମଗ୍ରୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅଧୁନା ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ବହୁଳ ଭାବେ ଅନ୍ୟ ସବୁପ୍ରକାରର ପୋଷାକ ଉତ୍ପାଦନ ହେବା ଫଳରେ ହସ୍ତତନ୍ତ ଉତ୍ପାଦ ପ୍ରସ୍ତୁତିରେ ପ୍ରଭାବ ପଡ଼ିଛି। ଆମର ପ୍ରାଚୀନ ହସ୍ତତନ୍ତ ପରମ୍ପରାକୁ ବଞ୍ଚାଇ ରଖିବାକୁ ହେଲେ ଆମ ସମସ୍ତଙ୍କୁ ଏଥିପ୍ରତି ଆଗ୍ରହ ପ୍ରକାଶ କରିବାର ଆବଶ୍ୟକତା ରହିଛି। ହସ୍ତତନ୍ତ ବସ୍ତ୍ର ବ୍ୟବହାର ଫଳରେ ଅନନ୍ୟ ଅନୁଭବ ମିଳେ। ଏସବୁ ଉତ୍ପାଦଗୁଡ଼ିକ ଜଳବାୟୁ ଉପଯୋଗୀ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ମହିଳା ଘରେ ଘରେ ହସ୍ତତନ୍ତ ଶାଢ଼ି ବ୍ୟବହାର କରିବାକୁ ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି। ଏହି ପ୍ରଦର୍ଶନୀରେ ନାବାର୍ଡ ସହାୟତାରେ ପରିଚାଳିତ ଖୋର୍ଦ୍ଧା, କଟକ, ସମ୍ବଲପୁର, ଯାଜପୁର, ମୟୂରଭଞ୍ଜ, ସୁବର୍ଣ୍ଣପୁର ଆଦି ଜିଲାରୁ ୭ଟି ହସ୍ତତନ୍ତ ଉତ୍ପାଦକ ସଂଘ ଅଂଶଗ୍ରହଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ୨୦୨୧ ବ୍ୟାଚ୍ର ୫ ଜଣ ଆଇଏଏସ୍ ପ୍ରୋବେସନର ମଧ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ୨୦ରୁ ଅଧିକ ଯୁବତୀ, ଯୁବକ ହସ୍ତତନ୍ତ ପୋଷାକ ପରିଧାନ କରି ଆୟୋଜିତ ଫ୍ୟାଶନ ଶୋ'ରେ ଅଂଶଗ୍ରହଣ କରିଥିଲେ। ନାବାର୍ଡ, ଭୁବନେଶ୍ୱର ଆଞ୍ଚଳିକ ଶାଖାର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଗୋଟିଏ ରାତିରେ ୩ ପେଟ୍ରୋଲ ପମ୍ପରୁ ସିରିଜ ଡକାୟତି

**ସୋହେଲା,୭।୮ (ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲାର ଲୁହୁରାଚଟି ତଥା ଛତିଶଗଡ଼ ରାଜ୍ୟ ସୀମାନ୍ତରେ ଥିବା ୩ଟି ପେଟ୍ରୋଲ ପମ୍ପରୁ ରବିବାର ବିଳମ୍ବିତ ରାତିରେ ସିରିଜ ଡକାୟତି ହୋଇଛି। ଖବର ପାଇ ସୋହେଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ସଂଗ୍ରହ ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ସୋହେଲା ଥାନାରେ ୩ଟି ପୃଥକ୍ ମାଲା (ନଂ. ୫୦।୨୩, ୫୧।୨୩ ଓ ୫୨।୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ରବିବାର ରାତି ପ୍ରାୟ ସାଢେ ୨ଟାରେ ୪ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍ ଯୋଗେ ପ୍ରଥମେ ସୋହେଲାରୁ ୮ କି.ମି. ଦୂର କରାଲମାଳରେ ଥିବା ଭାରତ ପେଟ୍ରୋଲ ପମ୍ପକୁ ଆସି ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଭୟଭୀତ କରି ଟଙ୍କା ଥିବା ଲକର ଚାବି ମାଗିଥିଲେ। ସେମାନେ କିଛି କର୍ମଚାରୀଙ୍କୁ ମାଡ଼ ମାରି ଗୁଳି କରିବାକୁ ଧମକ ଦେଇଥିଲେ। ଫଳରେ କର୍ମଚାରୀମାନେ ଲକର ଚାବି ଦେଇଦେବାରୁ ଦୁର୍ବୃତ୍ତମାନେ ପ୍ରାୟ ସାଢେ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହାପରେ ୪ଜଣ ଯାକ ଦୁର୍ବୃତ୍ତ ସେଠାରୁ ପ୍ରାୟ ୨ ଶହ ମିଟର ଦୂରରେ ଥିବା ଅର୍ଜୁଣ୍ଡାସ୍ଥିତ ଭାରତ ପେଟ୍ରୋଲିୟମକୁ ଯାଇ ଅନୁରୂପ ଭାବେ ଭୟଭୀତ କରି ପ୍ରାୟ ଦେଢ ଲକ୍ଷ ଟଙ୍କା ଲୁଟିଥିଲେ। ଏତିକିରେ ସେମାନଙ୍କ ମନ ବୁଝି ନ ଥିଲା। ସେମାନେ ସେଠାରୁ ପ୍ରାୟ ୧ କି.ମି. ଦୂରରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପକୁ ଯାଇ ୧୦ ହଜାର ଟଙ୍କା ଲୁଟ୍ କରିଥିଲେ। ପ୍ରଥମ ପେଟ୍ରୋଲ ପମ୍ପରେ ଲୁଟ୍ ପରେ ଦୁର୍ବୃତ୍ତମାନେ ସିସିଟିଭିର ହାର୍ଡଡିସ୍କ ନେଇଯାଇଥିବା ବେଳେ ଅନ୍ୟ ଦୁଇଟିରୁ ହାର୍ଡଡିସ୍କ ନେବାରେ ସକ୍ଷମ ହୋଇପାରିନାହାନ୍ତି। ଫଳରେ ସେହି ଦୁଇଟି ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭିରେ ଲୁଟ୍ ରେକର୍ଡ ହୋଇରହିଛି। ଲୁଟ୍ ପରେ ଦୁର୍ବୃତ୍ତମାନେ ପଡୋଶୀ ଛତିଶଗଡ଼ ଅଭିମୁଖେ ପଳାଇଯାଇଛନ୍ତି। ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରୁଥିବା ପଦ୍ମପୁର ଏସ୍ଡିପିଓ ବିଭୂତି ଭୂଷଣ ଭୋଇ ଓ ସୋହେଲା ଥାନା ଆଇଆଇସି ହରିବନ୍ଧୁ ଗଡ଼ତିଆ ସୂଚନା ଦେଇଛନ୍ତି।

# ଆନ୍ତଃରାଜ୍ୟ ଗ୍ୟାଙ୍ଗର ମୁଖ୍ୟ ଗିରଫ

**ଚନ୍ଦନେଶ୍ୱର ୟୁନିଅନ୍ ବ୍ୟାଙ୍କ ଡକାୟତି ମାମଲା**

**ବାଲେଶ୍ୱର, ୭।୮ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଭୋଗରାଇସ୍ଥିତ ଚନ୍ଦନେଶ୍ୱର ୟୁନିଅନ ବ୍ୟାଙ୍କରେ ସଶସ୍ତ୍ର ଡକାୟତି ମାମଲାର ୩ ମାସ ପରେ ୪ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ପଶ୍ଚିମବଙ୍ଗର ଉତ୍ତର ୨୪ପ୍ରଗଣା ଜିଲାର ବାଂଲାଦେଶ ସୀମା ନିକଟବର୍ତ୍ତୀ ସନ୍ଦେଶଖାଲି ଥାନା ବଶିରହାଟ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ହେଲେ ବଶିରହାଟର ରାମପୁର ମୋଲ୍ଲାପଟା ଅଞ୍ଚଳର ତୋଏବ ଅଲ୍ଲୀ ମୋଲ୍ଲା (୫୨)। ତାଙ୍କ ନିକଟରୁ ବ୍ୟାଙ୍କରୁ ଡକାୟତି ହୋଇଥିବା ଆନୁମାନିକ ୪୯ଲକ୍ଷ ଟଙ୍କା ମୂଲ୍ୟର ୮୫୪ ଗ୍ରାମ୍ ଓଜନର ସୁନାଗହଣା ଜବତ ହୋଇଥିବା ସୋମବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଏସ୍ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୨୬ ତାରିଖ ମଧ୍ୟାହ୍ନରେ ୬ଜଣ ବନ୍ଧୁକ ଧରି ବ୍ୟାଙ୍କରେ ଡକାୟତି କରିଥିବା ମ୍ୟାନେଜର ନବନୀତ ଖାଲକୋଙ୍କ ଅଭିଯୋଗ କରିଥିଲେ। ଏନେଇ ତାଳସାରୀ ଥାନା ପୋଲିସ ମାମଲା (ନଂ. ୩୬/୨୩) ରୁଜୁ କରିଥିଲା। ଟଙ୍କା ସୁନା ଲୁଟ୍ ପରେ ଦୁର୍ବୃତ୍ତମାନେ ମୋଟର ସାଇକେଲ ଯୋଗେ ପଶ୍ଚିମବଙ୍ଗମୁହାଁ ଚାଲିଯାଇଥିଲେ। ପରେ ଜଳେଶ୍ୱର ଏସ୍ଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ଅଧିକାରୀଙ୍କୁ ନେଇ ଗଠିତ ଦୁଇଟି ଟିମ୍ ଟେକ୍ନିକାଲ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଚନ୍ଦନେଶ୍ୱର ୟୁନିଅନ ବ୍ୟାଙ୍କ ଡକାୟତି ମାମଲାରେ ସାମିଲ ଥିବା ମୋଟ ୧୪ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୬ଜଣ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ସେମାନଙ୍କ ଗ୍ୟାଙ୍ଗ ପୂର୍ବରୁ ବସ୍ତାର ଷ୍ଟେଟ୍ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା ଏବଂ ଭୋଗରାଇର ୟୁକୋ ବ୍ୟାଙ୍କ ଶାଖାରେ ଡକାୟତି କରିଥିବା ମାନିଥିଲେ। ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲାର ରାମନଗର ଥାନା ଅଞ୍ଚଳରେ ଏକାଧିକ ସୁନାଗହଣା ଦୋକାନ ସହିତ ବିଭିନ୍ନ ସ୍ଥାନରେ ଡକାୟତି କରିଥିବା ଗିରଫ ଅଭିଯୁକ୍ତମାନେ ସୂଚନା ଦେଇଥିଲେ। ସମସ୍ତ ମାମଲା ସହିତ ଜଡ଼ିତ ଅନ୍ୟ ୬ଜଣଙ୍କୁ ମିଶାଇ ଡକାୟତି ଗ୍ୟାଙ୍ଗର ମୋଟ ୨୦ଜଣ ସଦସ୍ୟଙ୍କୁ ଚିହ୍ନଟ କରାଯାଇଛି। ମୁଖ୍ୟ ଅଭିଯୁକ୍ତମାନେ ଡକାୟତି ପରେ ଲୁଟ୍ ସାମଗ୍ରୀ ସଦସ୍ୟଙ୍କ ମଧ୍ୟରେ ଭାଗ ସାରି ବିଭିନ୍ନ ଗାଡ଼ି ଧରି ପଶ୍ଚିମବଙ୍ଗ ଅଭିମୁଖେ ଯାଇଥାନ୍ତି। ପଶ୍ଚିମବଙ୍ଗ ପୋଲିସ ସହାୟତାରେ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୫ଲକ୍ଷ ନଗଦ ଟଙ୍କା ଓ ୧ କେଜିରୁ ଊର୍ଦ୍ଧ୍ୱ ସୁନାଗହଣା ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ଜଳେଶ୍ୱର ଏସ୍ଡିପିଓ ଦିଲୀପ କୁମାର ସାହୁ, ତାଳସାରୀ ମେରାଇନ ଥାନା ଆଇଆଇସି ଚମ୍ପାବତୀ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷାର ସମ୍ପାଦନା, ବନାନଶୁଦ୍ଧି ଓ ପ୍ରୁଫ୍ ସଂଶୋଧନ ହେବ

**ଆରମ୍ଭ ହେଲା ପ୍ରଶିକ୍ଷଣ ଶିବିର**

**ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)**

ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଭାଷାର ସମ୍ପାଦନା, ବନାନ ଶୁଦ୍ଧି ଓ ପ୍ରୁଫ୍ ସଂଶୋଧନକୁ ଗୁରୁତ୍ୱ ଦିଆଯାଉଛି। ଏଥିନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୫ଦିନିଆ ପ୍ରଶିକ୍ଷଣ ଶିବିର ସୋମବାରଠାରୁ ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍ଘାଟନ କରି କହିଲେ, ଆମ ମାତୃଭାଷା ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଆ ଭାଷାକୁ ଦେଶ ବିଦେଶରେ ପ୍ରଚାରିତ କରିବା, ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। 'ଓଡ଼ିଶା ପରିବାର' ମଧ୍ୟ ଏହି ଲକ୍ଷ୍ୟରେ ଗଠନ କରାଯାଇଛି। ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ମାତୃଭାଷାରେ ଶିକ୍ଷାଦେବା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ତେଣୁ ଓଡ଼ିଆ ଭାଷାର ବିକାଶ ସାଧନରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଥିବା ନିର୍ଦ୍ଦେଶକ କହିଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଜିଲାରୁ ପ୍ରାୟ ୯୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ପ୍ରଥମଦିନ ପ୍ରଶିକ୍ଷକ ଭାବେ ଡ. ଗୌରାଙ୍ଗ ଚରଣ ଦାଶ, ଡ. ପ୍ରଦୀପ୍ତ କୁମାର ପଣ୍ଡା ଯୋଗଦେଇ ପ୍ରାଚୀନ ଓ ମଧ୍ୟଯୁଗୀୟ ଗ୍ରନ୍ଥ ସମ୍ପାଦନା ସମ୍ପର୍କରେ ମତ ରଖିଥିଲେ। ଅଗଷ୍ଟ ୧୧ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଗଷ୍ଟ ୧୪ରୁ ୧୯ ପର୍ଯ୍ୟନ୍ତ ହେବ। ଏଥିରେ ପ୍ରଶିକ୍ଷକଭାବେ ଡ. ସନ୍ତୋଷ କୁମାର ରଥ, ପ୍ରଫେସର ବାଉରୀବନ୍ଧୁ ସାହୁ, ପ୍ରଫେସର ଯତୀନ ନାୟକ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ବୈଷ୍ଣବ ଚରଣ ମହାନ୍ତି, ଡ. ସଂଗ୍ରାମ ଜେନା, ଡ. ରୁଦ୍ରନାରାୟଣ ମହାପାତ୍ର, ଡ. ହୃଷୀକେଶ ମଲ୍ଲିକ, ଡ. ବସନ୍ତ କୁମାର ପଣ୍ଡା, ଦାଶ ବେନହୁର, ଡ. ନାରାୟଣ ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସମସ୍ତ ଅଧିକାରୀ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଡ. କ୍ଷେତ୍ରବାସୀ ମାନସେଠ୍ ଏବଂ ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଶିବିରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ଅନ୍ୟମାନେ।

# ରୁଷିଆରୁ ତେଲ କିଣି ଭାରତୀୟ କମ୍ପାନୀ ଲାଭବାନ୍

## ଜୁନ୍‌ରେ ସବୁଠାରୁ ଶସ୍ତା




ନୂଆଦିଲ୍ଲୀ,୭।୮

ଗତ କିଛି ବର୍ଷ ହେବ ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଉଭୟ ତୈଳ ଉତ୍ପାଦନ ଓ ଦର ମଧ୍ୟରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଦର ବୃଦ୍ଧି ଓ ଉତ୍ପାଦନ ହ୍ରାସ କାରଣରୁ ଭାରତୀୟ ତୈଳ ବଜାରରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ହୋଇଥିଲା। ଅପରପକ୍ଷରେ ବର୍ଷକରୁ ଅଧିକ ସମୟ ହେବ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁ ଉଭୟ ରୁଷିଆ ଓ ୟୁକ୍ରେନ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଭାରତୀୟ ତୈଳ କମ୍ପାନୀଗୁଡିକ ସର୍ବାଧିକ ଲାଭ ହାସଲ କରିଛନ୍ତି। ବିଶେଷକରି ଭାରତ ରୁଷିଆଠାରୁ ସୁଲଭ (ଶସ୍ତା) ମୂଲ୍ୟରେ ତୈଳ କ୍ରୟ କରି ଚାଲିଛି। ଏପରିକି ଆମେରିକା ଏବଂ ୟୁରୋପୀୟ ଭଳି ଦେଶ ରୁଷିଆ ଉପରେ ବ୍ୟବସାୟିକ କଟକଣା ଲଗାଇବା ପରେ ଭାରତ ଓ ଅନ୍ୟ ଦେଶଗୁଡ଼ିକୁ ରୁଷିଆ ଶସ୍ତାରେ ତେଲ ଯୋଗାଇ ଆସୁଛି। ଫଳରେ ତୈଳ କମ୍ପାନୀଗୁଡିକ ବ୍ୟାପକ ପରିମାଣରେ ଲାଭ କରୁଛନ୍ତି। ଅପରପକ୍ଷରେ ଭାରତୀୟ ତୈଳ କମ୍ପାନୀଗୁଡିକ ଦୀର୍ଘ ୨ବର୍ଷ ମଧ୍ୟରେ କୋଟି କୋଟି ଟଙ୍କାର ଲାଭ ହାସଲ କରିଥିବା କମ୍ପାନୀଗୁଡିକର ତ୍ରୈମାସିକ ଫଳାଫଳାରୁ ସ୍ପଷ୍ଟ ବାରିହୋଇ ପଡୁଛି। ତେବେ ଗତ ଜୁନ୍ ମାସରେ ଭାରତ ସବୁଠାରୁ ଶସ୍ତାରେ ତେଲ ପାଇଥିଲା ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ରୁଷିଆରୁ ଭାରତକୁ ଆସୁଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ୨୦୨୩ ଜୁନ୍‌ରେ ବ୍ୟାରେଲ ପିଛା ମାତ୍ର ୬୮.୧୭ ଡଲାର ଥିଲା, ଯେଉଁଥିରେ ପରିବହନ ଖର୍ଚ୍ଚ ଅନ୍ତର୍ଭୁକ୍ତ ରହିଛି। ଏପରିକି ଗତ ମେ ମାସରେ ରୁଷିଆରୁ ଆସୁଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୭୦.୧୭ ଡଲାର ଥିଲା। ସେହିଭଳି ଗତ ଜୁନରେ ରୁଷିଆରୁ ଆମଦାନୀ କରାଯାଇଥିବା ଅଶୋଧିତ ତେଲର ବଜାର ମୂଲ୍ୟ ତୁଳନାରେ ବ୍ୟାରେଲ ପିଛା ୧୫ରୁ ୨୦ ଡଲାର ହୋଇଥିବା ବିଶେଷଜ୍ଞଙ୍କ ପକ୍ଷରୁ ଆକଳନ କରାଯାଇଛି। ସେହିପରି ବର୍ଷକ ତଳେ ଭାରତ ରୁଷିଆଠାରୁ ବ୍ୟାରେଲ ପିଛା ୧୦୦.୪୮ ଡଲାର ମୂଲ୍ୟରେ ଅଶୋଧିତ ତୈଳ ପାଉଥିଲା। ଫଳରେ ଭାରତକୁ ମିଳିଥିବା ଅଶୋଧିତ ତୈଳ ଦର ବର୍ଷକ ମଧ୍ୟରେ ଦେଢ଼ ଗୁଣ ହ୍ରାସ ପାଇଛି। ତେବେ ଶସ୍ତା ତେଲର ଲାଭ ତୈଳ କମ୍ପାନୀଗୁଡିକ ହାସଲ କରିଛନ୍ତି। ଅପରପକ୍ଷରେ ଭାରତୀୟ ଗ୍ରାହକ ଦୀର୍ଘ ୨ବର୍ଷ ହେବ ଉଚ୍ଚ ଦରରେ ତେଲ କିଣୁଛନ୍ତି। ବର୍ତ୍ତମାନ ଦେଶରେ ପେଟ୍ରୋଲ ଦର ପ୍ରାୟ ୧୦୪ ଟଙ୍କା ଥିଲାବେଳେ ଡିଜେଲ ମୂଲ୍ୟ ପ୍ରାୟ ୯୨ ଟଙ୍କା ରହିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୭।୮

କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ(ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୨ (୨୩୨.୨୩) ପଏଣ୍ଟ ବଢି ୬୫,୯୫୩ (୬୫,୯୫୩.୪୮) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮୦ (୮୦.୩୦) ପଏଣ୍ଟ ବୃଦ୍ଧି ଘଟି ୧୯,୫୯୭ (୧୯,୫୯୭.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଥଣ୍ଡା ପାନୀୟ ଜଳ ଯାନର ଶୁଭାରମ୍ଭ




ଭୁବନେଶ୍ୱର,୭।୮

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର (ଜେଏସ୍‌ପି)ର ସାମାଜିକ ଅନୁଷ୍ଠାନ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ସୋମବାର ଏକ ଥଣ୍ଡା ପାନୀୟ ଜଳ ସେବା ଯାନର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ କୁମାର ହୋତା, ଏକ୍‌ଜିକ୍ୟୁଟିଭ ଭାଇସ୍ ପ୍ରେସିଡେଣ୍ଟ (କର୍ପୋରେଟ୍ ଆଫେୟାର୍ସ) ବି.ପି.ମିଶ୍ରଙ୍କ ସମେତ ଜେଏସ୍‌ପି ଏବଂ ଜେଏସ୍‌ପି ଫାଉଣ୍ଡେଶନର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଓପି ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିଳ୍ପପତି ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୩ ତମ ଜନ୍ମ ବାର୍ଷିକୀ ଅବସରରେ ଫାଉଣ୍ଡେଶନ ପକ୍ଷରୁ ଉକ୍ତ ଥଣ୍ଡା ପାନୀୟ ଜଳ ସେବା ଯାନର ଶୁଭାରମ୍ଭ କରାଯାଇଛି। ବିଶେଷ କରି ୧୫୦୦ ଲିଟର କ୍ଷମତା ବିଶିଷ୍ଟ ଏହି ଅତ୍ୟାଧୁନିକ ଯାନ (ଭ୍ୟାନ) ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ପରିଭ୍ରମଣ ସହ ଲୋକଙ୍କୁ ପ୍ରତିଦିନ ନିରାପଦ ତଥା ଥଣ୍ଡା ପାନୀୟ ଜଳ ଯୋଗାଇ ଦେବ। ଏପରିକି ବିଏମ୍‌ସି ଅନୁମୋଦନ ଅନୁଯାୟୀ ଉକ୍ତ ଯାନ ପରିଚାଳିତ ହେବ। ସେହିଭଳି ଜେଏସପି ଫାଉଣ୍ଡେଶନ ପକ୍ଷରୁ ଆଗରୁ ମଧ୍ୟ ଆଉ ୩ଟି ଥଣ୍ଡା ପାନୀୟ ଜଳ ଭ୍ୟାନ ରାଜ୍ୟର ବିଭିନ୍ନ ସହରରେ ଲୋକଙ୍କୁ ପ୍ରତିଦିନ ନିରାପଦ ତଥା ଥଣ୍ଡା ପାନୀୟ ଜଳ ଯୋଗାଉଛି ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

# ବଢ଼ିଲା ଶ୍ରୀକାନ୍ତଙ୍କ କାର୍ଯ୍ୟକାଳ



ଶ୍ରୀକାନ୍ତ ମାଧବ ବୈଦ୍ୟ

ଭୁବନେଶ୍ୱର,୭।୮

ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍)ର ଚେୟାରମ୍ୟାନ ଶ୍ରୀକାନ୍ତ ମାଧବ ବୈଦ୍ୟଙ୍କ କାର୍ଯ୍ୟକାଳ ୨୦୨୪ ଜୁଲାଇ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏ ନେଇ ଏକ ପ୍ରସ୍ତାବ ତୈଳ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ନିଯୁକ୍ତି ସଂକ୍ରାନ୍ତୀୟ କମିଟି (ଏସିସି) ନିକଟକୁ ପଠାଯାଇଥିଲା। ଏପରିକି ବହୁ ବିଚାରବିମର୍ଶ ପରେ କମିଟି ଉକ୍ତ ପ୍ରସ୍ତାବ ଉପରେ ମୋହର ଲଗାଇବା ସହ କାର୍ଯ୍ୟକାଳ ବୃଦ୍ଧି ନେଇ ସହମତି ପ୍ରକାଶ କରିଥିଲା। ଫଳରେ ମନ୍ତ୍ରଣାଳୟ ଶ୍ରୀକାନ୍ତଙ୍କ କାର୍ଯ୍ୟକାଳକୁ ଚୁକ୍ତି ଭିତ୍ତିରେ ୨୦୨୩ ଅଗଷ୍ଟ ପହିଲାରୁ ୨୦୨୪ ଜୁଲାଇ ଶେଷ ପର୍ଯ୍ୟନ୍ତ ବଢାଇ ଦେଇଛି। ଶ୍ରୀକାନ୍ତ ୨୦୨୩ ଅଗଷ୍ଟ ଶେଷ ଆଡକୁ ଅବସର ଗ୍ରହଣ କରିଥାନ୍ତେ। ତେବେ କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଶ୍ରୀକାନ୍ତ ଆଇଓସିଏଲର ଚେୟାରମ୍ୟାନ ଭାବେ କାର୍ଯ୍ୟ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନିକଟରେ ମନ୍ତ୍ରଣାଳୟ ଅରୁଣ ସିଂହ ଏବଂ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛି।

# ବେଦାନ୍ତ ଆଲୁମିନିୟମରେ ନୂତନ ନୀତି ପ୍ରଣୟନ

ଭୁବନେଶ୍ୱର,୭।୮ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ନୂତନ ନୀତି ' ନ୍ୟୁ ଜେଣ୍ଡର ରିଆଫାରମେଶନ ପଲିସି'ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀରେ କାର୍ଯ୍ୟରତ ଏଲ୍‌ଜିବିଟିକ୍ୟୁ+କର୍ମଚାରୀଙ୍କ ପାଇଁ ଗ୍ରାଉଣ୍ଡ ବ୍ରେକିଂ ଜେଣ୍ଡର ରିଆଫାରମେଶନ ପ୍ରମାଣପତ୍ର ଓ କ୍ଷତିପୂରଣ ନୀତି ପ୍ରଣୟନ ହୋଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ ଝାରସୁଗୁଡ଼ା ମେଗା ଆଲୁମିନିୟମ ସ୍ମେଲଟର ଓ ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ସହିତ ଛତିଶଗଡ଼ର ଆଇକନିକ ଆଲୁମିନିୟମ ଉତ୍ପାଦକ ବାଲ୍‌କୋରେ ମଧ୍ୟ ଏହି ନୀତିକୁ କାର୍ଯ୍ୟକାରୀ କରିଛି। ଏହା ପୂର୍ବରୁ କମ୍ପାନୀର ବାଲ୍‌କୋ ୟୁନିଟରେ ୨ଜଣ ଟ୍ରାନ୍ସଜେଣ୍ଡର ପ୍ରଫେସନାଲଙ୍କୁ ଉକ୍ତ ନୀତି ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି। ବିଶେଷକରି ବେଦାନ୍ତ ଆଲୁମିନିୟମର ନୂଆ ଲିଙ୍ଗ ପୁନଃପ୍ରମାଣ ପତ୍ର ଓ କ୍ଷତିପୂରଣ ନୀତି ଟ୍ରାନ୍ସଜେଣ୍ଡର କର୍ମଚାରୀମାନଙ୍କୁ ୨ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିବ, ଯାହା ଲିଙ୍ଗ ପୁନଃନିର୍ମାଣ ସର୍ଜରି ସହିତ ଜଡ଼ିତ ଖର୍ଚ୍ଚ ବହନ କରିବାରେ ସହାୟକ ହେବ। ଏପରିକି ଅତିରିକ୍ତ ଭାବେ କମ୍ପାନୀ ଏକ ୩୦ ଦିନିଆ ଛୁଟି ପ୍ରଦାନ କରିବ, ଫଳରେ କର୍ମଚାରୀମାନେ ଉପଯୁକ୍ତ ଯତ୍ନ ପାଇଁ ଆବଶ୍ୟକ ସମୟ ପାଇପାରିବେ। ସେହିଭଳି କମ୍ପାନୀ ପ୍ରତ୍ୟେକ ସ୍ଥାନରେ ଉକ୍ତ ବର୍ଗର କର୍ମଚାରୀଙ୍କ ପାଇଁ ବିଶ୍ୱସ୍ତରୀୟ ଆବାସିକ ଟାଉନଶିପ ପ୍ରତିଷ୍ଠା କରିଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଓଓ (ଆଲୁମିନିୟମ ବିଜ୍‌ନେସ) ସୁନୀଲ ଗୁପ୍ତା କହିଛନ୍ତି, ଆମର ସମସ୍ତ ଭୂମିକା ଜେଣ୍ଡର ଆଗ୍ନୋଷ୍ଟିକ ହୋଇଥିବାବେଳେ ନିଯୁକ୍ତି ପଦ୍ଧତି କେବଳ ପ୍ରତିଭା ଓ ଦକ୍ଷତା ଉପରେ ନିର୍ଭର କରିଥାଏ। ସେହିଭଳି ବେଦାନ୍ତ ଲିମିଟେଡର ସିଏଚ୍‌ଆରଓ (ଆଲୁମିନିୟମ ବିଜ୍‌ନେସ) ଦିଲ୍ଲୀପ ସିହ୍ନା କହିଛନ୍ତି, ଆମେ ଏହି ନୂତନ ନୀତିକୁ ସ୍ୱୀକାର କରୁଛୁ, ଏପରିକି ଏହି ଯାତ୍ରା ଗଭୀର ପରିବର୍ତ୍ତନଶୀଳ ପ୍ରଭାବ ପ୍ରକାଇବ। ଏହା ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅନୁପ୍ରାଣିତ କରିବ। ସେହିପରି ଟ୍ରାନ୍ସଜେଣ୍ଡର କଲ୍ୟାଣ ସମିତିର ସଦସ୍ୟ ତଥା ଛତିଶଗଡ଼ର ମିତୱା ସଂକଳ୍ପ ସମିତିର ସଭାପତି ବିଦ୍ୟା ରାଜପୁତ କହିଛନ୍ତି, ଲିଙ୍ଗ ପୁନଃନିଶ୍ଚିତୀକରଣ ଯାତ୍ରାରେ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ଏହା ବହୁତ ସହାୟତା କରିବ। ସେଥିପାଇଁ କମ୍ପାନୀର ପ୍ରୟାସକୁ ଆମେ ସାଧୁବାଦ ଜଣାଉଛୁ।

# ଆକ୍ସିସ୍ ବ୍ୟାଙ୍କ ସହ ଅଲ୍‌ଟିଗ୍ରିନର ସହଭାଗିତା

ଭୁବନେଶ୍ୱର,୭।୮

ଆକ୍ସିସ୍ ବ୍ୟାଙ୍କ ଏବଂ ଅଲ୍‌ଟିଗ୍ରିନ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଥିବା ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକମାନଙ୍କୁ ସୁହାଇବା ଭଳି ସ୍ୱତନ୍ତ୍ର ଫାଇନାନ୍ସ ସୁବିଧା ପ୍ରଦାନ କରିବାସହ କାରବାର ବୃଦ୍ଧି ଆଦି ସମ୍ପର୍କରେ ଉକ୍ତ ସହଭାଗିତା ସ୍ଥାପନ ହୋଇଛି। ଏ ସମ୍ପର୍କରେ ଅଲ୍‌ଟିଗ୍ରିନ୍‌ର ସିଏଫ୍‌ଓ ଶୈଳେନ୍ଦ୍ର ଗୁପ୍ତା କହିଛନ୍ତି, ଆକ୍ସିସ୍ ବ୍ୟାଙ୍କର ରିଟେଲ ଫାଇନାନ୍ସ ସୁବିଧାକୁ ଉପସ୍ଥାପନ କରିଥିବାରୁ ଆମେ ବହୁତ ଖୁସି। ବର୍ତ୍ତମାନ ଅଲ୍‌ଟିଗ୍ରିନ୍‌ର ଗ୍ରାହକମାନେ ବ୍ୟାଙ୍କର ଆର୍ଥିକ ସମାଧାନ ସେବାକୁ ହାସଲ କରିପାରିବେ। ଆମର ଉଲ୍ଲେଖନୀୟ ବିକ୍ରି ପରବର୍ତ୍ତୀ ସେବା ଏବଂ ଆକ୍ସିସ୍ ବ୍ୟାଙ୍କର ଫାଇନାନ୍ସ ସେବାକୁ ନେଇ ଆମେ ଆମ ଗ୍ରାହକଙ୍କୁ ଉତ୍କର୍ଷ ପ୍ରଦାନ ଜାରି ରଖିବୁ। ସେହିଭଳି ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ରିଟେଲ୍ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସୁମିତ ବାଲି କହିଛନ୍ତି, ଅଲ୍‌ଟିଗ୍ରିନ୍ ସହିତ ସହଭାଗିତା ସ୍ଥାପନ କରି ଆମେ ବହୁତ ଖୁସି। ବିଶେଷ କରି ପରିବେଶ ଅନୁକୂଳ ଗମନାଗମନ ସମାଧାନର ପ୍ରସାର କରିବାର ମିଳିତ ଲକ୍ଷ୍ୟ ଆମର ରହିଛି। ଇଲେକ୍ଟ୍ରିକ୍ ଯାନ ପାଇଁ ଫାଇନାନ୍ସ ସୁବିଧା ପ୍ରଦାନ କରିବା ଉପରେ ଆମେ ଗୁରୁତ୍ୱ ଦେଉଥିବା ବେଳେ ଏହି ସହଭାଗିତା ଜରିଆରେ ଆମେ ଆମର ଇଏସ୍‌ଜି ପ୍ରତିବଦ୍ଧତା ଆଡ଼କୁ ଆଉ କିଛି ପାଦ ଅଗ୍ରସର ହୋଇଛୁ। ଆମେ ଅଲ୍‌ଟିଗ୍ରିନ୍‌ର ଗ୍ରାହକମାନଙ୍କୁ ଉଭୟ ପାଇକାରୀ ଓ ଖୁଚୁରା କ୍ଷେତ୍ରରେ ସୁହାଇବା ଭଳି ଆର୍ଥିକ ସମାଧାନ ପ୍ରଦାନ ଜାରି ରଖିବୁ।

# ମିଶୋ ଭାରତୀୟ ଭୂସମାନ୍ତର ଇ-ବାଣିଜ୍ୟ କମ୍ପାନୀ

ଭୁବନେଶ୍ୱର,୭।୮

ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀ ମିଶୋ ଭାରତର ପ୍ରଥମ ଭୂସମାନ୍ତର ଇ-ବାଣିଜ୍ୟ କମ୍ପାନୀ ଭାବେ ମାନ୍ୟତା ଲାଭ କରିଛି। ବିଶେଷ କରି ବିଗତ ୧୨ମାସ ମଧ୍ୟରେ ମିଶୋର ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଅର୍ଡର ପରିମାଣ ୪୩% ବୃଦ୍ଧି ପାଇ ଏକ ବିଲିୟନରୁ ଅଧିକ ଅର୍ଡରରେ ଶେଷ ହୋଇଛି। ଏପରିକି ୮୫% ଅର୍ଡର ଟିର୍ଟର୍ନ ୟୁଜର୍ସଙ୍କଠାରୁ ଆସିଛି,ପ୍ଲାଟଫର୍ମର ବିବିଧ ଆବେଦନକୁ ଦର୍ଶାଇବା ସହ ଏହି ସମୟ ମଧ୍ୟରେ ଅଣ-ଫ୍ୟାଶନ୍ ବର୍ଗଗୁଡିକ ୧୨୦%ରୁ ଅଧିକ ବୃଦ୍ଧି ପାଇଥିବାରୁ ମିଶୋର ପ୍ରକୃତ ଭୂସମାନ୍ତର ପ୍ରକୃତି ସ୍ପଷ୍ଟ ହୋଇଛି। ସେହିଭଳି ଗତ ୧୨ମାସରେ କମ୍ପାନୀର ରାଜସ୍ୱ ପ୍ରଭାବଶାଳୀ (୫୪%) ଭାବେ ବୃଦ୍ଧି ପାଇଛି, ଯାହା କ୍ରମାଙ୍କ ପରିମାଣ ଏବଂ ମୋନେଟାଇଜେଶନ୍ ହାରରେ ଯଥେଷ୍ଟ ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହୋଇଛି। ଏପରିକି ୧୨ ମାସରେ ୧୪୦ ମିଲିୟନରୁ ଅଧିକ ଅନନ୍ୟ କାରବାର କରୁଥିବା ଉପଭୋକ୍ତାଙ୍କୁ ସେବା ଯୋଗାଇ ମିଶୋ ଭାରତରେ ଇ-ବାଣିଜ୍ୟ ଦୃଶ୍ୟପଟରେ ବିପ୍ଳବ ଜାରି ରଖିଛି। ଏ ସମ୍ପର୍କରେ ମିଶୋର ସିଇଓ ତଥା ପ୍ରତିଷ୍ଠାତା ଭିଦିତ ଆତ୍ରେ କହିଛନ୍ତି, ଏହି ମହତ୍ୱପୂର୍ଣ୍ଣ ସଫଳତାକୁ ଅନୁସରଣ କରି ଆମେ ଲାଭବାନ ହେବାର ସାହସିକ ଆକାଂକ୍ଷାକୁ ଦେଖି ନମ୍ର ଓ ଗର୍ବିତ ଅନୁଭବ କରୁଛୁ। ବିଶେଷ କରି ଆରମ୍ଭରୁ ଆମର ଲକ୍ଷ ଲକ୍ଷ ଛୋଟ ବ୍ୟବସାୟୀ, ଉଦ୍ୟୋଗୀ ଏବଂ ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ଆମେ ଏକ ଦର୍ଶନ ଦ୍ୱାରା ପରିଚାଳିତ ହୋଇଛୁ ଏବଂ ଆଜିର ମାଇଲଖୁଣ୍ଟ ସମଗ୍ର ମିଶୋ ପରିବାରର ଅଦମ୍ୟ ଉତ୍ସର୍ଗର ଏକ ପ୍ରମାଣ । ଭାରତରେ ଲାଭ ହାସଲ କରିବା ପାଇଁ ପ୍ରଥମ ଭୂସମାନ୍ତର ଇ-ବାଣିଜ୍ୟ ପ୍ଲାଟଫର୍ମ ଭାବେ ଆମେ ନିରନ୍ତର ଅଭିବୃଦ୍ଧି ଚଳାଇବା ସହିତ ସମସ୍ତଙ୍କ ପାଇଁ ଇ-ବାଣିଜ୍ୟ ଉପଲବ୍ଧ କରିବା ତଥା ଭାରତର ପ୍ରକୃତ ସମ୍ଭାବନାକୁ ଖୋଲିବା ପାଇଁ ଆମେ ପ୍ରତିବଦ୍ଧ ଅଟୁ। ଉଲ୍ଲେଖଯୋଗ୍ୟ, ୨୦୨୩ ମିଶୋ ପାଇଁ ଏକ ରୋମାଞ୍ଚକର ଏବଂ ଉଲ୍ଲେଖନୀୟ ବର୍ଷ ହୋଇପାରିଛି। ଯେପରି ବ୍ୟାକ୍-ଟୁ-ବ୍ୟାକ୍ ସଫଳତା ହାସଲ କରିଛି, ଯେପରିକି ୫୦୦ ମିଲିୟନ୍ ଡାଉନଲୋଡ୍ ପଞ୍ଜୀକରଣ କରିବା ପାଇଁ ବିଶ୍ୱର ଦ୍ରୁତତମ ସପିଂ ଆପ୍, ୧ ମିଲିୟନ୍ ବିକ୍ରେତା ଆଧାର ଅତିକ୍ରମ କରିବାକୁ ଭାରତର ଦ୍ରୁତତମ ଇ-କମର୍ସ ପ୍ଲାଟଫର୍ମ ଏବଂ ଟାଇମ୍ସର ୧୦୦ ପ୍ରଭାବଶାଳୀ କମ୍ପାନୀ ଭାବେ ସ୍ୱୀକୃତି ଲାଭ କରିବା ଇତ୍ୟାଦି।

# ରାଜଭବନରୁ ଏସ୍‌ବିଆଇର ମେଗା ବୃକ୍ଷରୋପଣ ଅଭିଯାନ

ଭୁବନେଶ୍ୱର,୭।୮




ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଏକ ମେଗା ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଓଡିଶାର ରାଜଭବନ ପରିସରରୁ ଉକ୍ତ ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ସୋମବାର ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ଏକ ସୌଜନ୍ୟମୂଳ ସାକ୍ଷାତ କରି ରାଜ୍ୟସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ସୂଚକ ଚାରା ପ୍ରଦାନ କରିବା ସହିତ ପରିବେଶ ସୁରକ୍ଷା ଓ ସଫଳ ବୃକ୍ଷରୋପଣ ନିମନ୍ତେ ଓଡିଶାରେ ବ୍ୟାଙ୍କର ପ୍ରଚେଷ୍ଟା ଆଦି ଉପରେ ଶର୍ମା ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ରାଜ୍ୟପାଳ ଲାଲ ଓଡିଶା ତଥା ଦେଶର ନିରନ୍ତର ଉନ୍ନତି ପାଇଁ ଷ୍ଟେଟ ବ୍ୟାଙ୍କର ସିଏସଆର କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ମୁକାବିଲା କରିବା ନିମନ୍ତେ ବୃକ୍ଷରୋପଣ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ,ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଅଭିଯାନର ଆରମ୍ଭ କରାଯାଇଛି। ବିଶେଷ କରି ଓଡିଶାର ବିଭିନ୍ନ କ୍ଷେତ୍ରରେ ବ୍ୟାଙ୍କ ୫୦,୦୦୦ ବୃକ୍ଷରୋପଣର ଲକ୍ଷ୍ୟ ରଖିଛି,ବିଗତ ବର୍ଷ ଗୁଡ଼ିକରେ ମଧ୍ୟ ବ୍ୟାଙ୍କ ବୃକ୍ଷରୋପଣର ଲକ୍ଷ୍ୟ ସଫଳତାର ସହ ହାସଲ କରିଛି।

# 'ଆତ୍ମଶକ୍ତି' ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୭।୮

ରାଜ୍ୟର ପ୍ରମୁଖ ଘରୋଇ ସାମାଜିକ ଅନୁଷ୍ଠାନ 'ଦ ଉଇ ଫାଉଣ୍ଡେଶନ' ପକ୍ଷରୁ ଅନୁଗୋଳର ମଦନମୋହନପଡ଼ା ଟାଉନ ହଲ୍‌ଠାରେ ଏକ ଅଭିନବ ପ୍ରକଳ୍ପ 'ଆତ୍ମଶକ୍ତି'ର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ରକଳ୍ପ ବିଶେଷ କରି ଅମ୍ରିତେଶ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ଏଆଇପିଏଲ୍) ସମେତ ଅନୁଗୋଳ ମ୍ୟୁନିସିପାଲିଟି ଏବଂ ଓଡ଼ିଶା ରାଜ୍ୟ ଜୀବିକା ମିଶନ ସହଭାଗିତାରେ ଆରମ୍ଭ କରାଯାଇଛି। ଏପରିକି ଫାଉଣ୍ଡେଶନ ୮୦୦ ବାଳିକା ଏବଂ ମହିଳାମାନଙ୍କ ପାଇଁ ଋତୁସ୍ରାବ ସ୍ୱଚ୍ଛତା ଅଭିଯାନ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛି। ଏହି ପ୍ରକଳ୍ପ ୧୨ ମାସ ଧରି ପରିଚାଳିତ ହେବ ଏବଂ ଏଥିରେ ଋତୁସ୍ରାବ ସ୍ୱଚ୍ଛତା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା, 'ପିରିୟଡ୍' ଟାବ୍‌କୁ ଭାଙ୍ଗିବା ଏବଂ ୫ଟି ପ୍ରିମିୟମ ସାନିଟାରି ନାପ୍‌କିନ୍ ପ୍ୟାକେଟ୍ ପ୍ରତି ୮୦୦ ବାଳିକା ଏବଂ ମହିଳାଙ୍କ ପାଇଁ ୫ ମାସ ପାଇଁ ବଣ୍ଟନ କରାଯିବ। ଋତୁସ୍ରାବ ସମୟରେ ଅପରିଷ୍କାର ପୋଷାକ ବଦଳରେ ସାନିଟାରି ନାପ୍‌କିନ୍ ବ୍ୟବହାର କରିବା ପାଇଁ ପ୍ରୋଜେକ୍ଟ ଆତ୍ମଶକ୍ତି ମୂଳ ଲକ୍ଷ୍ୟ ରଖିଛି। ଦି ଉଇ ଫାଉଣ୍ଡେଶନର ନିର୍ଦ୍ଦେଶିକା ନବନିତା ବାନାର୍ଜୀ କହିଛନ୍ତି, ଓଡ଼ିଶା ରାଜ୍ୟ ଜୀବିକା ମିଶନ ପ୍ରାୟ ୧୨୮ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚିହ୍ନଟ କରିଥିବାବେଳେ ୮୦ରୁ ଅଧିକ ଏସ୍‌ଏଚ୍‌ଜି ବୋର୍ଡରେ ସାମିଲ ଅଛନ୍ତି। ଫାଉଣ୍ଡେଶନ ପ୍ରାୟ ୮୦୦ ପରିବାର କିମ୍ବା ୮୦ଗୋଷ୍ଠୀଙ୍କ ଉପରେ ନଜର ରଖିବା ପାଇଁ ୨୦ଏସ୍‌ଏଚ୍‌ଜିଙ୍କର କ୍ଷମତା ସଶକ୍ତୀକରଣ କରିଛି। ଏଆଇପିଏଲ୍‌ର ଜିଏମ୍ (ପ୍ରଶାସନ) ରାଜେନ୍ଦ୍ର ବେହେରା କହିଛନ୍ତି, ଆମେ ଏସ୍‌ଏଚ୍‌ଜିଙ୍କ ମାଧ୍ୟମରେ ୮୦୦ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ବ୍ୟାପକ ସଚେତନତା କରାଇବୁ। ସେହିପରି ଟିଡବ୍ଲ୍ୟୁଏଫ୍‌ର ଅଭିନବ ପଦକ୍ଷେପ ଜରିଆରେ ମହିଳା ଓ ଯୁବତୀଙ୍କ ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ଯାଉଛି।

# ହର୍ଷପ୍ରିୟା ଗ୍ରୁପ୍‌ର ନୂତନ ପ୍ରକଳ୍ପ 'ଏଚ୍‌ପି ସ୍କୋୟାର'

ଭୁବନେଶ୍ୱର,୭।୮




ହର୍ଷପ୍ରିୟା ଗ୍ରୁପ୍‌ର ନୂତନ ପ୍ରକଳ୍ପ 'ଏଚ୍‌ପି ସ୍କୋୟାର'ର ଆନୁଷ୍ଠାନିକ ଭାବେ ଉନ୍ମୋଚନ ସୋମବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କମ୍ପାନୀର ନୂତନ ବିଳାସପୂର୍ଣ୍ଣ ସେଗମେଣ୍ଟ ଆବାସିକ-ତଥା-ବାଣିଜ୍ୟିକ ପ୍ରକଳ୍ପ 'ଏଚ୍‌ପି ସ୍କୋୟାର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ହର୍ଷପ୍ରିୟା ଗ୍ରୁପର ଏମ୍‌ଡି ଚେତନ କୁମାର ଟେକରିୱାଲ କହିଛନ୍ତି, ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଇବା ସହ ଗ୍ରାହକଙ୍କ ଆବଶ୍ୟକତା ଉପରେ କମ୍ପାନୀ ସର୍ବାଧିକ ଧ୍ୟାନ ଦେଇ ପ୍ରକଳ୍ପ ନିର୍ମିତ କରୁଛି। ଏପରିକି ଉକ୍ତ ପ୍ରକଳ୍ପ ଡେଲଟାଠାରେ ୨.୨ ଏକରରୁ ଅଧିକ ଜାଗାରେ ନିର୍ମିତ ହେଉଛି। ସେହିଭଳି ହର୍ଷପ୍ରିୟା ଗ୍ରୁପ୍ ନିର୍ଦ୍ଦେଶକ ହର୍ଷ ଟେକରିୱାଲ କହିଛନ୍ତି, ୩ଟି ବ୍ଲକରେ ୧୪ରୁ ୧୫ ମହଲା-ସମନ୍ୱିତ ଜି+୨ ବାଣିଜ୍ୟିକ, ଏଲିଟ୍ ୨, ୩, ୩.୫, ୪.୫ ବିଏଚ୍‌କେ ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଛି, ଡିସେମ୍ବର ୨୦୨୬ ସୁଦ୍ଧା ଉକ୍ତ ପ୍ରକଳ୍ପ ଗ୍ରାହକଙ୍କୁ ହସ୍ତାନ୍ତର କରାଯିବ। ଉକ୍ତ ପ୍ରକଳ୍ପରେ ୫ତାରକା ସୁବିଧା ସହିତ ସୀମିତ ସଂସ୍କରଣ ୨୬୨ୟୁନିଟ୍ ୨/୩ / ୩.୫ / ୪.୫ ବିଏଚ୍‌କେ ଘର ରହିବ। ଉକ୍ତ ପ୍ରକଳ୍ପରେ ଇନଡୋର ସୁବିଧା, ବ୍ୟାଙ୍କ୍ୱେଟ୍ ହଲ୍, ଜିମ୍ନାସିୟମ୍, ଇନଡୋର ଗେମ୍, ବାର୍ବେକ୍ କାଉଣ୍ଟର, ସୁଇମିଂ ପୁଲ୍, କିଡ୍ସ ପୁଲ୍, ଜାକୁଜି, ଡେକ୍ ୱିଥ୍ କାବାନା, ବ୍ୟବସାୟ ଲନ୍, ଚେସ୍ କୋର୍ଟ, ଆଉଟଡୋର ଭଳି ସୁବିଧା ସହିତ ସାମାଜିକ ସମାବେଶ ଲନ୍, ପର୍ଗୋଲା, ଶାଲୋ ୱାଟର ଡେକ୍, ପୁଲ୍ କାବାନା, ଲିନିୟର ଗାର୍ଡେନ୍, କମ୍ୟୁନିଟି ଲନ୍, କିଡ୍ସ, ବ୍ୟାଡମିଣ୍ଟନ୍, ବାସ୍କେଟବଲ୍ କୋର୍ଟ, ଯୋଗ ଲନ୍, ମେଡିଏସନ୍ ଡେକ୍, ଷ୍ଟାର୍ ଗେଜିଙ୍ଗ୍ ଲନ୍, ଟେରସ୍ ଗାର୍ଡେନ୍, ଜଗିଂ ଟ୍ରାକ୍, ବିଶ୍ରାମ ସ୍ଥାନ, କମ୍ୟୁନିଟି ହଲ୍, ଜିମ୍ନାସିୟମ୍ ଗେମ୍ସ ରୁମ୍, ବାରବିକ୍ କାଉଣ୍ଟର, କାର୍ଡ ରୁମ୍, ମଲ୍ଟି ଆକ୍ଟିଭିଟି ରୁମ୍(ଲାଉଞ୍ଜ୍-ଏଭି ରୁମ୍-ଲାଇବ୍ରେରି) ଏବଂ ସ୍କାଏ ଲାଇଟ୍ ଆଟ୍ରିୟମ୍ ରହିଛି। ଉକ୍ତ ଉତ୍ସବରେ ହର୍ଷପ୍ରିୟା ଗ୍ରୁପର ଭାଇସ ପ୍ରେସିଡେଣ୍ଟ ଧୀରନ୍ଦ୍ର ନନ୍ଦ, ଜେନେରାଲ୍ ମ୍ୟାନେଜର (ବିକ୍ରୟ ଏବଂ ମାର୍କେଟିଂ) ସୁଭାଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ

ଭୁବନେଶ୍ୱର,୭।୮



ଓଡ଼ିଶା ସରକାରଙ୍କର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସୋମବାର ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ବିଭାଗୀୟ ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷରେ ସୋମବାର ସମଗ୍ର ଦେଶରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ଭାରତୀୟଙ୍କ ଭିତରେ ଆମର ଐତିହ୍ୟ ସମ୍ପନ୍ନ ଓ ବହୁ ପୁରାତନ ପାରମ୍ପରିକ ହସ୍ତତନ୍ତ କଳା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏହି ସଂସ୍କୃତି ଓ କଳା ସହିତ ବଂଶାନୁକ୍ରମେ ଜଡ଼ିତ ବୁଣାକାରମାନଙ୍କ ସମ୍ମାନାର୍ଥେ ଏହି ଦିବସକୁ ପାଳନ କରାଯାଉଛି। ଭାରତବର୍ଷରେ ଓଡ଼ିଶାର ରଙ୍ଗିମନ୍ତ ହସ୍ତତନ୍ତ ବସ୍ତ୍ର ବିଶେଷତଃ ବାନ୍ଧବସ୍ତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, ସର୍ବୋପରି ଏହି ହସ୍ତତନ୍ତ କ୍ଷେତ୍ର ଲକ୍ଷ ଲକ୍ଷ ଗ୍ରାମୀଣ ବୁଣାକାରଙ୍କୁ ଜୀବିକା ଯୋଗାଇବାରେ ସମର୍ଥ ହୋଇପାରିଛି।

ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୭ ତାରିଖକୁ ହସ୍ତତନ୍ତ ଦିବସ ରୂପେ ପାଳନ କରିବାର ତାତ୍ପର୍ଯ୍ୟ ହେଉଛି, ୧୯୦୫ ଅଗଷ୍ଟ ୭ରେ କଲିକତାର ଟାଉନହଲ୍‌ରେ ଆୟୋଜିତ ସ୍ୱଦେଶୀ ଆନ୍ଦୋଳନରେ ବିଦେଶୀବସ୍ତ୍ର ବର୍ଜନ କରି ସ୍ୱଦେଶୀବସ୍ତ୍ର ପରିଧାନ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏଣୁ ଭାରତର କଳା ସଂସ୍କୃତିକୁ ରଙ୍ଗିମନ୍ତ କରିଥିବା ହସ୍ତତନ୍ତ କଳାକୁ ସର୍ବଜନବିଦିତ କରିବା ତଥା ସଂରକ୍ଷିତ କରି ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନଟିକୁ ସର୍ବଭାରତ ସ୍ତରରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ପାଳନ କରାଯାଉଛି। ଏହାର ମୂଳଲକ୍ଷ୍ୟ ହେଉଛି ଏହି କ୍ଷେତ୍ରସହ ଜଡ଼ିତ ଅଗଣିତ ବୁଣାକାରଙ୍କ ମନରେ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବୃତ୍ତିକୁ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ବସ୍ତ୍ରକୁ ସୁଦୂର ପ୍ରସାର କରାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା। ଓଡ଼ିଶାର ବିଭିନ୍ନ ଜିଲ୍ଲାର ବୁଣାକର ଭାଇ-ଭଉଣୀ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି। ଓଡ଼ିଶାର ଗର୍ବ ଓ ଗୌରବ ଅନେକ ସନ୍ଥକବିର,ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର ଏହି ଉତ୍ସବରେ ଯୋଗଦେଇଥିଲେ। ଏହି ଜାତୀୟ ହସ୍ତତନ୍ତ ଦିବସରେ ମୁଖ୍ୟ ଆକର୍ଷଣ ଭାବେ ୭୫ ବର୍ଷରୁ ଅଧିକ ବର୍ଷଧରି ରାଜ୍ୟରେ ବୁଣାକାରଙ୍କ ସେବାରେ କାର୍ଯ୍ୟରତ ଥିବା ତିନୋଟି ତନ୍ତୁବାୟ ସହଯୋଗ ସମିତିକୁ ସମ୍ମାନ ସହ ପ୍ରତ୍ୟେକଙ୍କୁ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେମାନେ ହେଲେ - ରତ୍ନମଣୀପୁର ତନ୍ତୁବାୟ ସହଯୋଗ ସମିତି, ବ୍ରହ୍ମପୁର, ଗଞ୍ଜାମ, ନେତାଜୀ ତନ୍ତୁବାୟ ସହଯୋଗ ସମିତି, ଜଗତସିଂହପୁର, ଅଲଣାହାଟ ତନ୍ତୁବାୟ ସହଯୋଗ ସମିତି, ଜଗତସିଂହପୁର। ଏତଦ୍‌ବ୍ୟତୀତ ଗୋପିନାଥ ଦାସ, ରାଉତପଡ଼ା, ଖୋର୍ଦ୍ଧାଙ୍କୁ ଶ୍ରୀକ୍ଷେତ୍ରର ଚତୁର୍ଦ୍ଧାମୂର୍ତ୍ତିଙ୍କ ପରିଧାନ ନିମନ୍ତେ ସାତ୍ତ୍ୱିକ ରେଶମ ସୂତା ଉପଯୋଗରେ ଅଙ୍ଗବସ୍ତ୍ର ବୟନ କରି ଯୋଗାଉଥିବାରୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ସମ୍ମାନିତ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଟିଣ୍ଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଦଳର ୩ ଦିନିଆ ଚୟନ ଶିବିର



ବଲାଙ୍ଗୀରଠାରେ ଆରମ୍ଭ ହୋଇଥିବା ଇଷ୍ଟଜୋନ ଚାମ୍ପିୟନଶିପ ପାଇଁ ଓଡ଼ିଶା ଦଳ ଚୟନ ଶିବିରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଇଷ୍ଟଜୋନ ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପ**

ବଲାଙ୍ଗୀର, ୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମଠାରେ ସୋମବାର ଇଷ୍ଟଜୋନ ଚାମ୍ପିୟନଶିପ ପାଇଁ ଓଡ଼ିଶା ଦଳ ଚୟନ ଶିବିର ଉଦ୍‌ଘାଟିତ ହୋଇଛି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ତିନିଦିନିଆ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରୁ ଏପରି ଏକ ରାଜ୍ୟ ଦଳ ଚୟନ ହେବ ଯାହାକି କୋଲକାତାରେ ହେବାକୁ ଥିବା ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବ। ଆଗାମୀ ଦିନରେ ଏହି ଖେଳାଳିମାନେ ଭାରତୀୟ ଜାତୀୟ ଦଳରେ ଯେପରି ସାମିଲ ହୋଇପାରିବେ ସେ ଦିଗରେ ନିଷ୍ଠାର ସହ ଅଭ୍ୟାସ ଜାରି ରଖନ୍ତୁ ବୋଲି ବିଧାୟକ ମିଶ୍ର କହିଥିଲେ।

# ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଚଳିତ ମାସ ତୃତୀୟ ସପ୍ତାହରେ ଆରମ୍ଭ ହେବ। କୋଭିଡ୍ ମହାମାରୀ ଏବଂ ଅନ୍ୟ କେତେକ ଅନିବାର୍ଯ୍ୟ କାରଣ ବଶତଃ ଏହି ପ୍ରତିଯୋଗିତା ଗତ ୨-୩ ବର୍ଷ ଧରି ବନ୍ଦ ରହିଥିଲା। ଏଥିପାଇଁ ସମସ୍ତ ବିଦ୍ୟାଳୟକୁ ଚିଠି ପଠାଯାଇ ସାରିଛି। ଏଥିରେ ଭାଗ ନେବାକୁ ଇଚ୍ଛୁକ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଆସନ୍ତା ୧୫ ତାରିଖ ସୁଦ୍ଧା ସମ୍ମତି ଜଣାଇବାକୁ ପଡ଼ିବ ବୋଲି ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ସମ୍ପର୍କରେ ଅନ୍ୟକିଛି ଜାଣିବାକୁ ଚାହୁଁଥିବା ସ୍କୁଲର କର୍ମକର୍ତ୍ତାମାନେ ଦିଲୀପ ଦାସ, ଗିରିଜା ଶଙ୍କର ଦାସ କିମ୍ବା ଚିତ୍ତରଞ୍ଜନ ପାତ୍ରଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଆସୋସିଏଶନ ସଭାପତି ତପନ କୁମାର ମହାନ୍ତି କହିଛନ୍ତି।

# ସିରିଜ ପରାଜୟ ଆଶଙ୍କାରେ ଭାରତ

ପ୍ରୋଭିଡେନ୍ସ (ଗୁଏନା), ୭।୮

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ୨ଟି ମ୍ୟାଚକୁ ଭାରତ ହାରି ସାରିଛି। ତେଣୁ ଟିମ୍ ଇଣ୍ଡିଆ ପାଇଁ ଲଜ୍ଜାଜନକ ସିରିଜ ପରାଜୟ ସ୍ଥିତି ଉପୁଜିଛି। ଦଳରେ ପରୀକ୍ଷା ନିରୀକ୍ଷା ଘାତକ ସାବ୍ୟସ୍ତ ହୋଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ ସିରିଜକୁ କୌଣସିମତେ ବଞ୍ଚାଇବାରେ ସକ୍ଷମ ହୋଇଥିବା ଭାରତୀୟ ଦଳ ୨୦୧୬ ପରେ ପ୍ରଥମଥର ପାଇଁ ଦ୍ୱିପାକ୍ଷିକ ଟି୨୦ ସିରିଜ ପରାଜୟ ଦ୍ୱାରରେ ପହଞ୍ଚି ଯାଇଛି। ବ୍ୟାଟିଂ ଓ ବୋଲିଂ ଉଭୟ ବିଭାଗରେ ଭ୍ରମଣକାରୀ ଦଳ ପଛରେ ପଡ଼ିଯାଇଛି।

ଟି୨୦ ପରି କ୍ରିକେଟର ଛୋଟ ଫର୍ମାଟରେ ବଡ଼ ସ୍କୋର କରିବାକୁ ହେଲେ ପ୍ରଥମ ବଲ୍‌ରୁ ହିଁ ବଲ୍‌କୁ ହିଟ୍ କରିବାକୁ ପଡ଼ିଥାଏ। ମାତ୍ର ଟପ୍ ଅର୍ଡରରେ ଇଶାନ କିଶନ, ଶୁବମନ ଗିଲ୍ ଓ ସୂର୍ଯ୍ୟକୁମାର ଯାଦବ ତାହା କରିବାରେ ସକ୍ଷମ ହୋଇ ନାହାନ୍ତି। ଟପ୍ ଅର୍ଡର ଫେଲ୍ ମାରିବାରୁ ସଞ୍ଜୁ ସାମସନ ଓ ନୂଆକରି ଅନ୍ତର୍ଜାତୀୟ କ୍ରିକେଟରେ ଯୋଗଦେଇଥିବା ତିଲକ ବର୍ମାଙ୍କ ଉପରେ ଅତିରିକ୍ତ ଚାପ ପଡୁଛି। ଆଗକୁ ଏସିଆ କପ୍ ଏବଂ ଦିନିକିଆ ବିଶ୍ୱକପ ଆସୁଥିବାରୁ ଏମାନଙ୍କ ବିଫଳତା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଅଗଷ୍ଟ ୩୧ରୁ ଏସିଆ କପ୍ ଆରମ୍ଭ ହେବ। "ବ୍ୟାଟରଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ" ବୋଲି ଦ୍ୱିତୀୟ ଟି୨୦ ପରାଜୟ ପରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରକାଶ କରିଥିଲେ। ଟିମ୍ କମ୍ବିନେଶନ ଦେଖିବାକୁ ଗଲେ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଲମ୍ବା। ଅକ୍ଷର ପଟେଲ ୭ ନମ୍ବରରେ କ୍ରିଜ୍‌କୁ ଆସୁଛନ୍ତି। ତେଣୁ ଆଗାମୀ ମ୍ୟାଚ ପାଇଁ ଦଳରେ କୌଣସି ପରିବର୍ତ୍ତନର ବିଶେଷ ସମ୍ଭାବନା ନାହିଁ। ଆହତ ସମସ୍ୟା ଯୋଗୁ ଦ୍ୱିତୀୟ ମ୍ୟାଚରେ ଖେଳିପାରି ନ ଥିବା ଇନ୍-ଫର୍ମ ସ୍ପିନର କୁଲଦୀପ ଯାଦବ ଉପଲବ୍ଧ ହେଉଛନ୍ତି କି ନାହିଁ ତା' ଉପରେ ନଜର ରହିବ। ଗତ ମ୍ୟାଚରେ ଅକ୍ଷରଙ୍କ ବାମହାତୀ ସ୍ପିନ୍‌କୁ ଆଦୌ ବ୍ୟବହାର କରାଯାଇ ନ ଥିଲା। ଯୁଜବେନ୍ଦ୍ର ଚହଲ ଓ ରବି ବିଷ୍ଣୋଇଙ୍କୁ ନିକୋଲସ ପୁରନ ସହଜରେ ଖେଳିଥିଲେ। ତେଣୁ ଭାରତୀୟ ସ୍ପିନରଙ୍କୁ ପୁରନଙ୍କୁ ରୋକିବା ପାଇଁ ଉପାୟ ବାହାର କରିବାକୁ ହେବ।

ଦ୍ୱିତୀୟ ଟି୨୦ରେ ହାର୍ଦ୍ଦିକ ଓ ଅର୍ଶଦୀପ ସିଂ ନୂଆ ବଲ୍‌କୁ ସୁଇଂ କରିବାରେ ସକ୍ଷମ ହୋଇଥିଲେ। ଆଗାମୀ ମ୍ୟାଚରେ ଏହାର ପୁନରାବୃତ୍ତି ହେବା ଆଶା ରହିବ। ଚହଲ ଦୀର୍ଘ ୨ ମାସ ପରେ ଖେଳୁଥିଲେ ହେଁ ସିରିଜରେ ପ୍ରଭାବୀ ହୋଇପାରିଛନ୍ତି। ମାତ୍ର ରବି ବିଷ୍ଣୋଇଙ୍କ କ୍ରମାଗତ ଗୁଗ୍‌ଲି ଘରୋଇ ବ୍ୟାଟରଙ୍କ ଉପରେ ଚାପ ପକାଇ ପାରି ନ ଥିଲା। ସେ ନିଜ ଯୋଜନା ସମ୍ପର୍କରେ ଚିନ୍ତା କରିବେ ନିଶ୍ଚିତ। ଦ୍ରୁତ ବୋଲର ମୁକେଶ କୁମାର ଅଧିକ ରନ ଦେଇଥିବାରୁ ତାଙ୍କ ସ୍ଥାନରେ ଆଭେଶ ଖାଁ କିମ୍ବା ଉମ୍ରାନ ମଲିକଙ୍କୁ ସୁଯୋଗ ମିଳିପାରେ।

ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ବୃହତ୍ ବ୍ୟବଧାନରେ ସିରିଜ ବିଜୟ ଦ୍ୱାରରେ ପହଞ୍ଚି ଯାଇଛି। ଭାରତ ପରି ୱେଷ୍ଟଇଣ୍ଡିଜ ଟପ୍ ଅର୍ଡର ମଧ୍ୟ କ୍ଲିକ୍ କରିନାହାନ୍ତି। ଗତ ମ୍ୟାଚରେ ପୁରନ ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ପୁରନ ଓ ଶିମରନ ହେଟମେର ଭାରତୀୟ ସ୍ପିନରଙ୍କୁ ଉପଯୁକ୍ତ ମୁକାବିଲା କରନ୍ତୁ ବୋଲି ଘରୋଇ ଦଳ ଚାହିଁବ। ତେବେ ୱେଷ୍ଟଇଣ୍ଡିଜ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଫଳରେ ଭାରତୀୟ ବ୍ୟାଟର ବଡ଼ ସ୍କୋର କରିପାରି ନାହାନ୍ତି। ଘରୋଇ ଦଳ ସିରିଜ ବିଜୟ ଲକ୍ଷ୍ୟରେ ରହିଥିବା ଏହାର ଅଧିନାୟକ ରୋଭମାନ ପଓ୍ୱେଲ ପ୍ରକାଶ କରିଛନ୍ତି।



ମୁକେଶ କୁମାର ଓ ଅର୍ଶଦୀପ ସିଂ।

**ତୃତୀୟ ଟି୨୦ ଆଜି**
ସ୍ଥାନ:ପ୍ରୋଭିଡେନ୍ସ (ଗୁଏନା)
ସମୟ: ରାତି ୮.୦୦
ପ୍ରସାରଣ: ଡିଡି ସ୍ପୋର୍ଟ୍ସ

# କ୍ୱାର୍ଟରରେ ଅଷ୍ଟ୍ରେଲିଆ, ଇଂଲଣ୍ଡ

**ଫିଫା ମହିଳା ବିଶ୍ୱକପ୍**

ବ୍ରିସ୍‌ବେନ୍,୭।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ୍ ବିଶ୍ୱକପ୍‌ର ସୋମବାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ୟୁରୋ କପ୍ ଚାମ୍ପିୟନ୍ ଇଂଲଣ୍ଡ ଓ ଘରୋଇ ଅଷ୍ଟ୍ରେଲିଆ। ପ୍ରଥମ ଥର ନକ୍‌ଆଉଟରେ ପ୍ରବେଶ କରିଥିବା ନାଇଜେରିଆକୁ ୪-୨ର ପେନାଲ୍ଟି ଶୁଟଆଉଟରେ ପରାସ୍ତ କରି ଇଂଲଣ୍ଡ କ୍ୱାର୍ଟର ଯାଇଥିବା ବେଳେ ଘରୋଇ ଅଷ୍ଟ୍ରେଲିଆ ୨-୦ ଗୋଲରେ ଡେନମାର୍କକୁ ପରାସ୍ତ କରିଛି।

ନାଇଜେରିଆ-ଇଂଲଣ୍ଡ ମ୍ୟାଚ ନିର୍ଦ୍ଧାରିତ ଏବଂ ଅତିରିକ୍ତ ସମୟରେ ଗୋଲଶୂନ୍ୟ ରହିଥିଲା। ୮୭ ତମ ମିନିଟରେ ଇଂଲଣ୍ଡର ଲରେନ୍ ବେଲ୍‌ଙ୍କୁ ମିଳିଥିଲା ରେଡ୍ କାର୍ଡ। ପ୍ରତିପକ୍ଷ ଖେଳାଳି ମିଚେଲ୍ ଆଲୋଜିଙ୍କୁ ଧକା ମାରିବା କାରଣରୁ ବେଲ୍‌ଙ୍କୁ ପ୍ରଥମେ ୟେଲୋ କାର୍ଡ ମିଳିଥିଲା। ମାତ୍ର ପରେ ରେଫରି ରେଡ୍ କାର୍ଡ ପ୍ରଦାନ କରିଥିଲେ। ଫଳରେ ମ୍ୟାଚ୍‌ର ଅନ୍ତିମ ୩୩ ମିନିଟ ଇଂଲଣ୍ଡ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା।

ଅତିରିକ୍ତ ସମୟରେ ମଧ୍ୟ ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ଅସମର୍ଥ ରହିଥିଲେ। ମ୍ୟାଚ୍ ପେନାଲ୍ଟି ଶୁଟଆଉଟକୁ ଯାଇଥିବା ବେଳେ ଇଂଲଣ୍ଡ ଗୋଲକିପର ମେରୀ ଅର୍ପସ ଚମତ୍କାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜର୍ଜିଆ ଷ୍ଟାନଓ୍ୱେ ପ୍ରଥମ ଶଟ୍ ମାରିଥିବା ବେଳେ ଏହାକୁ ରୋକି ଦେଇଥିଲେ ନାଇଜେରିଆ ଗୋଲି। ବେଥାନି ଇଂଲଣ୍ଡ, ରାଚେଲ୍ ଡାଲି, ଆଲେକ୍ସ ଗ୍ରୀନ୍‌ଉଡ୍ ଓ କ୍ଲୋଏ କେଲି ଇଂଲଣ୍ଡ ପକ୍ଷରୁ ପରବର୍ତ୍ତୀ ୪ ଶଟ୍‌କୁ ଗୋଲରେ ପରିଣତ କରିଥିଲେ। ନାଇଜେରିଆ ପକ୍ଷରୁ ଡିଜାୟାର ଅପେରୋନୋଜି, ମିଚେଲ୍ ଆଲୋଜି ପ୍ରଥମ ଦୁଇ ଶଟ୍ କ୍ଲିୟର କରିବାରେ ବିଫଳ ହୋଇଥିଲେ। ପରବର୍ତ୍ତୀ ଦୁଇ ଶଟ୍ ରାଶିଡାଟ ଆବିଜାଦେ, କ୍ରିଷ୍ଟି ଉକେଇବେ ସ୍କୋର କରିଥିବା ବେଳେ ପଞ୍ଚମ ଶଟ୍ ମାରିବାର ସୁଯୋଗ ମିଳି ନ ଥିଲା।

ଡେନମାର୍କକୁ ୨-୦ ଗୋଲରେ ପରାସ୍ତ କରି ଆୟୋଜକ ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଘରୋଇ ଦଳ ପକ୍ଷରୁ କାଇଟିଲିନ୍ ଫୁର୍ଡ(୨୯ ମିନିଟ) ଓ ହେଲି ରାସୋ(୭୦ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୨୯ତମ ମିନିଟରେ ଫାଉଲରଙ୍କ ପାଶ୍ ଡେନମାର୍କ ଡିଫେନ୍ସକୁ ଭେଦ କରିଥିବା ବେଳେ କାଇଟିଲିନ୍ ଫୁର୍ଡଙ୍କ ଶଟ୍ ଡେନମାର୍କ ଗୋଲକିପରଙ୍କୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ରହିଥିଲା।


କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# ନିକୋଲାସ ପୁରନଙ୍କୁ ଜରିମାନା

ପ୍ରୋଭିଡେନ୍ସ (ଗୁଏନା), ୭।୮ (ପି.ଟି.)

ୱେଷ୍ଟଇଣ୍ଡିଜ ଉଇକେଟକିପର-ବ୍ୟାଟର ନିକୋଲାସ ପୁରନଙ୍କୁ ତାଙ୍କ ମ୍ୟାଚ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ସାମବାର ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ୱେଷ୍ଟଇଣ୍ଡିଜ ଦୁଇ ଉଇକେଟରେ ବିଜୟ ଲାଭ କରିଥିଲା। ଦଳକୁ ଜିତାଇବାରେ ପୂରନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ମ୍ୟାଚ ବେଳେ ସେ ଅମ୍ପାୟରିଂକୁ ସର୍ବସାଧାରଣରେ ସମାଲୋଚନା କରି ଅଡୁଆରେ ପଡ଼ିଛନ୍ତି। ଖେଳାଳି ଓ ସହକାରୀ ଷ୍ଟାଫ୍‌ମାନଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆଚରଣବିଧିର ଧାରା ୨.୪ର ଉଲ୍ଲଂଘନ କରିଛନ୍ତି। ଏହାଦ୍ୱାରା ସେ ଲେଭଲ-୧ ଅପରାଧ କରିଛନ୍ତି। ପୂରନ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। ମ୍ୟାଚ ରେଫରି ରିଚି ରିଚାର୍ଡସନଙ୍କ ତାଙ୍କ ଯେଉଁ ଦଣ୍ଡବିଧାନ କରିଛନ୍ତି ତାହାକୁ ସେ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ପୁରନଙ୍କ ଶୃଙ୍ଖଳାଗତ ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ଯୋଗ କରାଯାଇଛି। ୨୪ମାସ ମଧ୍ୟରେ ଏହା ହେଉଛି ତାଙ୍କର ପ୍ରଥମ ଅପରାଧ। ଭାରତ ଇନିଂସର ଚତୁର୍ଥ ଓଭରରେ ଏକ ଏଲ୍‌ବିଡବ୍ଲ୍ୟୁ ନିଷ୍ପତ୍ତିର ରିଭ୍ୟୁ ପରେ ଏହି ଘଟଣା ଘଟିଥିଲା। ଖେଳାଳି ଜଣକ ନଟଆଉଟ ଥିବା ସ୍ପଷ୍ଟ ଜଣାପଡୁଥିଲେ ମଧ୍ୟ ଅମ୍ପାୟର ଅଯଥା ରିଭ୍ୟୁର ସହାୟତା ନେଇଛନ୍ତି ବୋଲି ଦର୍ଶାଇ ପୁରନ ସମାଲୋଚନା କରିଥିଲେ।

# ଭିଟ୍ଟୋରୀ ସନରାଇଜର୍ସ କୋଚ୍

ହାଇଦ୍ରାବାଦ, ୭।୮ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦ ଗତ ୬ଟି ସିଜନରେ ୫ଥର ଏହାର ମୁଖ୍ୟ କୋଚ୍‌ଙ୍କୁ ବଦଳାଇଛି। ଦଳ ସୋମବାର ଡାନିଏଲ ଭିଟ୍ଟୋରୀଙ୍କୁ ଏହାର ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଛି। ଗତ ଦୁଇ ସିଜନ ବ୍ରାଏନ ଲାରା ଏହି ପଦବୀରେ ଥିଲେ।

# ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

କଟକ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ହର୍ଷଗେଟ୍ ପରିସରରେ ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବିଭାଗରେ କଟକର ଇ. ଦିବ୍ୟା ଓ ବାଳକରେ ଖୋର୍ଦ୍ଧାର ମନୀଷ ମିଶ୍ର ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗରେ ଅର୍ଷିୟା ସାହୁ, ଆର୍ନିକା ଦାଶ, ଶ୍ରୀଜଲ ସେନାପତି, ଜନଭି ମିଶ୍ର, ଅକ୍ଷତ ମିଶ୍ର, ସମିନା ସ୍ୱାଇଁ, ପ୍ରେରଣା ପ୍ରିୟମ୍ବଦା ବେହେରା, ଅଦିତି ମହାରଣା ଓ ଆଦ୍ୟାଶ୍ରୀ ପଣ୍ଡା ପ୍ରଥମ ୧୦ ସ୍ଥାନରେ ରହିଛନ୍ତି। ସେହିପରି ବାଳକରେ ସାତ୍ତ୍ୱିକ ସ୍ୱାଇଁ, ଧନୁଜ ଏ., ଗାଙ୍ଗେଶ ରାଓ ଜି., ଅଦଭିକ ଆଦିତ୍ୟ ସ୍ୱାଇଁ, ଦେବପ୍ରିୟ ବିଶ୍ୱାଳ, ଶ୍ରେୟାଂଶ ଦାସ, ସତ୍ୟଜିତ ସେନାପତି, ମୃଗାଙ୍କ ଶେଖର ଦାସ ଓ ଜୀତେଶ ସାମଲ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ବ୍ୟତୀତ ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ (ଡିଡବ୍ଲ୍ୟୁ ଆଣ୍ଡ ଏସ୍) ବି. ପରମେଶ୍ୱରନ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଟ୍ଟ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ରାଜ୍ୟର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଓଲିଉଡ୍ ଅଭିନେତା ତଥା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, କଟକ ଜିଲା ଚେସ୍ ଆସୋସିଏଶନ ସଭାପତି ବିବେକ ତିବରୱାଲ, ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ତାପସ ମହାନ୍ତି, ଆୟୋଜକ କମିଟି ଚେୟାରମ୍ୟାନ ପ୍ରଶାନ୍ତ କୁମାର, ମୁଖ୍ୟ ଆର୍ବିଟର ନୀହାର ରଞ୍ଜନ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949



REAL ESTATE

**SALE**

୩୨୬୭ ସ୍କୋୟାରଫୁଟର ସ୍ଥିତିବାନ୍ ପ୍ଲଟ୍ @ ଟ୪୪୫୦/- ଙ୍କାରେ ଭୁବନେଶ୍ୱର ଜୟଦୁର୍ଗା ନଗରରେ ତୁରନ୍ତ ବିକ୍ରୟ କରାଯିବ। 9853376326. D-0998

ଭୁବନେଶ୍ୱର ପଟିଆ, KIIT ଜଗନ୍ନାଥମନ୍ଦିର ନିକଟ ODM Global School ପାଖରେ Boundary, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ମିଳୁଛି -8249976746. D-74897

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

Duplex sale at Bhubaneswar @57 Lakhs only. Contact-9777433701. D-74898

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-75017

Newly opened (One8 Spa)/(Salon Service) with expert therapist, 9938843929. D-75137

All types of professional body massage by professional therapy, contact 7077933109/ 9556924059/ 8658803018. D-1000

Spa Kerala body massage only best Therapist @699/- Bhubaneswar. 9337672475. D-0965

**LOST**

ମୁଁ, ଶ୍ରୀ ସୂର୍ଯ୍ୟ ପ୍ରକାଶ ପତି, ବୟସ: ୩୨ ବର୍ଷ, ପିତା: ୰ଚନ୍ଦ୍ରଶେଖର ପତି, ସିକ୍ୟୁଅର ଇନ୍‌ଫ୍ରାକନ୍ ପ୍ରା.ଲିଃ., ପ୍ଲଟ୍ ନଂ.-୭୨, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧ର ପରିଚାଳନା ନିର୍ଦ୍ଦେଶକ ଘୋଷଣା କରୁଅଛି କି, ମୁଁ ମୋର କାର୍ଯ୍ୟାଳୟ ଠିକଣାରୁ ଆଇଡିବିଆଇ ବ୍ୟାଙ୍କ, ନୟାପଲ୍ଲୀ ଶାଖା ଯିବା ସମୟରେ ଜିଏ ପ୍ଲଟ୍ ନଂ.-୨୩୯, ଶହୀଦ ନଗରର ମୂଳ କାଗଜପତ୍ର (ଡକ୍ୟୁମେଣ୍ଟ) କେଉଁଠାରେ ହଜିଯାଇଛି, ଯାହାର ହସ୍ତାନ୍ତରିତ ଦଲିଲ ନଂ.-୧୧୦୮୨୦୦୮୭୮୪, ବିକ୍ରୟ ଦଲିଲ ନଂ.-୧୧୦୮୨୧୦୩୭୮୧, ତ୍ୟାଗ ଦଲିଲ ନଂ.-୧୧୦୮୧୭୦୫୪୫୭, ୧୧୦୮୧୭୦୫୦୨୨, ୧୧୦୮୧୭୦୬୮୪୪ ଏବଂ ୧୧୦୮୧୮୦୯୮୬୦। ଯଦି କୌଣସି ବ୍ୟକ୍ତି ହଜିଥିବା ଉପରୋକ୍ତ ଡକ୍ୟୁମେଣ୍ଟ (କାଗଜପତ୍ର)କୁ ପାଆନ୍ତି, ତେବେ ଦୟାକରି ମୋତେ ଏହି ମୋବାଇଲ ନଂ.-୮୨୪୯୦୫୦୩୯୫ରେ ଯୋଗାଯୋଗ କରନ୍ତୁ। ଧ-୭୪୯୦୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**LEGAL NOTICE**

ଆମ୍ଭେ ପଞ୍ଚେଇ @ ପଞ୍ଚାଳି ବେହେରା, ସ୍ୱାମୀ: ୰ଭିକାରୀ ବେହେରା, ସା/ପୋ- ଆରୁହା, ଥାନା: ଧର୍ମଶାଳା, ଜିଲ୍ଲା: ଯାଜପୁର ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି ନୃସିଂହ ଚରଣ ବେହେରା, ପିତା: ୰ଆଦିକନ୍ଦ ବେହେରା, ସା/ପୋ- ଆରୁହା, ଥାନା: ଧର୍ମଶାଳା, ଜିଲ୍ଲା: ଯାଜପୁର, ଆମ୍ଭ ଯୌଥ ପରିବାରର କିଣା ସମ୍ପତ୍ତିକୁ ଚଞ୍ଚକତା କରି ନିଜ ନାମରେ ପଟ୍ଟା କରି ନେଇଥିବାରୁ ଆମ୍ଭେ କମିଶନ ମହୋଦୟଙ୍କ କୋର୍ଟରେ R.C. No.-56/15 ଓ 57/15 ଦାୟର କରିଅଛୁ ଏବଂ ଉକ୍ତ କେସ୍ ବିଚାରାଧୀନ ଥିବା ଅବସ୍ଥାରେ ସେ ଉକ୍ତ ତଫସିଲ ବୃତ୍ତିକୁ ସୋଲର ଗ୍ରାମର ଅଜୟ କୁମାର ବେହେରା, ପିତା: ୰ଅନନ୍ତ ବେହେରାଙ୍କୁ ଦଲିଲ ନଂ.-୧୦୮୧୨୨୦୪୦୮୦ ତା ୨୮।୧୨।୨୨ରିଖରେ ବିକ୍ରି କରି ଦେଇଛନ୍ତି। ଯେଉଁଥିପାଇଁ କି ଆମ୍ଭେ ମାନ୍ୟବର ଚଣ୍ଡିଖୋଲ ସିଭିଲ ଜଜ୍ (ସିନିୟର ଡିଭିଜନ) ଇଜିଲାସରେ I.A No.-118/23 ଓ C.S. 181/23ରେ ଉକ୍ତ କବଲାକୁ ରଦ୍ଦ କରିବାକୁ କେସ୍ କରିଅଛୁ ଏବଂ ତାହା ବିଚାରାଧୀନ ଅଛି। ଯଦି କେହି ବ୍ୟକ୍ତି ଉକ୍ତ କବଲାରେ (ପଟ୍ଟାରେ) ଥିବା ତଫସିଲ ସମ୍ପତ୍ତିକୁ କ୍ରୟ, ବନ୍ଧକ କିମ୍ବା will (ଇଚ୍ଛା ପତ୍ର) କରିନିଅନ୍ତି ସେଥିରେ ଆମ୍ଭେ ଦାୟୀ ହେବୁ ନାହିଁ। ଧ-୦୯୯୬

**AFFIDAVIT**

By virtue of an affidavit I, Razia Begum, aged 31years, D/o- Abdul Salam, W/o- Hrudananda Jena, At- Baraara, P.O.- Arugul, P.S.- Jatni, Dist.- Khordha, Odisha-752050 have changed my name from Razia Begum to Adyasha Jena. Henceforth I shall be known as ADYASHA JENA, W/o- Hrudananda Jena for all future purposes. D-75138

By the virtue of an affidavit dt.05.08.2023 before the Notary Public, Bhubaneswar. I Rabindra Behera, At- Dihagaon, Digiri, Dist.- Nayagarh, Odisha, PIN- 752093 I have changed my name from Ravi Behera to Rabindra Behera. Henceforth I shall be known as Rabindra Behera for all purposes. D-0994

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By the virtue of an affidavit dt.05.08.2023 before the Notary Public, Bhubaneswar. I Bidyadhara Das, At- Machhapada, P.O./P.S.- Ersama, Dist.- Jagatsinghpur, Odisha, PIN- 754110, I have changed my name from Vidya to Bidyadhara Das. Henceforth I shall be known as Bidyadhara Das for all purposes. D-0995

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰ବୀଣାପାଣି ଦେ**
ବାରିପଦା, ଦେବେନ୍ଦ୍ରପୁର, ୱାର୍ଡ ନଂ.-୨୫
ଆବିର୍ଭାବ: ୦୯।୦୬।୧୯୫୧
ତିରୋଧାନ: ୨୯।୦୭।୨୦୨୩
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ଆଶିଷ, ଝିଅ: ନମିତା, ଜ୍ୱାଇଁ: ସତ୍ୟ, ନାତୁଣୀ: ସାନ୍‌ଭି, ନାତି: ସ୍ୱାଗତ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୧୦୦୧

# ମୁଖ ବ୍ରଣ ସମସ୍ୟା

ଆଜିକାଲି ମୁଖ ବ୍ରଣ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ବିଶେଷଭାବରେ କିଶୋରାବସ୍ଥାରେ ଏହା ଅଧିକ ଦେଖାଦେଇଥାଏ। ଏହାର ଠିକ୍ ସମୟରେ ଉପଚାର କରାଗଲେ ଏଥିରୁ ଉପଶମ ମିଳିଥାଏ। ମୁଖ ବ୍ରଣର କାରଣ ଏବଂ ଉପଚାର ସମ୍ପର୍କରେ ସୂଚନା...



ମୁଖବ୍ରଣ ଏକ ଶାରୀରିକ ଏବଂ ମାନସିକ ଯନ୍ତ୍ରଣାଦାୟକ ବ୍ୟାଧି। ମନୁଷ୍ୟ ଯେଉଁ ବୟସରେ ନିଜକୁ ସୁନ୍ଦର ଦେଖାଯିବା ପାଇଁ ସଜେଇ ହୋଇଥାନ୍ତି ସେହି ସମୟରେ ହିଁ ଏହା ଆଘାତ ଦେଇଥାଏ। ଯଦିଓ ଏହା କୁମାରୀକୁମାରରୁ ପ୍ରୋଢ଼ାପ୍ରୋଢ଼ ବୟସ ବ୍ୟବଧାନ ମଧ୍ୟରେ ଦେଖାଯାଇଥାଏ, ତଥାପି ମୁଖ୍ୟତଃ ୧୭-୨୧ ବର୍ଷ ବୟସ ମଧ୍ୟରେ ପ୍ରାୟତଃ କାହାକୁ ନା କାହାକୁ ହୋଇଥାଏ। କାରଣ ଏହି ବୟସ ବ୍ୟବଧାନରେ ଶରୀରର ଅନ୍ତସ୍ରାଣୀ କ୍ଷରଣରେ ବହୁ ଅସନ୍ତୁଳିତ ହୋଇଥାଏ।

**କିପରି ଉତ୍ପନ୍ନ ହୁଏ :** ଆୟୁର୍ବେଦ ମତାନୁସାରେ ପ୍ରାୟତଃ ଅଧିକାଂଶ ବ୍ୟାଧି ଶରୀରର ବାତ, ପିତ୍ତ ଓ କଫର ଅସନ୍ତୁଳନ କାରଣରୁ ସୃଷ୍ଟି ହୋଇଥାନ୍ତି। ସେହି କ୍ରମରେ ମୁଖଦୂଷିକା ମଧ୍ୟ ଶରୀରର ପିତ୍ତ ଓ କଫ ଦୋଷର ଅସନ୍ତୁଳ କାରଣରୁ ତ୍ୱକ୍ ଗତଗ୍ରନ୍ଥି ତ୍ୱଚାରେ ଥିବା ଛୋଟ ଛୋଟ ରୋମଛିଦ୍ରରୁ ବାହାରୁଥିବା ତୈଳାକ୍ତ ପଦାର୍ଥର ଅବରୋଧ ଯୋଗୁ ଉତ୍ପନ୍ନ ହୋଇଥାଏ। ଏହାଦ୍ୱାରା ତ୍ୱଚାରେ ଥିବା ଛୋଟ ଛୋଟ ଦାନା ବାହାରିଥାଏ ଏବଂ ସମୟକ୍ରମେ ଏହା ବୃଦ୍ଧି ପାଏ ଏବଂ ଏଥିରେ ଜୀବାଣୁ ସଂକ୍ରମଣ କାରଣରୁ ଯନ୍ତ୍ରଣା ଦାୟକ ହୋଇଥାଏ। ଅସନ୍ତୁଳିତ ଦୋଷ ପାଚନ କ୍ରିୟାରେ ବ୍ୟାଘାତ କରି କୋଷ୍ଠବଦ୍ଧତା ସୃଷ୍ଟି କରିବା କାରଣରୁ ଶରୀରର ବିଷାକ୍ତ ପଦାର୍ଥ ଠିକ୍ ଭାବରେ ନିଷ୍କାସନ ହୋଇ ନ ଥାଏ, ଫଳତଃ ଏହା ରକ୍ତକୁ ଦୂଷିତ କରିଥାଏ ତଥା ମୁଖସ୍ଥ ଲୋମକୂପରେ ସ୍ଥାନ ଗ୍ରହଣ କରି ବ୍ରଣ ଉତ୍ପନ୍ନ କରିଥାଏ। ମହର୍ଷି ବାଙ୍କଭଟ୍ଟଙ୍କ ମତାନୁସାରେ ଏହା ଏକ ମେଦ ଦୃଷ୍ଟିଜନ୍ୟ ବ୍ୟାଧି।

**କାରଣ :** ମୁଖବ୍ରଣ ହେବାର ଯେଉଁ କାରଣ ଆମେ ଆଲୋଚନା କରିବା ତନ୍ମଧ୍ୟରୁ ଅସନ୍ତୁଳିତ ଆହାର ଏବଂ ଜୀବନଶୈଳୀ ଏକ ପ୍ରମୁଖ କାରଣ । ଅତ୍ୟଧିକ ତୈଳ ଏବଂ ମସଲାଯୁକ୍ତ ଖାଦ୍ୟ, ଜଙ୍କ୍‌ଫୁଡ୍ ଯେପରି ପିଜା, ବର୍ଗର, ପେଷ୍ଟ୍ରି, ବ୍ରେଡ୍, ଆଇସ୍‌କ୍ରିମ୍ ଏବଂ ବିରୁଦ୍ଧ ଆହାର ଯେପରି କ୍ଷୀର ସହ ମାଛ ବା ଲୁଣ ତଥା ମଇଦା ଜାତୀୟ ଖାଦ୍ୟର ଉପଯୋଗ ମୁଖବ୍ରଣ ହେବାରେ ସହାୟକ ହୋଇଥାଏ।

**ଆନୁବଂଶିକ :** ଯଦି ପରିବାରରେ ମାତା ବା ପିତା ଏହାର ଶିକାର ହୋଇଥାନ୍ତି ତେବେ ସେମାନଙ୍କ ପିଲାମାନଙ୍କୁ ହେବା ଆଶଙ୍କା ରହିଥାଏ।

**ତରୁଣାବସ୍ଥା :** ତରୁଣାବସ୍ଥାରେ ଏହା ଅଧିକମାତ୍ରାରେ ଦେଖାଯାଇଥିବାରୁ ଏହାର ଅନ୍ୟନାମ ତାରଣ୍ୟପୀଡ଼ିକା। କାରଣ ଏହି ବୟସରେ ହର୍‌ମନର ସୃଷ୍ଟି ହୋଇଥାଏ ଏବଂ ଅସନ୍ତୁଳତ ଅବସ୍ଥାରେ ଥିବାରୁ ତ୍ୱକ୍‌ଗ୍ରନ୍ଥିତ ଅଧିକ ମାତ୍ରାରେ ତୈଳାକ୍ତ ପଦାର୍ଥ କ୍ଷରଣ କରିଥାଏ; ଯାହାକି ଠିକ୍‌ଭାବରେ ପରିଷ୍କାର ନ ହେବା କାରଣରୁ ଅବରୋଧ ହୋଇଥାଏ ଏବଂ ବ୍ରଣ ଉତ୍ପନ୍ନ କରିଥାଏ।

**ମାନସିକ ଚିନ୍ତା :** ମାନସିକ ଚିନ୍ତା ବ୍ରଣ ହେବାର କାରଣ ହୋଇ ନ ପାରେ। ମାତ୍ର ଯଦି କୌଣସି ବ୍ୟକ୍ତିର ମୁଖବ୍ରଣ ଅଛି ଏବଂ ମାନସିକ ଚିନ୍ତାଗ୍ରସ୍ତ ତେବେ ଏହା ବ୍ରଣକୁ ଖରାପ ସ୍ଥିତିକୁ ଆଣିଥାଏ। କାରଣ ମାନସିକ ସ୍ଥିତିରେ ଶରୀରରେ କ୍ଷରଣ ହୋଇଥାଏ। ଏହା ବ୍ରଣକୁ ଅଧିକ ସଂକ୍ରମଣ କରିଥାଏ।

**ଗର୍ଭନିରୋଧକ ଔଷଧ :** ଅତ୍ୟଧିକ ଗର୍ଭନିରୋଧକ ଔଷଧ ସେବନ କରିବା ଦ୍ୱାରା ଶରୀରର ଅନ୍ତଃସ୍ରାବ ଯଥା ଏଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ ସନ୍ତୁଳନରେ ବ୍ୟାଘାତ ହୋଇଥାଏ ଏବଂ ଏହା ବ୍ରଣ ଉପସମ କାରକ ଔଷଧ ସେବନ ପରେ ମଧ୍ୟ ଫଳପ୍ରଦ ହୋଇ ନ ଥାଏ। ତେଣୁ ଗର୍ଭନିରୋଧକ ଔଷଧ ଆପଣାଇବା ଉଚିତ। କାରଣ ଠିକ୍ ଗର୍ଭନିରୋଧକ ଔଷଧ ଶରୀରର ଟେଷ୍ଟୋଷ୍ଟେରନ୍ କ୍ଷରଣକୁ ସନ୍ତୁଳିତ ରଖିଥାଏ ଯଦ୍ୱାରା ମୁଖବ୍ରଣ ଉପସମ ହେବାରେ ସହାୟକ ହୋଇଥାଏ।

**ଅନିୟମିତ ମାସିକସ୍ରାବ :** ଅନିୟମିତ ମାସିକ ସ୍ରାବ ହେବାର ମୁଖ୍ୟ କାରଣ ଅଙ୍ଗୁରିୟମାଳ ଡିମ୍ବାଶୟରେ ପେଣ୍ଡା ଆକାରର ଛୋଟ ଗ୍ରନ୍ଥି ହୋଇଥାଏ ଏବଂ ଏହାଦ୍ୱାରା ଆଣ୍ଡ୍ରୋଜ୍ ହର୍‌ମୋନ୍ ଅଧିକ କ୍ଷରଣ ହୋଇଥାଏ, ଯାହାକି ତୈଳଗ୍ରନ୍ଥିକୁ ପ୍ରଭାବିତକରି ବ୍ରଣ ଉତ୍ପତ୍ତିରେ ସହାୟକ ହୋଇଥାଏ। ଠିକ୍ ସେହିପରି ଗର୍ଭାବସ୍ଥା ବା ରଜୋନିବୃତ୍ତି ଅବସ୍ଥା (ମେନୋପଜ୍)ରେ ମଧ୍ୟ ବ୍ରଣ ହେବା ଆଶଙ୍କା ଦେଖାଯାଇଥାଏ କାରଣ ଏହି ଅବସ୍ଥାରେ ମଧ୍ୟ ହର୍‌ମୋନ ଅସନ୍ତୁଳିତ ହୋଇଥାଏ। ଅତ୍ୟଧିକ ପ୍ରୋଜିଷ୍ଟେରନ୍ କ୍ଷରଣ ତୈଳଗ୍ରନ୍ଥିର କ୍ଷରଣ ବଢ଼ାଇଥାଏ।

**-ଡା. ତୀର୍ଥପ୍ରସାଦ ବରାଳ**
ସରକାରୀ ଆୟୁର୍ବେଦ ଚିକିତ୍ସା ଅଧିକାରୀ,
ଆମଣ, ଶାସୋଳ, କଟକ
ମୋ: ୯୪୩୯୦୯୭୭୩୧



## ବ୍ରଣରୁ ରକ୍ଷା ପାଇବାର ଉପାୟ

- ଖାଦ୍ୟରେ ଅଧିକ କଫ ବୃଦ୍ଧିକାରକ ଖାଦ୍ୟ ଯଥା ଅଧିକ ମିଠା, କ୍ଷୀରଜାତୀୟ ଖାଦ୍ୟ, ଜଙ୍କ୍ ଫୁଡ୍, ମଇଦା ଜାତୀୟ ଖାଦ୍ୟ ତ୍ୱଚାଗତ ଲୋମକୂପକୁ ଅବରୋଧ କରିଥାଏ। ଅତ୍ୟଧିକ ତୈଳ ମସଲା ଜାତୀୟ ଖାଦ୍ୟ, ଖଟାପଦାର୍ଥ ମାଂସ (ମାଂସ ଶରୀରର ପିଏଚ୍‌ରେ ଅସନ୍ତୁଳନ କରିବା ସହ ଉଚ୍ଚଜାତୀୟ ପ୍ରୋଟିନ୍ କାରଣରୁ ଡେରିରେ ପାଚିତ ହୋଇଥାଏ) ପରିପିତ୍ତ ବର୍ଦ୍ଧକ ଆହାର ଗ୍ରହଣ କାରଣରୁ ବ୍ରଣରେ ପକ୍ୱତା ଆସିଥାଏ ଏବଂ ଏହା ଅଧିକ କଷ୍ଟଦାୟକ ହୋଇଥାଏ। ତେଣୁ ଏସବୁ ପଦାର୍ଥ ବର୍ଜନ କରିବା ବିଧେୟ।
- କୌଣସି ଦୂଷିତ ପରିବେଶରୁ ଦୂରେଇ ରୁହନ୍ତୁ ବା ଯଦି ଯାଇଛନ୍ତି ତେବେ ଫେରିବା ପରେ ଯଥାଶୀଘ୍ର ମୁଖ ଧୋଇନିଅନ୍ତୁ।
- ଶସ୍ତା ପ୍ରସାଧନ ସାମଗ୍ରୀ ଲଗାନ୍ତୁ ନାହିଁ ଏବଂ ଯେକୌଣସି ପ୍ରସାଧନ ସାମଗ୍ରୀ ଲଗାଇବା ପରେ ମୁହଁକୁ ଭଲଭାବରେ ଧୋଇଦିଅନ୍ତୁ।
- ବ୍ରଣରୁ ରକ୍ଷାପାଇବା ପାଇଁ ଅଧିକ ଝାଳ ବୋହିବା କାର୍ଯ୍ୟ (ଦୌଡ଼କୁଦ, ଜିମ୍, ନୃତ୍ୟ)ରୁ ନିବୃତ ହେବା ପରେ ଭଲଭାବେ ଗାଧୋଇ ପଡ଼ନ୍ତୁ।
- ଯଦି ଅବସାଦ ବା ଷ୍ଟ୍ରେସ୍ କାରଣରୁ ଆପଣଙ୍କ ବ୍ରଣ ଅଧିକ କଷ୍ଟଦାୟକ ହେଉଛି ତେବେ ଧ୍ୟାନ(ମେଡିଟେଶନ) କରିବା ଆବଶ୍ୟକ।
- ଖାଦ୍ୟରେ ପୋଷକତତ୍ତ୍ୱ 'କ' ଏବଂ 'ଘ' ଥିବା ଫଳ ବା ପନିପରିବା ଯେପରି ଡାଳିମ୍ବ, ଅମୃତଭଣ୍ଡା, ସେଓ, ଟମାଟୋ, କଦଳୀ, ଲେମ୍ବୁ ଆଦିକୁ ସାମିଲ କରନ୍ତୁ। ଏହା ତ୍ୱଚାରେ ସୃଷ୍ଟି ବ୍ରଣକୁ କମ୍ କରିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ଭିଟାମିନ୍ 'ବି' ଏବଂ 'ଇ' ଥିବା ପରିବା ଯଥା ଲାଉ, ଗାଜର, ପାଳଙ୍ଗ ସେବନ ମଧ୍ୟ ଲାଭଦାୟକ ହୋଇଥାଏ।
- ସକାଳୁ ଖାଲି ପେଟରେ ୧-୨ଗ୍ଲାସ୍ ଉଷୁମ ପାଣି ପିଇବା ତଥା ଦିନକୁ ୧୦-୧୨ଗ୍ଲାସ୍ ପାଣି ପିଇବା ବ୍ରଣ ତଥା ଶରୀର ପାଇଁ ହିତକାରକ। ରାତ୍ରିଭୋଜନ ଯଥାଶୀଘ୍ର ଏବଂ ସୁପାଚ୍ୟ ହେବା ଅନିବାର୍ଯ୍ୟ। ଅଧିକ ରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ରହିବା ଦ୍ୱାରା ଷ୍ଟ୍ରେସ୍ ହରମୋନ୍ କ୍ଷରଣ ମଧ୍ୟ ମାତ୍ରାଧିକ ହୋଇଥାଏ। ତେଣୁ ଏଥିପ୍ରତି ଯତ୍ନବାନ୍ ହେବା ଆବଶ୍ୟକ।





# ବର୍ଷାଦିନରେ ସୁରକ୍ଷିତ ରହିବ ବିସ୍କୁଟ



ବର୍ଷାଦିନରେ ବିସ୍କୁଟ୍ ଖୋଲିବା ମାତ୍ରେ ତାହା ନରମ ହୋଇଯାଏ। ଫଳରେ ଏହାକୁ ଖାଇବାକୁ ଏତେଟା ଇଚ୍ଛା ହୁଏନି। ଏଥିପାଇଁ ଏହାକୁ ଠିକ୍ ଉପାୟରେ ଯଦି ରଖିବା ତେବେ ଏହା ଖାଇବା ଉପଯୋଗୀ ହୋଇପାରିବ।

**ଏୟାର ଟାଇଟ୍ କଣ୍ଟେନର**

ଅଧିକାଂଶ ଘରେ ପ୍ଲାଷ୍ଟିକ୍ ଡବା କିମ୍ବା ଆଲୁମିନିୟମ୍ ଡବାରେ ବିସ୍କୁଟ ରଖାଯାଏ। ଫଳରେ ଏହା କୁଡ୍‌କୁଡ୍ ବଦଳରେ ନରମ ଲାଗିଥାଏ। ଏଥିସହ ଏହାର ସ୍ୱାଦ ମଧ୍ୟ ନଷ୍ଟ ହୋଇଯାଇଥାଏ। ଏହାକୁ ସୁରକ୍ଷିତ ରଖିବାକୁ ହେଲେ ଏୟାରଟାଇଟ୍ କଣ୍ଟେନରର ବ୍ୟବହାର କରନ୍ତୁ।

**ଟିସୁପେପର**

ବିସ୍କୁଟ୍‌କୁ କ୍ରିସ୍ପି କରିବାକୁ ହେଲେ ଆପଣ ଟିସୁ ପେପର ବ୍ୟବହାର କରିପାରିବେ। ଯେଉଁଥିରେ ବିସ୍କୁଟ୍ ରଖୁଛନ୍ତି ସେଥିରେ ପ୍ରଥମେ ଟିସୁ ପେପରର ୨/୩ଟା ଲେୟାର ପକାଇ ଦିଅନ୍ତୁ। ଏହା ଉପରେ ବିସ୍କୁଟକୁ ଟିସୁ ପେପରରେ ଗଡ଼ାଇ ରଖି ଦିଅନ୍ତୁ, ଦେଖିବେ ବିସ୍କୁଟ୍ କିପରି କୁର୍‌କୁର୍ ରହୁଛି।

**ଜିପ୍ ପାଉଚର**

ବିସ୍କୁଟ୍‌କୁ କ୍ରିସ୍ପି ରଖିବାକୁ ହେଲେ ଜିପ୍ ପାଉଚର ବ୍ୟବହାର କରନ୍ତୁ। ଏହାଦ୍ୱାରା ଆପଣ ବିସ୍କୁଟ୍‌କୁ ଏୟାର ସଂସ୍ପର୍ଶରେ ଆସିବାକୁ ଦେଲେନାହିଁ। ଫଳରେ ବିସ୍କୁଟ୍ କୁର୍‌କୁର୍ ରହିବ।

**କାଚଡବା**

ବିସ୍କୁଟ୍‌କୁ ସୁରକ୍ଷିତ ରଖିବାକୁ ହେଲେ ଆପଣ କାଚଡବା ବ୍ୟବହାର କରିପାରିବେ। କାଚଡବାରେ ବିସ୍କୁଟ୍ ରହିବା ଦ୍ୱାରା ଏହା ସତେଜ ରହିଥାଏ। ଏଥିପାଇଁ ବର୍ଷାଦିନରେ ବିସ୍କୁଟ୍‌କୁ କାଚଡବାରେ ରଖିଲେ ଏହା ସତେଜ ରହିଥାଏ।

# ଫର୍ନିଚର କିଣିବା ପୂର୍ବରୁ



ଘର ସଜାଇବାରେ ଫର୍ନିଚରର ମହତ୍ତ୍ୱ ରହିଛି । କିନ୍ତୁ ଯେତେବେଳେ ଏହି ଫର୍ନିଚର ବିନା ଭାବିଚିନ୍ତି କିଣାଯାଏ ତେବେ ଏହା ଘର ସଜାଇବା ତ ଦୂରର କଥା ଟଙ୍କା ମଧ୍ୟ ବରବାଦ ହୋଇଥାଏ। ଏଥିପାଇଁ ଫର୍ନିଚର କିଣିବା ପୂର୍ବରୁ କେତୋଟି ଟିପ୍ସ ପ୍ରତି ଧ୍ୟାନ ଦେବା ଆବଶ୍ୟକ...

- ଯଦି ଆପଣ ଫ୍ଲାଟ୍ କିଣଥାନ୍ତି କିମ୍ବା ନିଜ ଘରେ ରହୁଛନ୍ତି ତେବେ ରୁମ୍ ଅନୁଯାୟୀ ଫର୍ନିଚର କିଣନ୍ତୁ।
- ଆପଣ କୌଣସି ଫର୍ନିଚର କିଣିବା ସମୟରେ ନିଜ ଘରକୁ ମ୍ୟାଚ୍ କଲାଭଳି କିଣନ୍ତୁ। ଫଳରେ ଏହାକୁ ଘରକୁ ଭଲ ମାନିବ।
- ପ୍ରଥମେ ଘରର ସବୁ ରୁମ୍‌କୁ ଭଲଭାବେ ପରଖି ନିଅନ୍ତୁ, ଏହାପରେ କେଉଁଠି କେଉଁ ଫର୍ନିଚର ରଖିବେ ତାହା ଡିସାଇଡ୍ କରିବା ସହ ତାହା ଯେପରି ଅଧିକ ଦିନ ପର୍ଯ୍ୟନ୍ତ ଭଲ ରହିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।
- ପୂରା ଘରକୁ ସୁସଜ୍ଜିତ କରି ରଖିବାକୁ ହେଲେ ଫର୍ନିଚର ଭଲ ମାନିଥାଏ। ଏଥପାଇଁ ମନପସନ୍ଦର ଫର୍ନିଚର କିଣି ଘରକୁ ସଜାଇପାରିବେ।

ଖାଦ୍ୟରୁଚି

# ସୁଜି ବେସନ ଟିକ୍କି

**ଆବଶ୍ୟକ ସାମଗ୍ରୀ:** ସୁଜି ୧ କପ୍, ବେସନ ୧ କପ୍, ପିଆଜ ଗୋଟିଏ, ଟମାଟୋ ଗୋଟିଏ, ଗାଜର ଗୋଟିଏ, ଅଳ୍ପ ପରିମାଣର ଭୃସୁଙ୍ଗ ପତ୍ର, କଟାହୋଇଥିବା ଧନିଆଁ ପତ୍ର, କଟାହୋଇଥିବା କଞ୍ଚାଲଙ୍କା ୧ ଚାମଚ, ହଳଦୀ ପାଉଡର ଆବଶ୍ୟକ ମୁତାବକ, କଶ୍ମୀରୀ ମିର୍ଚ୍ଚ ପାଉଡର ୧ ଚାମଚ, ସୋରିଷ ଅଧା ଚାମଚ, ତେଲ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ :** ବେସନ ଟିକ୍କି ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପିଆଜ, ଟମାଟୋ, ଗାଜରକୁ ଟିକିଟିକି ଆକାରରେ କାଟି ଦିଅନ୍ତୁ। ଏବେ ଏକ ବଡ଼ ବାଓଲରେ ବେସନ ଓ ସୁଜି ପକାଇ ଭଲଭାବେ ମିକ୍ସ କରନ୍ତୁ। ଅଳ୍ପ ଅଳ୍ପ ପାଣି ପକାଇ ବେଟର ପ୍ରସ୍ତୁତ କରନ୍ତୁ। ଏହାପରେ ଏହି ଗୋଳା ହୋଇଥିବା ମିଶ୍ରଣରେ ହଳଦୀ, କଶ୍ମୀରୀ ମିର୍ଚ୍ଚ ପାଉଡର, କଟା ପିଆଜ, ଟମାଟୋ, ଗାଜର ପକାଇ ଭଲଭାବେ ମିଶାନ୍ତୁ। ଏବେ କଡ଼େଇରେ ୧ ଚାମଚ ତେଲ ପକାନ୍ତୁ। ତେଲ ଗରମହେବା ପରେ ସେଥିରେ ଭୃସୁଙ୍ଗ ପତ୍ର, ସୋରିଷ ପକାଇ ଫୁଟାନ୍ତୁ। ଏହାପରେ ସେଥିରେ ହେଙ୍ଗୁ, କଞ୍ଚାଲଙ୍କା ପକାଇ ଭାଜନ୍ତୁ, ଏହାପରେ ସୁଜିବେସନ ମିଶ୍ରଣକୁ କଡ଼େଇରେ ପକାନ୍ତୁ। ମିଶ୍ରଣକୁ ସେ ପର୍ଯ୍ୟନ୍ତ କଡ଼େଇରେ ରଖନ୍ତୁ ଯେପର୍ଯ୍ୟନ୍ତ ଏହା ଗାଢ଼ା ନ ହୋଇଯାଇଛି। ଏବେ ଏହି ମିଶ୍ରଣକୁ କଡ଼େଇରୁ କାଢ଼ି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ଏବେ ହାତରେ ତେଲ ଲଗାଇ ଛୋଟ ଛୋଟ ଗୁଳାକରି ତାହାକୁ ଟିକ୍କି ଶେପ୍ ଦିଅନ୍ତୁ। ଏବେ ଏହାକୁ ପ୍ଲେଟ୍‌ରେ ରଖନ୍ତୁ। ଏହାପରେ ଏକ ନନ୍‌ଷ୍ଟିକ୍ ପ୍ୟାନ୍ ନେଇ ସେଥିରେ ତେଲ ପକାଇ ଟିକ୍କିଗୁଡ଼ିକୁ ଅଳ୍ପ ଅଳ୍ପ କରି ଦୁଇପଟ ସେକି ଦିଅନ୍ତୁ। ଟିକ୍କିକୁ ସେପର୍ଯ୍ୟନ୍ତ ସେକନ୍ତୁ ଯେପର୍ଯ୍ୟନ୍ତ ଏହାର ରଙ୍ଗ ବ୍ରାଉନ୍ ନ ହୋଇଯାଇଛି। ଏବେ ଏହାକୁ ଧନିଆଁ ଚଟଣି କିମ୍ବା ଟମାଟୋ ସସ୍ ସହ ଖାଇପାରିବେ।



ଫ୍ୟାଶନ

# ଚୁଡ଼ି ପିନ୍ଧିବା ସମୟରେ...

ଚୁଡ଼ି ସିଲେକ୍‌ସନ୍ କରିବା ସମୟରେ ମହିଳାମାନେ ଭାବିଚିନ୍ତି କରିଥାନ୍ତି। ବେଳେବେଳେ ଏହି ଚୁଡ଼ି ପିନ୍ଧିବା ବେଳେ ଏହା ହାତରେ ସହଜରେ ପଶେନି, ଯାହା ଫଳରେ ମନପସନ୍ଦର ଚୁଡ଼ି ପିନ୍ଧିବା କଷ୍ଟକର ହେବା ସହ ତାହା ତୁଟିଯାଏ। କିପରି ଚୁଡ଼ି ସହଜରେ ପିନ୍ଧିବେ ଜାଣନ୍ତୁ କେତୋଟି ଟିପ୍ସ...

**ମଶ୍ଚରାଇଜର ନିଅନ୍ତୁ ସାହାଯ୍ୟ**

କେବେକେବେ ମହିଳାମାନେ ୱେଟ୍‌ଗେନ୍ କରିବା ଦ୍ୱାରା ହାତଗଣ୍ଠିରେ ସହଜରେ ଚୁଡ଼ି ପଶି ନ ଥାଏ। ଏଥିଲାଗି ଆପଣ ଚୁଡ଼ି ପିନ୍ଧିବା ପୂର୍ବରୁ ହାତରେ ଅଳ୍ପ ମଶ୍ଚରାଇଜର କିମ୍ବା ନଡ଼ିଆ ତେଲ ଲଗାଇପାରିବେ। ଏହାଦ୍ୱାରା ଚୁଡି ସହଜରେ ଗଣ୍ଠିରୁ ଖସି ଆଗକୁ ପଳାଇବ।

**ସାବୁନ୍‌ର ବ୍ୟବହାର କରନ୍ତୁ**

ଚୁଡ଼ି ଯଦି ଟାଇଟ୍ ହୋଇଯାଇଛି ସହଜରେ ଏହା ହାତରୁ ବାହାରୁନି ତେବେ ଏମିତିରେ ହାତରେ ଭଲଭାବେ ସାବୁନ୍ ଲଗାଇ ଦିଅନ୍ତୁ। ଏହାପରେ ଚୁଡ଼ି ପିନ୍ଧିଲେ ତାହା ସହଜରେ ହାତରେ ପଶିଯିବ। ଏହାପରେ ହାତକୁ ପାଣିରେ ଧୋଇବାକୁ ଭୁଲନ୍ତୁ ନାହିଁ।

**ଆଲୋଭେରା ଜେଲ୍**

ଚୁଡ଼ିକୁ ସହଜରେ ପିନ୍ଧିବାକୁ ହେଲେ ଆଲୋଭେରା ଜେଲ୍‌ର ସାହାଯ୍ୟ ନେଇପାରିବେ। ପ୍ରଥମେ ହାତରେ ଭଲଭାବେ ଆଲୋଭେରା ଜେଲ୍ ଲଗାଇ ଦିଅନ୍ତୁ। ଏହାପରେ ଚୁଡ଼ିକୁ ପିନ୍ଧନ୍ତୁ ଦେଖିବେ ଚୁଡ଼ି ସହଜରେ ହାତରେ ପଶିଯିବ।

**ପଲିଥିନ୍‌ର ସାହାଯ୍ୟ :** ଏମିତିରେ ଆପଣ ଚୁଡ଼ି ପିନ୍ଧିବାକୁ ହେଲେ ପଲିଥିନ୍‌ର ସାହାଯ୍ୟ ନେଇପାରିବେ। ପ୍ରଥମେ ହାତରେ ପଲିଥିନ୍ ପିନ୍ଧନ୍ତୁ, ଏହା ଉପରେ ଅଳ୍ପ ପରିମାଣର ତେଲ ଲଗାନ୍ତୁ। ଏହାପରେ ଚୁଡି କ୍ୟାରି କରନ୍ତୁ। ଦେଖିବେ ସହଜରେ ଚୁଡ଼ି ପିନ୍ଧିପାରିବେ ଏବଂ ବାହାର ମଧ୍ୟ କରିପାରିବେ।




# ଭାରତ, ମାଲେସିଆ ସେମିରେ

ଚେନ୍ନାଇ, ୭।୮

ଭାରତ ଓ ମାଲେସିଆ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚରେ ଭାରତ ୩-୨ ଗୋଲରେ ଦକ୍ଷିଣ କୋରିଆକୁ ହରାଇଥିବାବେଳେ ମାଲେସିଆ ୩-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚରେ ପାକିସ୍ତାନ ୨-୧ ଗୋଲରେ ଚାଇନାକୁ ହରାଇ ଦେଇଛି। ଭାରତ ପକ୍ଷରୁ ନୀଳକାନ୍ତ ଶର୍ମା ୬, ଅଧିନାୟକ ହରମନପ୍ରୀତ ସିଂ ୨୩ ଓ ମନଦୀପ ସିଂ ୩୩ତମ ମିନିଟରେ ଗୋଲ ଦେଇଥିଲେ। କୋରିଆର କିମ୍ ଶ୍ୟୁଙ୍ଗହ୍ୟୁନ ୧୨ ଓ ୟାଙ୍ଗ୍ ଜିହୁନ ୫୮ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଭାରତ ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। କୋରିଆ ପରାସ୍ତ ହୋଇଥିଲେ ମଧ୍ୟ ପାକିସ୍ତାନ ସହ ସେମିଫାଇନାଲ ଦୌଡ଼ରେ ରହିଛି। ତେବେ ଅନ୍ତିମ ଲିଗ୍ ମ୍ୟାଚ ଏହି ଦୁଇ ଦଳର ଭାଗ୍ୟ ନିର୍ଦ୍ଧାରଣ କରିବ। ଆସନ୍ତା ବୁଧବାର ଭାରତ ଏହାର ଶେଷ ଲିଗ୍‌ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ସେହିଦିନ କୋରିଆ-ମାଲେସିଆ ଏବଂ ଜାପାନ-ଚାଇନା ମଧ୍ୟରେ ମୁକାବିଲା ହେବ। ତେଣୁ ଜାପାନ ପାଇଁ ମଧ୍ୟ ସୁଯୋଗ ରହିଛି। ମାଲେସିଆ ପକ୍ଷରୁ ନଜମି ଜଜଲାନ ୧୩, ଅର୍ଶନ ହାମସାନି ୩୭ ଓ ଶେଲୋ ସିଲଭେରିଅସ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନେକ ସୁଯୋଗ ହାତଛଡ଼ା କରିବା ପରେ ଜାପାନ ପକ୍ଷରୁ ୫୯ତମ ମିନିଟରେ ନିୱା ଟାକୁମା ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାଲେସିଆ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟରେ ପହଞ୍ଚିଛି। ବିଶେଷ କରି ଭାରତ

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ନିକଟରୁ ୦-୫ ଗୋଲରେ ପରାଜୟ ପରେ ଏହି ଦଳ ଟୁର୍ନାମେଣ୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ବିପକ୍ଷ ମ୍ୟାଚକୁ ୩-୩ରେ ଡ୍ର ରଖିଥିବା ଜାପାନ ଅନେକଥର ଗୋଲ ପରିଶୋଧ ପାଇଁ ସୁଯୋଗ ପାଇଥିଲେ ମଧ୍ୟ ଫିନିଶିଂ ଅଭାବରୁ ପରାଜୟ ସ୍ୱାଦ ଚାଖିଛି।

## ଚାଇନା ନକ୍‌ଆଉଟ

ପାକିସ୍ତାନଠାରୁ ପରାସ୍ତ ଚାଇନା ପ୍ରତିଯୋଗିତାରୁ ନକ୍‌ଆଉଟ ହୋଇଛି। ୨୦ତମ ମିନିଟରେ ପାକିସ୍ତାନକୁ ମିଳିଥିବା ପେନାଲ୍ଟି କର୍ନରରୁ ପ୍ରଥମ ଗୋଲ ଦେଇଥିଲେ ମହମ୍ମଦ ଖାଁ। ଚାଇନା ଭିଡିଓ ରେଫରାଲ ମାଧ୍ୟମରେ ଗୋଲକୁ ଚ୍ୟାଲେଞ୍ଜ କରିଥିଲା। ବିପଜ୍ଜନକ ଉଚ୍ଚତାରେ ବଲ୍‌କୁ ଶୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ମାତ୍ର ଟିଭି ଅମ୍ପାୟର ପାକିସ୍ତାନ ସପକ୍ଷରେ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭର ୩ ମିନିଟ ପରେ ଅର୍ଥାତ୍ ୩୩ତମ ମିନିଟରେ ଚାଇନାର ଜିଶେଙ୍ଗ୍ ଗାଓ ଗୋଲ ପରିଶୋଧ କରି ଦେଇଥିଲେ। ମ୍ୟାଚ ରୋମାଞ୍ଚକ ହୋଇ ପଡ଼ିଥିବାବେଳେ ୩୯ତମ ମିନିଟରେ ପାକିସ୍ତାନର ଅଫରାଜ ହାକିମ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା।


ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ତେନ୍ଦୁଲକର ୟୁନିସେଫ୍‌ର ଗୁଡ୍‌ୱିଲ ଆମ୍ବାସାଡର

କଲମ୍ବୋ,୭।୮(ପି.ଟି)

ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କୁ ୟୁନିସେଫର ଗୁଡ୍‌ୱିଲ ଆମ୍ବାସାଡର ଭାବରେ ନିଯୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଚିନ୍ ସୋମବାର ଦୁଇଟି ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ୨୦୧୩ରେ ତାଙ୍କୁ ଦକ୍ଷିଣ ଏସୀୟ ଅଞ୍ଚଳ ପାଇଁ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ମିଶନର ଆମ୍ବାସାଡର ନିଯୁକ୍ତ କରାଯାଇଥିଲା। ସୋମବାର ସଚିନ୍ ଦକ୍ଷିଣ ପଶ୍ଚିମ ସାବରାଗାମୁୱା ପ୍ରଦେଶର କେଗାଲେ ଜିଲାସ୍ଥିତ ଦୁଇ ସ୍କୁଲକୁ ଭ୍ରମଣ କରିଥିଲେ। ଏହି ଗସ୍ତ ସମୟରେ ପ୍ରାଇମେରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ସହ ସେ ଆଲୋଚନା କରିଥିଲେ।

**ଶ୍ରୀଲଙ୍କା ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା**

ଏହା ସହିତ ଉଭୟ ବାଳକ ଓ ବାଳିକାଙ୍କ ସହ କିଛି ସମୟ କ୍ରିକେଟ ମଧ୍ୟ ଖେଳିଥିଲେ ତେନ୍ଦୁଲକର।

ସଚିନ୍‌ଙ୍କ ପରି ଜଣେ କିମ୍ବଦନ୍ତୀ ଆମର ସ୍କୁଲକୁ ଆସିବା ଏକ ଗୌରବମୟ ମୁହୂର୍ତ୍ତ ବୋଲି ରାଜ୍ୟପାଳ ନବୀନ ଦିଶାନାୟକେ ପ୍ରକାଶ କରିଛନ୍ତି। ଦିଶାନାୟକେ ଟୁଇଟରରେ ଏକ ଫଟୋ ପୋଷ୍ଟ କରି ଏହି ଖବର ଶେୟାର କରିଛନ୍ତି। ମଙ୍ଗଳବାର କଲମ୍ବୋସ୍ଥିତ ସିନାମନ୍ ଲେକ୍ ସାଇଡ ସ୍କୁଲରେ ସଚିନ୍ ଏକ ଆଲୋଚନାଚକ୍ରରେ ଭାଗ ନେବେ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୋଭିଡ୍‌ରେ ପ୍ରଭାବିତ ଶିଶୁମାନଙ୍କ ଉପରେ ମଧ୍ୟ ଆଲୋକପାତ କରାଯିବ ବୋଲି ଦିଶାନାୟକେ ପ୍ରକାଶ କରିଛନ୍ତି। ୟୁନିସେଫ୍ ସହିତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜଡିତ ଥିବା ତେନ୍ଦୁଲକର ପୂର୍ବରୁ ଏକାଧିକ ପ୍ରକଳ୍ପରେ କାମ କରି ସାରିଛନ୍ତି। ୨୦୦୩ରେ ଭାରତକୁ ପୋଲିଓ ମୁକ୍ତ କରିବା ପାଇଁ ସଚିନ୍ ୟୁନିସେଫ୍ ସହ ଯୋଡି ହୋଇଥିଲେ। ୨୦୦୮ରେ ଭାରତରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ସୃଷ୍ଟି କରିବା ପାଇଁ ସେ ଯୋଗ ଦେଇଥିଲେ। ମାନସିକ ଅନଗ୍ରସରତା ବିପକ୍ଷରେ ଲଢେଇ କାର୍ଯ୍ୟକ୍ରମ 'ବ୍ୟାଟ୍ ଫର ବ୍ରେନ୍ ଡେଭେଲପମେଣ୍ଟ' ପାଇଁ ସଚିନ୍ ୨୦୧୯ରେ ୩ ଦିନିଆ ନେପାଳ ଗସ୍ତ କରିଥିଲେ।

# ପରାଜୟରୁ ଓଏଫ୍‌ସିର ଅଭିଯାନ

କୋକ୍ରାଝର,୭।୮

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ୧୩୨ ତମ ସଂସ୍କରଣରେ ପରାଜୟରୁ ଅଭିଯାନ ଆରମ୍ଭ କରିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ଆସାମସ୍ଥିତ କୋକ୍ରାଝରରେ ଖେଳା ଯାଇଥିବା ମ୍ୟାଚରେ ଇଣ୍ଡିଆନ୍ ଆର୍ମି ୧-୦ ଗୋଲରେ ଓଏଫ୍‌ସିକୁ ପରାସ୍ତ କରିଛି। ଇଣ୍ଡିଆନ୍ ଆର୍ମି ପକ୍ଷରୁ ଲିଟନ୍ ଶିଲ୍ ଏକମାତ୍ର

**ଡୁରାଣ୍ଡ କପ୍ ଫୁଟବଲ**

ଗୋଲ ସ୍କୋର କରିଥିଲେ। ପ୍ରଥମ ସଂସ୍କରଣର କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିବା ଓଏଫ୍‌ସି ଚଳିତ ଟୁର୍ନାମେଣ୍ଟ ପାଇଁ ଏହାର ରିଜର୍ଭ ଦଳ ପଠାଇଥିବା ବେଳେ ଇଣ୍ଡିଆନ୍ ଆର୍ମି ପ୍ରଥମ ମିନିଟରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା।

ମ୍ୟାଚ୍‌ର ପ୍ରଥମ ମିନିଟରୁ ଇଣ୍ଡିଆନ୍ ଆର୍ମି ଆକ୍ରମଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ପ୍ରଥମ ମିନିଟରେ ସ୍କୋରିଂ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ ରାହୁଲ ରାମକ୍ରିଷ୍ଣନ୍ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହାର କିଛି ମିନିଟ ମଧ୍ୟରେ କ୍ରିଷ୍ଟୋଫର କେମେଇ ପ୍ରୟାସ କରିଥିବା ବେଳେ ଓଏଫ୍‌ସି ଗୋଲକିପର ନୀରଜ କୁମାର ଏହାକୁ ପଣ୍ଡ କରି ଦେଇଥିଲେ। ଇଣ୍ଡିଆନ୍ ଆର୍ମି ଚାପ ସୃଷ୍ଟି କରିବାରେ ସମର୍ଥ ହୋଇଥିବା ବେଳେ ଉଭୟ ଦଳ କିନ୍ତୁ ସ୍କୋର କରିବାରେ ବିଫଳ ହୋଇଥିଲେ। ୪୨ତମ ମିନିଟରେ ସମୀର ମୁର୍ମୁଙ୍କ ପାଶ୍‌କୁ ଗୋଲରେ ପରିଣତ କରିଥିଲେ ଲିଟନ୍ ଶିଲ୍।

ଦ୍ୱିତୀୟାର୍ଦ୍ଧରେ ଓଏଫ୍‌ସି ପକ୍ଷରୁ ଆକ୍ରମଣାତ୍ମକ ପ୍ରଦର୍ଶନ ସହିତ ଗୋଲ ପରିଶୋଧର ପ୍ରୟାସ କରାଯାଇଥିଲା। ତେବେ ଅଭିଜ୍ଞ ଇଣ୍ଡିଆନ୍ ଆର୍ମି ପକ୍ଷରୁ ଖେଳକୁ ଧିମା କରାଯିବାକୁ ପ୍ରୟାସ କରାଯାଇଥିଲା। ୭୭ତମ ମିନିଟରେ ଲିଟନ ଓଏଫ୍‌ସି ଡିଫେଣ୍ଡର ଟଙ୍କଧର ବାଗଙ୍କୁ ଫାଉଲ ମାରି ରେଡ କାର୍ଡ ପାଇଥିଲେ। ଓଏଫ୍‌ସି ପକ୍ଷରୁ ଗୋଲ ପରିଶୋଧର ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା।




# ଅନୀତା, ସଞ୍ଜୟ ସଭାପତି ପ୍ରାର୍ଥୀ

ନୂଆଦିଲ୍ଲୀ, ୭।୮ (ପି.ଟି.)

ଅଗଷ୍ଟ ୧୨ରେ ହେବାକୁ ଥିବା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ଚାରି ଉପସଭାପତି ପାଇଁ ୫ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ଭାରତୀୟ କୁସ୍ତିଯୋଦ୍ଧା କର୍ତ୍ତାର ସିଂ ଅଛନ୍ତି। କର୍ତ୍ତାର (୧୯୭୮ ବ୍ୟାଙ୍କକ୍ ଓ ୧୯୮୬ ସିଓଲ) ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା। ସେ ଆହୁରି ମଧ୍ୟ ପୂର୍ବତନ ଡବ୍ଲ୍ୟୁଏଫ୍‌ଆଇ ସେକ୍ରେଟାରୀ ଜେନେରାଲ। ତାଙ୍କ ନିକଟରେ ଯଥେଷ୍ଟ ପ୍ରଶାସନିକ ଅଭିଜ୍ଞତା ରହିଛି। ଉପସଭାପତି ପାଇଁ ପ୍ରାର୍ଥୀ ହୋଇଥିବା ଅନ୍ୟମାନେ ହେଲେ ଅସିତ କୁମାର ଶାହା (ବେଙ୍ଗଲ), ଜୟ ପ୍ରକାଶ (ଦିଲ୍ଲୀ), ମୋହନ ଯାଦବ (ମଧ୍ୟପ୍ରଦେଶ) ଏବଂ ଏନ୍ ଫୋନି (ମଣିପୁର)। ସଭାପତି ପଦବୀ ପାଇଁ ଡବ୍ଲ୍ୟୁଏଫ୍‌ଆଇର ବିଦାୟୀ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଅନୁଗତ ଭାବେ ଜଣାଶୁଣା ସଞ୍ଜୟ କୁମାର ସିଂ (ଉତ୍ତର ପ୍ରଦେଶ) ଏବଂ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଅନୀତା ଶେଓରାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଖବର ଅନୁସାରେ ୩୮ ବର୍ଷୀୟା ଶେଓରାନଙ୍କ ପଛରେ ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକଙ୍କ ସମେତ ୬ଜଣ କୁସ୍ତିଯୋଦ୍ଧାଙ୍କ ସମର୍ଥନ ଅଛି। ଏହି କୁସ୍ତିଯୋଦ୍ଧାମାନେ ବ୍ରିଜ ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯନ୍ତରମନ୍ତରଠାରେ ଧାରଣାରେ ବସିଥିଲେ। କୌତୂହଳର ବିଷୟ ବ୍ରିଜ ଭୂଷଣଙ୍କ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ମାମଲାରେ ଶେଓରାନ ଜଣେ ଅନ୍ୟତମ ସାକ୍ଷୀ। ଅବସରପ୍ରାପ୍ତ ବିଚାରପତି ତଥା ରିଟର୍ନିଂ ଅଫିସର ଏମ୍. ଏମ୍. କୁମାରଙ୍କ ଦ୍ୱାରା ବିଧିବଦ୍ଧ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଦୁଇ ଯୁଗ୍ମ ସମ୍ପାଦକ ପାଇଁ ୪ଜଣ ପ୍ରାର୍ଥୀ ହୋଇଥିବା ବେଳେ ୪ କାର୍ଯ୍ୟନିର୍ବାହୀ କମିଟି ପଦବୀ ପାଇଁ ୭ଜଣ ନିର୍ବାଚନ ଲଢିବେ। ସିନିୟର ଉପସଭାପତି ପଦବୀ ପାଇଁ ମୁଖ୍ୟତଃ ବ୍ରିଜ ଭୂଷଣଙ୍କ

**ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ**

**ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ**

ଶିବିରର ଆଇ.ଡି. ନାନାବତୀ ଏବଂ ଆସାମର ଦେବେନ୍ଦର କାଡିଆନ୍‌ଙ୍କ ମଧ୍ୟରେ ହେବ। ସୂଚନାଯୋଗ୍ୟ, ନିକଟରେ ଗୁଆହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଗଠିତ ଆଡହକ୍ କମିଟି ଆସାମ ରେସ୍‌ଲିଂ ଆସୋସିଏଶନକୁ ଇଲେକ୍ଟୋରାଲ କଲେଜରେ ସାମିଲ କରାଯାଇଛି। ଡବ୍ଲ୍ୟୁଏଫ୍‌ଆଇ ଅଗଷ୍ଟ ୧୨ ନିର୍ବାଚନ ସଭାପତି (୧), ସିନିୟର ଉପସଭାପତି (୧), ଉପସଭାପତି (୪), ସେକ୍ରେଟାରୀ ଜେନେରାଲ (୧), କୋଷାଧ୍ୟକ୍ଷ (୧), ଯୁଗ୍ମ ସମ୍ପାଦକ (୨) ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ (୫) ପଦବୀ ପାଇଁ ହେବ। ଯୁଗ୍ମ ସମ୍ପାଦକ ପାଇଁ ପ୍ରାର୍ଥୀ ହୋଇଥିବା ରୋହିତାଶ ସିଂ (ହରିୟାଣା) ବ୍ରିଜ ଭୂଷଣଙ୍କ ଶିବର ଛାଡ଼ି ବିପକ୍ଷ ଗୋଷ୍ଠୀରେ ଯୋଗଦେଇଥିବା ଶୁଣାଯାଉଛି। ବ୍ରିଜଭୂଷଣଙ୍କ ଗୋଷ୍ଠୀ ସମସ୍ତ ୧୫ ପଦବୀ ପାଇଁ ପ୍ରାର୍ଥୀ ଛିଡ଼ା କରିଛି। ରିପୋର୍ଟ ଅନୁସାରେ ଏହି ଗୋଷ୍ଠୀ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଫେଭରାଇଟ୍ ଅଛନ୍ତି।



ଅନୀତା ଶେଓରାନ ଓ ସଞ୍ଜୟ କୁମାର ସିଂ।

# ବିଶ୍ୱକପ ଦଳରୁ ଲାବୁଶେନ୍ ବାଦ୍

**ସିଡ୍‌ନୀ, ୭।୮ (ପି.ଟି):** ଭାରତରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ୧୮ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ସୋମବାର ଘୋଷିତ ଦଳରୁ ବାଦ ପଡିଛନ୍ତି ଟେଷ୍ଟରେ ଦଳର ସଫଳତମ ବ୍ୟାଟର ମାର୍ନସ୍ ଲାବୁଶେନ୍। ଶେଷ ଥର ପାଇଁ ଭାରତ ଗସ୍ତରେ ଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିଥିଲେ ଲାବୁଶେନ୍। ଜାନୁୟାରୀ ୨୦୨୦ରେ ପଦାର୍ପଣ ଠାରୁ ମାତ୍ର ୩୦ ଦିନିକିଆ ମ୍ୟାଚ୍ ଖେଳିଛନ୍ତି ଲାବୁଶେନ୍। ଏହି ଦଳରେ ନୂତନ ଚେହେରା ଭାବେ ଅଲରାଉଣ୍ଡର ଆରୋନ୍ ହାର୍ଡି ଓ ଲେଗ୍ ସ୍ପିନର ତନଭୀର ସାଂଘାଙ୍କୁ ମଧ୍ୟ ସ୍ଥାନ ମିଳିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପରେ ଏହା ମଧ୍ୟରୁ ୧୫ ଜଣିଆ ଦଳ ଚୟନ କରାଯିବ। ଅଧିନାୟକ ପ୍ୟାଟ୍ କମିନ୍ସ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜରୁ ବାଦ ପଡିଥିବା ବେଳେ ଦିନିକିଆ ସିରିଜ ପାଇଁ ସେ ଉପଲବ୍ଧ ହେବେ। କମିନ୍ସଙ୍କ ଅନୁପସ୍ଥିତିରେ ମିଚେଲ ମାର୍ଶ ଦଳର ନେତୃତ୍ୱ ନେବେ। ଏହା ସହିତ ଗ୍ଲେନ୍ ମ୍ୟାକ୍ସୱେଲ ବିଶ୍ୱକପ ଦଳରେ ସାମିଲ ଥିବା ବେଳେ ଦକ୍ଷିଣ ଆଫ୍ରିକା ସିରିଜରେ ଉପଲବ୍ଧ ରହିବେ ନାହିଁ ବୋଲି ଜଣାପଡିଛି। ସେପ୍ଟେମ୍ବର ୨୮ ବିଶ୍ୱକପ ଦଳ ଘୋଷଣାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।




# ଜାତୀୟ ଜାଭେଲିନ ଥ୍ରୋ ଦିବସରେ ପ୍ରତିଯୋଗିତା

କଟକ ଅଫିସ, ୭।୮

(ସୁପ୍ରିୟା ପ୍ରିୟଦର୍ଶିନୀ)

ଟୋକିଓ ଅଲିମ୍ପିକ୍ସରେ ଅଗଷ୍ଟ ୭ରେ ଭାରତର ନୀରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ଐତିହାସିକ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଫଳରେ ଅଗଷ୍ଟ ୭କୁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଜାତୀୟ ଜାଭେଲିନ୍ ଦିବସଭାବେ ପାଳନ କରି ଆସୁଛି। ସେହି ପରିପ୍ରେକ୍ଷୀରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ପକ୍ଷରୁ କଟକର ବାରବାଟୀ ଷ୍ଟାଡିୟମରେ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୪, ୧୬, ୧୮, ୨୦ ବର୍ଷରୁ କମ୍ ବର୍ଗ ଏବଂ ସିନିୟର ବିଭାଗରେ ବିଭିନ୍ନ ଜିଲାରୁ ୩୦ ମହିଳା ଓ ୪୦ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ଅଲିମ୍ପିକ୍ସ ଆସୋସିଏଶନ ସମ୍ମିଳନୀ କକ୍ଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିପିନ ବିହାରୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଏବଂ ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଆଥଲେଟ୍‌ମାନେ ଅତିଥିଙ୍କ ଗହଣରେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ